# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar




ଗୁରୁ ଦିବସରେ ଶୁଭ କାମନା ଜଣାଇଲେ |୬



ଚର୍ଚ୍ଚାରେ ସୁସ୍ମିତା ସେନଙ୍କ ଝିଅ |୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୫୭ Vol. 22 No-157 6 SEPTEMBER 2025 SATURDAY, BHUBANESWAR ଶନିବାର, ୬ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ରାଜ୍ୟସ୍ତରୀୟ ଗୁରୁଦିବସ ସମାରୋହରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ୩ ବର୍ଷରେ ୪୫ହଜାର ଶିକ୍ଷକ ନିଯୁକ୍ତି



### ଡ୍ରପ୍‌ଆଉଟ୍, ଗୁଣାତ୍ମକ ଶିକ୍ଷା ଚିନ୍ତାଜନକ
### ୬୭୯୪ ପଞ୍ଚାୟତରେ ହେବ ମଡେଲ ସ୍କୁଲ
### ୭୦ଜଣ ଶିକ୍ଷକଙ୍କୁ ରାଜ୍ୟସ୍ତରୀୟ ଶିକ୍ଷା ପୁରସ୍କାର
### ପିଲାଙ୍କ ସ୍ୱପ୍ନ ପୂରଣ ପାଇଁ ମେଣ୍ଟର ହେବାକୁ ପରାମର୍ଶ

ଭୁବନେଶ୍ୱର,୫।୯(ଭାସ୍କର ନ୍ୟୁଜ): ଆସନ୍ତା ୩ ବର୍ଷରେ ୪୫ ହଜାର ରେଗୁଲାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ଆଉ ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି ହେବେନାହିଁ । ଗତବର୍ଷ ବଜେଟ୍‌ରୁ ୧୮ ପ୍ରତିଶତ ଅଧିକ ଚଳିତବର୍ଷର ଶିକ୍ଷା ବଜେଟ୍ ରହିଛି। ଶିକ୍ଷା ବଜେଟ୍‌ରେ ୩୧ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଜାତୀୟ ଶିକ୍ଷାନୀତି ଆଧାରରେ ପ୍ରତି ପଞ୍ଚାୟତରେ ଏକ ମଡେଲ ସ୍କୁଲ ସ୍ଥାପନ କରାଯିବ। ୬୭୯୪ ପଞ୍ଚାୟତରେ ହେବ ମଡେଲ ସ୍କୁଲ। ପ୍ରଥମ ପର୍ଯ୍ୟାୟରେ ୮୩୫ ମଡେଲ ସ୍କୁଲ ନିର୍ମାଣ କରାଯିବ। ପ୍ରତି ବିଦ୍ୟାଳୟ ପାଇଁ ୫ରୁ ୭ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ଶୁକ୍ରବାର ରାଜ୍ୟସ୍ତରୀୟ ଗୁରୁଦିବସ ସମାରୋହରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି, ଶିକ୍ଷା କ୍ଷେତ୍ରରେ ଆମପାଇଁ ଦୁଇଟି ବଡ଼ ଆହ୍ୱାନ ରହିଛି। ଗୋଟିଏ ହେଉଛି ଡ୍ରପ୍‌ଆଉଟ୍ ସମସ୍ୟା ଓ ଅନ୍ୟଟି ଗୁଣାତ୍ମକ ଶିକ୍ଷା। ଉଭୟ ଚିନ୍ତାଜନକ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିବା ସହ ଡ୍ରପ୍‌ଆଉଟ୍ ଦୂର କରିବା ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇବାକୁ ପଡ଼ିବ। ଜନଜାତି ବର୍ଗରୁ ୨୪ ପ୍ରତିଶତ ଡ୍ରପଆଉଟ୍ ଦେଖିବାକୁ ମିଳୁଛି। ତେଣୁ ମାଧୋ ସିଂ ହାତଖର୍ଚ୍ଚ ପ୍ରଣୟନ କରାଯାଇଛି। ପୂର୍ବ ସରକାର ଗୁଣାତ୍ମକ ଶିକ୍ଷା ପ୍ରଦାନ ଯୋଗାଇବାରେ ବିଫଳ ହୋଇଥିଲେ। ଶିକ୍ଷକ ନିଯୁକ୍ତି ଠିକ୍ ନଥିଲା। ଗୋଟିଏ ଗୋଟିଏ ସ୍କୁଲରେ ଶିକ୍ଷକ ନଥିଲେ। ଅନେକ ସ୍କୁଲ ଜଣେ ଶିକ୍ଷକରେ ଚାଲୁଥିଲା। ୨୦୨୦ରୁ ଜାତୀୟ ଶିକ୍ଷାନୀତି ପ୍ରଣୟନ ହୋଇଥିଲେ ମଧ୍ୟ ଏହାକୁ ପ୍ରଣୟନ କରିବା ପାଇଁ ୫ ବର୍ଷ ଲାଗିଗଲା ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ବିଭିନ୍ନ କ୍ଷେତ୍ରରେ ସୁଯୋଗ ଅସିମୀତ। ପିଲାମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରନ୍ତୁ। ପିଲା ମାନଙ୍କୁ ନିଜ ଇଛାରେ ଉଡିବାକୁ ଦିଅନ୍ତୁ, ସ୍ୱପ୍ନ ଦେଖିବାକୁ ସୁଯୋଗ ଦିଅନ୍ତୁ ଏବଂ ସ୍ୱପ୍ନକୁ ପୂରଣ କରିବା ପାଇଁ ଜଣେ ଜଣେ ମେଣ୍ଟର ଭାବେ କାମ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି। ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମହାନ ରାଷ୍ଟ୍ରନୀତିଜ୍ଞ, ଆଦର୍ଶ ଶିକ୍ଷକ ତଥା ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଡଃ ରାଧାକ୍ରିଷ୍ଣନ ପ୍ରତ୍ୟେକ ବିଦ୍ୟାର୍ଥୀ ତଥା ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ହେଉଛନ୍ତି ଆଦର୍ଶ। ସେ କେବଳ ଜଣେ ବିଶିଷ୍ଟ ଶିକ୍ଷାବିତ, ଦାର୍ଶନିକ କିମ୍ବା ରାଷ୍ଟ୍ରନୀତିଜ୍ଞ ନଥିଲେ, ସେ ଥିଲେ ଭାରତବର୍ଷର ଜଣେ ଶ୍ରେଷ୍ଠ ଗୁରୁ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଶିକ୍ଷା ପଦ୍ଧତିରେ ଆମ ପାଇଁ ସବୁଠାରୁ ବଡ ଦୁଇଗୋଟି ଆହ୍ୱାନ ରହିଛି। ପ୍ରଥମଟି ହେଲା ଡ୍ରପଆଉଟ୍ ହାରକୁ ଆଶାତୀତ ଭାବେ ହ୍ରାସ କରିବା ଏବଂ ଦ୍ୱିତୀୟଟି ହେଉଛି ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ବ୍ୟବସ୍ଥା। ଡ୍ରପ ଆଉଟ୍ ହାରକୁ ରୋକିବା ପାଇଁ ମିଡ୍ ଡେ ମିଲ ବା ମଧ୍ୟାହ୍ନ ଭୋଜନ • ପୃଷ୍ଠା ୫ ଦେଖନ୍ତୁ

## ମୁମ୍ବାଇରେ ଆଲୋଡ଼ନ

# ପଶିଛନ୍ତି ୧୪ ଆତଙ୍କବାଦୀ !



### ୩୪ ଗାଡ଼ିରେ ୪୦୦କେଜି ଆରଡିଏକ୍ସ
### କ୍ରାଇମବ୍ରାଞ୍ଚର ତଦନ୍ତ ଆରମ୍ଭ
### ପୋଲିସର ସତର୍କତାମୂଳକ ପଦକ୍ଷେପ

ମୁମ୍ବାଇ,୫।୯: ମୁମ୍ବାଇ ସହରରେ ପଶିଛନ୍ତି ୧୪ ଆତଙ୍କବାଦୀ। ମୁମ୍ବାଇ ଟ୍ରାଫିକ ପୋଲିସକୁ ଏଭଳି ଧମକପୂର୍ଣ୍ଣ ମେସେଜ୍ ମିଳିଛି। ଏହି ମେସେଜ କଣ୍ଟ୍ରୋଲ ରୁମ୍‌କୁ ଆସିଛି। କୁହାଯାଉଛି, ଆତଙ୍କବାଦୀଙ୍କ ପାଖରେ ୪୦୦ କେଜି ଆରଡିଏକ୍ସ ମଧ୍ୟ ରହିଛି। ସେମାନେ ଏହାକୁ ଗାଡ଼ିରେ ରଖିଛନ୍ତି। ମେସେଜ ମିଳିବା ପରଠାରୁ ପୋଲିସ ପୁରା ସହରରେ ସତର୍କ ରହିଛି। ଜଣେ ବରିଷ୍ଠ ପୋଲିସ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଅଧିକାରୀଜଣକ କହିଛନ୍ତି ଯେ ଗଣେଶ ମହୋତ୍ସବର ୧୦ମ ଦିନରେ ଅନନ୍ତ ଚତୁର୍ଦ୍ଦଶୀ ପାଇଁ ପୋଲିସ ସୁରକ୍ଷା ବ୍ୟବସ୍ଥା କରୁଛି। ଏହି ସମୟରେ ଟ୍ରାଫିକ ପୋଲିସ କଣ୍ଟ୍ରୋଲରୁମ୍‌କୁ ହ୍ୱାଟ୍‌ସଅପ୍ ହେଲ୍ପଲାଇନରେ ଏକ ଧମକପୂର୍ଣ୍ଣ ମେସେଜ ମିଳିଛି। କ୍ରାଇମବ୍ରାଞ୍ଚ ଧମକପୂର୍ଣ୍ଣ ମେସେଜର ତଦନ୍ତ ଆରମ୍ଭ କରିଛି ଏବଂ ଆତଙ୍କବାଦ ବିରୋଧୀ ସ୍କ୍ୱାଡ୍ ଏବଂ ଅନ୍ୟ ତଦନ୍ତକାରୀ ସଂସ୍ଥାକୁ ଏ ନେଇ ମଧ୍ୟ • ପୃଷ୍ଠା ୫ ଦେଖନ୍ତୁ

## ହୀରାକୁଦ ଡ୍ୟାମ୍‌ର ୨୪ ଗେଟ୍ ଖୋଲା

# ଫୁଲୁଛି ମହାନଦୀ

- ଜାତୀୟ ରାଜପଥରେ ୩ ଫୁଟର ପାଣି
- ସମ୍ବଲପୁର-ସୁବର୍ଣ୍ଣପୁର ଯୋଗାଯୋଗ ବିଚ୍ଛିନ୍ନ
- ସତର୍କ ରହିବାକୁ ତଳି ଅଞ୍ଚଳ ଲୋକଙ୍କୁ ପରାମର୍ଶ



ସମ୍ବଲପୁର/ଭୁବନେଶ୍ୱର,୫।୯(ଭାସ୍କର ନ୍ୟୁଜ): ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଡ୍ୟାମର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳ ନିଷ୍କାସନ ପାଇଁ ଗୁରୁବାର ୧୬ଟି ଗେଟ୍ ଖୋଲା ଯାଇଥିବାବେଳେ ଶୁକ୍ରବାର ଦୁଇଟି ପର୍ଯ୍ୟାୟରେ ଆଉ ୮ଟି ଗେଟ୍ ଖୋଲାଯାଇଛି। ମୋଟ ୨୪ଟି ଗେଟ୍ ଦେଇ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଫଳରେ ମହାନଦୀ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଅବତରଣ କରିପାରିଲାନି ମୁଖ୍ୟମନ୍ତ୍ରୀଙ୍କ ବିମାନ

ଭୁବନେଶ୍ୱର, ୫।୯: (ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ଶୁକ୍ରବାର ପୂର୍ବାହ୍ନରେ ପାଗ ଖରାପ ଯୋଗୁଁ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରି ପାରିଲାନି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିମାନ । ଭୁବନେଶ୍ୱର ବଦଳରେ କୋଲକାତା ଗଲେ ମୁଖ୍ୟମନ୍ତ୍ରୀ । ଏନେଇ ସୂଚନା ଦେଇଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ବିମାନରେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରୁ ଭୁବନେଶ୍ୱର ଫେରୁଥିଲେ ।

### ପୋଖରୀରେ ବୁଡ଼ି ୨ଭାଇ ମୃତ

ଭବାନୀପାଟଣା,୫।୯(ଭାସ୍କର ନ୍ୟୁଜ): ଶୁକ୍ରବାର ଖେଳୁଥିବାବେଳେ ପୋଖରୀରେ ପଡ଼ି ଦୁଇ ଭାଇଙ୍କର ମୃତ୍ୟୁ ଘଟିଛି। ସେମାନଙ୍କ ବୟସ ଯଥାକ୍ରମେ ୬ ଓ ୮ ବର୍ଷ। ସଦରଥାନା ଗୁଣ୍ଡୁଚିପଦର ଗାଁରେ ଏହି ଅଘଟଣ ଘଟିଛି। ପୋଲିସ ଦୁଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ମାଓ କ୍ୟାମ୍ପ ଠାବ

ନୂଆପଡ଼ା,୫।୯(ଭାସ୍କର ନ୍ୟୁଜ): ଛତିଶଗଡ଼ ଗରିଆବନ୍ଧ ମେନେପୁର ଗୋବରା ଜଙ୍ଗଲରେ ସୁରକ୍ଷାକର୍ମୀ ଏକ ମାଓ କ୍ୟାମ୍ପ ଠାବ କରିଛନ୍ତି। ସେଠାରୁ ଆଇଇଡି ସହ ମାଓ ପୁସ୍ତିକା, ମାଓ ପୋଷାକ ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଛି।




ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ଆଜି ଅନ୍ତର୍ଜାତୀୟ ସମବାୟ ବର୍ଷ ଉପଲକ୍ଷେ ପାକ୍ସ କମ୍ପ୍ୟୁଟରାଇଜେସନ୍ (ଏନ୍‌ଏଲ୍‌ପିଏସ୍) ଓ ସମବାୟ ସମୀକ୍ଷା ସଚେତନତା ସମ୍ପର୍କୀୟ ଏକ କର୍ମଶାଳା ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରଭାତ ଚନ୍ଦ୍ର ଶତପଥି ଉପନିବନ୍ଧକ ସମବାୟ ସମିତି ସମୂହ, ଜଗତସିଂହପୁର ବିଭାଜନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସମବାୟ ସମିତି ସ୍ତରରେ ପାକ୍ସ କମ୍ପ୍ୟୁଟରୀକରଣକୁ ପ୍ରାଧାନ୍ୟ ଦେବାପାଇଁ ସମିତିର ସମ୍ପାଦକଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟୁତଲତା ବେହେରା, ଡିଡିଏମ୍, ନାବାର୍ଡ, ପାକ୍ସ କମ୍ପ୍ୟୁଟରାଇଜେସନ୍ ଉପରେ ଗୁରୁତ୍ୱ ଦେଇଥିବାବେଳେ ଏବଂ ସନ୍ତୋଷ କୁମାର ଜାଲି, ସହକାରୀ ସମୀକ୍ଷକ ସମବାୟ ସମିତି ସମୂହ, ଜଗତସିଂହପୁର, ୨୦୨୪-୨୫ ସମୀକ୍ଷା ବର୍ଷ ପାଇଁ ସମସ୍ତ ଚଉଦଟି ସମୀକ୍ଷା ସମ୍ପୂର୍ଣ୍ଣ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଶେଷରେ ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ, ସୂର୍ଯ୍ୟକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉପନିବନ୍ଧକ, ସମବାୟ ସମିତି ସମୂହ ଏବଂ ସହକାରୀ ନିବନ୍ଧକଙ୍କ, ସମବାୟ ସମିତି ସମୂହ କାର୍ଯ୍ୟାଳୟର ବିବେକାନନ୍ଦ ବେହେରା, ରାଖାଲ ଚନ୍ଦ୍ର ସାମଲ, ସୁମନ ବେହେରା, ମିତାଲି ବୋଷ, ଚିତ୍ରା ଚିନ୍ମୟୀ ଦାସ, ସ୍ୱର୍ଣ୍ଣଲତା ନାୟକ, ପିଙ୍କି ହାଂସଦା, ରୁବୁ ମହାନ୍ତି ଉପସ୍ଥିତ ଥିଲେ।

### ଆମ ପ୍ରତିଭା ଆମ ପରିଚୟ ପକ୍ଷରୁ 'ଗୁରୁ ପୂଜନ ଓ ପ୍ରତିଭା ସମ୍ମାନ' କାର୍ଯ୍ୟକ୍ରମ

## 'ଗୁରୁ-ଶିଷ୍ୟ ପରମ୍ପରା ଅନନ୍ୟ'



ତାଳଚେର (ଭାସ୍କର ନ୍ୟୁଜ୍) : ତାଳଚେରର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ 'ଆମ ପ୍ରତିଭା ଆମ ପରିଚୟ' ଅନୁଷ୍ଠାନ ପକ୍ଷରୁ ଆଜି ସ୍ଥାନୀୟ ଦେଉଳବେଡ଼ା ସ୍ଥିତ ଡିସିଆଇ ହଲ୍ ଠାରେ ୨୨ତମ ଗୁରୁ ପୂଜନ ଓ ପ୍ରତିଭା ସମ୍ମାନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଡ.ଉପେନ୍ଦ୍ର ପରିଡା ସଭାପତିତ୍ୱ କରିଥିଲାବେଳେ ସାଧାରଣ ସମ୍ପାଦକ ଇଂ. ରମେଶ ଚନ୍ଦ୍ର ବେହେରା ଅତିଥି ପରିଚୟ କରିବା ସହ ଆଜି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରକାଶ କରି ବାର୍ଷିକ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ଅଧକ୍ଷ ସରୋଜ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା ଯୋଗ ଦେଇ ଅନୁଷ୍ଠାନ ପକ୍ଷରୁ ଏହି ସୁନ୍ଦର କାର୍ଯ୍ୟକ୍ରମ ଦୀର୍ଘ ୨୨ବର୍ଷ ଧରି ଚାଲି ଆସିଥିବା କାରଣରୁ ଆୟୋଜକ ତଥା ଅନୁଷ୍ଠାନକୁ ଧନ୍ୟବାଦ୍ ଦେଇଥିଲେ। ଗୁରୁ ପୂଜନ ଓ ପ୍ରତିଭା ସମ୍ମାନ ପରି ମହତ କାର୍ଯ୍ୟ ଏହି ଅନୁଷ୍ଠାନ ପକ୍ଷରୁ କରାଯାଇ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଅନୁଷ୍ଠାନ, ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଉଥିବାରୁ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଶ୍ରୀ ଜେନା ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ତାଳଚେର ଏସ୍‌ଡିପିଓ ଭରତ ଚନ୍ଦ୍ର ସାହୁ ଯୋଗ ଦେଇ ଅନୁଷ୍ଠାନ ପୂଜ୍ୟପୂଜାର ପରମ୍ପରାକୁ ବଜାୟ ରଖିଥିବାରୁ ଏବଂ ଏହା ଅତି ଆଡମ୍ବର ସହକାରେ ହେଉଥିବା ଦେଖି ଖୁସି ପ୍ରକଟ କରି ଗୁରୁ ଛାତ୍ର ପରମ୍ପରା ମହାନ ବୋଲି ପ୍ରକାଶ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ମହେଶ ସାହୁ ଯୋଗ ଦେଇ ଅନୁଷ୍ଠାନ ସହିତ ଜଡିତ ହେବା ପାଇଁ ଆହ୍ୱାନ କରିଥିଲେ ଏବଂ ଯେଉଁ ମହତ ଆକାଂକ୍ଷା ନେଇ ଏହି ଅନୁଷ୍ଠାନ ଆଗକୁ ବଢୁଛି ତାହାର ସଫଳ ରୂପାୟନ ଧୀରେ ଧୀରେ ଅଗ୍ରସର ହେଉଥିବା ସହ ଆଗକୁ ଏହା ଆହୁରି ଅଧିକ ଲୋକାଭିମୁଖୀ ହେବ ବୋଲି ସେ ଆଶା ପ୍ରକଟ କରିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ତାଳଚେର ପୌର ପରିଷଦର ନଗରପାଳ ପବିତ୍ର ଭୁତିଆ, ଅନୁଗୁଳ ସଂଯୁକ୍ତ ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ରଂଜନ ସାହୁ, ରିତାରାଣୀ ଦାସ, ଗୋପାଳ ନାୟକ ପ୍ରମୁଖ ଯୋଗ ଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଉପସ୍ଥିତ ଥିବା ନିମନ୍ତ୍ରିତ ଗୁରୁମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଗୁରୁ ପୂଜନ କରାଯାଇଥିବା ବେଳେ, ଚଳିତ ବର୍ଷ ଅବସର ଗ୍ରହଣ କରିଥିବା ପ୍ରାଥମିକ, ହାଇସ୍କୁଲ ଓ ମହା ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା ଙ୍କୁ ସମ୍ବର୍ଦ୍ଧନା ଅର୍ପଣ କରାଯାଇ ଥିଲା। ସେହିପରି ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ, ମାତୃଭାଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ଅନୁଷ୍ଠାନକୁ 'ଆମ ପ୍ରତିଭା ଆମ ପରିଚୟ' ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଆଲୋକିତ ଖବର କାଗଜର ପରିଚାଳନା ସମ୍ପାଦକ ଗଦାଧର ସାହୁ ଧନ୍ୟବାଦ ଦେଇଥିଲେ। ଶେଷରେ ରେଶ୍ମା ଦ୍ୟାନ୍ସ ଗ୍ରୁପର କୁନି କଳାକାରଙ୍କ ଦ୍ୱାରା ନୃତ୍ୟ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମା'ଙ୍କ ପାଇଁ ମାଟିଉଠାଣ ପର୍ବ

ରାଜନଗର (ଭାସ୍କର ନ୍ୟୁଜ୍) : ଶାରଦୀୟ ଦୁର୍ଗାପୂଜା ନିମନ୍ତେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପବିତ୍ର ଶୁଭ ସୁନିଆଁ ଦିବସରେ ମାଆଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ହଂସୁଆ ନଦୀରୁ ମାଟିଉଠାଣ ପର୍ବ ଆରମ୍ଭ ହୋଇଛି। ପାରମ୍ପରିକ ଢୋଲମହୁରୀ ବାଜା ରୋଷଣିର ଜୟନାଦରେ ଜୟଦୁର୍ଗା ପୂଜା କମିଟିର ସଭାପତି ତଥା ପୋଲିସ୍ ଆଇଆଇସି ନରେଶ କୁମାର ସାହୁ, ସଂପାଦକ ପ୍ରଭାତ ଚନ୍ଦ୍ର ମିଶ୍ର, ସଦସ୍ୟ ରମେଶ ଚନ୍ଦ୍ର ଲାଲ, ନାରାୟଣ ମାହନ୍ତ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସହିତ ମୁଖ୍ୟ ପୁରୋଧା ପଣ୍ଡିତ ଶଙ୍କର୍ଷଣ ମିଶ୍ର, ପଣ୍ଡିତ ବିଜୟ କୁମାର ନନ୍ଦ ଓ ଅନ୍ୟ ବ୍ରାହ୍ମଣମାନେ ନଦୀକୂଳରେ ଉପସ୍ଥିତ ହେବା ପରେ ପୂଜାପାଠ ସହିତ ମାଟିଉଠାଣ କାର୍ଯ୍ୟ କରାଯାଇଥିଲା। ସେହିପରି ରାଜନଗର ଗଳିଦାଣ୍ଡର ଆରାଧ୍ୟ ଦେବୀ ମା' ବୁଢ଼ୀମଙ୍ଗଳାଙ୍କ ଆଜ୍ଞାମାଳ ପ୍ରାପ୍ତ ହୋଇ ମା' ବନଦୁର୍ଗାଙ୍କ ପୂଜା ଆବାହନ ନିମନ୍ତେ ଗ୍ରାମକମିଟି ତରଫରୁ ମାଟିଉଠାଣ ପର୍ବ ଅତି ଉତ୍ସାହ ସହକାରେ ଆରମ୍ଭ ହୋଇଥିଲା। ଗ୍ରାମ ମୁରବି ସର୍ବଶ୍ରୀ ଦାଶରଥି ଲେଙ୍କା, ବୈକୁଣ୍ଠ କର, ହେମନ୍ତ କୁମାର ସାହୁ, ଅରକ୍ଷିତ ପ୍ରଧାନ, ସଂପାଦକ ଅଭିରାମ ସାହୁ, ସୁରେଶ ଚନ୍ଦ୍ର ଲେଙ୍କା, ଶିବାନନ୍ଦ ରାଉତ ପ୍ରମୁଖ ପାରମ୍ପରିକ ମହୁରୀବାଦ୍ୟ ଶୋଭାଯାତ୍ରାରେ ମାଆଙ୍କ ପୀଠରୁ ବାହାରି ନଦୀକୂଳରେ ପହଞ୍ଚିବା ପରେ ବିଧିବିଧାନ ଅନୁସାରେ ପୂଜାପାଠ ଓ ହୋମାଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପ୍ରମୁଖ ସଦସ୍ୟ ସୁକାନ୍ତ କୁମାର ବେହେରା ସଂକଳ୍ପରେ ବସିଥିଲେ ଓ ମୁଖ୍ୟ ପୁରୋଧାଙ୍କୁ ପୂଜାରେ ସହଯୋଗ କରିଥିଲେ ମାଆଙ୍କ ନିତ୍ୟପୂଜକ ରବି ନାରାୟଣ ପତି ଓ ବିଷ୍ଣୁ ଚରଣ ବାରିକ।

## 'ଗୁରୁ-ଶିଷ୍ୟ ସମ୍ପର୍କ ଅତୁଟ ଓ ଅନନ୍ୟ'



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : 'ଗୁରୁ ଗୋବିନ୍ଦ ଦୌଉ ଖଡେ, କାକେ ଲାଗୁଁ ପାବ ବାଲିହାରୀ ଗୁରୁ ଆପନେ, ଗୋବିନ୍ଦ ଦିୟୋ ବତାୟ।' ଏହାର ଅର୍ଥ ଗୁରୁ ଏବଂ ଈଶ୍ୱର ଏକା ସହିତ ଛିଡା ହୋଇଥିବା ବେଳେ ମନରେ ଦ୍ୱନ୍ଦ୍ୱ ଉତ୍ପନ୍ନ ହୁଏ ଯେ, କାହା ପାଦ ଆଗେ ସ୍ପର୍ଶ କରିବା ଉଚିତ୍। ଏ ନେଇ ଈଶ୍ୱର ନିଜେ ଉତ୍ତର ଦିଅନ୍ତି, ଗୁରୁ ହିଁ ଭଗବାନଙ୍କ ନିକଟରେ ପହଞ୍ଚିବାର ମାର୍ଗ। ସେଥିପାଇଁ ସର୍ବ ପ୍ରଥମେ ଗୁରୁ ଚରଣ ସ୍ପର୍ଶ କରିବା ଉଚିତ୍। ଆଜି ସେପ୍ଟେମ୍ବର ୫ ସେହି ଗୁରୁଙ୍କ ଦିନ। ବିନ୍ଦୁରେ ଛିଡା ହୋଇ ସିନ୍ଧୁକୁ ଯିଏ ଦେଖିବାକୁ ସମର୍ଥ କରାନ୍ତି, ସସୀମରୁ ଅସୀମ ଅମା ଅନ୍ଧକାରରୁ ନେଇ ଜ୍ଞାନର ପରିସୀମାରେ ଜୀବନକୁ ପରିମାର୍ଜିତ କରୁଥିବା ବ୍ୟକ୍ତି ହେଉଛନ୍ତି ଗୁରୁ। ଜଣେ ବ୍ୟକ୍ତି ବିଶେଷଙ୍କ ଠାରୁ ଅନେକ ଦୂରରେ ସେ। କୌଣସି ନିର୍ଦ୍ଦିଷ୍ଟ ଶବ୍ଦକୋଷ ବାକ୍ୟ ଭିତରେ ତାଙ୍କର ଗାରିମାକୁ ବାନ୍ଧିବା ବା ବର୍ଣ୍ଣନା କରିବା ଅସମ୍ଭବ। କେବେ ଆକଟ ଭରା କଠୋର ଅନୁଶାସନ। ପୁଣି କେବେ ଉତ୍ସାହ ପ୍ରଦ ପ୍ରେରଣା। ସାଧାରଣ ଛାତ୍ରଟିକୁ ଅସାଧାରଣ କରିବାର ଶକ୍ତି ତାଙ୍କ ପାଖେ। ପାଠରୁ ପ୍ରତିଭା ସବୁଥିରେ ଦୀପ୍ତିମନ୍ତ କରିବା ପାଇଁ ଆବଶ୍ୟକ ତାଙ୍କ ଅନ୍ତଃମନର ଆଶୀର୍ବାଦ। ଯିଏ କି ଅନ୍ୟକୁ ମଣିଷ କରିବା ପାଇଁ ସାରାଦିନ ନିଜ ଜୀବନର ଅର୍ଦ୍ଧେକ ସମୟ ଦେଇଥାନ୍ତି। ବାପା ମା'ଙ୍କ ପରେ ସେ ହିଁ ଏକମାତ୍ର ଚଳନ୍ତି ଦେବତା ଯିଏକି ପ୍ରେରଣା ଓ ମାର୍ଗଦର୍ଶନ ବଳରେ ବିଦ୍ୟାର୍ଥୀଙ୍କୁ ଦେଖାନ୍ତି ମୁକ୍ତିର ବାଟ। ଗୁରୁଦିବସ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଯଥା ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ, ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ, ସୁରେନ୍ଦ୍ର ନାଥ ବିଦ୍ୟାପୀଠ, ପଶ୍ଚିମେଶ୍ୱର ବିଦ୍ୟାପୀଠ ନଗର, ଐଶାନେଶ୍ୱର ବିଦ୍ୟାପୀଠ ଅଠତିରା, ଆର୍ତ୍ତତ୍ରାଣ ବିଦ୍ୟାପୀଠ ବରାଙ୍ଗ,ସରସ୍ୱତୀ ଶିଶୁମନ୍ଦିର ଅସ୍ତରଙ୍ଗ, ସରସ୍ୱତୀ ବିଦ୍ୟାସାଗର ଆଳଙ୍ଗପୁର ସମେତ ବିଭିନ୍ନ ସ୍ଥାନରେ ମହା ଆଡ଼ମ୍ବରେ ଗୁରୁ ଦିବସ ପାଳିତ ହୋଇଛି। ଗୁରୁଙ୍କ ପ୍ରତି ସେହି ଶ୍ରଦ୍ଧା ଏବଂ ସମ୍ମାନ ଆଜି ବି ସତେଜ। ଗୁରୁ ଶିଷ୍ୟ ପରମ୍ପରାର ଏହି ଅନନ୍ୟ ଦିବସରେ ପ୍ରତିଟି ଗୁରୁଙ୍କୁ ପ୍ରଣାମ।

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ବୋଲଗଡ଼, (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ ମାଧ୍ୟମରେ ବିଭିନ୍ନ ପଞ୍ଚାୟତ ସମିତି ମୁଖ୍ୟାଳୟ ମାନଙ୍କରେ ପର୍ଯ୍ୟାୟ କ୍ରମେ ଭୀମଭୋଇ ଭିନ୍ନକ୍ଷମ ଶିବିର ମାନ ଆୟୋଜିତ ହେଉଛି। ସେହିକ୍ରମେ ଗୁରୁବାର ବୋଲଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏହି ଶିବିର ସକାଳ ୯ ଟା ସମୟରୁ ଆରମ୍ଭ ହୋଇ ଅପରାହ୍ନ ୫ଘଣ୍ଟା ପର୍ଯ୍ୟନ୍ତ ଚାଲୁ ରହିଥିଲା। ଏଥିରେ ସମୁଦାୟ ୨୮୪ଜଣ ଭିର୍ଣ୍ଣକ୍ଷମ ନାମ ପଞ୍ଜିକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଅସ୍ଥିଗତ ଭିର୍ଣ୍ଣକ୍ଷମ ୧୪୫ଜଣ,ଶ୍ରବଣ ବାଧିତ ୫୯, ଦୃଷ୍ଟି ବାଧିତ ୨୭, ମାନସିକ ଅନଗ୍ରସର ୫୩ଜଣ। ଏତଦ ବ୍ୟତୀତ ପ୍ରମାଣ ପତ୍ର ପ୍ରଦାନ ୧୪୨, ଟ୍ରାଇ ସାଇକେଲ ପ୍ରଦାନ ୧, ହୁଇଲ ଚେୟାର ପ୍ରଦାନ ୯, ଆଶା ବାଡ଼ି ପ୍ରଦାନ ୪, ଶ୍ରବଣ ଯନ୍ତ୍ର ପ୍ରଦାନ ୧୦, ଶିକ୍ଷାଗତ ଉପକରଣ ୨ଜଣ ପ୍ରମୁଖଙ୍କୁ ପ୍ରଦାନ କରାଯାଇଥିଲା। ଏହି ଭିନ୍ନକ୍ଷମ ଶିବିରରେ ଭିର୍ଣ୍ଣକ୍ଷମ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଅନେକ ସେବା ଉପଲବ୍ଧ କରାଯାଉଛି। ଆଜିର ଆନ୍ତର୍ଜାତିକ ଭୀମ ଭୋଇ ଭିର୍ଣ୍ଣକ୍ଷମ ଦିବସରେ ଖୋର୍ଦ୍ଧା ଜିଲ୍ଲା ସରକାରୀ ମୁଖ୍ୟ ଚିକିତ୍ସାଳୟର କର୍ଣ୍ଣ, ନଶା, ଗଳା, ଚକ୍ଷୁ,ଅସ୍ଥିଶଲ୍ୟ,ମାନସିକ ଅନଗ୍ରସର ଓ ଶାରୀରିକ ଅକ୍ଷମତା ଇତ୍ୟାଦି ବିଭାଗ ଗୁଡ଼ିକର ବିଶେଷଜ୍ଞ ମାନେ ଯୋଗଦେଇ ଭିର୍ଣ୍ଣକ୍ଷମ ମାନଙ୍କୁ ଶାରୀରିକ ପରୀକ୍ଷା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ସଂମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷ ହୁଲ୍ଲାସ ପ୍ରଧାନ, ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ଅତିରିକ୍ତ ବିଡ଼ିଓ ଡ଼ଃ ରତିକାନ୍ତ ମିଶ୍ର ଓ ପଞ୍ଚାୟତ ସମିତିର ଜନ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।ଆଜିର କାର୍ଯ୍ୟକ୍ରମରେ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ତାପସି ପ୍ରିଦର୍ଶନୀ, ଦେବକାନ୍ତ ଗୁରୁ, ମିତା ପ୍ରଧାନ, ଦାଶରଥି ଦାସ, ବିଶ୍ୱଜିତ ବେହେରା ଓ ମୁଖ୍ୟ କିରାଣୀ ଆଲୋକ କୁମାର ଜେନା ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ। ଘଟଣା ସ୍ଥଳରେ ବୋଲଗଡ଼ ପୋଲିସ ବାହିନୀ ଓ ଅଗ୍ନିଶମ ସେବା ଅଧିକାରୀ ମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ପରିଶେଷରେ ବିଡ଼ିଓ ସୁମନ ସୁଦ୍ଧା କୁଣ୍ଡୁ ସମସ୍ତ ଜନ ପ୍ରତିନିଧି,ବ୍ଲକ କର୍ମଚାରୀ, ବିଭିର୍ଣ୍ଣ ବିଭାଗର ବିଶେଷଜ୍ଞ, ପୋଲିସ ବାହିନୀ, ଗଣ ମାଧ୍ୟମ ଓ ସମସ୍ତ ଭିର୍ଣ୍ଣକ୍ଷମ ଅଭିଭାବକ ମାନଙ୍କୁ ଧନ୍ୟବାଦ ଦେଇଥିଲେ।

## ଗୋ-ପାଳନ ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ




ଜଗତସିଂହପୁର (ଭାସ୍କର ନ୍ୟୁଜ୍) : କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର ଅନୁକୁଲ୍ୟରେ ୩ ଦିନ ଧରି ବୈଜ୍ଞାନିକ ପଦ୍ଧତିରେ ଗୋ ପାଳନ ବିଷୟରେ ଏକ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ରାଜ୍ୟ ପ୍ରାଣୀ ସମ୍ପଦ ବିକାଶ ବିଭାଗ ସହ ମିଳିତ ଭାବେ ଏହି ତାଲିମଟି କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ଏହି ତାଲିମରେ ତିର୍ତ୍ତୋଲ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ୨୦ ଜଣ ଗୋପାଳକ ଭାଗ ନେଇଥିଲେ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅଧିକାରୀ ମାନଙ୍କ ଉପସ୍ଥିତିରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଜୀବନଜିତ ସେନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରାଣୀ ବିଜ୍ଞାନୀ ଡ. ତପନ ପଲାଇ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅଧିକାରୀ ଡ. ଯଦୁନାଥ ପରିଡ଼ା, ଡ. ଶଶାଙ୍କ ନାୟକ (ସହକାରୀ ପ୍ରାଣୀ ଚିକିତ୍ସକ), ଡ. ଦୁର୍ଗା ପ୍ରସାଦ ମିଶ୍ର ବିଜ୍ଞାନ ସମ୍ମତ ଗୋ ପାଳନ ବିଷୟରେ ଗୋପାଳକ ମାନଙ୍କୁ ଜ୍ଞାନ ପ୍ରଦାନ କରା ଯାଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଗୋପାଳକ ମାନେ ତୁଳଙ୍ଗ ଗ୍ରାମର ସ୍ଥିତ ଶ୍ୱେତା ଗାଇ ଫାର୍ମ ପରିଦର୍ଶନରେ ଯାଇ ନିଜର ବ୍ୟବହାରିକ ଜ୍ଞାନ ବଢ଼ାଇଥିଲେ। ଗୋପାଳନର ବିଭିନ୍ନ ବିଷୟ ଯଥା- ଗାଇ ଫାର୍ମର ଦୈନିକ ଚର୍ଚ୍ଚା, ଗୋପାଳନରେ ବିଜ୍ଞାନ ସମ୍ମତ ଗୁହାଳ ପରିଚାଳନା, ଖାଦ୍ୟ ବ୍ୟବସ୍ଥା, ରୋଗ ପରିଚାଳନା, ଦୁଗ୍ଧ ବିକ୍ରିବଟା, ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନ ଆଦି ବିଷୟରେ ଭାଗ ନେଇଥିବା ଚାଷୀ ମାନେ ଅବ ଗତ ହୋଇଥିଲେ। ଏହି କାର୍ଯ୍ୟକ୍ରମର ଶେଷଦିନରେ ଗୋପାଳକମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଦେବାଶିଷ ପଣ୍ଡା, ଡ଼. ପ୍ରଦୀପ୍ତ ମାଝୀ ଡ଼. ଦ୍ୱାରିକା ମୋହନ ଦାସ, ସସ୍ମିତା ପୁରୋହିତ, ସରିତା ଦାସ ସହଯୋଗ କରିଥିଲେ। ପରିଶେଷରେ ଜିଲ୍ଲାର ଅଗ୍ରଣୀ ଗୋ-ପାଳକମାନେ ନିଜ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ ।

## ଶେରଗଡ଼କୁ ଏନ୍‌ଏସି ମାନ୍ୟତା ଦାବିରେ ବନ୍ଦ ଡାକରା

ଶେରଗଡ଼, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ଅନ୍ତରଗତ ଶେରଗଡ଼କୁ ଏନ୍‌ଏସ୍‌ସି ଦାବି ଜୋର ଶର ଧରିଛି। ପୂର୍ବତନ ସରକାର ଶେରଗଡ଼କୁ ଏନ୍‌ଏସ୍‌ସି ଘୋଷଣା କରିଥିବା ବେଳ ବର୍ତ୍ତମାନ ଶେରଗଡ଼ ବ୍ଲକ ଏନ୍‌ଏସ୍‌ସିରୁ ବାଦ ପଡିଛି ଏଣୁ ଶେରଗଡ଼କୁ ଏନ୍‌ଏସ୍‌ସି ଦାବି କରି ବିଭିନ୍ନ ସଂଗଠନ, ବିଭିନ୍ନ ଅନୁଷ୍ଠାନ ଓ ଶେରଗଡ଼ ଅଞ୍ଚଳବାସୀଙ୍କ ତରଫରୁ ସେପ୍ଟେମ୍ବର ୬ ଶନିବାର ଦିନ ସ୍କୁଲ, କଲେଜ, ଦୋକାନ, ବଜାର ବନ୍ଦ ରହିବା ସହ ଅଫିସ ସମେତ ଯାନବାହାନ ବନ୍ଦ ଡାକରା ଦେଇଛନ୍ତି।

## ନୂତନ ବ୍ଲକ ଗଠନ ପାଇଁ ବୈଠକ

ମୟୁରଭଞ୍ଜ, (ଭାସ୍କର ନ୍ୟୁଜ୍) : ମାଣତ୍ରୀ ନୂତନ ବ୍ଲକ ପ୍ରତିଷ୍ଠା ଦାବିରେ କମିଟି ଡାକରାରେ ୧୦ ଟି ପଞ୍ଚାୟତ, ମାଣତ୍ରୀ, ମାନଗୋବିନ୍ଦପୁର, ଶାଳଗାଁ, ପଟିସାରି, ଦୁର୍ଗାପୁର, ଭୀମଦା, ଚନ୍ଦନପୁର, ଦେଉଳିଆ, କେନ୍ଦୁଡିହା, ଯୋଗିନୁଆଗାଁର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର, ପୂର୍ବତନ ଲୋକପ୍ରତିନିଧି, ବୁଦ୍ଧିଜୀବୀ, ଜନସାଧାରଣ ଉପସ୍ଥିତ ଥିଲେ। ବଡ଼ସାହିର ବିଧାୟକ ସନାତନ ବିଜୁଳି ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା ପ୍ରଭାତ ଜେନା କରିଥିଲେ। ମୁଖ୍ୟବକ୍ତା ବଡ଼ସାହି ଅଧକ୍ଷା ମିନତୀ ସିଂ, ରାକେଶ ମହାପାତ୍ର, ହରିଶ ମୁର୍ମୁ, ପ୍ରଦୀପ ପଣ୍ଡା, ମନୋଜ ପଣ୍ଡା ଉପସ୍ଥିତ ରହି ମାଣତ୍ରୀ ବ୍ଲକ ହେବାର ଆବଶ୍ୟକତା ଓ ଲୋକ ମାନଙ୍କର ଉପକାର ବିଷୟରେ ବକ୍ତବ୍ୟ ରଖିଥିଲେ। ବିଧାୟକ ବକ୍ତବ୍ୟରେ କହିଲେ ମୁଁ ଅନୁଭବ କରୁଛି ମାଣତ୍ରୀରେ ବ୍ଲକ ହେବାର ଆବଶକତା ଅଛି, ଏବଂ ପ୍ରତିଶ୍ରୁତି ଦେଲେ ମାଣତ୍ରୀରେ ନିଶ୍ଚିନ୍ତ ବ୍ଲକ ହେବ। ବାର୍ଦ୍ଧକ୍ୟ, ବିକଳାଙ୍ଗ, ବିଧବା ଭତ୍ତା ପାଇଁ ୨୪ କିମି ବଡ଼ସାହି ବ୍ଲକ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଏହି ସମସ୍ୟାକୁ ବିଚାରକୁ ନେଇ ସରକାର ମାଣତ୍ରୀରେ ଏକ ବ୍ଲକ ସ୍ଥାପନ କଲେ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ।

## ରାଜ୍ୟସ୍ତରୀୟ କୁଡୁମାଲୀ ଦେଶ କରମ ପରବ ଉଦ୍‌ଯାପିତ

ବେତନଟୀ, (ଭାସ୍କର ନ୍ୟୁଜ୍) : ବେତନଟୀ ଥାନା ଅନ୍ତର୍ଗତ ସୁରେଇଡିହି ଠାରେ ପାଞ୍ଚ ଦିନ ଧରି ଚାଲିଥିବା ରାଜ୍ୟ ସ୍ତରୀୟ କୁଡୁମାଲୀ ଦେଶ କରମ ପରବ-୨୦୨୫ ଗୁରୁବାର ଦିନ ଉଦଯାପିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ଚାକୁଣ୍ଡାପଦା ଶିବ ମନ୍ଦିର ନିକଟରେ ଥିବା କରମ ଗଛକୁ ପୂଜାର୍ଚ୍ଚନା କରିବା ସହିତ କରମ ଡାଳ ନେଇ ଏକ ବିରାଟ ଶୋଭାଯାତ୍ରାରେ କରମ ପଡିଆକୁ ଆସି ସେଠାରେ କରମ ଡାଳ ସ୍ଥାପନ କରାଯାଇ କରମ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଗୋସେଇଁ ଠାକୁର ଜେଠମଲ ମହାନ୍ତ କର୍ମୁ, ଧର୍ମୁ ଓ କରମ ଠାକୁରଙ୍କ କାହାଣୀ ସମସ୍ତଙ୍କୁ ଶୁଣାଇଥିଲେ । ଏହା ପରେ ସୁରେଇଡିହି ଦେଶ କରମ ପରବ ସୁରେଇଡିହିର ଉପଦେଷ୍ଟା ଅଧ୍ୟାପକ ଦୀପ୍ତିପ୍ରକାଶ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଉପଦେଷ୍ଟା ଛୋଟେଲାଲ ମହାନ୍ତ, ସଭାପତି ସୁକାନ୍ତ କୁମାର ମହାନ୍ତ, ସମ୍ପାଦକ ରବୀନ୍ଦ୍ର ମହାନ୍ତ ପ୍ରମୁଖ ମଞ୍ଚାସୀନ ହୋଇ କୁଡୁମୀ ଜାତିର ଏକତା ପାଇଁ ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଢୁବଢୁବି ବାଦକ ଶତ୍ରୁଘ୍ନ ମହାନ୍ତଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହାପରେ ରାତିସାରା ସାଂସ୍କୃତିକ ଝୁମର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଲୋକଙ୍କର ଏକୀକୃତ ମନୋଭାବ ସମସ୍ତଙ୍କୁ ବିସ୍ମିତ କରିଥିଲା। ଗୁରୁବାର ସକାଳେ କରମ ଠାକୁରଙ୍କୁ ନିକଟସ୍ଥ ଜଳାଶୟରେ ବିସର୍ଜନ କରାଯାଇଥିଲା। ଦେଶ କରମ ପରବ ପାଳନ କମିଟିର କୋଷାଧକ୍ଷ ଅଧ୍ୟାପକ ଶତ୍ରୁଘ୍ନ ମହାନ୍ତ, ଜାୱା କମିଟିର ସଭାନେତ୍ରୀ କ୍ଷଣପ୍ରଭା ମହାନ୍ତ, ସମ୍ପାଦିକା ସୁଲୋଚନା ମହାନ୍ତ, ସଦସ୍ୟ ରଞ୍ଜନ ମହାନ୍ତ, ବୁଲୁ ମହାନ୍ତ, ଡମ୍ବରୁଧର ମହାନ୍ତ, ଅପୁ ମହାନ୍ତ ଓ ଅନ୍ୟାନ୍ୟ ସମସ୍ତ ସଦସ୍ୟ ସଦସ୍ୟା ମାନେ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ ।

## କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି ମୁକୁଳା ବିଦ୍ୟୁତ ଟ୍ରାନ୍ସଫର୍ମର



ଗୋପ, (ଭାସ୍କର ନ୍ୟୁଜ୍): ଗୋପ କଲେଜ ଛାତ୍ରଛାତ୍ରୀଙ୍କ ସମେତ ଗାଇଗୋରୁଙ୍କ ପାଇଁ ବିପଦ ସୃଷ୍ଟି କରିଛି ମୁକୁଳା ବିଦ୍ୟୁତ ଟ୍ରାନ୍ସଫର୍ମର। ପିପିଲି-କୋଣାର୍କ ରାସ୍ତାକୁ ସଂଯୋଗ କରୁଥିବା ଗୋପ କଲେଜ ରାସ୍ତା ପାର୍ଶ୍ୱରେ ଏହି ବିଦ୍ୟୁତ ଟ୍ରାନ୍ସଫର୍ମର ରହିଥିବା ବେଳେ ତାହାର ଚତୁଃପାର୍ଶ୍ୱ ଏବେ ଜଙ୍ଗଲମୟ ହୋଇ ପଡିଛି । ବିପଦ ଆଶଙ୍କା କରି ବାରମ୍ବାର ଅଭିଯୋଗ ପରେ ଦୀର୍ଘଦିନ ତଳେ ବିଦ୍ୟୁତ ବିଭାଗ ପକ୍ଷରୁ ଏହାର ଚତୁଃପାର୍ଶ୍ୱରେ ତାରବାଡ ବୁଲାଯାଇଥିଲା। ମାତ୍ର ରକ୍ଷଣା ବେକ୍ଷଣା ଅଭାବରୁ ସେ ସବୁ ନଷ୍ଟ ହୋଇ ମୁକୁଳା ପଡିଛି । ଯାହାଫଳରେ ବୁଲା ଗାଇଗୋରୁ ଖାଦ୍ୟ ଅନ୍ୱେଷଣରେ ତା ଭିତରକୁ ପ୍ରବେଶ କରି ବପଦରେ ପଡୁଛନ୍ତି । ଆହୁରି ମଧ୍ୟ ଏହି ଟ୍ରାନ୍ସଫର୍ମର ବାଟ ଦେଇ ପ୍ରତିଦିନ ଶହଶହ ଛାତ୍ରଛାତ୍ରୀ କଲେଜ ଯାଉଥିବା ବେଳେ ହଜାର ହଜାର ସଂଖ୍ୟାରେ ଦେଶ ବିଦେଶର ପର୍ଯ୍ୟଟକମାନେ ମଧ୍ୟ ଏହି ବାଟ ଦେଇ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ପୁରୀ ଯାଉଛନ୍ତି । ହେଲେ ଏହି ଟ୍ରାନ୍ସଫର୍ମର ଠାରୁ ମାତ୍ର ୨ ଶହ ମିଟର ଦୂରରେ ବିଦ୍ୟୁତ କାର୍ଯ୍ୟାଳୟ ରହିଥିଲେ ମଧ୍ୟ ବିଦ୍ୟୁତ ବିଭାଗର ଏଥିପ୍ରତି ଦୃଷ୍ଟି ପଡୁନି। ଏପରିକି ବାରମ୍ବାର ଅଭିଯୋଗ ପରେ ବି ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ନଦେବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଯେକୌଣସି ପରିସ୍ଥିତିରେ କିଛି ଦୁର୍ଘଟଣା ଏଡାଇବା ପାଇଁ ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

## ଗ୍ରାମବାସୀଙ୍କ ସହଯୋଗରେ ଅନ୍ତିମ ସଂସ୍କାର ସମ୍ପନ୍ନ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଗୁରୁବାର ବସ୍ତା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତ ସ୍ଥିତ ଠେଙ୍ଗୁଡ଼ିଆ ଗ୍ରାମର ଭଗବାନ ବେହେରା(୬୦ବର୍ଷ) ଦୀର୍ଘଦିନ ଧରି ଜଣ୍ଡିସ ଯୋଗୁଁ ଆକ୍ରାନ୍ତ ହୋଇ ବିଛଣାରେ ଅସୁସ୍ଥ ହୋଇ ପଡ଼ି ରହିଥିଲେ। ଆଜି ସକାଳ ସମୟରେ ଅତ୍ୟନ୍ତ କଷ୍ଟ ପାଇ ସେ ଦେହତ୍ୟାଗ କରିଥିଲେ। ତାଙ୍କର ୧୯ ବର୍ଷୀୟ ଏକମାତ୍ର ପୁତ୍ର ପବିତ୍ର ବେହେରା ଘରେ ଏକା ଥିବାରୁ ବାପାଙ୍କ ମୃତ୍ୟୁ ପରେ କ'ଣ କରିବେ କିଛି ଜାଣି ପାରି ନଥିଲେ। ଏହି ଖବର ସେହି ଗ୍ରାମର 'ମେ ଆଇ ହେଲ୍ପ ୟୁ ମୋ ପରିବାର'ର ସଦସ୍ୟ ରଞ୍ଜନ କୁମାର ବେହେରା ଜାଣିବା ପରେ ଶବ ସତ୍କାର ପାଇଁ ସମସ୍ତ ବ୍ୟବସ୍ଥା କରିବା ସହିତ ସଂଗଠନ ମୁଖ୍ୟ ଜଗନ୍ନାଥ ପରିଡାଙ୍କୁ ଜଣେଇ ଅବଗତ କରାଇବା ପରେ ଶବ ସତ୍କାର କାର୍ଯ୍ୟକ୍ରମରେ ମଧ୍ୟ ଉପସ୍ଥିତ ରହିଥିଲେ। ଶବ ସତ୍କାର ପାଇଁ ଏକ ସ୍ଥାୟୀ ଶବ ଗୃହ ସୁବିଧା ନଥିବାରୁ ତାଙ୍କୁ ରାଜଘାଟ ଓଭରବ୍ରିଜ ତଳେ ଶବ ସତ୍କାର କାର୍ଯ୍ୟ ସମ୍ପନ୍ନ ପାଇଁ ବ୍ୟବସ୍ଥା କରାଯାଇଥିଲା। ଏହି ମହାନ କାର୍ଯ୍ୟରେ ଗ୍ରାମବାସୀଙ୍କ ତରଫରୁ ୱାର୍ଡ଼ମେମ୍ବର କାମେଶ୍ୱର ଦାସ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ୩ ହଜାର ଟଙ୍କା ସାହାଯ୍ୟ ପ୍ରଦାନ କରିଥିଲେ। ଏତତ ବ୍ୟତୀତ ଶବଦାହ କାର୍ଯ୍ୟକ୍ରମରେ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ବୈଠକ

## ମୁଖ୍ୟ ପ୍ରବେଶପଥ ରାସ୍ତା ମରାମତି ଉପରେ ଗୁରୁତ୍ୱ



ପାରାଦୀପ, (ଭାସ୍କର ନ୍ୟୁଜ୍) : ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ଦୀର୍ଘ ସପ୍ତାହ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଛି। ପୂଜା ମହୋତ୍ସବ ଯେତିକି ପାଖେଇ ଆସୁଛି ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରତିକୂଳ ପାଗ ସତ୍ତ୍ୱେ ପ୍ରସ୍ତୁତି ଜୋରଦାର ହୋଇଛି। ତେବେ ଶାନ୍ତି ଶୃଙ୍ଖଳା ଏବଂ ସଫଳତାର ସହ ଏହି ମହୋତ୍ସବ ପାଳନ ପାଇଁ ସମସ୍ତ ପ୍ରସ୍ତୁତି ସମୀକ୍ଷା ପାଇଁ ବୁଧବାର ସନ୍ଧ୍ୟାରେ ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମିତି ରଞ୍ଜନ କରଙ୍କ ଅଧ୍ୟକ୍ଷତାରେ ପାରାଦୀପ ଆଦର୍ଶ ଥାନା ପରିସରରେ ଏକ ବିସ୍ତୃତ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ଏହି ଅବସରରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରାଦୀପ ବନ୍ଦର ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର, ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ, ମେରାଇନ ଥାନା ଅଧିକାରିଣୀ କଲ୍ୟାଣମୟୀ ଷେଣ୍ଡ ଓ ବବିତା ଦେଉରୀ ପ୍ରମୁଖଙ୍କ ସମେତ ବିଭିନ୍ନ ପୂଜା କମିଟିର ପ୍ରତିନିଧି ମାନେ ଉପସ୍ଥିତ ରହି ବିଭିନ୍ନ ପୂଜା ସଂକ୍ରାନ୍ତୀୟ ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପୂଜାରେ ଗମନାଗମନ ସୁବିଧା ପାଇଁ ଅଠରବାଙ୍କି ଠାରୁ ଦୋଛକି ପର୍ଯ୍ୟନ୍ତ ଜାତୀୟ ଓ ରାଜ୍ୟ ରାଜପଥକୁ ଯୁଦ୍ଧ କାଳୀନ ଭିତିରେ ମରାମତି କରାଯିବାକୁ ନେଇ ବିବିଏମ୍‌ଏସ୍ ୟୁନିୟନ ପୂଜା କମିଟିର ସଭାପତି ରାକେଶ କୁମାର ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ। ସେହିପରି ପୌରାଧକ୍ଷ ଶ୍ରୀ ବିଶ୍ୱାଳ ପରିବେଶ ସ୍ୱଚ୍ଛ ରଖିବା ସହିତ ପ୍ଲାଷ୍ଟିକ ଜିନିଷ ବ୍ୟବହାର ନକରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯିବା ନେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ କର ସୂଚନା ସୂଚନା ପ୍ରଦାନ କରିଥିଲେ। ତେବେ ଚଳିତବର୍ଷ ପୂଜା ମହୋତ୍ସବରେ ଅଧିକ ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ, ଜିଲ୍ଲା ଓ ପୌର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଥିବା ବେଳେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସକ୍ରିୟ ସହଯୋଗ କରାଯାଉଛି। ସେହିପରି ସପ୍ତାହ ବ୍ୟାପି ପୂଜା ମହୋତ୍ସବର ନିୟମିତ ଖବର ପ୍ରସାରଣ ପାଇଁ ସିନେମା ହଲ ନିକଟରେ ଏକ ସାମ୍ବାଦିକ ପ୍ରକୋଷ୍ଠ ଖୋଲାଯିବାର ବ୍ୟବସ୍ଥା ହୋଇଛି।

## ଗୋରୁଗାଈଙ୍କ ରାସ୍ତା ଅବରୋଧ ହଟାଇବା ଓ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଉପରେ ଗୁରୁତ୍ୱ : ନିଗମ କମିଶନର



ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ବୁଲା ଗୋରୁଗାଈଙ୍କ ରାସ୍ତା ଅବରୋଧ ଓ କୁକୁରଙ୍କ ପ୍ରାଦୁର୍ଭାବରେ ସହରବାସୀଙ୍କ ଜନଜିବନ ପ୍ରଭାବିତକୁ ଦୃଷ୍ଟିରେ ରଖି ସୋମବାର ଦିନ ମହାନଗର ନିଗମ ତରଫରୁ ଏକ ବୈଠକ ଡେପୁଟି କମିଶନର ତଥା ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା ଅଧିକରୀ ଆଶୀର୍ବାଦ ପରିଡ଼ାଙ୍କ ସଭାପତିତ୍ୱରେ ମହାନଗର ନିଗମ ସମ୍ମିଳିନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମହାନଗର ନିଗମ କମିଶନର ତଥା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଯୋଗଦେଇ ନିଗମ ଅଞ୍ଚଳରେ ୨୪ ଘଣ୍ଟିଆ ପଶୁ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ପାଇଁ ଗୁରୁତ୍ୱ ଦେବା ସହ ବୁଲା ଗୋରୁଗାଈଙ୍କ ରାସ୍ତାରେ ନ ଛାଡ଼ିବା ପାଇଁ ଗାଈ ମାଲିକଙ୍କୁ ତାଗିଦ୍ କରିଛି ବିଏମ୍‌ସି। ଏହାକୁ ଅମାନ୍ୟ କଲେ ଗାଈକୁ ଉଠାଯାଇ ଆଶ୍ରୟସ୍ଥଳୀ ଠାରେ ସାମୟିକ ଭାବେ ରଖାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆ ଯାଇଥିଲା। ୧୫ ଦିନ ମଧ୍ୟରେ ଗାଈ ମାଲିକ ତାଙ୍କ ଗାଈକୁ ନେବା ପାଇଁ ଆସିଲେ ଦୁଇ ହଜାର ଟଙ୍କା ଜରିମାନା ଦେବେ ଅନ୍ୟଥା ଉକ୍ତ ଗାଈକୁ ସେଠାରେ ଥିବା ଗୋଶାଳାକୁ ଚିର ଦିନ ପାଇଁ ହସ୍ତାନ୍ତର କରାଯିବ ବୋଲି ଚେତାବନୀ ଦିଆଯାଇଛି। ସେହିପରି ବୁଲା କୁକୁରଙ୍କ ପ୍ରାଦୁର୍ଭାବ ରୋକିବା ପାଇଁ ମହାନଗର ନିଗମ ତରଫରୁ କୁକୁର ଧରିବା ଗାଡ଼ିରେ ନେଇ ପଶୁ ଚିକିତ୍ସାଳୟରେ ଥିବା କୁକୁର କୋଠରୀ ଘରରେ ରଖିବା ସହ ସେମାନଙ୍କୁ ବନ୍ଧ୍ୟାକରଣ କରି ପୁଣି ଛାଡ଼ିଦେବାର ବ୍ୟବସ୍ଥା କରାଯିବ। ଏହି ବନ୍ଧ୍ୟାକରଣ କାର୍ଯ୍ୟ ସପ୍ତାହକୁ ଚାରି ଦିନ ଜାରି ରଖିବା ପାଇଁ କମିଶନର ରାଜେଶିର୍କେ ନିର୍ଦ୍ଦେଶ ଦେଇଛନ୍ତି। ଏହି କାମରେ ଯେ କୌଣସି ବ୍ୟକ୍ତି ଖିଲାପ କଲେ ତାହା ବିରୋଧରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମେୟର ସଂଘମିତ୍ରା ଦଳେଇ, ସହାୟକ ଆୟୁକ୍ତ ବିଭୁ ପ୍ରସାଦ ମହାପାତ୍ର, ନିଗମ କର୍ପୋରେଟର ଟି. କୋଷର କୁମାର ପାତ୍ର, ସଞ୍ଜୀତ ପାଣିଗ୍ରାହୀ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ଡୁଙ୍ଗୁଡୁଙ୍ଗ୍, କନିଷ୍ଠ ଯନ୍ତ୍ରୀ ସୃତିକା ପାତ୍ର, ସାବିତ୍ରୀ ପାଢ଼ୀ, ସହାୟକ କିରାଣୀ ସଞ୍ଜୁକ୍ତା ଜେନା, ବ୍ରହ୍ମପୁର ପ୍ରାଣୀ ସମ୍ପଦ ଚିକିତ୍ସାଧିକାରୀ ଡ. ସତ୍ୟ ନାରାୟଣ କର, ଅତିରିକ୍ତ ଜିଲ୍ଲା ପ୍ରାଣୀ ସମ୍ପଦ ଚିକିତ୍ସା ଅଧିକାରୀ ଡ. ବିଶ୍ୱଜିତ ରାଉତ, ଉପଖଣ୍ଡ ପ୍ରାଣୀ ସମ୍ପଦ ଚିକିତ୍ସା ଅଧିକାରୀ ଡ. ଅରବିନ୍ଦ ବେହେରା, ଏସପିସିଏ ତଥା ମହାନଗର ନିଗମ ଏବିସି କମିଟି ସଦସ୍ୟା ଲଲାଟେନ୍ଦୁ ଚୌଧୁରୀ, ଶ୍ରୀକୃଷ୍ଣ ଗୋଶାଳା ସମ୍ପାଦକ ସୁଶାନ୍ତ ବେହେରା, ପଶୁ ସହାୟିକା ସିଲୁ ପ୍ରଭା ରଥ, ସମାଜସେବୀ ତଥା ପଶୁପ୍ରେମୀ ଅନିଲ କୁମାର ଚୌଧୁରୀ, ଡାଟା ଏଣ୍ଟ୍ରି ଅପରେଟର ରାଜେଶ କୁମାର ବେହେରାଙ୍କ ସମେତ ମହାନଗର ନିଗମର ବହୁ କର୍ମଚାରୀ ଉପସ୍ଥିତ ଥିଲେ।



କଟକ(ଭାସ୍କର ନ୍ୟୁଜ): ଶୁକ୍ରବାର କଳା ବତୀ କଳା ନିକେତନ, ତାରିଣୀ ବିହାର, ବିଡାନାସୀ ସ୍ଥିତ କାର୍ଯ୍ୟାଳୟରେ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି। ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ବିଶ୍ୱନାଥ ମିଶ୍ରଙ୍କୁ ପ୍ରାୟ ତିରିଶ ଜଣ ଛାତ୍ରଛାତ୍ରୀ ପୂଜନ କରିଥିଲେ। ଏହାର ଉତ୍ତରରେ ଶ୍ରୀ ମିଶ୍ର କହିଥିଲେ ଯେ ସାମ୍ପ୍ରତିକ ପରିସ୍ଥିତିରେ ଗୁରୁ ମାନେ ଉତ୍ତମ ଛାତ୍ରଛାତ୍ରୀ ସୃଷ୍ଟି କରିପାରିଲେ ସମାଜ ସୁସଂଗଠିତ ତଥା ଶୃଙ୍ଖଳିତ ହେବ । ତବଲା ଗୁରୁ ତ୍ରିନାଥ ଜେନା ଛାତ୍ରଛାତ୍ରୀ ଙ୍କୁ ଭଲ ମଣିଷ ହେବା ଆବଶ୍ୟକ ବୋଲି କହିଥିଲେ। ଶ୍ରୁତି ସୁହାନୀ ଦାସ, ନିରୋଜ ନଳିନୀ ଦାସ, ଅଭିଜ୍ଞାନ ମହାପାତ୍ର, ଶୁଭଶ୍ରୀ ସେନାପତି, ରଶ୍ମିପ୍ରଭା ସାହୁ, ସାଇ ଶୁଭମ୍ ମହାନ୍ତି ପ୍ରମୁଖ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମ୍ପାଦକ ଦେବସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ପାଳିତ

## 'ଗୁରୁମାନେ ଆନ୍ତରିକତାର ସହ ଶିକ୍ଷାଦାନ କରିବାକୁ ପରାମର୍ଶ'

କଟକ(ଭାସ୍କର ନ୍ୟୁଜ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ପାଳିତ ହୋଇଯାଇଛି। ଏହି ସମାରୋହ ଉତ୍ସବରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଗୁରୁ ଦିବସ ପାଳନ କରାଯିବା ତାତ୍ପର୍ଯ୍ୟ ତଥା ପ୍ରାଚୀନ ସମୟରୁ ଗୁରୁକୁଳରେ ଶିକ୍ଷାଦାନର ବିଶେଷତ୍ୱ ଏବଂ ଶିକ୍ଷାଦାନ କ୍ଷେତ୍ରରେ ବର୍ତ୍ତମାନ ସମୟରେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର କିଭଳି ଗୁରୁ ଦାୟିତ୍ୱ ରହିଛି ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶିକ୍ଷକ ଶିକ୍ଷୟତ୍ରୀ ମାନେ ଆନ୍ତରିକତାର



ସହିତ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ ପ୍ରଦାନ କରି ସେମାନଙ୍କ ଭବିଷ୍ୟତ ଗଢ଼ିବା ସହ ସେମାନଙ୍କର ପାରିପାର୍ଶିକ ଅଗ୍ରଗତିରେ ନିଜକୁ ସାମିଲ କରିବା ନେଇ ମତବ୍ୟକ୍ତ କରିଥିଲେ। ଗୁରୁ ଶିଷ୍ୟ ପରମ୍ପରା ସମ୍ବନ୍ଧରେ ମତରଖି ଜିଲ୍ଲାପାଳ ଶିକ୍ଷା ପାଠ୍ୟକ୍ରମ ତଥା ଜିଲ୍ଲାରେ ମିଶନ ମେରିଟ କାର୍ଯ୍ୟକ୍ରମ ଏବଂ ପ୍ରତିଭା ଅନ୍ୱେଷଣ ପାଇଁ ଶିକ୍ଷକ ଶିକ୍ଷୟତ୍ରୀ ମାନେ ନିଷ୍ଠାର ସହ ଦାୟିତ୍ୱବୋଧ ଭାବେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ୍ ଏହି ସମାରୋହରେ ସଭାପତିତ୍ୱ କରି ଆଜିର ଉତ୍ସବକୁ ଏକ ପ୍ରତୀକ ବୋଲି ବିବେଚନା କରି ଗୁରୁଦିବସ ପାଳନ ସହ ଶିକ୍ଷାଦାନ, ଜୀବନଦାନ ସହ ତୁଳନା କରି ଏଥିରେ କିପରି ଆତ୍ମା ଅନୁଭୂତି କରିହୁଏ ତଥା ଶିକ୍ଷିତ ସମାଜ ଗଠନରେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର କିପରି ଭୂମିକା ରହିଛି ସେ ଦିଗରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ, ନିରଞ୍ଜନ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମନୋରନ ବାରିକ, ସନ୍ତୋଷ କୁମାର ସେଠୀ, ଅଭିଜିତା ଭାସ୍କର ପ୍ରମୁଖ ସମାରୋହରେ ଯୋଗଦେଇ ଗୁରୁଦିବସ ପାଳନ, ଶିକ୍ଷା ପଦ୍ଧତି ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଉପସ୍ଥିତ ଥିବାବେଳେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଦେବପ୍ରସାଦ ତ୍ରିପାଠୀ ଓ ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ଜିଲ୍ଲା ନୋଡାଲ ଅଧିକାରୀ ବିଭୂଦତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମାରୋହରେ ଆୟୋଜିତ ସଭାକୁ ପହଙ୍ଗା ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ସରିତା ଦାଶ ଓ କମଳାକାନ୍ତ ବିଦ୍ୟାପୀଠର ଶିକ୍ଷୟତ୍ରୀ ସୁମନ ପ୍ରତିହାରୀ ସଂଯୋଜନା କରିଥିଲେ । ଉକ୍ତ ଉତ୍ସବରେ ଜିଲ୍ଲାର ୫୩ ଜଣ କୃତି ଶିକ୍ଷକ ଓ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ମାନଙ୍କୁ ସମ୍ମାନିତ କରାଯାଇ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା କାର୍ଯ୍ୟାଳୟ କର୍ମଚାରୀଙ୍କ ସହ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ସହୋଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ରେଭେନ୍ସା କଲିଜିଏଟ ସ୍କୁଲର ଛାତ୍ରଛାତ୍ରୀ ଓ ସାଲେପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷାକର୍ମୀ ସୀମାଞ୍ଚଳ ସାହୁ ସହଯୋଗ କରିଥିଲେ।

## ସହରରେ ଚାଲିବ ହଜାରେ ଇ-ବସ୍, ରହିବ ଐତିହ୍ୟ ଛାପ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସହରରେ ୧୦୦୦ ଇ-ବସ ଚାଲିବ। ପରିବେଶ ସୁରକ୍ଷା ପାଇଁ ଇ-ବସ ଅଧିକରୁ ଅଧିକ ଚାଲିବ। ବିଭାଗ ଆହୁରି ୨୦୦ ବସ ଆଣିବ । ପ୍ରଧାନମନ୍ତ୍ରୀ ଆହୁରି ୪୦୦ ବସ ପଠେଇବାର ଅଛି। ଆମ ପାଖେ ୪୦୦ ବସ ଆଗରୁ ଅଛି। ତେଣୁ ପାଖା ପାଖି ୧୦୦୦ ବସର ପରିକଳ୍ପନା ହୋଇଛି। ଖୁବଶୀଘ୍ର ଏହା କାର୍ଯ୍ୟକାରୀ ହେବ। ଏବେ ୨୫ଟି ଇ ବସ ଆସିବ, ସମ୍ବଲପୁର ପଠାଯିବ। ପୁଣି ପର୍ଯ୍ୟାୟ କ୍ରମେ ଅନ୍ୟ ବସ ଆସିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ସେହିପରି ଇ-ବସରେ ରହିବ ଐତିହ୍ୟ ଛାପ । ଐତିହ୍ୟ ସୁରକ୍ଷା ପାଇଁ ଆମ ସରକାର ପ୍ରତିବଦ୍ଧ। କୋଟି କୋଟି ଖର୍ଚ୍ଚ କରାଯାଉଛି ଐତିହ୍ୟ ପାଇଁ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ୧୦% ରିହାତି ଲୋକଙ୍କ ପାଇଁ ମହିଳାଙ୍କ ପାଇଁ ୧୫ ପ୍ରତିଶତ ଛାଡ ଦିଆଯାଉଛି। ଷ୍ଟିକର ପାଇଁ ଖାଲି କାମ ହେଉନାହିଁ, ରେଭିନ୍ୟୁ ପାଇଁ ମଧ କାମ ହେଉଛି। ତେଣୁ ପଇସା ଆସିଲେ ପଇସା ଲୋକଙ୍କ କାମରେ ଲାଗିବ। ଷ୍ଟିକର ଗୁରୁତ୍ୱ ରଖେ ନାହିଁ ବୋଲି ସେ କହିଛନ୍ତି ।

## ସୁନ୍ଦରପଦାରୁ ଜଟଣୀ ରାସ୍ତାର ସ୍ଥିତି ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୁନ୍ଦରପଦା ଠାରୁ ଜଟଣୀ ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତାର ସ୍ଥିତି ଅନୁଧ୍ୟାନ କରିଥିଲେ । ସାଧାରଣ ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ରାସ୍ତା ନିର୍ମାଣ କାର୍ଯ୍ୟ କିପରି ଶୀଘ୍ର ଶେଷ ହୋଇପାରିବ ସେଥିନେଇ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ, ଠିକାସଂସ୍ଥା ଏବଂ ଅଞ୍ଚଳବାସୀଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ । ମୋଟ ୧୩.୫ କିଲୋମିଟର ଦୀର୍ଘ ଏହି ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ଚାରି ଲେନ କରିବା ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ନିର୍ମାଣାଧୀନ ରାସ୍ତା ପ୍ରଶସ୍ତିକରଣ ସମୟରେ ଆସୁଥିବା ସମସ୍ୟା ଯେପରିକି ଡ୍ରେନଏଜ, ସ୍ୱରେଜ, ଇଲେକଟ୍ରିଫିକେସନ ୟୁଟିଲିଟି ଆଦିର କାର୍ଯ୍ୟ ଶୀଘ୍ର ଶେଷ କରିବା ନେଇ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନଙ୍କ ସହିତ ମନ୍ତ୍ରୀ ଆଲୋଚନା କରିଥିଲେ । ଏଥି ସହିତ ୨୦୨୫ ନଭେମ୍ବର ଶେଷ ସୁଦ୍ଧା ପୁରା ରାସ୍ତାର ନିର୍ମାଣ ଶେଷ କରିବା ପାଇଁ ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀ ମାନଙ୍କୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଥିଲେ।

### କେନାଲରେ ଭାସିଗଲେ ନାବାଳକ ଅଚେତ ଅବସ୍ଥାରେ ଉଦ୍ଧାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦାରୁଠେଙ୍ଗ ଗ୍ରାମ ନିକଟରେ ଅଘଟଣ। ଗାଧୋଇବା ବେଳେ କେନାଲରେ ଭାସିଗଲେ ନାବାଳକ ଛାତ୍ର, ଅଚେତ ଅବସ୍ଥାରେ ଉଦ୍ଧାର କଲେ ଅଗ୍ନିଶମ ବାହିନୀ। ଦାରୁଠେଙ୍ଗ କେନାଲକୁ ୮ଜଣ ଗାଧେଇବାକୁ ଯାଇଥିବା ବେଳେ ଜଣେ ଭାସିଯାଇଥିଲେ। ତେବେ ଏକ ଘଣ୍ଟାର ସର୍ଚ୍ଚ ଅପରେସନ ପରେ ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀ କେନାଲରୁ ନାବାଳକଙ୍କୁ ଉଦ୍ଧାର କରିଛନ୍ତି। ଅଚେତ୍ ଅବସ୍ଥାରେ ନିକଟସ୍ଥ ମେଡିକାଲ ପଠାଛନ୍ତି ଅଗ୍ନିଶମ ବାହିନୀ।

### ଦୁର୍ଗା ପୂଜା ପୂର୍ବରୁ ମରାମତି ହେବ ସହରାଞ୍ଚଳ ରାସ୍ତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦୁର୍ଗା ପୂଜା ପୂର୍ବରୁ ସହରାଞ୍ଚଳର ସମସ୍ତ ଖାଲ, ଖମା ରାସ୍ତା ସଜଡ଼ା ଯିବ ସେ ନେଇ ବିଭାଗ ପ୍ରସ୍ତୁତ ଅଛି । ମୁଖ୍ୟମନ୍ତ୍ରୀଙ୍କର ମଧ ନିର୍ଦ୍ଦେଶ ରହିଛି। ପିଡବ୍ଲୁଡି, ଆରଡି ଏବଂ ଆମ ବିଭାଗ ସେଥିରେ ସକ୍ରିୟ ଭାବେ ସଜାଗ ଅଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ନିଷ୍ପତି ସରିଛି, ମୁଖ୍ୟମନ୍ତ୍ରୀ ମଧ ମୁକୁଳା ଡ୍ରେନ ତୁରନ୍ତ କାମ କରିବାକୁ ଗୁରୁତ୍ୱ ସହ କହିଛନ୍ତି। ସେ ଉପରେ କାମ ଚାଲିଛି। ପୂଅର୍ବରୁ ବିଭାଗରେ ସମନ୍ୱୟ ନଥିଲା। ଏବେ ସମସ୍ତ ବିଭାଗ ସହ ଆମେ ସମନ୍ୱୟ ରଖି ଲୋକଙ୍କ ସେବା ପାଇଁ ଆମେ କାମ କରୁଛୁ ବୋଲି ମନ୍ତ୍ରୀ କହିଛନ୍ତି ।

## ସରକାରୀ ଅଫିସରେ ବିଏସ୍‌ଏନ୍‌ଏଲ୍ ନେଟୱାର୍କ ବ୍ୟବହାର ବାଧ୍ୟତାମୂଳକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସରକାରୀ ଅଫିସରେ ବିଏସଏନଏଲ ନେଟୱାର୍କ ବ୍ୟବହାର ବାଧ୍ୟତାମୂଳକ ହେବ। ଏନେଇ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି ରାଜ୍ୟ ସରକାର। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ସବୁ ବିଭାଗକୁ ଆଇଟି ଓ ଇଲେକ୍ଟ୍ରୋନିକ୍ସ ବିଭାଗ ଚିଠି ଲେଖିଛି। ଏଣିକି ସମସ୍ତ ସରକାରୀ ପ୍ରତିଷ୍ଠାନରେ ବିଏସଏନଏଲ ଇଣ୍ଟରନେଟ ବ୍ୟବହାର ହେବ। ଏଥିସହ ବିଏସଏନଏଲ ବ୍ରଡ଼ ବ୍ୟାଣ୍ଡ, ଲ୍ୟାଣ୍ଡଲାଇନ ଓ ଲିଜ ଲାଇନ ବ୍ୟବହାର ହେବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ନିର୍ଦ୍ଦେଶାବଳୀ ଜାରିକଲା ସମବାୟ ବିଭାଗ। ରାଜ୍ୟର ସମସ୍ତ ଡିଆରସିଏସ୍, ଏଆରସିଏସ୍‌ଙ୍କୁ ସମବାୟ ନିର୍ଦ୍ଦେଶକ ଚିଠି ଲେଖିଛନ୍ତି। ଏନେଇ ଆସନ୍ତା ୩୦ ସେପ୍ଟେମ୍ବର ୨୦୨୫ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଛି।

## ଗୁରୁ ଦିବସରେ ସମସ୍ତ ଶିକ୍ଷକଙ୍କୁ ନମନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗୁରୁ ଦିବସରେ ସମସ୍ତ ଶିକ୍ଷକମାନଙ୍କୁ ନମନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଗୁରୁ ଦିବସର ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଦେଶର ପୂର୍ବତନ ରାଷ୍ଟ୍ରପତି ଓ ବିଖ୍ୟାତ ଶିକ୍ଷାବିଦ୍ ଭାରତରତ୍ନ ଡ଼ଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାପୂର୍ବକ ନମନ କରୁଛି। ଏହାସହ ସମାଜକୁ ଦିଗ ଦେଇଥିବା, ଜୀବନକୁ ମୂଲ୍ୟ ଦେଇଥିବା ଓ ଅଜ୍ଞାନକୁ ଦୂର କରି ଜ୍ଞାନର ଦୀପ ପ୍ରଜ୍ୱଳିତ କରୁଥିବା ସମସ୍ତ ଗୁରୁଜନଙ୍କୁ ଶିକ୍ଷକ ଦିବସର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି। ଶିକ୍ଷକମାନେ କେବଳ ପାଠ ପଢ଼େଇବାରେ ସୀମିତ ନରହି ଆମକୁ ଚିନ୍ତନ ଶୈଳୀ, ଜୀବନ ଜୀବନ୍ତ କରିବାର କଳା ଓ ଦେଶପ୍ରତି ଦାୟିତ୍ୱବୋଧ ଶିଖାନ୍ତି।

## ୧୧ ଜଣ ବିଦ୍ୱାନଙ୍କୁ ଗୁରୁ ଗୌରବ ସମ୍ମାନ ପ୍ରଦାନ



କଟକ(ଭାସ୍କର ନ୍ୟୁଜ): ଉତ୍କଳ ବିଦ୍ୟା ଗୌରବ ପରିଷଦ ପକ୍ଷରୁ ପବିତ୍ର ଗୁରୁ ଦିବସ ପାଳନ କଟକର ଟାଉନ ହଲ ରୋଡ ସ୍ଥିତ କର୍ମବୀର ଗୌରୀଶଙ୍କର ରାୟ ସମ୍ମିଳନୀ କକ୍ଷରେ ପାଳନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ ପରମହଂସ ସ୍ୱାମୀଜୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ।ମୁଖ୍ୟ ଅତିଥି ଭାବେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଓଁକାର ନାଥ ମହାନ୍ତି ଏବଂ ମୁଖ୍ୟ ବକ୍ତା ଭାବେ ସାରଳା ସାହିତ୍ୟ ସଂସଦର ସମ୍ପାଦକ ଡାକ୍ତର ନିରଞ୍ଜନ ତ୍ରିପାଠୀ ଯୋଗ ଦେଇ ଗୁରୁ- ଶିଷ୍ୟ ସଂପର୍କର ମହତ୍ୱ ଉପରେ ମତାମତ ପ୍ରଦାନ କରିଥିଲେ। ସେହିପରି ବିଶିଷ୍ଟ ଅତିଥି ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବିରଞ୍ଜନ ସାହୁ, ବିଶିଷ୍ଟ ଅତିଥି ଭାବେ ସମାଜ ଖବର କାଗଜର ପୂର୍ବତନ ସଂପାଦକ ତଥା ବିଶିଷ୍ଟ ସାହିତ୍ୟିକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗ ଦେଇ ଥିଲେ। ସମ୍ମାନୀତ ବକ୍ତା ଭାବେ କ୍ୟାନସର ବିଭାଗର ପ୍ରଫେସର ଡାକ୍ତର ଦୀପ୍ତି ରାଣୀ ସାମନ୍ତ, ସମ୍ମାନୀତ ଅତିଥି ଭାବେ ଆଡ଼ଭୋକେଟ୍ ଗୋକୁଳାନନ୍ଦ ପଟ୍ଟନାୟକ ଏବଂ ବରେଣ୍ୟ ଅତିଥି ଭାବେ ସନ୍ୟାସିନୀ ବିଦ୍ୟୁତ କୁମାରୀ ଲାଲା ପ୍ରମୁଖ ଯୋଗଦେଇ ଭାରତୀୟ ପରମ୍ପରାରେ ଗୁରୁ ଦିବସର ମହତ୍ୱ ବିଷୟ ରେ ମତାମତ ପ୍ରଦାନ କରିଥିଲେ। ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ପରିଷଦର ସଭାପତି ପ୍ରଫେସର ଡକ୍ଟର ନଟବର ଶତପଥୀ । ପ୍ରଥମେ ପ୍ରାରମ୍ଭିକ ସୂଚନା ଦେଇଥିଲେ ପରିଷଦର ସଂପାଦକ ଅଧ୍ୟାପକ ଅଶୋକ କୁମାର ପଣ୍ଡାଏବଂ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିରେ ରାଜୀବ ଲୋଚନ ଷଡଙ୍ଗୀ । ଏହି ଅବସରରେ ୧୧ଜଣ ବିଦ୍ୱାନଙ୍କୁ ଗୁରୁ ଗୌରବ ସମ୍ମାନ-୨୦୨୫ ପ୍ରଦାନ କରିଥିଲେ । ସଭାକାର୍ଯ୍ୟ ପରିଚାଳନା ରେ ଅଧ୍ୟାପକ କିଶୋର ଚନ୍ଦ୍ର ଦାସ, ଶିକ୍ଷାବିତ ଶ୍ରୀ ସନ୍ତୋଷ କୁମାର ଖଟୁଆ, ଶିକ୍ଷାବିତ୍ ଚିତ୍ତ ରଞ୍ଜନ ପରିଡା, ଶିକ୍ଷାବିତ୍ ଗଣେଶ୍ୱର ନାୟକ, ଆଡଭୋକେଟ ବିଭୂତି ଭୂଷଣ ରାଉତ ପ୍ରମୁଖ ସାହାଯ୍ୟ କରିଥିଲେ । କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ଛାତ୍ରଛାତ୍ରୀ ମାନଙ୍କୁ ଏହି ଅବସରରେ ସମ୍ମାନୀତ କରାଯାଇଥିଲା। ଶେଷରେ ଅଧ୍ୟାପକ ଡ. କ୍ଷୀରୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଭତ୍ତା ପାଇଁ ବୟସ ଜାଲିଆତି କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭତ୍ତା ପାଇଁ ବୟସ ଜାଲିଆତି କଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଭତ୍ତା ପାଇଁ ବୟସ ଜାଲିଆତି କରୁଥିବା ଲୋକଙ୍କ ଉପରେ ତର୍ଜମା ଚାଲିଛି। ତନ୍ନ ତନ୍ନ ଯାଞ୍ଚ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ଯିଏ ଭତ୍ତା ପାଇବାକୁ ଯୋଗ୍ୟ ତାଙ୍କୁ ଚିହ୍ନଟ କରାଯାଇ ଭତ୍ତା ଦିଆଯିବ। ଅଯୋଗ୍ୟ ହିତାଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

### ଗୁରୁଙ୍କ ଆଶୀର୍ବାଦ ଜୀବନରେ ଶ୍ରେଷ୍ଠ: ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗୁରୁ ଦିବସରେ ସମସ୍ତ ଗୁରୁଙ୍କୁ ନମନ କରିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଗୁରୁଙ୍କ ଆଶୀର୍ବାଦ ଜୀବନରେ ଶ୍ରେଷ୍ଠ ବୋଲି ସେ କହିଛନ୍ତି । ଡ.ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପ୍ରତି ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି।

## ଭିଏସ୍‌ଏସ୍ ନଗର ଡାକ୍ତରଖାନାରେ ଗୁରୁ ଦିବସ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭିଏସ୍‌ଏସ୍ ନଗର ଡାକ୍ତରଖାନାର ଯୋଗ ଶିବିରରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଗୁରୁ ଦିବସ ଉପଲକ୍ଷେ ଡାକ୍ତରଖାନାରେ ଅତିଥୀ ଭାବେ ଡାକ୍ତର ଲକ୍ଷ୍ମଣ କୁମାର ସାହୁ ଯୋଗଦେଇ ଯୋଗ ଗୁରୁ ରିତା ନାୟକଙ୍କୁ ସମ୍ମାନୀତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି, ଇଂ ଧନେଶ୍ୱର ନାୟକ, ସୁନିତା ସରକାର, ଆଦିତ୍ୟ ନାରାୟଣ ପଣ୍ଡା, ଅନୁସୟା ସାହୁ, ଚିଦାନନ୍ଦ ମାଝି, ଉମାକାନ୍ତ ପୁହାଣ ଓ ଦେବାଶିଷ ପାତ୍ର ଆଦି ଯୋଗ ଦେଇଥିଲେ ।

### ଗୁରୁଙ୍କ ଭୂମିକା ସର୍ବଦା ବନ୍ଦନୀୟ: ମୁକେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗୁରୁ ଦିବସରେ ସମସ୍ତ ଗୁରୁଙ୍କୁ ପ୍ରଣାମ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାରେ ସମସ୍ତ ଗୁରୁଙ୍କ ଭୂମିକା ସର୍ବଦା ବନ୍ଦନୀୟ ବୋଲି ସେ କହିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ପବିତ୍ର ଗୁରୁ ଦିବସ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଏହି ଅବସରରେ ସମସ୍ତ ଗୁରୁଙ୍କୁ ମୋର ପ୍ରଣାମ ଜଣାଉଛି। ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ନିଜର ଜ୍ଞାନର ଅଲୋକ ଦ୍ୱାରା ମାର୍ଗଦର୍ଶକ ଭାବେ ସମାଜକୁ ସତ ମାର୍ଗ ଦେବା ଏବଂ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାରେ ସମସ୍ତ ଗୁରୁଙ୍କ ଭୂମିକା ସର୍ବଦା ବନ୍ଦନୀୟ।

## କଟକ ନଗର କଂଗ୍ରେସ ସଭାପତି ଚୟନରେ ଦ୍ୱିତୀୟ ଦିନର ମତାମତ ସଂଗ୍ରହ



କଟକ(ଭାସ୍କର ନ୍ୟୁଜ): କଟକ ନଗର କଂଗ୍ରେସ ସଭାପତି ଚୟନ ପାଇଁ ଆଜି ତୃତୀୟ ଦିନରେ ମଧ ସଂଗଠନ ଶ୍ରୀଜନ ଅଭିଯାନ ଜରିଆରେ ଅଖିଳ ଭାରତ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକ ସରକାରର ମୁଖ୍ୟ ସଚେତକ ସଲିମ ଅହମ୍ମଦ ତୃଣମୂଳ ସ୍ତରରୁ ମତାମତ ସଂଗ୍ରହ କରିଛନ୍ତି। ଆଜି କଟକ ନଗର କଂଗ୍ରେସର ବ୍ଲକ-୭, ବ୍ଲକ-୮ ଓ ବ୍ଲକ-୯ ଅନ୍ତର୍ଗତ ୨୦ଟି ୱାର୍ଡର ସମସ୍ତ ବରିଷ୍ଠ କଂଗ୍ରେସ ନେତା, କର୍ପୋରେଟର, ପୂର୍ବତନ କର୍ପୋରେଟର, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି, ୱାର୍ଡ ସଭାପତି, ପୂର୍ବତନ ୱାର୍ଡ ସଭାପତି, ୱାର୍ଡ ମହିଳା କଂଗ୍ରେସ ସଭାନେତ୍ରୀ, ୱାର୍ଡ ଯୁବ କଂଗ୍ରେସ ସଭାପତି, ୱାର୍ଡ ଛାତ୍ର ସଭାପତି, କଂଗ୍ରେସ କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ପୂଜା କମିଟିର ସଭାପତି ଓ ସଂପାଦକ ଓ ଏସ୍‌ଏଚ୍‌ଜି ମହିଳା ଗୃପମାନଙ୍କ ସହ ପାଖାପାଖି ୫୦୦ରୁ ଉର୍ଦ୍ଧ୍ୱ କର୍ମୀଙ୍କୁ ଭେଟି ଆଲୋଚନା ଓ ମତାମତ ଗ୍ରହଣ କରିଛନ୍ତି । ଆସନ୍ତାକାଲି ମଧ ବ୍ଲକ- ୪, ବ୍ଲକ-୫ ଓ ବ୍ଲକ-୬ କଂଗ୍ରେସ ଅନ୍ତର୍ଗତ ସମସ୍ତ ୱାର୍ଡ ଲୋକଙ୍କ ସହିତ ଭେଟି ଆଲୋଚନା କରିବେ । ଏଥିରେ ପିସିସି ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଉଚ୍ଛବ ସାହୁ ଓ ସତ୍ୟବ୍ରତ ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ଅବହେଳିତ ନିଷ୍ପେସିତ ମହିଳାଙ୍କ ସ୍ୱର ହେବ ମହିଳା ବିଜେଡି: ସ୍ନେହାଙ୍ଗିନୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଭାବେ ନିଯୁକ୍ତି ପାଇବା ପରେ ସ୍ନେହାଙ୍ଗିନୀ ଛୁରିଆ ଆଜି ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନରେ ରାଜ୍ୟ ବିଜେପି ସରକାର ବିଫଳ ହୋଇଛନ୍ତି ବୋଲି କହିଛନ୍ତି । ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଉଥିବା ବେଳେ, ବିଜୁ ମହିଳା ଜନତା ଦଳ ରାଜ୍ୟର ଅବହେଳିତ ଓ ନିଷ୍ପେସିତ ମହିଳାଙ୍କ ସ୍ୱର ହେବ ଓ ତାଙ୍କ ନ୍ୟାୟ ପାଇଁ ଲଢେଇ କରିବ ବୋଲି କହିଛନ୍ତି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସ୍ନେହାଙ୍ଗିନୀ ଛୁରିଆ ପ୍ରଥମେ ତାଙ୍କୁ ପୁଣିଥରେ ଦଳର ମହିଳା ସଭାନେତ୍ରୀ ଭାବେ ଦାୟିତ୍ୱ ଦେଇଥିବାରୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ । ଗତ ୧୫ ମାସର ବିଜେପି ଶାସନରେ ରାଜ୍ୟର ମହିଳାମାନେ ଅସୁରକ୍ଷିତ ହୋଇପଡିଛନ୍ତି ଓ ମହିଳାଙ୍କ ସମ୍ମାନ କ୍ଷୁଣ୍ଣ ହୋଇଛି । ବିଜେପି ସରକାରଙ୍କ ୧୫ ମାସର ଶାସନ ସମୟରେ, ମହିଳା ମାନଙ୍କୁ ସମାଜରେ ପ୍ରତିଷ୍ଠା ଓ ସମ୍ମାନ ଦେଉଥିବା କାର୍ଯ୍ୟକ୍ରମ ମିଶନ ଶକ୍ତି ଏବେ ବନ୍ଦ ହେବାକୁ ବସିଲାଣି । ଏହାଛଡା ପ୍ରାୟ ୪ ହଜାର ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି ଓ ରାଜ୍ୟରେ ପ୍ରାୟ ୧୫ ଜଣ ମହିଳା ପ୍ରତିଦିନ ଦୁଷ୍କର୍ମର ଶିକାର ହେଉଛନ୍ତି । ସମ୍ମିଳନୀରେ ଦଳର ମହିଳା ବ୍ୟାପାର ଦାୟିତ୍ୱ ପ୍ରଦାନ କରାଯାଇଥିବା ନେତ୍ରୀମାନେ ଯଥା ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ରାଜଶ୍ରୀ ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟସଭା ସାଂସଦ ତଥା ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ସୁଲତା ଦେଓ, ମେୟର ତଥା ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ସୁଲୋଚନା ଦାସ, ପୂର୍ବତନ ସାଂସଦ ତଥା ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ଶର୍ମିଷ୍ଠା ସେଠୀ, ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ଲୋପାମୁଦ୍ରା ବକ୍ସିପାତ୍ର, ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ମିନତୀ ବେହେରା, ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ଗୀତାଞ୍ଜଳି ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ ।

### ୩୧ତମ ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଆରମ୍ଭ

## ଗୁରୁବ୍ରହ୍ମା ଗୁରୁର୍ବିଷ୍ଣୁଃ ଗୁରୁର୍ଦ୍ଦେବୋ ମହେଶ୍ୱରଃ...

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କଳାତ୍ମକ ଉତ୍କର୍ଷତା ହାସଲ କରିବାରେ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଏକ ଉନ୍ନତ ପ୍ରଦର୍ଶନକୁ ସ୍ମରଣ କରି, ସୃଜନ-ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ୭ଟାରେ ରବୀନ୍ଦ୍ର ମଣ୍ଡପରେ ୩୧ତମ ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ୨୦୨୫ଆୟୋଜିତ ହେବ। ଏହି ପୁରସ୍କାର ମହୋତ୍ସବ ସ୍ୱର୍ଗତ ଓଡିଶୀ ନୃତ୍ୟ ବିଶାରଦ ଏବଂ ପଦ୍ମ ବିଭୂଷଣ ପୁରସ୍କାରପ୍ରାପ୍ତ ଗୁରୁ କେଲୁଚରଣ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଦୃଷ୍ଟିକୋଣକୁ ପାଳନ କରିବାରେ ଅଟଳ ରହିଛି ଯାହା ଦ୍ୱାରା ପ୍ରଦର୍ଶନ କଳାକୁ ସର୍ବୋତ୍ତମ ଭାବରେ ପାଳନ କରି ଅମୂଲ୍ୟ ଐତିହ୍ୟ ପ୍ରତି ଗଭୀର ପ୍ରଶଂସା ଜାଗ୍ରତ କରିପାରିବ। ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ



ସିଂ, ଓଡ଼ିଶାର ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ତଥା ନାଟ୍ୟ ବ୍ୟକ୍ତିତ୍ୱ ଅନନ୍ତ ମହାପାତ୍ର, ପୂର୍ବତନ ରାଜସ୍ୱ ପରିଷଦର ଅଧ୍ୟକ୍ଷ ତଥା ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ରସ୍ୱାଧୀନ ନିର୍ଦ୍ଦେଶକ ଅଶୋକ କୁମାର ତ୍ରିପାଠୀ, ଉତ୍କଳ ମାନୁଫାକଚରିଂ ଆଣ୍ଡ୍ ସର୍ଭିସେସ୍ ଲିମିଟେଡ୍‌ର ଉପାଧ୍ୟକ୍ଷ ଏବଂ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ପରମିତା ପଣ୍ଡାଏବଂ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିଜ ଷ୍ଟଡିଜ୍ ଅଧ୍ୟାପକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ହେବା ସହିତ ସୃଜନମୂଳକ ବକ୍ତବ୍ୟ ରଖି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଉଦଘାଟନୀ ସନ୍ଧ୍ୟା ସୁଜାତା ମହାପାତ୍ର ଏବଂ ସୁଶ୍ରୀ ପ୍ରୀତିଶା ମହାପାତ୍ରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ସହିତ ଆରମ୍ଭ ହୋଇଥିଲା, ଯେଉଁମାନେ ଏକ ଚମତ୍କାର ମା-ଝିଅ ଯୋଡିରେ ନୃତ୍ୟ ପ୍ରସ୍ତୁତ କରିଥିଲେ । ସେମାନେ 'ଗୁରୁବ୍ରହ୍ମା ଗୁରୁର୍ବିଷ୍ଣୁଃ ଗୁରୁର୍ଦ୍ଦେବୋ ମହେଶ୍ୱରଃ, ଗୁରୁଃ ସାକ୍ଷାତ୍ ପରବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ' ପବିତ୍ର ଶ୍ଳୋକ ପରେ ସର୍ବଶକ୍ତିମାନ, ଗୁରୁ ଏବଂ ପରବ୍ରହ୍ମଙ୍କ ପ୍ରତି ଏକ ଶ୍ରଦ୍ଧାପୂର୍ଣ୍ଣ ଆବାହନ ସହିତ ନୃତ୍ୟ ଆରମ୍ଭ କରିଥିଲେ। ଏହା ପରେ ସେମାନେ ସତ୍ୟକାମ ଜାବାଲା, ଛନ୍ଦୋଗ୍ୟୋପନିଷଦର ଏକ ହୃଦୟଙ୍ଗମ କାହାଣୀ ଯାହା ଆତ୍ମ-ସାକ୍ଷାତ ଆଡ଼କୁ ବ୍ୟକ୍ତିର ଯାତ୍ରାରେ ସତ୍ୟ ଏବଂ ସମର୍ପଣକୁ ପାଳନ କରେ ପ୍ରସ୍ତୁତ କରିଥିଲେ । ଏହା ପରେ ବିମ୍ବାବତୀ ଦେବୀ ଏବଂ ତାଙ୍କ ଦଳ, ମଣିପୁରୀ ନର୍ତନାଳୟ, ଦେବତାମୟୀ-ଦେବତାଙ୍କ ଆତ୍ମା ଉପସ୍ଥାପନ କରିଥିଲେ। ବିମ୍ବାବତୀ ଦେବୀ, ଜଣେ ବହୁମୁଖୀ ମଣିପୁରୀ ପ୍ରଦର୍ଶକ ପୁଙ୍ଗ (ମଣିପୁରୀ ମୃଦଙ୍ଗ) ଏବଂ ମଣିପୁରର ପାରମ୍ପରିକ ସାମରିକ କଳା ଥାଙ୍ଗ୍ ତାରେ ମଧ ଦକ୍ଷ। ସେ ବର୍ତମାନ ମଣିପୁରୀ ନୃତ୍ୟର ବିଭିନ୍ନ ଦିଗକୁ ଅନୁସନ୍ଧାନ କରୁଥିବା ପରୀକ୍ଷାମୂଳକ ନୃତ୍ୟ ନିର୍ଦ୍ଦେଶନାରେ ନିୟୋଜିତ ଅଛନ୍ତି। ଦେବୀପ୍ରସାଦ ମିଶ୍ରଙ୍କ ଦ୍ୱାରା କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସହିତ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ସମଗ୍ର ଉତ୍ସବଟିକୁ ସଂକଳ୍ପିତ ଏବଂ ପରିକଳ୍ପନା କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଡଃ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



## ରାଜ୍ୟରେ ଅସୁରକ୍ଷିତ ବନ୍ୟପ୍ରାଣୀ !

# ହାତୀ ମୃତ୍ୟୁକୁ ନେଇ ଚିନ୍ତାଜନକ ତଥ୍ୟ

ରାଜ୍ୟରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ସରକାରୀ ଓ ବେସରକାରୀ ସ୍ତରରେ ଯଥେଷ୍ଟ ଗୁରୁତ୍ୱ ଦିଆଯିବା ସଙ୍ଗେ ସଙ୍ଗେ ପ୍ରତିବର୍ଷ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଛି। ବିରଳ ପ୍ରଜାତିର ବନ୍ୟପ୍ରାଣୀଙ୍କ ଅବାଧ ଚଳପ୍ରଚଳ ପାଇଁ ଅଭୟାରଣ୍ୟର ମଧ୍ୟ ବ୍ୟବସ୍ଥା ହୋଇଛି। ଏସବୁ ସତ୍ତ୍ୱେ ଆମ ରାଜ୍ୟରେ ବୃହତ୍ ସ୍ଥଳଚର ପ୍ରାଣୀ ରୂପେ ବିବେଚିତ ଗଜରାଜ ବା ହାତୀଙ୍କ ମୃତ୍ୟୁହାର ବର୍ଷକୁ ବର୍ଷ ବୃଦ୍ଧି ପାଇବା ପରିବେଶବିତ୍‌ମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ହାତୀମୃତ୍ୟୁ ରୋକିବାକୁ ସରକାରୀ ସ୍ତରରେ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଥିଲେ ହେଁ ତାହା ବିଶେଷ ଫଳପ୍ରଦ ହୋଇପାରୁ ନାହିଁ। ସରକାରୀ ପରିସଂଖ୍ୟାନ ଅନୁଯାୟୀ ଗତ ୨୦୧୦-୧୧ବର୍ଷରୁ ୨୦୨୪-୨୫ ପର୍ଯ୍ୟନ୍ତ ପନ୍ଦର ବର୍ଷ ମଧ୍ୟରେ ଓଡ଼ିଶାରେ ୧୨୧୪ ହାତୀଙ୍କ ମୃତ୍ୟୁ ଘଟିଛି ଓ କେବଳ ୨୦୨୪-୨୫ ବର୍ଷରେ ବିଦ୍ୟୁତ୍ ଆଘାତରେ ୩୨ ହାତୀଙ୍କ ଜୀବନ ଯାଇଛି। ଓଡ଼ିଶା ବନ୍ୟପ୍ରାଣୀ ସୁରକ୍ଷା ସମିତି ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ଦଶନ୍ଧି ଦଶନ୍ଧି ଧରି ରାଜ୍ୟରେ ହାତୀ ମୃତ୍ୟୁସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇଚାଲିଛି। ରିପୋର୍ଟ ଅନୁଯାୟୀ ୧୯୯୦ରୁ ୨୦୦୦ ମସିହା ଦଶବର୍ଷ ମଧ୍ୟରେ ରାଜ୍ୟରେ ପ୍ରତିବର୍ଷ ହାରାହାରି ୩୩ଟି ହାତୀ ମରୁଥିବା ବେଳେ ପରବର୍ତ୍ତୀ ଦଶବର୍ଷରେ ଏହି ସଂଖ୍ୟା ୪୬କୁ ବୃଦ୍ଧି ପାଇଥିଲା। ପ୍ରାଣ ହରାଇଥିବା ହାତୀଙ୍କ ମଧ୍ୟରୁ ୩୮ ପ୍ରତିଶତଙ୍କ ଜୀବନ ଅସ୍ୱାଭାବିକ କାରଣ ଯୋଗୁଁ ଯାଇଥିବାର ଜଣାପଡିଛି। ବିଦ୍ୟୁତ୍ ଆଘାତ ଯୋଗୁଁ ସର୍ବାଧିକ ୨୨୦ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅସାଧୁ ଶିକାରୀଙ୍କ ଦ୍ୱାରା ୧୨୧ ଓ ଟ୍ରେନ୍ ଧକ୍କାରେ ୪୫ଟି ହାତୀ ପ୍ରାଣ ହରାଇଛନ୍ତି। ରାସ୍ତା ପାରି ହେଉଥିବା ବେଳେ ଗାଡ଼ି ଧକ୍କାରେ ୭ଟି ହାତୀ ମରିଥିବାର ଦର୍ଶାଯାଇଛି। ହାତୀ ମୃତ୍ୟୁ ନେଇ ଟାଟା ପାୱାର୍‌ର ଅବହେଳାକୁ ଅନେକାଂଶରେ ଦାୟୀ କରାଯାଉଛି। କମ୍ ଉଚ୍ଚତାରେ ବିଦ୍ୟୁତ୍ ତାର ଟଣାଯିବା ଓ ବିଦ୍ୟୁତ୍ ଖୁଣ୍ଟିଗୁଡ଼ିକ ଦୁର୍ବଳ ଅବସ୍ଥାରେ ରହିବା ଯୋଗୁଁ ଏହାର ସଂସ୍ପର୍ଶରେ ଆସି ଅନେକ ହାତୀ ମରୁଥିବାର ଅଭିଯୋଗ ହେଉଛି। ବିଦ୍ୟୁତ୍ ଆଘାତଜନିତ ହାତୀ ମୃତ୍ୟୁହାର ହ୍ରାସ କରିବାକୁ ଗତ ୨୦୧୦ ମସିହାରେ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଏକ ତଦନ୍ତ କମିଟି ଗଠିତ ହେବା ସହିତ ସରକାରଙ୍କୁ ଅନେକ ସୁପାରିଶ କରାଯାଇଥିଲା। ମାତ୍ର ଏଯାବତ୍ ଏହିସବୁ ସୁପାରିଶକୁ କାର୍ଯ୍ୟକାରୀ କରାନଯିବା ପରିବେଶପ୍ରେମୀଙ୍କୁ ମର୍ମାହତ କରିଛି। ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ପନ୍ଦର ବର୍ଷ ଭିତରେ ବିଦ୍ୟୁତ୍ ଆଘାତରେ ୨୨୦ ହାତୀଙ୍କ ମୃତ୍ୟୁ ଘଟିବା ସତ୍ତ୍ୱେ ଏହି ସମୟସୀମା ଭିତରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ଜଣେ ହେଲେ କେହି ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଏବେ ହାତୀଙ୍କ ସଂଖ୍ୟା ସ୍ଥିର ରହିବା କିଛିଟା ଆଶ୍ୱସ୍ତି ଆଣି ଦେଇଛି। ଗତ ୧୯୭୯ ମସିହାରେ ଓଡ଼ିଶାରେ ହାତୀଙ୍କ ସମୁଦାୟ ସଂଖ୍ୟା ୨୦୪୪ ଥିବା ସ୍ଥଳେ ୨୦୨୪ ମସିହାର ଶେଷ ହାତୀଗଣନାରୁ ଏହି ସଂଖ୍ୟା ୨୦୯୮ ଥିବାର ଜଣାପଡିଛି। ସମଗ୍ର ଭାରତରେ ଅଧିକାଂଶ ହାତୀ ବାସ କରୁଥିବା ରାଜ୍ୟ ତୁଳନାରେ ଓଡ଼ିଶାରେ ହାତୀଙ୍କ ପ୍ରାଣହାନୀ ସର୍ବାଧିକ ହେବା ଲଜ୍ଜାକର ମନେ ହେଉଛି। ଗତ ସପ୍ତାହରେ ରାଜଧାନୀ ଭୁବନେଶ୍ୱରରେ ଅନ୍ତର୍ଜାତୀୟ ସ୍ତରର ବିଶେଷଜ୍ଞମାନେ ଏକ ବୈଠକରେ ମିଳିତ ହୋଇ ହାତୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ପନ୍ଥା ନିର୍ଦ୍ଧାରଣ କରିଥିଲେ। ହାତୀ ସୁରକ୍ଷା ଲକ୍ଷ୍ୟରେ ଆଞ୍ଚଳିକ ସ୍ତରରେ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ନିଜେ ଏହି ବୈଠକରେ ଉପସ୍ଥିତ ରହି ହାତୀ ମୃତ୍ୟୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ କେତେକ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ବିଳମ୍ବରେ ହେଲେ ମଧ୍ୟ ସରକାରୀ ସ୍ତରରେ ଏଭଳି ତତ୍ପରତା ପ୍ରକାଶ ପାଇବା ସ୍ୱାଗତଯୋଗ୍ୟ ମନେ ହେଉଛି।

### ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ବୁଲା କୁକୁର, କୋର୍ଟ, ପ୍ରବକ୍ତା ଓ ମାନବୀୟ ନୀତି



ଡ. ବିମଳ ଷଡଙ୍ଗୀ
ସଂସାଧନ ବ୍ୟକ୍ତି, ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର, ଭାରତ ସରକାର
ମୋ : ୯୪୩୭୧୨୩୮୯୨

୨୦୨୫ ମସିହା ଅଗଷ୍ଟ ୨୨ତାରିଖ ଦିନ ସୁପ୍ରିମକୋର୍ଟଙ୍କ ସଂଶୋଧିତ ରାୟରେ ଅଧିକାଂଶ ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ, ଟୀକାକରଣ ପରେ ସେମାନଙ୍କୁ ଯେଉଁଠାରୁ ନିଆଯାଇଥିବ ସେହି ସ୍ଥାନକୁ ଫେରାଇ ଆଣିବା ଆବଶ୍ୟକ ବୋଲି ଉଲ୍ଲେଖ ଥିଲା ଯାହା ୨୦୨୫ ମସିହା ଅଗଷ୍ଟ ୧୧ତାରିଖ ଦିନ ସୁପ୍ରିମକୋର୍ଟର ବିଚାରପତି ଜେ.ବି. ପାର୍ଡିୱାଲା ଏବଂ ଆର. ମହାଦେବନଙ୍କ ନେତୃତ୍ୱରେ ଏକ ଖଣ୍ଡପୀଠର ବିବାଦୀୟ ନିର୍ଦ୍ଦେଶନାମାକୁ ବାତିଲ କରିଥିଲା ଏବଂ ଯାହାକୁ ପଶୁ କଲ୍ୟାଣ ପ୍ରବକ୍ତାମାନେ ସ୍ୱାଗତ କରିଛନ୍ତି ଏବଂ ଏହାକୁ ଏକ 'ବୈଜ୍ଞାନିକ ରାୟ' ବୋଲି କହିଛନ୍ତି।

ତଥ୍ୟ ଅନୁସାରେ ସାରା ଭାରତରେ ଯଦି ବୁଲା କୁକୁରଙ୍କୁ ଗଣତି କରାଯାଏ ତେବେ ସେମାନଙ୍କ ସଂଖ୍ୟା ଅନୁପାତରେ ବନ୍ଧ୍ୟାକରଣ ଏବଂ ଜଳାତଙ୍କ ରୋଗ ନିରୋଧକ ଟୀକାକରଣ ପାଇଁ ବର୍ଷକୁ ପାଖାପାଖି ୪୦୦କୋଟି ଏବଂ ସେମାନଙ୍କ ଖାଦ୍ୟ ଓ ରକ୍ଷଣାବେକ୍ଷଣ ପାଇଁ ୫୦୦କୋଟି ମୋଟ ୯୦୦କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ। ଯଦି ପ୍ରତ୍ୟେକ ଗୃହ ପାଳିତ ଜୀବଙ୍କ ପାଇଁ ଏହିପରି ପ୍ରାବଧାନର ବ୍ୟବସ୍ଥା କରାଯାଏ, ତେବେ ଭାରତରେ ଜନସାଧାରଣଙ୍କ ପାଇଁ ଖାଦ୍ୟଭାବର ସମସ୍ୟା ଦେଖାଯିବା କିଛି ବିଚିତ୍ର ନୁହେଁ । ତେବେ ବୁଲା କୁକୁରମାନଙ୍କୁ ତଡିବା ଅପେକ୍ଷା ସେମାନଙ୍କ ସହିତ ସହାବସ୍ଥାନ ପାଇଁ ମଣିଷ କେତେଗୁଡିଏ ପଦକ୍ଷେପ ନେଇପାରେ ଯାହା ମଣିଷ ଏବଂ ବୁଲା କୁକୁର ଉଭୟଙ୍କୁ ବଞ୍ଚିବାର ଅଧିକାର ଦେଇ ସୃଷ୍ଟିର ସନ୍ତୁଳନ ରକ୍ଷା କରିବାରେ ସହାୟକ ହୋଇପାରିବ କାରଣ ମଣିଷ ଓ କୁକୁର ସମ୍ପର୍କ ବହୁ ପୁରାତନ କାଳର।

କାଶୀପୀଠର ରକ୍ଷାକର୍ତ୍ତା କାଳଭୈରବଙ୍କ ବାହନ ତଥା ପ୍ରାଗୈତିହାସିକ ଏବଂ ପ୍ରାରମ୍ଭିକ ସଭ୍ୟତାଯୁଗରେ ୟୁରୋପରଗୁମ୍ଫା, ମେସୋପଟାମିଆର ଚିତ୍ରଗୁଡ଼ିକରେ ଥିବା କୁକୁରମାନେ ମନୁଷ୍ୟଙ୍କର ଘର ଜଗିବା ଏବଂ ଶିକାରରେ ସାହାଯ୍ୟ କରୁଥିବା ଦର୍ଶାଏ। ରୋମାନ ସୈନ୍ୟବାହିନୀରେ ଶିବିରଗୁଡ଼ିକୁ ଜଗିବା ଏବଂ ଶତ୍ରୁମାନଙ୍କୁ ଆକ୍ରମଣ କରିବା ପାଇଁ କୁକୁରମାନେ ସେବା କରିଥିବାର ସୂଚନା ମିଳେ। ପ୍ରଥମ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କୁକୁରମାନେ ଦୂତ, ସେଣ୍ଟ୍ରି ଗାର୍ଡ ଏବଂ ଏପରିକି ଡାକ୍ତରୀ ସାମଗ୍ରୀ ବହନ ପରି କାର୍ଯ୍ୟ କରୁଥିଲେ। ସେ ସମୟର ଷ୍ଟବି, ଏକ କୁକୁର ଯାହାଦ୍ୱାରା ସୈନିକମାନେ ଗ୍ୟାସ୍ ଆକ୍ରମଣ ବିଷୟରେ ସତର୍କ ସୂଚନା ପାଇଥିଲେ। ସେହିପରି ଆଜିକାଲି କୁକୁରମାନଙ୍କୁ ବିଭିନ୍ନ ତାଲିମ ଦ୍ୱାରା ବିପର୍ଯ୍ୟୟ କ୍ଷେତ୍ର, ପୋଲିସ୍, ସାମରିକ ଏବଂ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ଔଷଧ, କିଛି ଚିକିତ୍ସା ଅବସ୍ଥା ଚିହ୍ନଟ, ଦୃଷ୍ଟିହୀନଙ୍କ ପାଇଁ ପଥ ପ୍ରଦର୍ଶକ, ଭୂମିକମ୍ପ, ହିମସ୍ଖଳନ, ନଦୀବଢ଼ି ଏବଂ କୋଠା ଭୁଶୁଡ଼ିବା ସମୟରେ ବଞ୍ଚିଥିବା ଲୋକଙ୍କ ଉଦ୍ଧାର ଆଦି ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି ଯାହା ମନୁଷ୍ୟ ଓ କୁକୁରମାନଙ୍କର ନିବିଡ ସମ୍ପର୍କର ଏକ ନିଦର୍ଶନ।

ସେହିପରି ବୁଲାକୁକୁରମାନଙ୍କ ଦାନ ଅଲିଖିତ ହେଲେ ବି ଅତୁଳନୀୟ। ଚେନ୍ନାଇ କେନ୍ଦ୍ରୀୟ ରେଳ ଷ୍ଟେସନରେ ଟାଇଗର ନାମରେ ପରିଚିତ ଗୋଟିଏ ବୁଲାକୁକୁର ରେଳ ସୁରକ୍ଷା ବାହିନୀର ଏକ ଅପ୍ରତ୍ୟାଶିତ ସହଯୋଗୀ ହୋଇଯାଇଥିଲା, ଯେତେବେଳେ ଜଣେ ଯାତ୍ରୀଙ୍କ ମୋବାଇଲ୍ ଫୋନ୍ ଚୋରି ହୋଇଗଲା, ଟାଇଗର ସହଜରେ ପ୍ରତିକ୍ରିୟା ପ୍ରକାଶକରି ଅଧିକାରୀମାନଙ୍କୁ ସତର୍କ କରାଇଲା ଏବଂ ଚୋରକୁ ଧରିବାରେ ସାହାଯ୍ୟ କଲା। ସେହିପରି ଥାଇଲ୍ୟାଣ୍ଡରେ, ନିଆଲ୍ ହାର୍ବିସନ୍ ମଦ୍ୟପାନ ସମୟରେ ଗୋଟିଏ କୁକୁର ଛୁଆକୁ ଉଦ୍ଧାର କରି ଖାଇବାକୁ ଦେବା ପରେ ତାଙ୍କ ହୃଦୟରେ କରୁଣା ଭାବ ବୃଦ୍ଧି ପାଇଥିଲା ଯାହା ତାଙ୍କୁ ପରବର୍ତ୍ତୀ ସମୟରେ ମଦ୍ୟପାନରୁ ବିରତ କରିବା ସହିତ ଏକ ବିଶ୍ୱସ୍ତରୀୟ ମିଶନରେ ଭାଗୀଦାରୀ କରି ପ୍ରତିଦିନ୧୨୦୦ଟି ବୁଲା କୁକୁରଙ୍କ ଯତ୍ନ ନେବାକୁ ଉତ୍ସାହିତ କରିଥିଲା।

ରାସ୍ତାଘାଟରେ ବୁଲୁଥିବା କୁକୁରଙ୍କ କେହି ଦେଖାରଖା କରନ୍ତି ନାହିଁ ମାତ୍ର ସେମାନେ ଗୋଟିଏ ଗୋଟିଏ ସ୍ଥାନରେ ମଣିଷଙ୍କ ଅଜାଣତରେ ରହି ସେଠାରେ ଥିବା ମଣିଷଙ୍କୁ ଭଲପାଇ ବସନ୍ତି, ଆଶାଥାଏ ଟିକିଏ ସ୍ନେହ ଓ ଆଦର। ତା'ବଦଳରେ ସେମାନେ ବହୁତ ଅଧିକ ଦାନ ଦେଇ ମଣିଷର ବନ୍ଧୁ ହୁଅନ୍ତି। ବେଳେବେଳେ କିଛି ସହୃଦୟ ବ୍ୟକ୍ତି ସେମାନଙ୍କୁ ଆଦରି ନିଅନ୍ତି ତ ଆଉ ବେଳେବେଳେ ଖାଲି ତିରସ୍କାର ଶୁଣି ସେମାନଙ୍କ ଅଇଁଠା ପତରକୁ ଅପେକ୍ଷା କରିନ୍ତି ନିଜର କ୍ଷୁଧା ନିବାରଣ ପାଇଁ । ସୁସ୍ଥ ସମୟରେ ସେମାନେ ସହରାଞ୍ଚଳ ବା ଗ୍ରାମାଞ୍ଚଳ ପରିବେଶ ଏବଂ ରହିଥିବା ଅଞ୍ଚଳର ସୁରକ୍ଷା ଅତ୍ୟନ୍ତ ବିଶ୍ୱସନୀୟ ଭାବରେ କରିଥାଆନ୍ତି। ଅପରିଚିତ କୁକୁର ଏବଂ ଶୃଗାଳ ଭଳି ବନ୍ୟପ୍ରାଣୀଙ୍କୁ ସେମାନଙ୍କ ଅଞ୍ଚଳରେ ପ୍ରବେଶ କରିବାକୁ ଦିଅନ୍ତି ନାହିଁ। ସେମାନେ ପ୍ରାରମ୍ଭିକ ସତର୍କତା ବ୍ୟବସ୍ଥା ମାଧ୍ୟମରେ ଅନୁପ୍ରବେଶକାରୀ କିମ୍ବା ରାତିରେ ଅସ୍ୱାଭାବିକ କାର୍ଯ୍ୟକଳାପକୁ ଲକ୍ଷ୍ୟକରି ଭୁକିବା ଆରମ୍ଭ କରନ୍ତି ଯାହା ଲୋକମାନଙ୍କ ସୁରକ୍ଷାରେ ସହାୟକ ହୋଇଥାଏ। ରାସ୍ତାକଡରେ ବିଶୃଙ୍ଖଳିତ ମଣିଷଙ୍କ ଦ୍ୱାରା ଫିଙ୍ଗା ଯାଉଥିବା ଜୈବିକ ଅବର୍ଜନା ଏବଂ ଖାଦ୍ୟ ଖାଇ ଆଂଶିକ ଆବର୍ଜନା ନିଷ୍କାସନରେ ମଧ୍ୟ ସାହାଯ୍ୟ କରନ୍ତି ସେମାନେ। ଯଦି ଆମେ ରାସ୍ତାକୁ ସଫା ରଖିବା ଓ ଜନବସତି ଅଞ୍ଚଳରେ ଅଳିଆ ଆବର୍ଜନା ପକାଇବା ନାହିଁ ତେବେ ସେମାନଙ୍କ ବଂଶବୃଦ୍ଧି ନହୋଇ ସଂଖ୍ୟା ଆସ୍ତେ ଆସ୍ତେ କମିଯିବ। କୁକୁରମାନେ ମୂଷା ସମେତ ଛୋଟ ପ୍ରାଣୀଙ୍କୁ ମଧ୍ୟ ଶିକାର କରନ୍ତି ଯାହା ମଣିଷଙ୍କ ପାଇଁ ଲେପ୍ଟୋସ୍ପାଇରୋସିସ୍ ଏବଂ ପ୍ଲେଗ ଭଳି ମାରାତ୍ମକ ରୋଗର ବାହକଙ୍କୁ ନଷ୍ଟ କରିଥାଏ। ସମସ୍ତ ବୁଲା କୁକୁରଙ୍କୁ ଆମେ ବାହାର କରିବା ପୂର୍ବରୁ ନିଜର ସ୍ୱଚ୍ଛ ପରିବେଶ ଗଠନ କରିବାକୁ ପଡିବ । ଅନେକ ସ୍ଥାନୀୟ ବାସିନ୍ଦା କୁକୁରମାନଙ୍କ ସହିତ ଭାବପ୍ରବଣ ଭାବରେ ସମ୍ପର୍କ ରଖନ୍ତି ସେମାନଙ୍କୁ ଖାଇବାକୁ ଦିଅନ୍ତି ଏବଂ ଯତ୍ନ ନିଅନ୍ତି ଯାହା ପଶୁ କଲ୍ୟାଣକୁ ପ୍ରୋତ୍ସାହିତ କରେ। ଯଦି ମାନବୀୟ ନୀତିରେ ସେମାନଙ୍କୁ ପରିଚାଳିତ କରାଯାଏ ଅର୍ଥାତ୍ ଯେତେବେଳେ ମଣିଷ ନିଜର ବ୍ୟବହାର ଓ ଚଳଣିରେ ପରିବର୍ତ୍ତନ ଆଣେ ସେତେବେଳେ ବୁଲା କୁକୁର ମଣିଷ ସମାଜକୁ ସହାୟକ ହୁଏ।

ଏତେ ହତାଦର ପରେ ବେଳେବେଳେ ସେମାନଙ୍କ ଉପଦ୍ରବ ମଣିଷଙ୍କୁ କ୍ଷତି ପହଞ୍ଚାଏ, ମାତ୍ର କୁକୁରମାନେ କାମୁଡ଼ିବା ପୂର୍ବରୁ ସାଧାରଣତଃ ବହୁତ ପ୍ରକାରର ସତର୍କ ସଙ୍କେତ ଦିଅନ୍ତି। ଶରୀରକୁ କଠିନ କରନ୍ତି, ବେକ ଓ ପିଠି ସହିତ ଲୋମ ଟାଙ୍କୁରାଇ ଥାଆନ୍ତି, ଗର୍ଜନ, କ୍ରନ୍ଦନ, କିମ୍ବା ଦାନ୍ତ ବାହାର କରି ନିଜର ଭୟକୁ ଜାହିର କରନ୍ତି, ଯଦି ଆମେ ଏହି ସଙ୍କେତ ଗୁଡ଼ିକୁ ଲକ୍ଷ୍ୟ କରନ୍ତି ତେବେ କୁକୁର କାମୁଡାରୁ ମୁକ୍ତ ହୋଇପାରିବା। କ୍ରୋଧିତ ସମୟରେ ସେମାନଙ୍କ ଆଖିକୁ ଚାହିଁବା କିମ୍ବା ଲାଙ୍ଗୁଡ଼ ଟାଣିବା କିମ୍ବା ହଠାତ୍ ପଛକୁ ହଟିବା କିମ୍ବା ଆଗକୁ ଦୌଡ଼ିବା ଇତ୍ୟାଦିରୁ ଦୂରେଇ ରହିଲେ କୁକୁର କାମୁଡାରୁ ରକ୍ଷା ମିଳିବ। କୁକୁରମାନଙ୍କ ପାଖରେ ଥିବା ସମୟରେ ଶାନ୍ତ ଭାବରେ ପାଖକୁ ଯାଆନ୍ତୁ ଏବଂ କୁକୁରକୁ ପ୍ରଥମେ ଆପଣଙ୍କୁ ଶୁଙ୍ଘିବାକୁ ଦିଅନ୍ତୁ। ଯଦି କୌଣସି ଅଜଣା କୁକୁର ଆପଣଙ୍କ ଆଡ଼କୁ ଦୌଡ଼ିଯାଏ ତେବେ ଆପଣଙ୍କ ହାତକୁ ନହଲାଇ ସ୍ଥିର ରଖନ୍ତୁ ହଠାତ୍ ଦୌଡନ୍ତୁ ନାହିଁ। ପିଲାମାନଙ୍କୁ କୁକୁରକୁ କେବେ ବି ଆଲିଙ୍ଗନ କିମ୍ବା ଚଢ଼ାଇବାକୁ ଶିଖାନ୍ତୁ ନାହିଁ। କୁକୁର ଶୋଇବା, ଖାଇବା କିମ୍ବା କୁକୁରଛୁଆଙ୍କ ଯତ୍ନନେବା ସମୟରେ ତାକୁ ବିରକ୍ତ କରନ୍ତୁ ନାହିଁ। ସିଧାସଳଖ ତା' ଆଖିକୁ ଚାହିଁ ରୁହନ୍ତୁ ନାହିଁ କାରଣ କୁକୁରମାନେ ଏହାକୁ ଏକ ଚ୍ୟାଲେଞ୍ଜ ଭାବରେ ଦେଖନ୍ତି। କୁକୁର ଭୁକିବା ବା ପଳାଇବାକୁ ଉଦ୍ୟତ ହେଲେ ତାକୁ ପଳାୟନର ରାସ୍ତା ଦିଅନ୍ତୁ। ଯଦି କୁକୁର ଆକ୍ରମଣ କରେ ତେବେ କୁକୁର ଏବଂ ଆପଣଙ୍କ ମଝିରେ ବ୍ୟାଗ, ଜ୍ୟାକେଟ୍, ବାଡ଼ି କିମ୍ବା ଅନ୍ୟ କୌଣସି ଦ୍ରବ୍ୟ ରଖନ୍ତୁ । ଯଦି ତଳେ ପଡ଼ିଯାଆନ୍ତି ତେବେ ଗୋଲ ଭାବରେ ଶୋଇ ନିଜର ମୁଣ୍ଡ ଏବଂ ବେକକୁ ହାତରେ ଘୋଡ଼ାଇ ଦିଅନ୍ତୁ ,କୁକୁର ଛାଡିବା ପର୍ଯ୍ୟନ୍ତ ସ୍ଥିର ରୁହନ୍ତୁ। ପାଳିତ କୁକୁର ପାଇଁ ଉପଯୁକ୍ତ ତାଲିମ ସହିତ ନିୟମିତ ବ୍ୟବଧାନରେ ଜଳାତଙ୍କ ଏବଂ ଅନ୍ୟାନ୍ୟ ରୋଗ ନିରୋଧକ ଟୀକା ଦିଅନ୍ତୁ । ପିଲା ଏବଂ ବିଭିନ୍ନ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା କୁକୁର କାମୁଡ଼ିବା ରୋକିବା ପାଇଁ ବା କୁକୁରମାନଙ୍କୁ କିପରି ଆମ ସହିତ ରଖିବା ସେ ସମ୍ପର୍କରେ ସଚେତନ କରାଯିବା ଉଚିତ୍। ମାରିବା ବା ତଡିଦେବା ଏକ ମାନବିକତା କାର୍ଯ୍ୟ ନୁହେଁ କିମ୍ବା ଏକ ଉଚିତ୍ ସମାଧାନ ନୁହେଁ, କାରଣ ଦଳେ କୁକୁର ପଳାଇଗଲେ ଆଉ ଗୋଟିଏ ଅପରିଚିତ ଦଳ ଆସି ସେ ଜାଗାରେ ରହିବେ ସେତେବେଳେ କୁକୁର କାମୁଡାର ସଂଶୟ ଆହୁରି ବଢିଯିବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ପଶୁ କଲ୍ୟାଣ ବିଶେଷଜ୍ଞମାନଙ୍କ ମତରେ କୁକୁର ଟୀକାକରଣ ବିଶେଷକରି ଜଳାତଙ୍କ ରୋଗ ପ୍ରତିଷେଧକ ଓ ରାସ୍ତା କୁକୁର ଜନ୍ମ ନିୟନ୍ତ୍ରଣ ପାଇଁ ସ୍ପେ ଏବଂ ନ୍ୟୁଟର କାର୍ଯ୍ୟକ୍ରମ ଜରୁରି ।

କୁକୁର ମଣିଷ ମଧ୍ୟରେ ଯୁଗଯୁଗର ପୌରାଣିକ ଏବଂ ଆଧାତ୍ମିକ ସମ୍ପର୍କ ରହିଛି । ସେମାନଙ୍କୁ ପ୍ରାୟତଃ ରକ୍ଷକ, ମାର୍ଗଦର୍ଶକ, ସାଥୀ ଏବଂ ବାର୍ତ୍ତାବାହକ ଭାବରେ ଦେଖାଯାଏ । ବୁଲା କୁକୁରମାନଙ୍କର ମଣିଷ ସହ ବନ୍ଧୁତା ମୁଖ୍ୟତଃ ସେମାନଙ୍କର ଅତୀତର ଅଭିଜ୍ଞତା, ସ୍ଥାନୀୟ ପରିବେଶ ଏବଂ ସେ ଅଞ୍ଚଳର ଲୋକଙ୍କ ଦ୍ୱାରା ସେମାନଙ୍କ ପ୍ରତି ବ୍ୟବହାରଉପରେ ନିର୍ଭର କରେ। ଅଧିକାଂଶ ବୁଲା କୁକୁର ସମ୍ପୂର୍ଣ୍ଣ ଜଙ୍ଗଲୀ କିମ୍ବା ସମ୍ପୂର୍ଣ୍ଣ ପାଳିତ ନୁହଁନ୍ତି ସେମାନେ ଅର୍ଦ୍ଧ-ଜଙ୍ଗଲୀ। ଯଦି ସେମାନଙ୍କର ମଣିଷ ସହିତ ସକାରାତ୍ମକ ପାରସ୍ପରିକ କ୍ରିୟା ଯଥା ଖାଦ୍ୟ, ଭଲ ସମ୍ପର୍କ ହୁଏ ତେବେ ସେମାନେ ବହୁତ ବନ୍ଧୁତ୍ୱପୂର୍ଣ୍ଣ ଏବଂ ବିଶ୍ୱାସଯୋଗ୍ୟ ଭାବରେ ମଣିଷକୁ ଭଲ ପାଇବେ। କୋର୍ଟର ନିର୍ଦ୍ଦେଶକୁ ଭାବପ୍ରବଣ ଓ ମାନବିକତା ଦୃଷ୍ଟିକୋଣରେ ବିଚାର କରି ଏକ ସର୍ବକାଳୀନ ପ୍ରସ୍ତୁତି ଆବଶ୍ୟକ। ସୃଷ୍ଟିର ବିବିଧତାକୁ କୋର୍ଟର କୌଣସି ନିୟମ ପରିବର୍ତ୍ତନ କରିପାରିବ ନାହିଁ କେବଳ ଗୋଟିଏ ମାର୍ଗ ଦେଖାଏ। ପ୍ରତ୍ୟେକ ଜୀବଜନ୍ତୁଙ୍କର ଅବସ୍ଥିତି ପରସ୍ପର ପ୍ରତି ପରିପୂରକ। ଏକ ବିନା ଆରେକର ସ୍ଥିତି ଅସମ୍ଭବ। ଜୀବଚକ୍ରର ସନ୍ତୁଳନ ରକ୍ଷା କରିବା ପାଇଁ ପ୍ରତ୍ୟେକ ପ୍ରାଣୀ ନିଜ ନିଜର କାର୍ଯ୍ୟ କରିଥାଆନ୍ତି। କୌଣସି ପ୍ରାଣୀ କାହାର ଶତ୍ରୁ ବା ମିତ୍ର ନୁହଁନ୍ତି। ଯଦି ମନୁଷ୍ୟ କୌଣସି ଏକ ଜୀବକୁ ନଷ୍ଟ କରିବା ପାଇଁ ଚେଷ୍ଟା କରେ ତେବେ ପୃଥିବୀରେ ମନୁଷ୍ୟ ସ୍ଥିତି ଉପରେ ପ୍ରଶ୍ନବାଚୀ ଆସିପାରେ, ଏ ସତ୍ୟକୁ ପ୍ରତ୍ୟେକ ବ୍ୟବସ୍ଥା ହୃଦୟଙ୍ଗମ କରିବା ଆବଶ୍ୟକ। ଯଦିଓ ବୁଲାକୁକୁର ଗୋଟିଏ ସମସ୍ୟା ତା'ର ସମାଧାନ ବି ରହିଛି ମାତ୍ର କୋର୍ଟରେ ବା କୌଣସି ପ୍ରବକ୍ତାରେ ତାହା ସୀମିତ ନହୋଇ ସୃଷ୍ଟିର ସନ୍ତୁଳନକୁ ରକ୍ଷାକରି ମଣିଷର ବ୍ୟବହାରରେ ପରିବର୍ତ୍ତନରେ ହେଲେ ହୁଏତ ସନ୍ତୁଳିତ ପରିବେଶ ସହିତ ଜୈବବିବିଧତା ରକ୍ଷା ହୋଇପାରିବ।

ଡ. ଚନ୍ଦ୍ରକଳା ନାୟକ
ଛତିଆ, ଯାଜପୁର
ମୋ:୯୪୩୭୯୫୭୬୧୭

# ଭାରତୀୟ ଦର୍ଶନରେ କର୍ମବାଦ

ଭାରତୀୟ ସଂସ୍କୃତିରେ ଦର୍ଶନକୁ ତତ୍ତ୍ୱଜ୍ଞାନ ବା ଆଧାତ୍ମ୍ୟ ବିଦ୍ୟା ବୋଲି ଅଭିହିତ କରାଯାଏ। ଦର୍ଶନର ଆକ୍ଷରିକ ଅର୍ଥ ହେଉଛି 'ପ୍ରଜ୍ଞାନୁରାଗ'। ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ମତରେ ଦର୍ଶନ ହେଉଛି, ବାସ୍ତବତାର ସଂପର୍କରେ ଏକ ଯୁକ୍ତିଯୁକ୍ତ ସମସ୍ୟା। ଭାରତୀୟ ଦର୍ଶନ ଦ୍ୱାରା ମନୁଷ୍ୟର ଶାରିରୀକ, ମାନସିକ, ସାମାଜିକ, ଆଧାତ୍ମିକ ତଥା ନୈତିକ ଶକ୍ତିର ବିକାଶ ଘଟିଥାଏ। ମନୁଷ୍ୟ ଜୀବନର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଦର୍ଶନ ଏକ ଜୀବନବ୍ୟାପୀ ପ୍ରକିୟା। ଭାରତୀୟ ଦର୍ଶନ କର୍ମବାଦରେ ଗଭୀର ଭାବେ ବିଶ୍ୱାସ ରଖେ। ଭାରତୀୟ ଦାର୍ଶନିକମାନଙ୍କ ପାଇଁ ଏହା ଅଲଂଘ୍ୟ ନିୟମ। ଯେଉଁଭଳି କର୍ମ ତଦନୁଯାୟୀ ନିଶ୍ଚିତ ଫଳ ହେଉଛି କର୍ମବାଦର ମୂଳଖାତା। କୃତକର୍ମର ଫଳ ନଷ୍ଟ ହୁଏନାହିଁ ଓ ଅକୃତକର୍ମର ଫଳ ଲାଭ ହୁଏନାହିଁ। ସେଥିପାଇଁ କୁହା ଯାଇଛି 'ଯଥା ଧେନୁ ସହସେଷୁ ବତ୍ସା ଗଚ୍ଛତି ମାତରମ୍, ତଥା ଯଜ କୃତକର୍ମ କର୍ତ୍ତାରମନୁ ଗଚ୍ଛତି'। ଭାରତୀୟ ଦର୍ଶନରେ କେବଳ କର୍ମବାଦ ସୀମିତ ନୁହେଁ। ଏହା ସମଗ୍ର ଜାତୀୟ ଜୀବନକୁ ପ୍ରଭାବିତ କରିଛି। ସାଧାରଣରୁ ଅତି ସାଧାରଣ ଲୋକଟିଏ ଏଥିରେ ଗଭୀର ବିଶ୍ୱାସ ରଖେ। ଏହି ବିଶ୍ୱାସ ଅନୁଯାୟୀ ନିଜ ଜୀବନକୁ ପରିଚାଳିତ କରିବାରେ ପ୍ରୟାସ କରେ। ଭାରତୀୟ ପ୍ରାୟ ସମସ୍ତ ଦାର୍ଶନିକ ସଂପ୍ରଦାୟ କର୍ମବାଦକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବିଶ୍ୱାସ କରନ୍ତି।

ବୌଦ୍ଧଧର୍ମ ଠାରୁ ଆରମ୍ଭ କରି ବେଦାନ୍ତ ପର୍ଯ୍ୟନ୍ତ ସମସ୍ତେ କର୍ମବାଦ ଉପରେ ବିଶ୍ୱାସ ରଖିଥାନ୍ତି। କର୍ମ ତିନି ପ୍ରକାରର। ସଂଚିତ କର୍ମ, ପ୍ରାରବ୍ଧ କର୍ମ ଓ କ୍ରୀୟମାଣ କର୍ମ। ଯେଉଁ କର୍ମ ପୂର୍ବଜନ୍ମରେ, ଯାହାର ଫଳଭୋଗ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ, ତାହା ସଂଚିତ କର୍ମ। ଯେଉଁ କର୍ମର ଫଳଭୋଗ ଆରମ୍ଭ ହୋଇଛି, ତାହାକୁ ପ୍ରାରବ୍ଧ କର୍ମ କୁହାଯାଏ। ପ୍ରାରବ୍ଧ କର୍ମର ଫଳଭୋଗ ପାଇଁ ଆମେ ଶରୀର ଧାରଣ କରିଛୁ। ଏହି ଜୀବନରେ ବର୍ତ୍ତମାନ ଆମେ ଯେଉଁ କର୍ମ କରିଛୁ, ତାହାକୁ କ୍ରୀୟମାଣ କର୍ମ କୁହାଯାଏ। ଭାରତୀୟ ଦର୍ଶନ କର୍ମବାଦର ଉଭୟ ତାତ୍ତ୍ୱିକ ଓ ବ୍ୟବହାରିକ ଦିଗ ପ୍ରତି ଗୁରୁତ୍ୱ ଦିଏ। ପାଶ୍ଚାତ୍ୟ ଦର୍ଶନ ସତ୍ୟକୁ ଜାଣିବାକୁ ଚେଷ୍ଟା କରେ, କିନ୍ତୁ ଭାରତୀୟ ଦର୍ଶନ ସତ୍ୟକୁ ଜାଣିବା ସହ ଜୀବନର ସତ୍ୟକୁ ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖେ। ଏହା କେବଳ ତତ୍ତ୍ୱଚର୍ଯ୍ୟା ନୁହେଁ, ଜୀବନଚର୍ଯ୍ୟା ମଧ୍ୟ। ଭାରତୀୟ ଆଦର୍ଶ ଭାରତୀୟଙ୍କ ଜୀବନ ଧର୍ମ ପାଲଟି ଯାଏ। ଭାରତରେ ନୀତିଶାସ୍ତ୍ର ଓ ଧର୍ମ ଦର୍ଶନ ଠାରୁ ପୃଥକ ଭାବେ କିମ୍ବା ସ୍ୱାଧୀନ ଭାବେ କୌଣସି ବିଷୟ ଆଲୋଚିତ ହୋଇନାହିଁ। ଭାରତୀୟ ଦର୍ଶନରେ ଧର୍ମ ଓ ନୈତିକତାର ଏକତ୍ର ବିକାଶ ଘଟିଛି। ସେଥିପାଇଁ କୁହାଯାଏ – ଭୋଗ ଦାନ ବା ଇନ୍ଦ୍ରିୟ ଲାଳସା ପରିତୃପ୍ତିକୁ ଆଦର୍ଶ କଲେ, ଜୀବନର କଲ୍ୟାଣ ଅସମ୍ଭବ ଏବଂ ସମାଜରେ ଅରାଜକତା ଅବସମ୍ଭାବୀ। ଭାରତୀୟ ଦାର୍ଶନିକମାନେ ନୈତିକ ଆଦର୍ଶ ସହିତ ଆଧାତ୍ମିକତାକୁ ଏକତ୍ର ଯୁକ୍ତ କରିଥିବାରୁ ନୈତିକ ପରମାଦର୍ଶ ସମ୍ବନ୍ଧରେ ସେମାନଙ୍କ ଭିତରେ ବିଶେଷ ମତବାଦ ଦେଖାଯାଏ ନାହିଁ। ବ୍ୟକ୍ତିର ଜୀବନକୁ ସୁସ୍ଥ, ସୁଶୃଙ୍ଖଳା କରିବା ଓ ସାମାଜିକ କଲ୍ୟାଣ ପ୍ରତିଷ୍ଠା କରିବା ସବୁ ଭାରତୀୟ ଦାର୍ଶନିକଙ୍କ ପ୍ରାଥମିକତା।

ଶ୍ରୀମଦ ଭଗବତ୍ ଗୀତା, ମହାଭାରତ ଯୁଦ୍ଧ ପରିପ୍ରେକ୍ଷୀରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଧନୁର୍ଦ୍ଧର ଅର୍ଜୁନଙ୍କୁ ଦେଇଥିବା ଉପଦେଶ ଏକାଧାରାରେ ଏକ ଜୀବନ ଶାସ୍ତ୍ର, ଧର୍ମଶାସ୍ତ୍ର ତଥା ନୀତିଶାସ୍ତ୍ର। ଗୀତାରେ ୧୮ଟି ଅଧ୍ୟାୟ ମଧ୍ୟରୁ ଦ୍ୱିତୀୟ ଅଧ୍ୟାୟ 'ସାଂଖ୍ୟଯୋଗ' ନାମରେ ପରିଚିତ। ଏହି ଅଧ୍ୟାୟରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ କର୍ମ ସଂପାଦନା ସଂପର୍କରେ ଯେଉଁ ଉପଦେଶ ଦେଇଛନ୍ତି ତାହା ହେଉଛି – କର୍ମଯୋଗ। ମହାଭାରତର ମହାସମରର ପ୍ରଥମ ଦିନରେ ପାଣ୍ଡବ ସେନାର ସେନାପତି ଅର୍ଜୁନ ସମ୍ମୁଖରେ ସ୍ୱଜନମାନଙ୍କୁ ଦେଖି କିଂକର୍ତ୍ତବ୍ୟବିମୂଢ଼ ହୋଇଥିଲେ। ଯୁଦ୍ଧ କରିବାକୁ ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ ତାଙ୍କୁ କର୍ମର ଜଟିଳ ତତ୍ତ୍ୱକୁ ବାଖ୍ୟା କରିଛନ୍ତି ସ୍ୱୟଂ ଭାଗବାନ ଶ୍ରୀକୃଷ୍ଣ। ପ୍ରଭୁ କହିଛନ୍ତି, ଜୀବନ କର୍ମମୟ, ଜୀବନରେ ଏପରି ମୁହୂର୍ତ୍ତ ନାହିଁ, ଯେଉଁଠି କର୍ମ ନାହିଁ। କର୍ମ ହିଁ ଜୀବନ। କେବଳ ମୃତ୍ୟୁରେ ହିଁ କର୍ମରୁ ମୁକ୍ତି। ନିଜର ଧର୍ମାନୁସାରେ କର୍ତ୍ତବ୍ୟ କରି ଚାଲିବା ମାନବ ଜୀବନର ଏକମାତ୍ର ଉଦ୍ଦେଶ୍ୟ। ଯୁଦ୍ଧରେ ପ୍ରୀୟଜନଙ୍କ ମୃତ୍ୟୁ ଆଶଙ୍କା ଅର୍ଜୁନଙ୍କୁ ବିଚଳିତ କରୁଥିଲା। ଫଳରେ ଯୁଦ୍ଧ ପ୍ରତି ସେ ଅନାଗ୍ରହ ପ୍ରକାଶ କରିଥିଲେ। ଅର୍ଜୁନଙ୍କୁ ଏହି ମାନସିକ ଅବସ୍ଥାରୁ ଉଦ୍ଧାର କରିବା ପାଇଁ ଶ୍ରୀକୃଷ୍ଣ ପ୍ରଥମେ ତାଙ୍କୁ ଆତ୍ମତତ୍ତ୍ୱ ଓ ସ୍ୱଧର୍ମ ପାଳନର ଉପଦେଶ ଦେଇଥିଲେ। କିନ୍ତୁ ଅର୍ଜୁନଙ୍କୁ ଶ୍ରୀକୃଷ୍ଣଙ୍କ କଥା ପରିବର୍ତ୍ତନ କରିପାରି ନଥିଲା। ଅର୍ଜୁନଙ୍କ ଏହି ମାନସିକ ଅବସ୍ଥାର କାରଣ ଥିଲା ତାଙ୍କର ଆତ୍ମାଭିମାନ। ସେ ନିଜକୁ କର୍ତ୍ତା ମଣୁଥିଲେ। ଯୁଦ୍ଧରେ ଯେତେ ରକ୍ତପାତ ଓ ପ୍ରାଣହାନି ଘଟିବ, ତାହା ତାଙ୍କୁ ପାପ ଫଳ ଭୋଗ କରିବାକୁ ଦେବ ବୋଲି ସେ ଚିନ୍ତା କରୁଥିଲେ। ଅପରପକ୍ଷରେ ଯୁଦ୍ଧକ୍ଷେତ୍ର ତ୍ୟାଗ କରିଯିବା ଯୋଦ୍ଧା କ୍ଷେତ୍ରରେ ଅତ୍ୟନ୍ତ ଅଶୋଭନୀୟ ହେବ, ଏକଥା ବି ଭାବୁଥିଲେ। ଏହି ଦ୍ୱନ୍ଦ୍ୱରୁ ମୁକୁଳିବା ପାଇଁ ଶ୍ରୀକୃଷ୍ଣ ତାଙ୍କୁ କାମନା ବାସନା ତ୍ୟାଗ କରି, କର୍ତ୍ତୃତ୍ୱର ଅଭିମାନ ପରିହାର କରି, କିଭଳି କର୍ମ କରାଯାଇ ପାରିବ, ତାହା ବୁଝାଇ ଦେଲେ। ଫଳରେ ଆଶା ନରଖି ସଂପୂର୍ଣ୍ଣ ନିରାସକ୍ତ ଭାବେ କାର୍ଯ୍ୟ କରିବା ହିଁ ପ୍ରକୃତ କର୍ମଯୋଗ। ଯିଏ କେବଳ କର୍ତ୍ତବ୍ୟ ପାଳନ ଉଦ୍ଦେଶ୍ୟରେ ଫଳାଫଳ ପ୍ରତି ଧ୍ୟାନ ନଦେଇ ନିଜକୁ କର୍ମରେ ସଂପୂର୍ଣ୍ଣ ନିୟୋଜିତ କରେ, ସେ ହିଁ ପ୍ରକୃତ କର୍ମଯୋଗୀ। ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଏହି ବାଣୀ ଅର୍ଜୁନଙ୍କ ପାଇଁ କେବଳ ନଥିଲା, ବରଂ ପଥ ହୁଡୁଥିବା ଦିଗହରା ମଣିଷ ପାଇଁ ଏହା ମାର୍ଗ ଦର୍ଶନ ଥିଲା।

ଭାରତୀୟ ଦର୍ଶନରେ ଯେଉଁ ଦୁଇ ପ୍ରକାରର କର୍ମ କଥା କୁହାଯାଇଛି, ତାହା ସକାମ ଓ ନିଷ୍କାମ କର୍ମ। ଯେଉଁ କର୍ମ ଫଳପ୍ରାପ୍ତିର ଆକାଂକ୍ଷା ରଖେ ତାହା ସକାମ କର୍ମ। କିନ୍ତୁ କର୍ମଟି କରିବା ପରେ ଯଦି କର୍ତ୍ତା ତା'ର ଇପ୍‌ସିତ ଫଳ ନଥାଏ, ତେବେ ଯନ୍ତ୍ରଣା ଭୋଗକରେ। ଅପରପକ୍ଷରେ ନିଷ୍କାମ କର୍ମରେ କୌଣସି ଫଳ ଭୋଗର ଇଚ୍ଛା ଜଡିତ ନଥାଏ। ନିଷ୍କାମ କର୍ମ ନୈତିକ ଜୀବନର ସର୍ବଶ୍ରେଷ୍ଠ ଲକ୍ଷ୍ୟ। ଭାରତୀୟ ଦର୍ଶନରେ ନିଷ୍କାମ କର୍ମର ତିନୋଟି ଲକ୍ଷଣ ଅଛି। ପ୍ରଥମତଃ ଆକାଂକ୍ଷା ବର୍ଜନ କରିବା ଆବଶ୍ୟକ। ଦ୍ୱିତୀୟରେ କର୍ତ୍ତୃତାଭିମାନ ତ୍ୟାଗ କରିବା। ଶେଷରେ ନିଜର ସମସ୍ତ କର୍ମଫଳ ଈଶ୍ୱରଙ୍କୁ ସମର୍ପଣ କରିଦେବା ଉଚିତ୍। ଯାହାଦ୍ୱାରା କର୍ମଫଳ ଜନିତ ସୁଖ ଦୁଃଖ ସଂଶୟ ଇତ୍ୟାଦି ବ୍ୟକ୍ତିକୁ ସ୍ପର୍ଶ କରେନାହିଁ। ଭଗବତ୍ ଗୀତା ଭାରତୀୟ ଦର୍ଶନର ମୂଳମନ୍ତ୍ର। ପ୍ରଭୁ ଶ୍ରୀକୃଷ୍ଣଙ୍କ ଅମୃତବାଣୀ କେବଳ ଅର୍ଜୁନ କାହିଁକି, ସଂପୂର୍ଣ୍ଣ ମାନବ ସମାଜକୁ ଚିରକାଳ ବୁଦ୍ଧିଦୀପ୍ତ କରିଅଛି। 'କର୍ମଣ୍ୟେ ବ୍ୟାଧିକାରସ୍ତେ ମା ଫଳେଷୁ କଦାଚନ, ମା କର୍ମଫଳ ହେତୁର୍ଭୁ ର୍ମାତେ ସଙ୍ଗେ ସ୍ତ୍ୱାକର୍ମଣି'। କର୍ମରେ ମଣିଷର ଅଧିକାର ଅଛି। କଦାପି କର୍ମଫଳରେ ନାହିଁ। ଭାରତୀୟ ଦର୍ଶନ କେତୋଟି ସ୍ୱତନ୍ତ୍ର ଗୁଣର ଅଧିକାରୀ ହୋଇଥିବାରୁ ଏହା ବିଶ୍ୱର ଅନ୍ୟ ଦାର୍ଶନିକ ଧାରା ମାନଙ୍କ ଠାରୁ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ଭାରତୀୟ ଦର୍ଶନ କର୍ମବାଦ ଓ ଉଦାରତାକୁ ବ୍ୟାପକ କରି ସାରା ବିଶ୍ୱରେ ନିଜର ସ୍ଥିତି ସୁଦୃଢ କରି ବିଶ୍ୱବାସୀଙ୍କୁ କର୍ମବାଦର ପ୍ରେରଣା ଯୋଗାଇଛି। ସୃଷ୍ଟିର ସମସ୍ତ ମାନବ ସମାଜ ଏହି କର୍ମବାଦକୁ ନିଜର ଶରୀର ତତ୍ତ୍ୱ ସହ ଉପଲବ୍ଧ କରି ତାକୁ କାର୍ଯ୍ୟରେ ପରିଣତ କରିପାରିଲେ, ଏ ସମାଜରେ ଏକ ସୁସ୍ଥ ବାତାବରଣ ପୁନର୍ବାର ଉଜ୍ଜୀବିତ ହେବ। କର୍ମ ହିଁ ଧର୍ମ ଓ ଭଗବାନ।

# ଅନନ୍ତ ବ୍ରତ ମାହାତ୍ମ୍ୟ



ପ୍ରଦୀପ୍ତ କୁମାର ବିଶ୍ୱାଳ
ସମ୍ପାଦକ, ସାରଳା ଦାସ ସ୍ମୃତି ସଂସଦ, ଭୁବନେଶ୍ୱର
ମୋ: ୯୪୩୮୫୫୫୭୭୦

ଅନନ୍ତ ବ୍ରତ ପାଳନର ଫଳ ସଂପର୍କରେ ଏକ ଆଖ୍ୟାୟିକା ବର୍ଣ୍ଣନା କରି ଶ୍ରୀକୃଷ୍ଣ କହିଲେ ପୂର୍ବକାଳରେ ସତ୍ୟଯୁଗରେ ବଶିଷ୍ଠ ଗୋତ୍ରରେ ଜାତ ସମୁନ୍ତ ବ୍ରାହ୍ମଣ ଭୃଗୁଙ୍କ କନ୍ୟା ଦୀକ୍ଷାଙ୍କୁ ବିବାହ କରି ସୁଶୀଳା ନାମକ ଏକ କନ୍ୟା ପ୍ରାପ୍ତି ହୋଇଥିଲେ। କନ୍ୟାକୁ ଜନ୍ମ ଦେବା ପରେ ଦୀକ୍ଷାଙ୍କର ମୃତ୍ୟୁ ହେବାରୁ ସୁମନ୍ତ କର୍କଶାଙ୍କୁ ୨ୟ ବିବାହ କଲେ। ସୁଶୀଳା କୌଣ୍ଡିନ୍ୟ ନାମକ ଏକ ବ୍ରାହ୍ମଣ ଯୁବକକୁ ବିବାହ କରିବା ପରେ ବିମାତାଙ୍କ ନିର୍ଯ୍ୟାତନା ସହି ନପାରି ଘର ଛାଡିଲେ। ବାଟରେ ନଦୀ ତଟରେ ରକ୍ତବର୍ଣ୍ଣ ବସ୍ତ୍ର ପରିହିତା ସ୍ତ୍ରୀ ଲୋକମାନେ ଅନନ୍ତ ବ୍ରତ ପାଳନ କରୁଥିବା ଦେଖି ସୁଶୀଳା ସେମାନଙ୍କ ଠାରୁ ବୁଝି ବ୍ରତ ପାଳନ କଲା ଓ ଅନନ୍ତଦେବଙ୍କ କୃପାରୁ କୌଣ୍ଡିନ୍ୟର ଗୃହ ମଣିମାଣିକ୍ୟରେ ପରିପୂର୍ଣ୍ଣ ହୋଇଗଲା। କେତେଦିନ ଉତ୍ତାରୁ କୌଣ୍ଡିନ୍ୟ ସୁଶୀଳା ହାତରୁ ସେ ବ୍ରତକୁ ଛିଣ୍ଡାଇ ନିଆଁରେ ପକାଇ ଦେବାରୁ ଅନନ୍ତ ଦେବଙ୍କ କୋପରୁ ଶ୍ରୀହୀନ ହୋଇଗଲେ। ଅନନ୍ତଦେବଙ୍କୁ ଅମାନ୍ୟ କରିଥିବା ଉପଲବ୍ଧି କରି ତାଙ୍କୁ ଦର୍ଶନ କରିବା ପାଇଁ ଗୃହ ତ୍ୟାଗ କରି ବନରେ ବୁଲୁ ବୁଲୁ ଗୋଟିଏ ଫଳନ୍ତି ଆମ୍ବବୃକ୍ଷ, ଦୁଧିଆଳୀ ଗାଈ, ଏକ ବୃଷଭ, ଦୁଇଟି ପୁଷ୍କରିଣୀ, ଗୋଟିଏ ଗଧ ଓ ହାତୀଙ୍କୁ ଅନନ୍ତଦେବଙ୍କ ସଂପର୍କରେ ପଚାରି ନିରାଶ ହୋଇ ଘୁରିବୁଲୁଥିବା ବେଳେ ଜଣେ ବୃଦ୍ଧ ଅନନ୍ତଦେବଙ୍କ ଶଙ୍ଖ, ଚକ୍ର, ଗଦା ଓ ପଦ୍ମଧାରୀ ଅନନ୍ତଙ୍କ ଦର୍ଶନ କରାଇଲେ। କୌଣ୍ଡିନ୍ୟ ନିଜର ଦୋଷ କ୍ଷମା ଯାଚନାକରି ଅନନ୍ତଦେବଙ୍କ କୃପାପ୍ରାପ୍ତ ହୋଇ ସୁଖରେ ସଂସାର କଲେ ଏବଂ ମୃତ୍ୟୁପରେ ବୈକୁଣ୍ଠ ପ୍ରାପ୍ତି ହୋଇଥିଲେ। ବାଟରେ ଭେଟିଥିବା ବୃକ୍ଷ, ଗାଈ ଆଦି ପୂର୍ବ ଜନ୍ମରେ କୁକର୍ମ କରିଥିବାରୁ ଏ ଜନ୍ମରେ ଏପରି ଫଳ ଭୋଗ କରୁଥିଲେ ବୋଲି ଜଣାଇଲେ।

ଭବିଷ୍ୟ ପୁରାଣ ଉକ୍ତି ଅନୁସାରେ ଧାତୁଦ୍ରବ୍ୟରେ ଅନନ୍ତଙ୍କ ମୂର୍ତ୍ତି ନିର୍ମାଣ ବା ଶାଳଗ୍ରାମଙ୍କୁ ପଦ୍ମ କିମ୍ବା ଭଦ୍ରମଣ୍ଡଳରେ ସ୍ଥାପନ ପୂର୍ବକ ଏହି ପୂଜା ଚତୁର୍ଦ୍ଦଶ ବର୍ଷକାଳ କରିବା ବିଧେୟ। ବ୍ରତୀମାନେ ଉପାସ ବ୍ରତ ପାଳନ ପୂର୍ବକ ନିଜ ନିଜ ଗୃହରେ କିମ୍ବା ବିଷ୍ଣୁ ମନ୍ଦିରମାନଙ୍କରେ ଅନନ୍ତ ବିଷ୍ଣୁଙ୍କର ପୂଜାର୍ଚ୍ଚନା କରନ୍ତି। ପୂଜା ନିମନ୍ତେ ଖଇ, ଲଡୁ ଓ ପିଠା ସବୁଥିରୁ ଦଶଟି ଲେଖାଏଁ ଭୋଗ କରାଯାଏ। ଚଉଦ ପ୍ରକାର ଫୁଲ ଓ ଫଳ ଠାକୁରଙ୍କୁ ଅର୍ପଣ କରିବା ବିଧି ରହିଛି।



ଅନନ୍ତ, ବାସୁକି, ତକ୍ଷକ, କର୍କୋଟକ, କୁଳିକ, ଶଙ୍ଖପଦ୍ମ, ମହାପଦ୍ମ ଓ ମହାନିଧି ଏହି ଅଷ୍ଟକୁଳନାଗଙ୍କୁ ଗୁଆ ବସାଇ ପୂଜା କରିବା ବିଧି। ଲାଲ ସୂତାରେ ଚଉଦଟି ଗଣ୍ଠି ପକାଇ ଏକ ବ୍ରତ ପ୍ରସ୍ତୁତ କରି ପୂଜାପୀଠରେ ରଖାଯାଏ। ଅନନ୍ତ ସଂସାର ମନ୍ତ୍ରରେ ଆହୁତି ଦେଇ ପୁରାତନ ଡୋର ବା ବ୍ରତକୁ କଞ୍ଚାକ୍ଷୀରରେ ପକାଇ ନୂତନ ଡୋରକୁ ପୂଜାକରି ପୁରୁଷ ଦକ୍ଷିଣହସ୍ତ ବାହୁ ଓ ସ୍ତ୍ରୀ ବାମହସ୍ତ ବାହୁରେ ଧାରଣ କରିବେ। ଧାରଣ କରିବା ପୂର୍ବରୁ ଚନ୍ଦନ କୁଶଦ୍ୱାରା ଏକ ସର୍ପ ଆକୃତି ଲେଖି ତାକୁ ଧୋଇ ପାନ କରିବ। ଏହି ଡୋରକୁ ହିଁ ଦେବତା ଜ୍ଞାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଅନନ୍ତ ବ୍ରତ ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀରେ ପାଳନ କରାଯାଏ। ଏହାକୁ ଅନନ୍ତ ଚତୁର୍ଦ୍ଦଶୀ ମଧ୍ୟ କୁହାଯାଏ। ଅନନ୍ତ ବ୍ରତ ହିଁ ସର୍ବ ପାପହର ଏବଂ ମଙ୍ଗଳପ୍ରଦ ଅଟେ। ଭୀଷ୍ମ ଯୁଧିଷ୍ଠିରଙ୍କୁ କହିଛନ୍ତି ହେ ଯୁଧିଷ୍ଠିର ! ଏହି ବ୍ରତ ସ୍ତ୍ରୀ ପୁରୁଷ ସମସ୍ତଙ୍କର ସର୍ବବିଧ କାମନା ପୂର୍ଣ୍ଣ କରେ। ଅନନ୍ତ ଦେବଙ୍କ ବ୍ରତ ନିମନ୍ତେ 'ଅନନ୍ତ ବ୍ରତ କଥା' ପ୍ରଚଳିତ। ଭବିଷ୍ୟ ପୁରାଣରେ ଶ୍ରୋତା ଯୁଧିଷ୍ଠିରଙ୍କୁ ଭଗବାନ କୃଷ୍ଣ ଏହା ଶୁଣାଇଛନ୍ତି। ଏକଦା ଶ୍ରୀକୃଷ୍ଣ ହସ୍ତିନାପୁରକୁ ଯାଇଥିଲେ। ଧର୍ମାତ୍ମା ଯୁଧିଷ୍ଠିର ପରମେଶ୍ୱରଙ୍କୁ ଆଦର ଅଭ୍ୟର୍ଥନା ପୂର୍ବକ ପଚାରିଲେ, ଆପଣଙ୍କ ଅନେକ ବ୍ରତ ମଧ୍ୟରୁ କେଉଁ ବ୍ରତ ଶ୍ରେଷ୍ଠ ମୋତେ କୁହନ୍ତୁ। ଶ୍ରୀକୃଷ୍ଣ କହିଲେ ଅନନ୍ତବ୍ରତ ମୋର ସର୍ବଶ୍ରେଷ୍ଠ ବ୍ରତ, ଏହା ପରମ ଗୋପନୀୟ ଯାହା ସ୍ତ୍ରୀ ଓ ପୁରୁଷମାନଙ୍କୁ ଉତ୍ତମ ଗତି ପ୍ରଦାନ କରିଥାଏ। ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀରେ ଆରମ୍ଭ କରାଯାଏ। ଯୁଧିଷ୍ଠିର ପଚାରିଲେ ଅନନ୍ତ ବୋଲି କାହାକୁ କହୁଛନ୍ତି।

ଶ୍ରୀକୃଷ୍ଣ କହିଲେ ତୁମେ ତତ୍ତ୍ୱ ଅନନ୍ତରୂପ ବୋଲି ମୋତେ ଜାଣ। ମୁଁ ହେଉଛି ସୂର୍ଯ୍ୟ, ମୁଁ ହେଉଛି ଚନ୍ଦ୍ର ଏବଂ ମୁଁ ହେଉଛି କାଳ। ନିମେଷ, ଦିନ, ରାତ୍ର, ପକ୍ଷ, ମାସ, ଋତୁ, ବର୍ଷ, ଯୁଗ, କଳ୍ପ ଏସବୁ ମୁଁ ବୋଲି ଜାଣିବ। ଭବଭରା ତାରଣାର୍ଥେ ଆମ୍ଭେ ଜନ୍ମ ନେଇଥାଉ। ଦାନବମାନଙ୍କର ନାଶ ଅର୍ଥେ ବସୁଦେବକୂଳେ ମୁଁ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧରି ଜନ୍ମ ନେଇଥିଲି। ବ୍ରହ୍ମା ମୁଁ, ଆଦିତ୍ୟ ମୁଁ, ଶେଷ ଯେ ପୃଥିବୀ ଧରି ଅଛି ସବୁଠାରେ ମୁଁ ଈଶ୍ୱର ଯେ ସର୍ବବ୍ୟାପି। ମହାକାୟ ଯେ ବିଶ୍ୱରୂପ ସେହି ମୁଁ, ଜଗତ ପ୍ରାଣୀମାନଙ୍କର କ୍ଷୟର କାରଣ ମୁଁ। ହେ ଯୁଧିଷ୍ଠିର ତୋତେ ଯେ ରୂପ ଦେଖାଉଅଛୁ ସେ କେବଳ ପ୍ରତ୍ୟୟ ନିମିତ୍ତ ଅବତାର ଅଟଇ। ପରମ ଯୋଗୀମାନେ ମୋତେ ଧ୍ୟାନ କରି ପାଇ ପାରନ୍ତି ନାହିଁ। କୌଣସି ଠାରେ ମୋ ରୂପ ନାହିଁ, ମୁଁ ଅରୂପ ଅଟଇ। ଚତୁର୍ଦ୍ଦଶ ମନୁ ଯେ ନିଦ୍ରାର ଅବତାର ହୋଇଲେ, ଯେ ମୁଁ ଅଷ୍ଟବସୁ ମୁଁ, ଦ୍ୱାଦଶାଦିତ୍ୟ ମୁଁ, ଏକାଦଶ ରୁଦ୍ର ମୁଁ। ସପ୍ତଋଷି ମୁଁ, ସମୁଦ୍ରମାନେ ମୁଁ, ପର୍ବତମାନେ ଯେ ସେ ମୁଁ, ଦ୍ରୁମ ଯେ ଗଛମାନେ ଏ ସବୁ ମୁଁ ବୋଲି ଜାଣିବ। ନକ୍ଷତ୍ର, ଦିଗ, ପୃଥିବୀ, ପାତାଳ ଚତୁର୍ଦ୍ଦଶ ଭୁବନ ଏସବୁ ମୁଁ।

ପୂର୍ବ ଜନ୍ମାର୍ଜିତ ପ୍ରାରବ୍ଧ କର୍ମ ଭୋଗ ଦୋଷରୁ ମୁକ୍ତି ପାଇବା ପାଇଁ ଅନନ୍ତବ୍ରତ ପାଳନ ହିଁ କେବଳ ଏକମାତ୍ର ଉପାୟ। ଏହି ବ୍ରତ କଥାରେ ମନୁଷ୍ୟ ମନରେ ଭକ୍ତି ଜାତ କରାଇବା ନିମନ୍ତେ ଏବଂ ପାପଠାରୁ ଦୂରରେ ରହିବା ନିମନ୍ତେ ସତର୍କ କରାଇ ଦିଆଯାଇଛି। ପୁର୍ନଜନ୍ମବାଦ, ପ୍ରାରବ୍ଧକର୍ମ, ଈଶ୍ୱର ଭକ୍ତି ଯୋଗୁ ମାନବର ଉନ୍ନତି ସଂପର୍କରେ ସୂଚନା ଦିଆଯାଇଛି। ପ୍ରାରବ୍ଧର ପ୍ରାୟଶ୍ଚିତ, ଦୁଷ୍କୃତିରୁ ରକ୍ଷା, ଇହକାଳ ଓ ପରକାଳର ସୁଫଳ ଲାଭ ଏଥିରେ ନିହିତ ଅଛି। ଗର୍ବ, କ୍ରୋଧ, ପ୍ରତିଜ୍ଞାଭଙ୍ଗ, ପ୍ରତାରଣା, ଜୀବହତ୍ୟା ଓ ମିଥ୍ୟା ଠାରୁ ଦୂରେଇ ରହିବା ଦ୍ୱାରା ମାନବ ଠାରେ ଦେବତ୍ୱର ସମ୍ଭବ ହୋଇପାରିବ। ଏହାଦ୍ୱାରା ମାନବ ଜୀବନ ସୁନିୟନ୍ତ୍ରିତ ହୋଇପାରିବ।



କେନ୍ଦୁଝର(ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଜନ୍ମଜୟନ୍ତି ଉପଲକ୍ଷେ ୧୭ରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ସେବା ପକ୍ଷ ପାଳନ ପାଇଁ କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ତଥା ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରାଜ୍ୟ ମିଡ଼ିଆ ସଂଯୋଜକ ସୁଜିତ କୁମାର ଦାସ ଉପସ୍ଥିତ ନେତା ଏବଂ କାର୍ଯ୍ୟକର୍ତ୍ତାଙ୍କ ସହ ଭାବ ଆଦାନପ୍ରଦାନ କରିଥିଲେ। ସେବା ପକ୍ଷକୁ ଉତ୍ସାହର ସହ ପାଳନ ପାଇଁ କେନ୍ଦୁଝର ବିଜେପି ପକ୍ଷରୁ ୧୭ରୁ ୨ ଅକ୍ଟୋବର ଯାଏଁ ମଣ୍ଡଳରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଚାଲିବ ସେବା କାର୍ଯ୍ୟ। ଜିଲ୍ଲା ଏବଂ ମଣ୍ଡଳସ୍ତରରେ ସ୍ୱାସ୍ଥ୍ୟ ଏବଂ ରକ୍ତଦାନ ଶିବିର କରାଯିବ। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଃଶୁଳ୍କ ସ୍ୱାସ୍ଥ୍ୟଶିବିର ଆୟୋଜନ କରାଯିବ। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଜୀବନ ଉପରେ ପ୍ରଦର୍ଶନୀ କରାଯିବ ସହ ଫିଲ୍ମ ପ୍ରଦର୍ଶିତ ହେବ। ବିକଶିତ ଭାରତ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ସହ ୨୧ରେ ମୋଦି ବିକାଶ ମାରାଥନ କାର୍ଯ୍ୟକ୍ରମ ହେବ। କର୍ମଶାଳାରେ ସାଂସଦ ଅନନ୍ତ ନାୟକ, ପୂର୍ବତନ ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ରାଧାକାନ୍ତ ମହାନ୍ତ, କେନ୍ଦୁଝରଗଡ଼ ପୌରପାଳିକାର ଅଧକ୍ଷା ନିକୁ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ, କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ସେଠୀ ଏବଂ ଶମ୍ଭୁନାଥ ରାଉତ, ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଦାସମତି ଚାତାର, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନ ରଂଜନ ସାମନ୍ତ ସିଂହାର ଏବଂ ଅନୁବ୍ରତ ବେହେରା ପ୍ରମୁଖ ନିଜର ମତାମତ ରଖିଥିଲେ।



# ପ୍ରଧାନ ଶିକ୍ଷକଙ୍କ ନିଲମ୍ବନ ପ୍ରତିବାଦରେ ମାତିଲେ ଛାତ୍ରଛାତ୍ରୀ ଓ ଅଭିଭାବକ



ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ପବିତ୍ର ଗୁରୁଦିବସ ଅବ୍ୟବହିତ ପୂର୍ବରୁ ଜିଲ୍ଲା ଶିକ୍ଷା ଅଧିକାରୀ ଓଡିଶା ସେକେଣ୍ଡାରୀ ଏଜୁକେସନ ନିର୍ଦ୍ଦେଶ ଅନୁସାରେ ପତ୍ରସଂଖ୍ୟା ୭୩୯୪/ ୪.୯.୨୦୨୫ରେ ପୁନଙ୍ଗ ସ୍ଥିତ ନରେନ୍ଦ୍ରନାଥ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ସନାତନ ଖୁଣ୍ଟିଆଙ୍କୁ ନିଲମ୍ବିତ କରିଛନ୍ତି। ଏହି ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକ ଜିଲ୍ଲାପାଳଙ୍କୁ ଭେଟି ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ଦାବି ଜଣାଇଛନ୍ତି। ସୂଚନା ଅନୁସାରେ ଗତ ୨୬.୧.୨୦୨୫ ସାଧାରଣତନ୍ତ୍ର ଦିବସ ପାଳନ ସମୟରେ ନରେନ୍ଦ୍ରନାଥ ସରକାରୀ ହାଇସ୍କୁଲରେ ପିଲାମାନେ ଆଧୁନିକ ଗୀତ ଲଗାଇ ନାଚିବା ପ୍ରସଙ୍ଗକୁ ନେଇ ପ୍ରଧାନ ଶିକ୍ଷକଙ୍କୁ ୭ ମାସ ପରେ ନିଲମ୍ବନ କରାଯାଇଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ ୨୬.୧.୨୦୨୫ର ଘଟଣା ସମ୍ପର୍କରେ ୧ ମାର୍ଚ୍ଚ ୨୦୨୫ରେ ଏକ ନିର୍ଦ୍ଦିଷ୍ଟ ଖବରକାଗଜରେ ଖବର ପ୍ରକାଶନ ପରେ ସେହିଦିନ ଜିଲ୍ଲା ଶିକ୍ଷା ଅଧିକାରୀ ଉକ୍ତ ବିଦ୍ୟାଳୟକୁ ଘଟଣାର ଅନୁସନ୍ଧାନ ପାଇଁ ଯାଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ପତ୍ରସଂଖ୍ୟା ୨୧୧୧/୧.୩.୨୦୨୫ରେ ସେକେଣ୍ଡାରୀ ଏଜୁକେସନଙ୍କ ନିର୍ଦ୍ଦେଶକଙ୍କୁ ଜଣାଇଥିଲେ ଯେ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯାଉ। ସେ ଏକଥା ଉଲ୍ଲେଖ କରିଥିଲେ ଯେ ସାଧାରଣତନ୍ତ୍ର ଦିବସ ପାଳନ ପରେ ଛାତ୍ରଛାତ୍ରୀସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରଖିଥିଲେ ଓ ଏକ ଆଧୁନିକ ଗୀତରେ ନାଚିଥିଲେ। ଏଠାରେ ଉପସ୍ଥିତ ଥିବା ପ୍ରଧାନ ଶିକ୍ଷକ ମାଇକ ଅପରେଟରଙ୍କୁ ଗୀତ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଛାତ୍ରଛାତ୍ରୀଙ୍କୁ ଏଥିରୁ ନିବୃତ୍ତ କରିଥିଲେ। ମାତ୍ର ଦୁର୍ଭାଗ୍ୟର ପ୍ରସଙ୍ଗ ଯେ ସମସ୍ତ ପ୍ରସଙ୍ଗ ଜାଣିବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ନକରି ଦାଇତ୍ୱହୀନ ଭାବେ ନିଲମ୍ବନ କରିବା ନିମନ୍ତେ ନିର୍ଦ୍ଦେଶର, ସେକେଣ୍ଡାରୀ ଏଜୁକେସନକୁ ୧.୩.୨୦୨୫ରେ ପତ୍ର ଲେଖିଥିଲେ। ନିର୍ଦ୍ଦେଶକ ସେକେଣ୍ଡାରୀ ଏଜୁକେସନ ପତ୍ର ସଂଖ୍ୟା ୨୩୦୬୪ ତା ୨.୯ ୨୦୨୫ରେ ରୂଲ ୧୨(୧) ଅନୁସାରେ ପ୍ରଧାନ ଶିକ୍ଷକ ସନାତନ ଖୁଣ୍ଟିଆଙ୍କୁ ନିଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ସାଧାରଣତନ୍ତ୍ର ଦିବସର ଘଟଣାକୁ ନେଇ ୭ ମାସ ତଳେ ନରେନ୍ଦ୍ରନାଥ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଦାଇତ୍ୱହୀନ ଭାବେ ନିଲମ୍ବନ କରାଯିବା ଘଟଣାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ଜିଲ୍ଲାପାଳଙ୍କୁ ନିଲମ୍ବନ ପ୍ରତ୍ୟାହାର କରିବା ପାଇଁ ଦାବି ଜଣାଇଛନ୍ତି।

# ନିମାପଡ଼ାରେ ଗୁରୁ ଦିବସକୁ କଳା ଦିବସ ପାଳିଲେ ଅଧ୍ୟାପକ, ଅଧ୍ୟାପିକା




ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ସମେତ ବିଭିନ୍ନ କଲେଜର ବେସରକାରୀ ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀ ସଂଘ ତରଫରୁ ସରକାରୀ ଅନୁଦାନ ଦାବିରେ ଗୁରୁ ଦିବସକୁ କଳା ଦିବସ ରୂପେ ପାଳନ କରିଛନ୍ତି। ଜୟଗୁରୁ ଶିକ୍ଷା ନିକେତନରେ ସମସ୍ତ ବେସରକାରୀ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସରକାରଙ୍କ ଅଧ୍ୟାପକ, କର୍ମଚାରୀଙ୍କ ପ୍ରତି ଚରମ ଅବହେଳାକୁ ବିରୋଧ କରି ଗୁରୁ ଦିବସକୁ କଳା ଦିବସ ରୂପେ ପାଳନ କରିଛନ୍ତି। ବେସରକାରୀ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ ୧୭ ବର୍ଷ କାଳ ପରେ ମଧ ସରକାରୀ ଅନୁଦାନ ପରିସରଭୁକ୍ତ କରାଯାଇ ନାହିଁ। ସଂଘ ପକ୍ଷରୁ ୪୯୭ ଦିନ ଗାନ୍ଧୀ ମାର୍ଗରେ ଅହୋରାତ୍ର ଧାରଣାରେ ମୁଖ୍ୟମନ୍ତ୍ରୀଙ୍କୁ ଦେଢ଼ ଲକ୍ଷ ଦସ୍ତଖତ ପତ୍ର ପ୍ରଦାନ କରାଯାଇଛି। ୧୦ହଜାର ଅଭିଯୋଗପତ୍ର ପ୍ରଦାନ କରାଯାଇଥିବା ବେଳେ ୩୦ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ମଧ ଦିଆଯାଇଛି। ୧୨୦ ବିଧାୟକ ଅନୁମୋଦନ ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ତଥାପି ସରକାର କୌଣସି ନିଷ୍ପତ୍ତି ନେଇନଥିବା ବେଳେ ଶିକ୍ଷକଙ୍କ ଦାବି ଦିବସ ଅଗଷ୍ଟ ୧୬ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଛି। କିନ୍ତୁ ପରିତାପର ବିଷୟ ୧୯ ଦିନ କାର୍ଯ୍ୟ ବନ୍ଦ କଲା ପରେ ମଧ କୌଣସି ଆଲୋଚନା କରିନାହାନ୍ତି। ଶିକ୍ଷକ ମାରଣ ନୀତିକୁ ବିରୋଧ କରି ପବିତ୍ର ଗୁରୁ ଦିବସକୁ କଳା ଦିବସ ରୂପେ ପାଳନ କରାଯାଇଛି ବୋଲି ଅଧ୍ୟାପକ ଜୀବନ ଦାଶ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଗୋପ ଖଣ୍ଡର ସଂଯୋଜକ ଡ଼ଃ ବନମାଳୀ ବେହେରା, କାକଟପୁର ଖଣ୍ଡର ସଂଯୋଜକ ଡ଼ଃ କବିତା ତିଆଡ଼ି, ଅଧ୍ୟାପକ ଆଶିଷ କୁମାର ମହାପାତ୍ର, ଅଧ୍ୟାପକ ସ୍ୱୟଂ ବିକାଶ ରଥ, ବିକ୍ରମ କେଶରୀ ବରିହା ପ୍ରମୁଖ ନେତୃତ୍ୱ ନେଇଥିଲେ।

# ୨ ନାବାଳିକାଙ୍କୁ ଅପହରଣ ଅଭିଯୋଗ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଥାନା ଅଞ୍ଚଳରୁ ଦୁଇ ନାବାଳିକା କେଉଁଆଡ଼େ ପଳାଇଥିବା ବେଳେ ପରିବାର ପକ୍ଷରୁ ଅପହରଣ ଅଭିଯୋଗ ହୋଇଛି। ନାବାଳିକା ନିଜ ଇଚ୍ଛାରେ ଯାଇଛନ୍ତି ନା ତାଙ୍କୁ ଅପହରଣ କରାଯାଇଛି ତାହା ତଦନ୍ତ ସାପେକ୍ଷ। ସୂଚନାନୁଯାୟୀ, ନିମାପଡ଼ା ଏନ୍‌ଏସି ଜଇନାବାଦରୁ ୧୭ବର୍ଷିୟା ନାବାଳିକା ଯୁକ୍ତ ୨ରେ ଅଧ୍ୟୟନ କରୁଥିବା ବେଳେ କେଉଁଆଡ଼େ ଚାଲି ଯାଇଛି। ଗ୍ରାମର ନଣ୍ଡା ନାମକ ଯୁବକ ଅପହରଣ କରିଥିବା ନାବାଳିକା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ସହ ନାବାଳିକାଙ୍କୁ ଉଦ୍ଧାର ପାଇଁ ଚଢ଼ଉ ଜାରି ରଖିଛି। ଧୀରପୁରରୁ ୧୭ ବର୍ଷିୟା ନାବାଳିକା ଗତ ୨୯ରେ କେଉଁଆଡ଼େ ପଳାଇ ଯାଇଛି। ପରିବାର ଲୋକେ ଖୋଜ ଖବର କରି ଜାଣିବାକୁ ପାଇଲେ ପ୍ରକାଶ ନାମକ ଯୁବକ ଅପହରଣ କରି ନେଇଥିବା ନାବାଳିକା ପରିବାର ଗ୍ରାମ ୱାର୍ଡ଼ ମେମ୍ବରଙ୍କୁ ଅଭିଯୋଗ କରିଥିଲେ। ୱାର୍ଡ଼ ମେମ୍ବର ବୁଝିବା କହି ୪ ଦିନ ପରେ ଅପହରଣକାରୀ ପରିବାର ମୋ କଥା ଶୁଣୁନାହାନ୍ତି ବୋଲି କହିବାରୁ ନାବାଳିକାଙ୍କ ମା’ ଲିଖିତ ଅଭିଯୋଗ ଦେବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି।

# କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ବୈମାତୃକ ମନୋଭାବ ନେଇ ଗଣଧାରଣା



କୋରେଇ(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲାର ଭୌଗୋଳିକ ଦୃଷ୍ଟିରୁ କୋରେଇ ବ୍ଲକଟି ନିପଟ ଗ୍ରାମାଞ୍ଚଳ ବ୍ଲକ ଭାବେ ପରିଚିତ। ଗ୍ରାମାଞ୍ଚଳର ଲୋକମାନେ ସ୍ୱାସ୍ଥ୍ୟ ସେବା ପାଇଁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ବୈମାତୃକ ମନୋଭାବ ପାଇଁ ଏଠାରେ ରୋଗୀ ସେବା ବ୍ୟାଘାତ ହେଉଛି ବୋଲି ଅଭିଯୋଗ ହେଉଛି। ଏଠାରେ ଉଲ୍ଲେଖ ଯୋଗ୍ୟକି କୋରେଇ ବ୍ଲକର ୨୮ ଗୋଟି ପଞ୍ଚାୟତରୁ ପାଖାପାଖି ୨୦ ଗୋଟି ପଞ୍ଚାୟତର ଜନସାଧାରଣ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ପ୍ରତ୍ୟେକ ଦିନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରୁ ଡାକ୍ତର ମାନେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରୋଗୀମାନଙ୍କୁ ରେଫର ବି କରନ୍ତି। ସେଥିପାଇଁ ପ୍ରତିଦିନ ହଜାର ହଜାର ରୋଗୀ ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ଦୁଃଖର ବିଷୟ ଏଠାରେ ଦୀର୍ଘ ବର୍ଷ ହେବ ଶିଶୁ ରୋଗ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଦନ୍ତ ବିଶେଷଜ୍ଞ ପଦଗୁଡ଼ିକ ଖାଲି ପଡିଛି। ବିଭିନ୍ନ ସମସ୍ୟାକୁ ନେଇ ଗତ ବର୍ଷ ଯାଜପୁର ସୁରକ୍ଷା ସେନାର ସଭାପତି ମିଷ୍ଟର୍ ସୁରେନ୍ଦ୍ର ବରାଳଙ୍କ ନେତୃତ୍ୱ ରେ କୋରେଇ ଅଞ୍ଚଳର ବିଭିନ୍ନ ବର୍ଗର ଲୋକମାନଙ୍କୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ୧୦ ଦିନର ଧାରଣା ଦେଇଥିବା ବେଳେ ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଆସି ୬୦ ଦିନରେ ଦାବି ପୂରଣ ହେବା ନେଇ ତାଙ୍କୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ଦୁଃଖର କଥା ବର୍ଷେ ବିତି ଯାଇଥିଲେ ମଧ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତାଙ୍କର ଗୋଟିଏ ବି ପ୍ରତିଶ୍ରୁତି ପୂରଣ କରିନଥିବାରୁ ଆଜି ଠାରୁ ପୁଣି ଯାଜପୁର ସୁରକ୍ଷା ସେନା ଓ ଅଞ୍ଚଳ ର ବହୁ ଜ୍ଞାନୀ ଗୁଣି ବ୍ୟକ୍ତି ମାନେ ଉପର ଲିଖିତ ଦାବୀ ଗୁଡିକୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ଧାରଣାରେ ଯାଜପୁର ସୁରକ୍ଷା ସେନାର ସଭାପତି ମିଷ୍ଟର ସୁରେନ୍ଦ୍ର ବରାଳ, ସ୍ମୃତିଲିପି ସମ୍ପାଦକ ଭୁବନ ମୋହନ ମହାନ୍ତି, ଲୋକମାନ ବେଗ, ନିଗମା ନନ୍ଦ ନାଥ, ଲିପା ନାୟକ, ନିନା ବାବୁ, ସାମ୍ବାଦିକ ପ୍ରହଲ୍ଲାଦ ଦେଓ ପ୍ରମୁଖ ଯୋଗ ଦେଇଥିଲେ।

# ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ



ଭୁବନ(ଭାସ୍କର ନ୍ୟୁଜ): ଭୁବନରେ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ପବିତ୍ର ବାମନ ଜନ୍ମ ସୁନିଆଁ ରେ ଅନୁକୂଳ ମାଟି ଅଣାଗଲା। ପୁରାତନ ଅନୁଷ୍ଠାନ ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ, ଅରାସାହି ତରଫରୁ ଏକ ଶୋଭାଯାତ୍ରାରେ ରଗଡ଼ି ନାଳ ପର୍ଯ୍ୟନ୍ତ ଯାଇ ସେଠାରେ ପୂଜାର୍ଚ୍ଚନା କରାଯାଇ ଅନୁକୂଳ ମାଟି ଅଣାଯାଇଥିଲା। ଅରା ସାହି ସଭାପତି ହୃଦାନନ୍ଦ ବେହେରାଙ୍କ ସମେତ ସାହି ମୁରବୀ ରାମକୃଷ୍ଣ ପୋଥାଳ, ଗଙ୍ଗାଧର ବେହେରା, ଦୀନବନ୍ଧୁ ପୃଷ୍ଟି, ସତ୍ୟାନନ୍ଦ ପୃଷ୍ଟି, ବନମାଳୀ ଦାସ, ମନ ମୋହନ ସାହୁ, ଗୟାଧର ପୃଷ୍ଟି, ଶିଖର ବେହେରାଙ୍କ ସହ ବହୁ ସଂଖ୍ୟକ ସାହି ବାସିନ୍ଦା ଏଥିରେ ସାମିଲ ହୋଇଥିଲେ। ମହାଲକ୍ଷ୍ମୀ ବଣିକ ସଂଘ ନୁଆବଜାର ତରଫରୁ ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟିଙ୍କ ନେତୃତ୍ୱରେ ବ୍ୟବସାୟୀ ଭାଇ ମଧ ଶୋଭାଯାତ୍ରାରେ ଯାଇ ପବିତ୍ର ମାଟି ଆଣିଥିଲେ। ଅନୁରୂପ ଭାବେ ଭୁବନର ଅନ୍ୟାନ୍ୟ ପୂଜା ପ୍ରତିଷ୍ଠାନ ତରଫରୁ ମଧ ଲକ୍ଷ୍ମୀପୂଜା ନିମନ୍ତେ ମାଟି ଅଣାଯାଇଥିଲା।

# ଉଦୟବଟ ଧାମରେ ସୁନିଆଁ ଉତ୍ସବ ପାଳିତ



ପାରାଦୀପ(ଭାସ୍କର ନ୍ୟୁଜ): ବନ୍ଦର ସହର ଉପକଣ୍ଠ ସ୍ଥିତ ପ୍ରସିଦ୍ଧ ପୀଠ ଉଦୟବଟ ଧାମରେ ଶ୍ରୀ ଜଗନ୍ନାଥ ତତ୍ତ୍ୱାଶ୍ରମ ଆନୁକୂଲ୍ୟରେ ଗଜପତି ମହାରାଜାଙ୍କ ୬୯ ଅଙ୍କ ୧୪୩୩ ସାଲ ପ୍ରବେଶ ଅବସରରେ ସୁନିଆଁ ଉତ୍ସବ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି। ଓଡ଼ିଶାର ପଞ୍ଚସଖା ଓ ସନ୍ଥ ସାଧକ ମାନଙ୍କ ଭବିଷ୍ୟତ ବାଣୀ ଅନୁଯାୟୀ ଗଜପତି ମହାରାଜଙ୍କ ୧୮ ଅଙ୍କ ୧୯୮୪ ମସିହା ପବିତ୍ର ସୁନିଆଁ ଦିନ ‘କଳ୍କୀ’ ଦାରୁ ସଂଗ୍ରହ କରାଯାଇ ଉଦୟବଟ ଧାମରେ ଗୁପ୍ତ ପୂଜାର୍ଚ୍ଚନା କରାଯାଉଅଛି। ପ୍ରତ୍ୟେକ ବର୍ଷ ମହାପ୍ରଭୁଙ୍କ ଦଶମ ଅବତାର କଳ୍କୀଙ୍କର ସ୍ୱତନ୍ତ୍ର ପୂଜା କରାଯାଇ ଗୁପ୍ତ ଦାରୁ ଦର୍ଶନର ବ୍ୟବସ୍ଥା କରାଯାଇଥାଏ। ଏହି ଅବସରରେ ଚଳିତ ବର୍ଷ ମହାପୁରୁଷ ରାଜୀବ ଲୋଚନ ଦାସଙ୍କ ସମାଧି ପୀଠ ଓ ଜଗନ୍ନାଥ ମନ୍ଦିରରେ ପୁଷ୍ପ ଅର୍ଘ୍ୟ ପ୍ରଦାନ ଓ ଆରାଧନା ପୂର୍ବକ ତତ୍ତ୍ୱାଶ୍ରମରେ ଯଜ୍ଞ, ବ୍ରହ୍ମନାମ ଅନୁଷ୍ଠିତ ହୋଇଥିଲା। ପୀଠର ପରାମର୍ଶଦାତା ବୈଷ୍ଣବ ଚରଣ ପଟ୍ଟନାୟକ କର୍ତ୍ତା ଭାବେ ଉଦୟବଟ ଧାମର ସାମୁହିକ ବିକାଶ ପାଇଁ କଳ୍କୀ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସଭାପତି ବସନ୍ତ କୁମାର ନାୟକ କଳ୍କୀଙ୍କର ନାମ, ରୂପ, ତତ୍ତ୍ୱର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ଚିନ୍ମୟ ଦାସ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନା ସହ ସମସ୍ତ ଶ୍ରଦ୍ଧାଳୁ ଓ ଭକ୍ତଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଂଯୋଜକ ଡା. ରାଜେନ୍ଦ୍ର ପ୍ରସାଦ ନାୟକ ସଫଳତାର ସହ ପରିଚାଳନା କରିଥିବା ବେଳେ ଉପସଭାପତି ସନ୍ଦୀପ୍ତ ଚୌଧୁରୀ, ପିଠାଧୀଶ ବାବା ଭାବ ସାଗର ଦାସ, ପଦ୍ମନାଭ ରାଉତ, କେଦାର ଚରଣ ଦାସ, ଉଦୟ ବେହେରା, ନିକୁଞ୍ଜ ସ୍ୱାଇଁ, ବିଭୁତି ତରାଇ, ଶ୍ରୀଧର ମଲ୍ଲିକ, କ୍ଷୀରୋଦ ରାଉତ, ବୈକୁଣ୍ଠ ଭୋଇ ପ୍ରମୁଖ ସେବକ ବୃନ୍ଦ ସକ୍ରିୟ ସହଯୋଗ କରିଥିଲେ।

# ଢେଙ୍କାନାଳ ବିଜେପି କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ସେବାପକ୍ଷ କର୍ମଶାଳା




ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ବିଜେପି କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ସେବାପକ୍ଷ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ରାସ ବିହାରୀ ବେହେରାଙ୍କ ଅଧକ୍ଷତାରେ କର୍ମଶାଳାରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି, କାର୍ଯ୍ୟକ୍ରମ ପ୍ରଭାରୀ ପୂର୍ବତନ ବିଧାୟକ ଲଳିତେନ୍ଦୁ ମହାପାତ୍ର ଏବଂ ସମ୍ମାନିତ ଅତିଥି ପରଜଙ୍ଗ ବିଧାୟକ ବିଭୁତିଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗରର ବିଧାୟକ ଶତ୍ରୁଘ୍ନ ଜେନା, ଢେଙ୍କାନାଳ ପୌରଧକ୍ଷା ଜୟନ୍ତୀ ପାତ୍ର ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିବା ସମୟରେ ସେବା ପକ୍ଷର ଜିଲ୍ଲା ସଂଯୋଜକ ବିଷ୍ଣୁ ପ୍ରସାଦ ଲେଙ୍କା କର୍ମଶାଳାରେ ସଂଯୋଜନା କରିଥିଲେ। ସେବା ପକ୍ଷର ସହସଂଯୋଜକ ମାତୃପ୍ରସାଦ ନନ୍ଦ ଅତିଥିବୃନ୍ଦଙ୍କୁ ଆମନ୍ତ୍ରଣ କରିବା ସହ ଅତିଥି ପରିଚୟ ପ୍ରଦାନ କରାଇଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ୧୭ରୁ ଅକ୍ଟୋବର ୨ ପବିତ୍ର ଗାନ୍ଧି ଜୟନ୍ତି ଓ ଶାସ୍ତ୍ରୀ ଜୟନ୍ତି ପର୍ଯ୍ୟନ୍ତ ସେବା ହିଁ ପରମ ଧର୍ମକୁ ଆଧାର କରି ଦଳ ପକ୍ଷରୁ ସ୍ୱଚ୍ଛତା ଅଭିଯାନ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ବୃକ୍ଷ ରୋପଣ, ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ଆଧାରିତ ପ୍ରଦର୍ଶନୀ ଓ ଡକୁମେଣ୍ଟାରୀ ଫିଲିମ୍ ପ୍ରଦର୍ଶନ, ମୋଦି ବିକାଶ ମାରାଥନ, ଜିଲ୍ଲା ଓ ବୁଥ୍ ସ୍ତରରେ ପଣ୍ଡିତ୍ ଦୀନଦୟାଲ ଜୟନ୍ତୀ, ଭୋକାଲ୍ ଫର୍ ଲୋକାଲ୍‌ର ପ୍ରଚାର, ବିକଶିତ ଭାରତ ଚିତ୍ରାଙ୍କନ ପ୍ରତିଯୋଗିତା, ଦିବ୍ୟାଙ୍ଗ ଜନ ଓ ଅନ୍ୟାନ୍ୟ ପ୍ରଷ୍ଟିତ ବ୍ୟକ୍ତିଙ୍କୁ ସମ୍ମାନିତ କରିବା, ପବିତ୍ର ଗାନ୍ଧି ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ଓ ସାଂସଦ କ୍ରୀଡ଼ା ପ୍ରତିଯୋଗିତା ଆଦି ସେବାମୂଳକ ବିଭିନ୍ନ କାର୍ଯ୍ୟକ୍ରମ ଏହି ସେବା ପକ୍ଷରେ କରିବାକୁ ଅତିଥି ବୃନ୍ଦ ଉପସ୍ଥିତ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। କର୍ମଶାଳାରେ ପୂର୍ବତନ ମନ୍ତ୍ରୀ ନବିନ ଚନ୍ଦ୍ର ନାରାୟଣ ଦାଶ, ପୂର୍ବତନ ସଭାପତି ନରେଶ ମହାପାତ୍ର, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପ୍ରେମାନନ୍ଦ ଜେନା, ଜିଲ୍ଲା ମିଡ଼ିଆ ପ୍ରଭାରୀ ନବକିଶୋର ଗୁରୁ, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂଦେଓ, ପ୍ରମୋଦ ନନ୍ଦ, ସାଧାରଣ ସଂପାଦକ ସୁନିଲ୍ ଶର୍ମା, ସଞ୍ଜୟ ଦାସଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ, ସମସ୍ତ ମଣ୍ଡଳର ବର୍ତ୍ତମାନ ଓ ପୂର୍ବତନ ସଭାପତି ଏବଂ ପ୍ରତ୍ୟେକ ମଣ୍ଡଳର ସେବାପକ୍ଷ ଟୋଲି ଯୋଗ ଦେଇଥିଲେ।

# ଝିଙ୍କାରପୁର ବିଜେପିର ଗୁରୁ ପୂଜନ ଓ ସମ୍ବର୍ଦ୍ଧନା




ଝିଙ୍କାରପୁର(ଭାସ୍କର ନ୍ୟୁଜ): ଝିଙ୍କାରପୁର ବିଜେପି ପକ୍ଷରୁ ଗୁରୁ ଦିବସ ଅବସରରେ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଫତେପୁର ସୋନି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବିଜେପି ନେତ୍ରୀ ବବିତା ମଲ୍ଲିକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ଶତାଧିକ ଶିକ୍ଷକ, ଅବସରପ୍ରାପ୍ତ ଶିକ୍ଷକ ମାନେ ଯୋଗ ଦେଇଥିଲେ। ବିଜେପି ନେତ୍ରୀ ବବିତା ମଲ୍ଲିକ ଗୁରୁଙ୍କ ପାଦ ପ୍ରକ୍ଷାଳନ କରି ବନ୍ଦାପନା କରିଥିଲେ। ସମାଜକୁ ସୁନ୍ଦର, ଶୃଙ୍ଖଳିତ ଓ ସୁନାଗରିକ ଗଢ଼ିବାରେ ଗୁରୁମାନଙ୍କ ଭୂମିକା ପ୍ରମୁଖ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ନିରଞ୍ଜନ ହ୍ୱେରିଆ, ଜିତେନ୍ଦ୍ର ବିଶ୍ୱାଳଙ୍କ ସମେତ ବହୁ ଦଳୀୟ ପଦାଧିକାରୀ ଯୋଗ ଦେଇଥିଲେ। ଗୁରୁଙ୍କ ପଦ ପ୍ରକ୍ଷାଳନ କରି ଚନ୍ଦନ, ସିନ୍ଦୂର ଲଗାଇ ବନ୍ଦାପନା କରିଥିଲେ। ଗୁରୁଙ୍କ ଆଶିର୍ବାଦ ରହିଲେ ଶିଷ୍ୟ ସବୁ ଅସାଧ ସାଧନ କରିବା ସହ ଭଲ ମଣିଷଟିଏ ହୋଇଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

# କାକଟପୁର ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



କାକଟପୁର(ଭାସ୍କର ନ୍ୟୁଜ): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ (୨୦୨୪-୨୫) ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଘୋଷଣା କରାଯାଇଥିଲା। ତନ୍ମଧ୍ୟରୁ କାକଟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ସେଖ ୱାସିମ୍ ଅଖତାର, ଗୁରୁ ଦିବସ ଦିନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜଗତସିଂହପୁର ଜିଲ୍ଲାରେ ଆୟୋଜନ ହୋଇଥିବା ସମ୍ବର୍ଦ୍ଧନା ଉତ୍ସବରେ ପୁରସ୍କାର ଗ୍ରହଣ କରିଛନ୍ତି। ସେ ଦୀର୍ଘ ୧୦ ବର୍ଷ ଧରି ଜଗତସିଂହପୁର ଜିଲ୍ଲାରେ ଶିକ୍ଷାଦାନ କରି ବର୍ତ୍ତମାନ କାକଟପୁର ବାଳିକା ଉଚ୍ଚବିଦ୍ୟାଳୟରେ ବଦଳି ହୋଇଆସିଛନ୍ତି। ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିବା ଜଗତିଂହପୁର ଜିଲ୍ଲାର ଶିକ୍ଷା ଅଧିକାରୀ, ନିରଜନ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପରେଶ୍ ପାତ୍ର, ରାଜ୍ୟଶ୍ରୀ ସାହୁ, ସୁଶାନ୍ତ ସାହୁ ତାଙ୍କର ଆଗାମୀ କର୍ମମୟ ଜୀବନ ସୁଖମୟ ହେବାର କାମନା କରିଛନ୍ତି।

# ଶିକ୍ଷା କୌଣସି ଦାନ ନୁହେଁ, ମୌଳିକ ଅଧିକାର: କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନିକଟରେ ଶିକ୍ଷା ମନ୍ତ୍ରାଳୟ ପ୍ରକାଶ କରିଥିବା ୟୁଡିଆଇଏସଇ ପ୍ଲସ ୨୦୨୪-୨୫ ରିପୋର୍ଟ ଓଡ଼ିଶାର ସ୍କୁଲ ଶିକ୍ଷାର ଦୟନୀୟ ଚିତ୍ରକୁ ସ୍ପଷ୍ଟ କରିଦେଇଛି। ଏହା ମାତ୍ର ଏକ ଶିକ୍ଷା ସଙ୍କଟ ନୁହେଁ, ଏହା ସମଗ୍ର ସମାଜ ପାଇଁ ଏକ ଗମ୍ଭୀର ସଙ୍କେତ। ଆଜି ଗୁରୁ ଦିବସ ଅବସରରେ ଓଡ଼ିଶାର ବିକଳ ଶିକ୍ଷା ବ୍ୟବସ୍ଥାକୁ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମିଡିଆ ସେଲ୍ ଉପାଧକ୍ଷ ଅମିୟ ପାଣ୍ଡବ କହିଥିଲେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଧସିପଡୁଛି। ମୁଖ୍ୟମନ୍ତ୍ରୀ ସମ୍ପାଦକୀୟ ଲେଖି ଭଲ ଶିକ୍ଷାର ପ୍ରୟୋଜନୀୟତାର କଥା କହୁଛନ୍ତି, କିନ୍ତୁ ସତ୍ୟ ବାସ୍ତବତା ଠାରୁ ବହୁ ଦୂରରେ। ଦୁଃଖର ବିଷୟ, ଭାରତର ୧୦୦ ଶିକ୍ଷା ସଂସ୍ଥାନ ତାଲିକାରେ ଓଡ଼ିଶାର ଗୋଟିଏ ସରକାରୀ ସଂସ୍ଥା ମଧ ନାହିଁ। କଂଗ୍ରେସ ପ୍ରବକ୍ତା ଡ. ମନିଷା ଦାସ ପଟ୍ଟନାୟକ କହିଛନ୍ତି ଯେ, ମାତ୍ର ଗୋଟିଏ ବର୍ଷରେ ଓଡ଼ିଶା ୧,୧୨,୮୫୮ ଛାତ୍ରଛାତ୍ରୀଙ୍କୁ ହରାଇଛି ଏବଂ ୧୨୮ ସ୍କୁଲ ବନ୍ଦ ହୋଇଯାଇଛି। ଲକ୍ଷ ଲକ୍ଷ ଗରିବ, ଆଦିବାସୀ ଓ ଦଳିତ ପିଲାଙ୍କ ପାଇଁ ଯେଉଁ ଶିକ୍ଷା ସବୁଠାରୁ ବଡ଼ ପ୍ରାଥମିକତା ହେବା ଉଚିତ, ସେଠାରେ ସରକାରୀ ଅବହେଳା ପାଇଁ ସ୍କୁଲଗୁଡ଼ିକ ବନ୍ଦ ହେଉଛି ଏବଂ ପିଲାମାନେ ପାଠପଢ଼ା ଛାଡୁଛନ୍ତି। ପ୍ରବକ୍ତା ଜଗଦାନନ୍ଦ ପ୍ରଧାନ ମଧ କହିଛନ୍ତି, ଏନସିଇଆରଟି ପୁସ୍ତକକୁ ମନମୁତାବକ ବଦଳାଯାଉଛି। ପ୍ରକୃତ ଇତିହାସକୁ ବିକୃତ କରାଯାଉଛି ଏବଂ ପିଲାଙ୍କ ମଧ୍ୟରେ ସାମ୍ପ୍ରଦାୟିକତା ପ୍ରସାରଣର ମାଧ୍ୟମ କରାଯାଉଛି। ଦେଶର ଶିକ୍ଷାକୁ ବିକୃତ କରିବାର ଏକ ଅପଚେଷ୍ଟା। କଂଗ୍ରେସର ସ୍ପଷ୍ଟ ମତ ହେଉଛି ଯେ, ଶିକ୍ଷା କୌଣସି ଦାନ ନୁହେଁ ଏହା ମୌଳିକ ଅଧିକାର।

# ପୂର୍ବତନ ମନ୍ତ୍ରୀ ନେତ୍ରାନନ୍ଦ ମଲିକ ସମ୍ବର୍ଦ୍ଧିତ



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ପୂର୍ବତନ ମନ୍ତ୍ରୀ ନେତ୍ରାନନ୍ଦ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗୁରୁବାର ମତୋ ଡିଗ୍ରୀ କଲେଜର ୩୪ତମ ବାର୍ଷିକ ଉତ୍ସବ ଅବସରରେ ପୂର୍ବତନ ମନ୍ତ୍ରୀ ଶ୍ରୀ ମଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଲେଜ ଅଧକ୍ଷ ବିଭୂତି ଭୂଷଣ ଜୟଦେବ ବିଶ୍ୱାଳଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ପୂର୍ବତନ ସ୍ୱତନ୍ତ୍ର ଶଚିବ ଲଲାଟେନ୍ଦୁ ମିଶ୍ର, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ କ୍ଷୀରୋଦ ଚନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ କଲେଜର ଉପଦେଷ୍ଟା ସୁବାସ ଚନ୍ଦ୍ର ମଲ୍ଲ କଲେଜ ପ୍ରତିଷ୍ଠାରେ ପୂର୍ବତନ ମନ୍ତ୍ରୀ ଶ୍ରୀ ମଲିକଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଥିବା ବେଳେ ଶିକ୍ଷାର ବିକାଶ ଦିଗରେ ଦୃଢ଼ ପଦକ୍ଷେପ ନେଇଥିଲେ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ପୂର୍ବତନ ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସଂଯୋଜିକା ଅଧ୍ୟାପିକା ନିରୁପମା ସୂତାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ଶିବ ପ୍ରସାଦ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ସହକାରୀ ଶିକ୍ଷକ ଜଗନ୍ନାଥ ପରିଡ଼ାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଣେ ଆଦର୍ଶ ଶିକ୍ଷକ ଭାବରେ ସୁନାମ ଅର୍ଜନ କରି ଇଂରାଜୀ ବିଷୟରେ ଜଣେ ଭଲ ଶିକ୍ଷକ ଭାବରେ ପିଲାଙ୍କୁ ପଢ଼ାଇ ଆସୁଥିବା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୁଆଗଡ଼ିଆର ସହକାରୀ ଶିକ୍ଷକ ତଥା ଗୋବରଘଟ୍ଟା ଗ୍ରାମର ଶ୍ରୀଯୁକ୍ତ ସୁଧୀର କୁମାର ପରିଡ଼ାଙ୍କ ପୁତ୍ର ଜଗନ୍ନାଥ ପରିଡ଼ା, ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଦ୍ୱାରା ଜଳେଶ୍ୱର ଶିକ୍ଷା ବ୍ଲକ ତରଫରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର -୨୦୨୪-୨୫ ପାଇଁ ବିବେଚିତ ହୋଇଥିଲେ। ତଦନୁଯାଇ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନ ଠାରେ ଶୁକ୍ରବାର ଗୁରୁଦିବସ ଅବସରରେ ଏକ ସଭାର ଆୟୋଜନ କରା ଯାଇଥିଲା। ବାସ୍ତବରେ ତାଙ୍କର ଏହି ସଫଳତା ପାଇଁ ପିତାମାତା, ଶିକ୍ଷକ-ଶିକ୍ଷୟିତ୍ରୀ ଗୁରୁଜନ ତାଙ୍କୁ ଆଶୀର୍ବାଦ ତଥା ଶୁଭେଚ୍ଛା ପ୍ରଦାନ କରିଛନ୍ତି।

## ୮୪ତମ ସ୍ୱର୍ଗତ ମଦନ ମୋହନ ସ୍ୱାଇଁ ଜୟନ୍ତୀ ସମାରୋହ

# ‘ସମସ୍ତଙ୍କ ଉଦ୍ୟମରେ ବିକଶିତ ଓଡ଼ିଶା ଗଠନ ସମ୍ଭବ’

ବ୍ୟାସନଗର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏସନ୍ ତରଫରୁ ସ୍ୱର୍ଗତଃ ମଦନ ମୋହନ ସ୍ୱାଇଁଙ୍କ ୮୪ତମ ଜନ୍ମ ଜୟନ୍ତୀ ଅବସରରେ ଏକ ଆଲୋଚନା ଚକ୍ର ସ୍ଥାନୀୟ ବ୍ୟାସଦେବ ଟାଉନହଲରେ ଅନୁଷ୍ଠିତ ହୋଇଯାଇଛି। ଏହାର ବିଷୟ ବସ୍ତୁ ବିକଶିତ ଓଡ଼ିଶା ୨୦୩୬: ସ୍ୱପ୍ନ ଓ ବାସ୍ତବତା ଏବଂ ଗଣ ସଙ୍ଗଠନର ଭୂମିକା ରହିଥିଲା। ଆସୋସିଏସନ୍‌ର ସଭାପତି ବିବେକାନନ୍ଦ ମହାନ୍ତି ପୌରହିତ୍ୟରେ ଆଲୋଚନା ଚକ୍ରକୁ କୋରାଇ ବିଧାୟକ ଆକାଶ ଦାସ ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମସ୍ତଙ୍କ ସହଯୋଗରେ ବିକଶିତ ଓଡ଼ିଶା, ୨୦୩୬ ର ସ୍ୱପ୍ନ ବାସ୍ତବରେ ପରିଣତ ହେବ ସମସ୍ତଙ୍କ ସହଯୋଗରେ ବିଶେଷ କରି ଯୁବକ ଓ ଛାତ୍ର ବର୍ଗଙ୍କ ଉଦ୍ୟମରେ ହେବ ବୋଲି ପ୍ରକାଶ କରିଥିଲେ ଏବଂ ସମାଜରେ ଭାଇଚାରା ପରସ୍ପର ଭଲ ପାଇବା ଭୟ ନ



ରହିବା ହେଲେ ରାଜ୍ୟ ପ୍ରକୃତ ବିକଶିତ ହେବ ବୋଲି ମତ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଭାଗ ନେଇ ଏହି ବିଷୟ ବସ୍ତୁ ସହିତ ଟ୍ୟାକ୍ସ ବାର ଆସୋସିଏସନ୍ ସହ ବିଭିନ୍ନ ସମାଜ ମୂଳକ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଭାବେ ଆମ ଓଡ଼ିଶା ଓ ସମ୍ବାଦ ପରିବାରର ମୁଖ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ବଳରେ ହିଁ ଓଡ଼ିଶା ବିକଶିତ ହେଇପାରିବ। ସରକାରୀ ଯୋଜନା ଉଚିତି ଭାବରେ ପରିଚାଳନା ଦୁର୍ନିତି ରୋକିବା ଏବଂ ଲୋକମାନଙ୍କ ଅଭିଯୋଗକୁ ସକାରାତ୍ମକ କରିବାରେ ପ୍ରକୃତ ଓଡ଼ିଶା ବିକଶିତ ହେଇପାରିବ। ସମ୍ମାନିତ ଅତିଥି ଭାବେ ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାୟକ କେନ୍ଦୁଝର ଜିଲ୍ଲା ଯାଜପୁର ଜିଲ୍ଲା ଉପରେ ନିର୍ଭରଶୀଳ ଏବଂ ଯାଜପୁର ଜିଲ୍ଲା କେନ୍ଦୁଝର ଜିଲ୍ଲା ନିର୍ଭରଶୀଳ, କେନ୍ଦୁଝର ଯାଜପୁର ଅଙ୍ଗାଙ୍ଗି ଭାବରେ ଜଡ଼ିତ ଏବଂ ମୋହନ ସରକାର ଓଡ଼ିଶାକୁ ସମ୍ପୂର୍ଣ୍ଣ ବିକଶିତ କରିବା ପାଇଁ ବଦ୍ଧ ପରିକର ବୋଲି ପ୍ରକାଶ କରିଥିଲେ। ଅତିରିକ୍ତ କମିଶନର ସତ୍ୟ ନାରାୟଣ ପଣ୍ଡା ଟିକସ ଆଦାୟରେ ଜଣାପଡ଼େ ଅଞ୍ଚଳ ତଥା ରାଜ୍ୟ କେତେ ବିକସିତ ଯାଜପୁର। ଟିକସ ଆଦୟରେ ୨ୟ ସ୍ଥାନ ହାସଲ କରିଥିବାରୁ ଏହା ଆମ ପାଇଁ ଖୁସିର କଥା ଏବଂ ରାଜ୍ୟ ବିକାଶଶିଳ ଆଗକୁ ହେଇପାରିବ ବୋଲି ଆଶାବାଦୀ। ସମ୍ପାଦକ ଧନେଶ୍ୱର ବାରିକ ସଂପାଦକୀୟ ବିବରଣୀ ପାଠ କରିଥିଲା ବେଳେ ମଞ୍ଚ ପରିଚାଳନା କରିଥିଲେ ଉପସଭାପତି ସସ୍ମିତା ସ୍ୱାଇଁ ଏବଂ ଯୁଗ୍ମ ସମ୍ପାଦକ ଅଶୋକ କୁମାର ଶର୍ମା ଧନ୍ୟବାଦ ଜ୍ଞାପନ କରିଥଲେ।

# ଜୀବନ ଜ୍ୟୋତି ଆଶ୍ରମରେ ରନ୍ଧା ଖାଦ୍ୟ ବଣ୍ଟନ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଭୁବନେଶ୍ୱରସ୍ଥିତ ଅଶୋକନଗର ୟୁନିଟ - ୨ ବିଦ୍ୟାଳୟରେ ସୁପର ଡୁପର-୭୫ ବ୍ୟାଚ୍ ତରଫରୁ ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଉଛି। ଏହି ଉପଲକ୍ଷେ ସମସ୍ତ ବନ୍ଧୁ ଅନେକ ଜନହିତକର କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ଖଣ୍ଡଗିରି ନିକଟସ୍ଥ ଜୀବନ ଜ୍ୟୋତି ଆଶ୍ରମକୁ ସୁପର ଡୁପର -୭୫ ବ୍ୟାଚର କେତେ ଜଣ ବନ୍ଧୁ ପରିଦର୍ଶନରେ ଯାଇଥିଲେ। ଆଶ୍ରମରେ ରହୁଥିବା ୫୦ରୁ ଅଧିକ କୁନି କୁନି ଛାତ୍ରଛାତ୍ରୀଙ୍କ ସହ ଖୁସି ଗପ କରି ସମୟ ବିତାଇଥିଲେ। ଅନ୍ତେବାସୀ ନିଜ ନିଜର ଭାବର ଆଦାନ ପ୍ରଦାନ କରିଥିଲେ। କିଛି ସମୟ ପାଇଁ ସେମାନଙ୍କ ମୁହଁରେ ହସ ଫୁଟିଯାଇଥିଲା। ସମସ୍ତ ଅନ୍ତେବାସୀଙ୍କୁ ସୁପର ଡୁପର-୭୫ ବ୍ୟାଚର ବନ୍ଧୁମାନେ ରନ୍ଧା ଖାଦ୍ୟ ବିତରଣ କରିଥିଲେ। ରନ୍ଧାଖାଦ୍ୟ ବିତରଣ ବ୍ୟାଚର ବନ୍ଧୁ ସମୀର ମହାନ୍ତିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା। ଯାହାକୁ ଖାଇବା ପରେ ସମସ୍ତେ ପ୍ରଶଂସା କରିଥିଲେ। ବ୍ୟାଚ ପକ୍ଷରୁ ଜୀବନ ଜ୍ୟୋତି ଆଶ୍ରମରେ ରନ୍ଧା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଏକ ପ୍ରଶଂସନୀୟ ଉଦ୍ୟମ ବୋଲି ଅନ୍ତେବାସୀ କହିଥିଲେ। କାର୍ଯ୍ୟକ୍ରମରେ ସୁପର ଡୁପର ବ୍ୟାଚ-୭୫ ର ବନ୍ଧୁ ସମୀର ମହାନ୍ତି, ପ୍ରବୋଧ କୁମାର ଦାସ, ଶିବବ୍ରତ ଘୋଷ, ସିଧାର୍ଥ କୁଅଁର, ବିରଞ୍ଚି ନାରାୟଣ ମହାନ୍ତି, ମନୋରଂଜନ ଦାସ, ପ୍ରଭୁରାଜ ପାତ୍ର, ବିଜୟ ପଣ୍ଡା, ଶିବାନନ୍ଦ ନନ୍ଦ, ଧନେଶ୍ୱର ଚ୍ୟାଉପଟ୍ଟନାୟକ, ଦେବଦାସ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।



ଉମରକୋଟ, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସଭାପତି ଚୟନ ସଙ୍ଗଠନ ସୃଜନ ପ୍ରଭାରୀ ତଥା ତେଲେଙ୍ଗାନା ରାଜ୍ୟର ବିଧାୟକ ଯେଟି କୁମାର ଆଜି ଉମରକୋଟ ଠାରେ ପହଞ୍ଚି କର୍ମୀଙ୍କ ଠାରୁ ମତାମତ ସଂଗ୍ରହ କରିଛନ୍ତି । ଆଜି ସକାଳେ ଜେଟି କୁମାର ଉମରକୋଟରେ ପହଞ୍ଚି କଂଗ୍ରେସ ଭବନ ଠାରେ ଉମରକୋଟ ସହର ଓ ବ୍ଲକର ୨୦ ଜଣ କଂଗ୍ରେସ କର୍ମୀଙ୍କୁ ଜଣ ଜଣଙ୍କ ସହ ସାକ୍ଷାତ କରି ଜିଲ୍ଲା ସଭାପତି ପଦ ପାଇଁ ମତାମତ ନେଇଥିଲେ । ପରେ ଜେଟି କୁମାର କହିଥିଲେ ପୂର୍ବେ ଜିଲ୍ଲା ସଭାପତି ପଦ ଜିଲ୍ଲାରେ ନିଷ୍ପତି ନିଆ ଯାଉଥିଲା । କିନ୍ତୁ ଏବେ ବୁଥ ଓ ଗାଁ ସ୍ତରରୁ ଯାଇ କର୍ମୀଙ୍କ ମତାମତ ନେବା ପାଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିର୍ଦ୍ଦେଶ ଦେଇଛନ୍ତି । କଂଗ୍ରେସ ଦଳ ଏକ ଧର୍ମ ନିରପକ୍ଷେ ଦଳ ଓ ସବୁ ବର୍ଗର ଲୋକଙ୍କ ଉନ୍ନତି ପାଇ କାମ କରେ । କଂଗ୍ରେସ ଦଳ ଭାରତକୁ ସ୍ୱାଧୀନ ଆଣିଥିଲା । ରାଜୀବ ଗାନ୍ଧୀଙ୍କ ସମୟରେ ପ୍ରଯୁକ୍ତି ବିଦ୍ୟା ଭାରତକୁ ଆସିଥିଲା । ଯାହାକି ଆଜିର ନୂଆ ପିଢି ଏହା ଜାଣନ୍ତି ନାହିଁ ବୋଲି ଜେଟି କୁମାର କହିଛନ୍ତି । ଇନ୍ଦିରା ଗାନ୍ଧୀଙ୍କ ସମୟରେ ପାକିସ୍ତାନକୁ ୨ ଭାଗ କରିଥିଲେ କିନ୍ତୁ ଆଜି ପ୍ରଧାନ ମନ୍ତ୍ରୀ ଆମେରିକା ରାଷ୍ଟ୍ରପତିଙ୍କ ଆଗରେ ମୁଣ୍ଡ ନୁଆଁଇ ଦେଉଛନ୍ତି ବୋଲି କହିଛନ୍ତି । ଭାରତରେ ଶିକ୍ଷା ବିକାଶ ନେହେରୁଙ୍କ ସମୟରେ ହୋଇ ଥିଲା ବୋଲି କହି ଥିଲେ । ୨୦୨୯ ନିର୍ବାଚନରେ ରାହୁଲ ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ସୁନିଶ୍ଚିତ ବୋଲି ଜେଟି କୁମାର ଦୃଢ଼ତା ପ୍ରକାଶ କରିଥିଲେ । ଆଜି ଏହି ଅବସରରେ କଂଗ୍ରେସ କର୍ମୀ ମାନେ ବ୍ଲକ ସଭାପତି ଭାବେ ମାଝି ଓ କାର୍ଯ୍ୟକାରୀ ସଭାପତି ଭାବେ ଅଜୟ ଚୌହାନ ଉମରକୋଟ ନଗର ସଭାପତି ଭାବେ ଅମୃତ ପଟ୍ଟନାୟକଙ୍କ ନାମ ମଧ୍ୟ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଦେଇଛନ୍ତି ।



## ବିଭିନ୍ନ ସ୍ଥାନରେ ଗୁରୁ ଦିବସ ପାଳିତ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : ସେପ୍ଟେମ୍ବର ମାସ ପାଞ୍ଚ ତାରିଖ ଦେଶର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଦିନ । ଏହି ଦିନକୁ ସାରା ଦେଶ ଗୁରୁ ଦିବସ ରୂପେ ପାଳନ କରିଥାଏ । ଖାସ୍ କରି ଶିକ୍ଷାନୁଷ୍ଠାନ ମାନଙ୍କରେ ଏହି ଦିବସକୁ ବେଶ୍ ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ । ସେହି କ୍ଷେତ୍ରରେ ଆଜି ଲକ୍ଷ୍ମୀପୁର ବ୍ଲକର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଗୁରୁ ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବରେ ନାରାୟଣପାଟଣା ବ୍ଲକର ଅବସର ପ୍ରାପ୍ତ ଦୁଇଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ଲିମା ଓ ପି.ସୂର୍ଯ୍ୟନାରାୟଣ ଯୋଗଦେଇ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପୂର୍ବତନ ରାଷ୍ଟ୍ରପତି ସର୍ବ ପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଦିନକୁ ଆମେ ଗୁରୁଦିବସ ରୂପେ କାହିଁକି ପାଳନ କରୁ ତାହା ଉପରେ କୁନି କୁନି ଛାତ୍ର ଛାତ୍ରୀଙ୍କୁ ଅତିଥି ବୃନ୍ଦ ବୁଝାଇଥିଲେ । ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଏକଲବ୍ୟ ଚୌଧୁରୀ ଓ ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ସାହୁ କାର୍ଯ୍ୟକ୍ରମ ଉପଲକ୍ଷେ ଉପସ୍ଥିତ ଥିଲା ବେଳେ ଗୁରୁଜୀ ଗୋପୀନାଥ ମହାପାତ୍ରଙ୍କ ପରିଚାଳନାରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା, ସେବକ, ସେବିକା ଉପସ୍ଥିତ ରହି ସହଯୋଗ କରିଥିଲେ ।



ସାରସକଣା, (ଭାସ୍କର ନ୍ୟୁଜ୍) : ସାରସକଣା ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ, ଗୁରୁ ଶିଷ୍ୟର ପ୍ରାଚୀନ କାଳରେ ଯେଉଁ ପରମ୍ପରା ଥିଲା ତାହା ଆଜିର ଏହି ପବିତ୍ର ଦିନରେ ଦେଖିବା ପାଇଁ ମିଳିଛି । ସମସ୍ତ ଛାତ୍ର, ଛାତ୍ରୀ ମାନେ ପ୍ରଥମେ ପ୍ରାର୍ଥନା କରି ଗୁରୁଦିବସ ଅବସରରେ ସମସ୍ତେ ମିଶି ଏକା ସ୍ୱରରେ 'ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ, ଗୁରୁ ଦେବ ମହେଶ୍ୱର' ଉଚାରିତ କରିଥିଲେ, ଯାହାକି ସ୍ନେହ, ଭକ୍ତି, ଓ ଆଦରର ଏକ ଜ୍ୱଳନ୍ତ ନିଦର୍ଶନ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସର୍ବେଶ୍ୱର ସାହୁ । ସେ ଗୁରୁ ଓ ଶିଷ୍ୟ ମାନଙ୍କର ପରମ୍ପରା ସମ୍ପର୍କରେ ଅବଗତ କରାଇଥିଲେ । ସବୁ ଗୁରୁଜୀ ଓ ଗୁରୁମା ମାନଙ୍କୁ ପୂଜା କରିବା ସହିତ ଛାତ୍ର, ଛାତ୍ରୀ ମାନେ ତାଙ୍କର ଭକ୍ତି ସୁମନ ଅର୍ପଣ କରିଥିଲେ । ସଭାପତି ବାସୁଦେବ ସାହୁ, ରବୀନ୍ଦ୍ର ସାହୁ ଓ ସମସ୍ତ ଗୁରୁଜୀ, ଗୁରୁମା ଉପସ୍ଥିତ ଥିଲେ । ବଡ଼ ଖୁସିର ବିଷୟ ଯେ, ଅତିଥି, ଗୁରୁଜୀ, ଗୁରୁମା ମାନଙ୍କୁ ଛାତ୍ର, ଛାତ୍ରୀ ମାନେ ସମ୍ବର୍ଦ୍ଧିତ କରିଥିଲେ ।




ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜୟନ୍ତୀ ଅବସରରେ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ସହ- ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ପାଢ଼ୀ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ମହେନ୍ଦ୍ର ଗିରି ମନୁସିପାଲ୍ ସରକାରୀ ହାଇସ୍କୁଲର ଅବସର ପ୍ରାପ୍ତ ସଂସ୍କୃତ ଆଚାର୍ଯ୍ୟ ବିଶ୍ୱନାଥ ପଣ୍ଡାଙ୍କୁ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ପୂଜ୍ୟ ମହନ୍ତ ରାମାନନ୍ଦ ଦାଶ ଉପଢୌକନ, ପୁଷ୍ପଗୁଚ୍ଛ, ଶ୍ରୀଫଳ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁବାଷ ଚନ୍ଦ୍ର ଜମାଦାର, ଉପ- ସଭାପତି ସଂଜୟ ଜେନା, ସମ୍ପାଦକ ଚନ୍ଦ୍ରଶେଖର ପଟ୍ଟନାୟକ, ଯୁଗ୍ମ- ସମ୍ପାଦକ ବିଭୂତି ଭୂଷଣ ରଥ, କୋଷାଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ପାଢ଼ୀ, ସଦସ୍ୟା ସରିତା ପାଣିଗ୍ରାହୀ ଓ ସୁଜାତା ଗମାଙ୍ଗ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଗୁରୁଜୀ ଗୁରୁମାମାନଙ୍କୁ ଚନ୍ଦନ ତିଳକ ଲଗାଇ ପୂଜନ କରିଥିଲେ ଏବଂ ଗୁରୁଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପରିଚାଳନା ସମିତିର ସଦସ୍ୟ ବୃନ୍ଦ ବିଦ୍ୟାଳୟର ଆଚାର୍ଯ୍ୟ ଆଚାର୍ଯ୍ୟା ତଥା ସେବକ ସେବିକା ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ମୟୂରଭଞ୍ଜରେ ଲଜ୍ଜା
# ପୁଣି ଖଟିଆରେ ବୁହାହେଲେ ଗର୍ଭବତୀ

ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଙ୍ଗିରିପୋଷି ବ୍ଲକର ବଡ଼ଗାଁ ଗ୍ରାମପଞ୍ଚାୟତର ପଣସଡିହା ଗାଁରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା । ଗ୍ରାମବାସୀଙ୍କ କହିବା କଥା ଯେ, ବାପା ଦାଦା ଅମଳରୁ ଗାଁକୁ ଯେଉଁ ସର୍ବସାଧାରଣ ରାସ୍ତାଟି ଥିଲା ଆଜିକୁ ମାସେରୁ ଊର୍ଦ୍ଧ୍ୱ ସମୟ ହେବ କୈଣସି ଏକ ଏନ୍‌ଜିଓ ସଂସ୍ଥା ତାରବାଡ଼ ଘେରି ରାସ୍ତା ଅବରୋଧ କରିଛନ୍ତି ଯେଉଁଥିପାଇଁ ଗ୍ରାମର ଲୋକେ ଯାଆସ ନିମନ୍ତେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଯେ ଗ୍ରାମକୁ ପ୍ରବେଶ ନିମନ୍ତେ ଦ୍ୱିତୀୟ ବିକଳ୍ପ କୈଣସି ରାସ୍ତା ନଥିବା କାରଣରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଆସିଥିଲେ କିନ୍ତୁ ଦୁଃଖ ଓ ଦୁର୍ଭାଗ୍ୟର କଥା ଗ୍ରାମର ଗୁରୁବାରି ସିଂ ନାମକ ମହିଳା ଗର୍ଭବତୀ ଥିଲେ, ତାଙ୍କର ଗର୍ଭ ଯନ୍ତ୍ରଣା ତୀବ୍ର ହେବାରୁ ଗ୍ରାମବାସୀ ଆମ୍ବୁଲାନ୍ସକୁ ଫୋନ୍ କରି ଡାକିଥିଲେ । ଆମ୍ବୁଲାନ୍ସ ଆସି ମୁଖ୍ୟରାସ୍ତା ନିକଟରେ ପହଞ୍ଚିଲା ସତ ଗାଁକୁ ରାସ୍ତା ଏନ୍‌ଜିଓ ଅବରୋଧ କରିଥିବା କାରଣରୁ ଆମ୍ବୁଲାନ୍ସ ଗାଁ ଭିତରକୁ ଯାଇ ଗର୍ଭବତୀ ମହିଳାଙ୍କୁ ଆଣି ପାରିନଥିଲେ । ଗୋଟିଏ ପଟେ ପ୍ରଶବ ଯନ୍ତ୍ରଣାରେ ପଛପଟ ଜନନୀ, ଅପରପକ୍ଷରେ ମହିଳାଙ୍କ ସ୍ୱାମୀ ମଧ୍ୟ କାମକୁ ଯାଇଥିଲେ, ସେ ଘରେ ନଥିଲେ । ତେଣୁ ଗ୍ରାମବାସୀ ସହଯୋଗର ହାତ ବଢ଼େଇ ଏକ ଖଟିଆରେ ଆମ୍ବୁଲାନ୍ସ ପାଖକୁ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ କାନ୍ଧରେ ବୋହି ନେଇଥିଲେ । ସ୍ୱାଧୀନତାର ୭୯ତମ ବର୍ଷ ପାଳନ କରି ଗର୍ବ ଓ ଗୌରବର ଗାଥା ଗଣମାଧ୍ୟମରେ ପ୍ରକାଶିତ କରି ମଣିଷ ଗର୍ବିତ ଅନୁଭବ କରୁଛି ଏପଟେ ଆଜିବି ଅତ୍ୟାବଶ୍ୟକ ମୌଳିକ ଅଧିକାରରୁ ସାଧାରଣ ଜନତା ବଞ୍ଚିତ ଅଛନ୍ତି, ଏହା କଣ ସମଗ୍ର ସଭ୍ୟ ସମାଜ ଓ ବିକଶିତ ଜିଲ୍ଲା ମୈୟୁରଭଞ୍ଜ ଜିଲ୍ଲା ପାଇଁ ଲଜ୍ଜା ନୁହେଁ କି ? ଯଦି ଜିଲ୍ଲା ମୁଖ୍ୟାଳୟର ନିକଟତମ ବ୍ଲକର ଅବସ୍ଥା ଏଭଳି ଦୁର୍ବିସହ ତାହାଲେ ଜିଲ୍ଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ସ୍ଥିତି ବାବଦରେ ଚିନ୍ତାକଲେ ମନରେ ଅସଂଖ୍ୟ ପ୍ରଶ୍ନର ପାହାଡ । ଏଭଳି ଶୋଚନୀୟ ସ୍ଥିତିରେ ଗ୍ରାମବାସୀଙ୍କ ଅଭିଯୋଗ ଯେ ସ୍ଥାନୀୟ ନେତୃତ୍ୱ ଓ ପ୍ରଶାସନ ଏଥିପାଇଁ ଦାୟୀ ବୋଲି ସେମାନେ କହିଛନ୍ତି କାରଣ ଏ ବାବଦରେ ଉଚ୍ଚ କର୍ତ୍ତୁପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୈଣସି ଅଦ୍ୟାବଧି ପଦକ୍ଷେପ ଗ୍ରହଣ କରାଯାଇନାହିଁ,ଜନ ଅଭିଯୋଗ ଯେ ଏଥିରୁ ସ୍ପଷ୍ଟ ଅନୁମେୟ ଏନ୍‌ଜିଓକୁ ଯେଉଁ ଜାଗା ସହ ଗ୍ରାମବାସୀଙ୍କର ସର୍ବସାଧାରଣ ରାସ୍ତା ଦିଆଯାଇଛି ଏଥିରେ ବାଙ୍ଗିରିପୋଷି ବିଧାୟିକା ସଂଞ୍ଜୀଳୀ ମୁର୍ମୁ ଓ ବାଙ୍ଗିରିପୋଷି ବ୍ଲକ୍ ପ୍ରଶାସନକୁ ସଂପୂର୍ଣ୍ଣ ଭାବେ ଦାୟୀ କରିଛନ୍ତି । ବିଧାୟିକା ଅଞ୍ଚଳର ଝିଅ, ଜଣେ ମହିଳା ଲୋକେ ତାଙ୍କୁ ଖୁସିରେ ଭୋଟ୍ ଦେଇ ନେତୃତ୍ୱ ପରିବର୍ତ୍ତନ କରିଥିଲେ ସୁଶାସନ ପାଇଁ କିନ୍ତୁ ସେ ବିଧାୟିକା ପଦବୀରେ କ୍ଷମତାସୀନ ହେଲାପରେ ସଂପୂର୍ଣ୍ଣ ବଦଳି ଯାଇଛନ୍ତି ବୋଲି ଲୋକେ କହିଛନ୍ତି । ପୂର୍ବ ସରକାରରେ ଯାହା ବି ହସ୍ପିଟାଲ ଟି ପଞ୍ଚାୟତ ରେ ଥିଲା ତାହା ଅଛି କିନ୍ତୁ ଡାକ୍ତର ଆସୁନଥିବା କାରଣରୁ ସେ ସୁବିଧାରୁ ମଧ୍ୟ ଲୋକେ ଏକ ପ୍ରକାର ବଞ୍ଚିତ ଅଛନ୍ତି । ଆହୁରି ମଧ ଲୋକେ କହିଛନ୍ତି ଯେ ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଳୀ ମୂର୍ମୁ ବିଧାୟିକାରୁ ମନ୍ତ୍ରୀ ପଦ ପାଇବାକୁ ପ୍ରୟାସ ଯାରି ରଖିଛନ୍ତି ଯୋଉଁଥିପାଇଁ ସେ ସାଧାରଣ ଲୋକ ଓ କର୍ମକ୍ଷେତ୍ର ଅପେକ୍ଷା ସୋସିଆଲ ମିଡ଼ିଆ ସାଇଡ଼ରେ ଅଧିକ ସଂକ୍ରିୟ ହୋଇପଡ଼ିଥିବାରୁ ପ୍ରକୃତ ସମସ୍ୟା ସାଧାରଣ ଲୋକଙ୍କ ସମସ୍ୟା ଠାରୁ ଦୂରେଇ ଯାଉଛନ୍ତି । ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ ପୂର୍ବକ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ମାନେ ଅନୁରୋଧ କରିଛନ୍ତି । ନଚେତ୍ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ।

## କରଡାପାଳ-ଗୋହିରାଦାଦର୍ ରାସ୍ତା ଅବସ୍ଥା ଶୋଚନୀୟ



ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ୍ ଗରଗଡବାହାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କରଡାପାଳ-ଗୋହିରାଦାଦର୍ ରାସ୍ତା କାଦୁଅ ପଚପଚ ହେବା ସହ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । କଂକ୍ରିଟ ରାସ୍ତା ଟିଏ ନହେବାରୁ ଲଗାଣ ବର୍ଷାରେ ଉକ୍ତ ରାସ୍ତାରେ ଯାତାୟତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି । ଫଳରେ ଗ୍ରାମବାସୀ ମାନେ କାଦୁଅ ପଚ୍ ପଚ୍ ରାସ୍ତାରେ ଜିବା ଆସିବା ଅତ୍ୟନ୍ତ କଷ୍ଟକର ହୋଇପଡୁଥିବା ବେଳେ ଗାଁର ଜଣେ ବ୍ୟକ୍ତି ରାସ୍ତା ଅବରୋଧ କରି ନିଜ ଜମି ବୋଲି ରାସ୍ତା ଉପରେ ହଳଧରିଦେଇଥିବା ବେଳେ ଲୋକେ ଯିବା ଆସିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ରାସ୍ତାଟି ଏମିତି ହୋଇପଡିଛି ଯେ ରାସ୍ତା ଉପରେ ଖାଲରେ ବର୍ଷା ପାଣି ଜମି ରହିବାରୁ ଲୋକେ ଏହି ରାସ୍ତାରେ ଗଲା ବେଳେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଚାରିଚକିଆ ଯାନ କଥା ଛାଡନ୍ତୁ ବାଇକ, ସାଇକେଲ ଏପରିକି ଚାଲି କରି ଯିବା କଷ୍ଟକର ହୋଇପଡୁଥିବା ଗ୍ରାମବାସୀ କହିଛନ୍ତି । ସୂଚନାଯୋଗ୍ୟ ଯେ ଏହି ରାସ୍ତା ଉପରେ ବାନ୍ଧଣଡେିଳା, ଲମ୍ପଟିଦାଦର, କୁଆଖୋଲ ଗାଁ ସହିତ ଗୋହିରାଦାଦର, କରଡାପାଳ ଏମିତି ପାଞ୍ଚଟି ଗାଁର ୩୦୦ରୁ ଉର୍ଦ୍ଧ୍ୱ ଲୋକ ନିୟମିତ ଜମିବାଡ଼ିକୁ ଯିବା, ଗାଈଗୋରୁ ଚରାଇବା, ନିୟମିତ ଜିବା ଆସିବାର ଏକ ମାତ୍ର ରାସ୍ତା ଥିବାବେଳେ ଏହା ଉପରେ ଆଗରୁ ପଞ୍ଚାୟତ ସ୍ତରରେ ରାସ୍ତା ଉପରେ ୨ଟି ପୋଲ, କଲଭର୍ଟ ନିର୍ମାଣ ହୋଇଛି କିନ୍ତୁ କଂକ୍ରିଟ ରାସ୍ତା ନହେବାରୁ ରାସ୍ତା କାଦୁଅ ହୋଇ ବର୍ଷା ଦିନରେ ଯିବା ଆସିବା ଠିକ୍ ସେ ହୋଇପାରୁନାହିଁ । ଅନ୍ୟ ପଟେ ଗାଁର ଜଣେ ବ୍ୟକ୍ତି ରାସ୍ତାକୁ ନିଜ ଅକ୍ତିଆର୍ କରି ନାନାଦି କଥା ବାର୍ତ୍ତା କରି ଲୋକଙ୍କୁ ହଇରାଣ କରୁଥିବା ନେଇ ଗାଁ ଲୋକେ ଗୁରୁବାର ରେଢ଼ାଖୋଲ ତହସିଲଦାରଙ୍କୁ ଏକ ଅଭିଯୋଗ କରିଛନ୍ତି । ଏବଂ ତୁରନ୍ତ ରାସ୍ତା ଅକ୍ତିଆର କରିଥିବା ବ୍ୟକ୍ତିଙ୍କୁ ହଟାଇ ଚିରଦିନ ପାଇଁ କଂକ୍ରିଟ ରାସ୍ତା ଟିଏ ପାଇଁ ପ୍ରଶାସନକୁ ଦାବି କରିଛନ୍ତି ।

## ବଲାଙ୍ଗୀର ଏସପିଙ୍କ କାର୍ଯ୍ୟାନୁଷ୍ଠାନ
### ଦୁଇ ଆଇଆଇସିଙ୍କ ବଦଳି

ବଲାଙ୍ଗୀର, (ଭାସ୍କର ନ୍ୟୁଜ୍): ଦବଙ୍ଗଗିରିକୁ ନେଇ ବଲାଙ୍ଗୀର ଏସ୍‌ପି ଅଭିଲାଷ ଜୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । କଣ୍ଟାବାଞ୍ଜି ଥାନାକୁ ମାଡ଼ି ବସିଥିବା ରଶ୍ମିତା ବେହେରାଙ୍କୁ ସଇଁତଲା ଥାନା ଏବଂ ସଇଁତଲା ଥାନା ଅଧିକାରୀ ସୁଶାନ୍ତ ବଢ଼େଇଙ୍କୁ ବଲାଙ୍ଗୀର ହେଡ୍‌କ୍ୱାର୍ଟରକୁ ବଦଳି କରାଯାଇଛି । କଣ୍ଟାବାଞ୍ଜି ଆଇଆଇସିଙ୍କ ସ୍ୱାମୀଙ୍କ ଦାଦାଗିରି ଯୋଗୁ ସେ ବିବାଦକୁ ଆସିଥିଲେ । ଠିକ୍ ସେହିପରି ବଡ଼ମାଳ ଫାଣ୍ଡିରେ ଫାଣ୍ଡି ଅଧିକାରୀଙ୍କୁ ମାଡ଼ ଘଟଣାକୁ ନେଇ ବଦନାମ ହୋଇଥିଲା ସଇଁତଲା ପୋଲିସ । କଣ୍ଟାବାଞ୍ଜିଠାରେ ମଙ୍ଗଳବାର ରାତିରେ ଜଣେ ଅଜଣା ବ୍ୟକ୍ତି ନିଜକୁ ପୋଲିସ ଅଧିକାରୀ ପରିଚୟ ଦେଇ ଭୁଜା ଠେଲାରେ ଭୁଜା ଖାଉଥିବା କିଛି ଲୋକଙ୍କୁ ମାଡ ମାରିଥିବା ଓ ପୋଲିସ ଗାଡି ଡକାଇ ଥାନାକୁ ଜବରଦସ୍ତି ନେଉଥିବା ଅଭିଯୋଗ ହୋଇଥିଲା । ସମ୍ପୃକ୍ତ ବ୍ୟକ୍ତି ଜଣକ ଜଣେ ମହିଳା ପୋଲିସ ଅଧିକାରୀଙ୍କ ସ୍ୱାମୀ ବୋଲି ଜଣାପଡିବା ପରେ କଣ୍ଟାବାଞ୍ଜିରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଲୋକେ କଣ୍ଟାବାଞ୍ଜି ଥାନା ଘେରାଉ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଥାନାରେ ଲିଖିତ ଭାବେ ଜଣାଇଥିଲେ । ଅଭିଯୋଗ ଆସିବା ପରେ ଆଜି ଏସ୍‌ପି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

## ଛିଡିଲା ଲିଫ୍ଟ, ଅଳ୍ପକେ ବର୍ତ୍ତିଲେ ରୋଗୀଙ୍କ ସଂପର୍କୀୟ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ସଦର ମହକୁମାର ମୁଖ୍ୟ ଚିକିତ୍ସାଳୟର ଛିଡିଲା ଲିଫ୍ଟ । ଅଳ୍ପକେ ବର୍ତ୍ତିଲେ ରୋଗୀଙ୍କ ସମ୍ପର୍କୀୟ । ଲିଫ୍ଟରେ କ୍ଷମତା ଠାରୁ ମାତ୍ରାଧିକ ଲୋକ ଥିବାରୁ ଏହି ଲିଫ୍ଟ ଛିଡିଥିବା ସୂଚନା ମିଳିଛି । ମୁଖ୍ୟ ଚିକିତ୍ସାଳୟରେ ଥିବା ଲିଫ୍ଟରେ ୧୦ରୁ ୧୨ ଜଣ ଯିବା ପାଇଁ କ୍ଷମତା ଥିବା ବେଳେ ୨୭ ଜଣ ଲୋକ ଲିଫ୍ଟରେ ଯାଉଥିବା ସମୟରେ ଲିଫ୍ଟର ରଶି ଛିଡି ଯାଇଛି । ମେଡିକାଲ କର୍ତ୍ତୃପକ୍ଷ ସାଇରନ ବାଜିବା ପରେ ମାନୁଆଲି ଭାବେ ଲିଫ୍ଟ ଖୋଲି ଭିତରୁ ୨୭ ଜଣ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି । ପ୍ରଥମ ଫ୍ଲୋରରୁ ଦ୍ୱିତୀୟ ଫ୍ଲୋରକୁ ଯାଉଥିବା ବେଳେ ଛିଡ଼ିଗଲା ଲିଫ୍ଟର ରଶି । ତେବେ ଆଜି ବିଶାଖାପାଟଣରୁ ମେକାନିକ ଆସି ଏହି ଲିଫ୍ଟ ମରାମତି କାର୍ଯ୍ୟ ଚାଲିଥିବା ନେଇ ସୂଚନା ଦେଇଛନ୍ତି ଚିକିତ୍ସାଳୟ ଅଧିକାରୀ ଏ ଡି ଏମ ଶ୍ରୀ ଦାଶ । ତେବେ ମୁଖ୍ୟ ଚିକିତ୍ସାଳୟ ରେ ମାଳମାଳ ସୁରକ୍ଷା କର୍ମୀ ଥାଇ ମଧ କ୍ଷମତା ଠୁ ଅଧିକ ଲୋକ ଲିଫ୍ଟ କିପରି ବ୍ୟବହାର କରୁଛନ୍ତି ତାହା ଏବେ ପ୍ରଶ୍ନବାଚି ସୃଷ୍ଟି କରୁଛି । ତେବେ ଆଗାମୀ ଦିନରେ ଚିକିତ୍ସାଳୟ କର୍ତ୍ତୃପକ୍ଷ୍ୟ ଏହା ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ପୁନର୍ଜନ୍ମ ପାଇଥିବା ଇର୍ମାଙ୍କୁ ଗ୍ରାମବାସୀଙ୍କ ସ୍ୱାଗତ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଶାବେରୀ ନଦୀରେ ଡଙ୍ଗା ବୁଡ଼ିବା ଓ ୨୦ ଘଣ୍ଟା ପରେ ଉଦ୍ଧାର ହୋଇ ପୁନର୍ଜନ୍ମ ପାଇଥିବା ଇର୍ମା ସୋଡି ଗାଁକୁ ଫେରିବା ପରେ ଗାଁ ଲୋକେ ତାଙ୍କୁ ସ୍ୱଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଘରକୁ ଫେରି ଆସିଥିବାରୁ ତାଙ୍କ ପରିବାର ସମେତ ଗ୍ରାମବାସୀଙ୍କ ମନରେ ଖୁସିର ଲହରି ଖେଳି ଯାଇଥିଲା । ମରଣମୁହଁରୁ ଘରକୁ ଫେରିଥିବା ଇର୍ମାଙ୍କୁ ତାଙ୍କ ସ୍ତ୍ରୀ ଓ ପିଲାଛୁଆ ଫୁଲ ଚନ୍ଦନ ଲଗାଇ ଧୂପ ଦୀପ ନୈବେଦ୍ୟ କରି ଘରକୁ ପାଛୋଟି ନେଇଥିଲେ । ଏହି ଅବସରରେ ସେ ବିଧାୟକ ଶ୍ରୀ ମାଡକାମୀ, ସୁକମା ଏସପି, ସିଆରପିଏଫ ଯବାନଙ୍କୁ ସାଧୁ ବାଦ ଜଣାଇବା ସହ କହୁଥିଲେ ନରସିଂହ ମୋ ପାଇଁ ଜଣେ ଚଳନ୍ତି ଭଗବାନ ନାରାୟଣ ରୂପୀ ନରସିଂହ । ଦେବଦୂତ ସଦୃଶ୍ୟ ଯବାନମାନେ ପହଞ୍ଚି ନଥିଲେ ତାଙ୍କ ପରିବାର ଧ୍ୱଂସ ହୋଇଯାଇଥାନ୍ତା ବୋଲି କହିଛନ୍ତି । ସୂଚନା ଥାଉକି, ମାଟାପେକା ପଞ୍ଚାୟତ କଟାମାଟେରୁ ଗାଁର ଇର୍ମା ରବିବାର ସନ୍ଧ୍ୟାରେ ପଡ଼ୋଶୀ ସୁକୁମା ଜିଲ୍ଲାରୁ ଫେରୁଥିବା ବେଳେ ସାବେରୀ ନଦୀ ମଝିରେ ତାଙ୍କ ଡଙ୍ଗା ବୁଡ଼ିଯାଇଥିଲା । ମଝି ନଈରେ ଏକ ଗଛ ଡାଳକୁ ଧରି ଫସିଥିବା ବେଳେ ବିଧାୟକ ନରସିଂହ ମାଡ଼କାମୀଙ୍କ ଉଦ୍ୟମରେ ସୁକ୍‌ମା ସିଆରପିଏଫ ଯବାନ ତାଙ୍କୁ ଏକ ହେଲିକପ୍ଟର ଯୋଗେ ଉଦ୍ଧାର କରିଥିଲେ । ଯବାନମାନେ ତାଙ୍କୁ ଆସନ୍ନ ମୃତ୍ୟୁରୁ ବଞ୍ଚାଇଥିବା ଇର୍ମା କହିଛନ୍ତି । ଦୀର୍ଘ ୨୦ ଘଣ୍ଟା ଧରି ପାଣି ଭିତରେ ଥିଲେ ବି ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ।

## ଗୁରୁ ଦିବସରେ ରକ୍ତଦାନ ଶିବିର




ନବରଙ୍ଗପୁର, (ଭାସ୍କର ନ୍ୟୁଜ୍) : ଗୁରୁଦିବସ ଉପଲକ୍ଷେ ଆର୍‌ସିଡି ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରକୁ ସମ୍ମାନୀୟ ବିଧାୟକ ଗୌରୀଶଙ୍କର ମାଝୀ ଏବଂ ଅତିରିକ୍ତ ଜିଲ୍ଲାପାଳ ତପନ ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ । ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ତତ୍ତ୍ୱାଧାନରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ଥିଲା । ସମ୍ମାନୀୟ ଅତିଥି ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏଡିପିଏଚ୍‌ଓ ମଳୟ କୁମାର ତ୍ରିପାଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହବର ଏବଂ ଅନ୍ୟ ଅତିଥି ଉପସ୍ଥିତ ରହି ରକ୍ତଦାତାଙ୍କୁ ଉଚ୍ଛାହିତ କରିଥିଲେ । ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ, ଓଚର ପ୍ରଭାତ ପଟ୍ଟନାୟକ, ଜୁନିଅର ରେଡକ୍ରୋସ ଅଧିକାରୀ ପ୍ରକାଶିନୀ ଚୌଧରୀ ଏବଂ ଅନ୍ୟ ଶିକ୍ଷକ ମାନେ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ । ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକର ଶିକ୍ଷକ ଏବଂ ଶିକ୍ଷୟତ୍ରୀ ମାନେ ଏହି ଶିବିରରେ ରକ୍ତଦାନ କରିଥିଲେ । ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ଲେବରଟରି ଟେକନିସିୟନ ଅରୁଣ କୁମାର ସ୍ୱାଇଁ, ମାରଟିନ ଛତର, ହେମନ୍ତ ରାଉତ ଏବଂ ସମ୍ବିତ ମିଶ୍ର ଉପସ୍ଥିତ ରହି ରକ୍ତଦାତାଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିଥିଲେ ।

## କିଡସ୍ ଜୀ- ପବ୍ଲିକ ସ୍କୁଲରେ ଗୁରୁଦିବସ ପାଳିତ

ଗୁଣପୁର, (ଭାସ୍କର ନ୍ୟୁଜ୍): ଗୁଣୁପୁରର କିଡସ୍ ଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଗୁରୁଦିବସ ଅତ୍ୟାଡମ୍ବର ସହକାରେ ପାଳନ କରାଗଲା ।ଏହି କାର୍ଯ୍ୟକ୍ରମର ପରିଚାଳନା ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ କରିଥିଲେ । କାର୍ଯ୍ୟକ୍ରମରେ ଗୁରୁଜୀ ଓ ଗୁରୁମାମାନଙ୍କୁ ବୈଦିକ ରୀତିରେ ପୂଜା କରାଗଲା ।ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଶିକ୍ଷକ-ଶିକ୍ଷୟତ୍ରୀମାନଙ୍କୁ ଉପହାର ବଣ୍ଟନ କରାଗଲା । ଗୁରୁ-ଶିଷ୍ୟ ସମ୍ପର୍କକୁ କେନ୍ଦ୍ର କରି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ନୃତ୍ୟ, ସଙ୍ଗୀତ ଓ ନାଟ୍ୟାଭିନୟ ଦ୍ୱାରା ଛାତ୍ରମାନେ ଗୁରୁଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କଲେ । ଏହି ଅବସରରେ ଅଭିଭାବକମାନେ ମଧ କାର୍ଯ୍ୟକ୍ରମରେ ସହଭାଗୀ ହୋଇ ଶିକ୍ଷକଙ୍କୁ ସମ୍ମାନ ଦେଇଥିଲେ । ବିଦ୍ୟାଳୟର ଅଧକ୍ଷ ଜିତେନ୍ଦ୍ର କୁମାର ଶତପଥି ତାଙ୍କ ଉଦ୍‌ବୋଧନରେ ଗୁରୁଙ୍କ ମହତ୍ତ୍ୱକୁ ଉଲ୍ଲେଖ କରିଥିଲେ । ସମଗ୍ର କାର୍ଯ୍ୟକ୍ରମ ଉତ୍ସାହ, ଭକ୍ତି ଓ ଆଦରରେ ପରିପୂର୍ଣ୍ଣ ଥିଲା । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପିଲାମାନଙ୍କ ଦ୍ୱାରା ପରିଚାଳିତ ଗୁରୁଦିବସ ପାଳନକୁ ସ୍ମରଣୀୟ ଅନୁଭବ ବୋଲି କହିଥିଲେ ।

## ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ

କନ୍ଧମାଳ, (ଭାସ୍କର ନ୍ୟୁଜ୍) : ଓଡ଼ିଶାର ଅସ୍ମିତା ଭାଗବତର ସ୍ରଷ୍ଟା ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ତରଫରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶାଖା ସଂଯୋଜକ ଡ. ତ୍ରୈଲୋକ୍ୟନାଥ ସେନାପତିଙ୍କ ମାର୍ଗଦର୍ଶନ ଓ ସଂଯୋଜନାରେ ନିମନ୍ତ୍ରିତ ଅତିଥିମାନେ ଭାଗବତର ମହିମା ଓ ଅତିବଡ଼ିଙ୍କ ଜୀବନାଦର୍ଶନ ଆଲୋଚନା କରିଥିଲେ । ଏଥିରେ ଛାତ୍ରଛାତ୍ରୀଙ୍କୁ ସହ ବହୁ ଅଭିଭାବକ ଦେଇଥିଲେ । ଏହି ଅବସରରେ ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସର୍ବସମ୍ମତି କ୍ରମେ ସଭାପତି ଭାବେ ସୁବାସ ଚନ୍ଦ୍ର ନାୟକ, ଉପସଭାପତି ଭାବେ ରବୀନ୍ଦ୍ର କୁମାର ଶତପଥୀ, ସମ୍ପାଦକ ଭାବେ ପାର୍ଥ ସାରଥୀ ବିଶ୍ୱାଳ, ସଂଗଠନ ସମ୍ପାଦକ ଭାବେ ସଞ୍ଜୟ କୁମାର ସାହୁ, ଏବଂ ସଦସ୍ୟ ଭାବେ ରତନ କୁମାର କହଁର, ସରୋଜା ତ୍ରିପାଠୀ ସସ୍ମିତା ନାୟକ ମନୋନୀତ ହୋଇଥିଲେ । ସାହିତ୍ୟ ଓ ସଂସ୍କୃତିର ପ୍ରସାର ଓ ପ୍ରଚାର ଦିଗରେ ଏହା କାମ କରିବ ବୋଲି ଡ. ସେନାପତି କହିଛନ୍ତି ।

## ସାର୍ବଜନିନ ନବରାତ୍ର ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ

ସଇଁନ୍ତଳା, (ଭାସ୍କର ନ୍ୟୁଜ୍): ସଇଁନ୍ତଳାରେ ଆୟୋଜିତ ହେବାକୁ ଥିବା ସାର୍ବ ଜନିନ ନବରାତ୍ର ଦୁର୍ଗା ପୂଜା ପାଇଁ ମାଟି ସଂଗ୍ରହ ଓ ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇ ଯାଇଛି । ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ମାଟି ପୂଜା ପରେ ସଂଗ୍ରହ କରି ମଣ୍ଡପକୁ ଅଣା ଯାଇଥିଲା । ପରେ ପୂଜା ମଣ୍ଡପ ସମ୍ମୁଖରେ ପୂଜାର୍ଚ୍ଚନା ପରେ ମଣ୍ଡପ ସମ୍ମୁଖରେ ଶୁଭ ସ୍ତମ୍ଭ ସ୍ଥାପନ କରାଯାଇ ଥିଲା । ମୁଖ୍ୟ ପୂଜକ କିରଣ ମିଶ୍ର ଓ ନବଘନ ଷଡଙ୍ଗୀ ପୂଜାର୍ଚ୍ଚନା କରି ଥିଲେ । ପୂଜା କମିଟି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ସମ୍ପାଦକ ତଥା ଆଇନଜୀବୀ ସୁବୋଧ ମିଶ୍ର, ଝସ ମନହିରା, ଶେଷଦେବ ଯାନୀ, ଭିମସେନ ସ୍ୱାଇଁ, ନିମାଇଁ ସ୍ୱାଇଁ, ବିନୟ ଭୋଇ, ଦୁର୍ଗେଶ ସାହୁ, ପ୍ରଶାନ୍ତ ପୃସେଠ, ଲଲାଟ ପୃସେଠ, ସମ୍ପଦ ମହାକୁର କିଷାନ ପଟ୍ଟନାୟକ, ପବନ ଅଗ୍ରବାଲ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହେଇ ଥିଲେ । ଚଳିତ ବର୍ଷ ଦୁର୍ଗା ପୂଜା କେମିତି ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହେବ ତାହା ନେଇ ଆଲୋଚନା ହୋଇଥିଲା ।

## ଜିଲ୍ଲାସ୍ତରୀୟ ନୂଆଖାଇ ଭେଟଘାଟ
# ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ପାରଳା ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସମଲେଇ ନୃତ୍ୟକଳା ପରିଷଦ ଓ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ୨୦ତମ ଜିଲ୍ଲା ସ୍ତରୀୟ ନୂଆଁଖାଇ ଭେଟଘାଟ - ୨୦୨୫ କାର୍ଯ୍ୟକ୍ରମ ସ୍ଥାନୀୟ ନଗର ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଗଜପତି ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ଯୋଗଦେଇବେଳେ ଉଦଘାଟକ ଭାବେ ପାରଳା ପୌର ପରିଷଦ ଅଧକ୍ଷା ନିର୍ମଳା ସେଠୀ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ରଘୁନାଥ ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ଓଡ଼ିଆ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ମଞ୍ଚକଳାର ଆଦର୍ଶ ଦାସ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଟ୍ଟନାୟକ ଉଦଘାଟନୀ ସଭାରେ ସଭାପତିତ୍ୟ କରିଥିଲେ, ଅନୁଷ୍ଠାନର ସମ୍ପାଦକ ବାଳକୃଷ୍ଣ ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନା କରିଥିଲେ । ମଞ୍ଚାସିନ ଅତିଥି ମାନେ ନିଜ ବକ୍ତବ୍ୟରେ ଆୟୋଜକ ଅନୁଷ୍ଠାନ ଓ ସଂସ୍କୃତି ପରିଷଦର ଏହି ଉଦ୍ୟମକୁ ସାଧୁବାଦ ଜଣାଇବା ସହ ଯଦିଓ ଏହା ପଶ୍ଚିମ ଓଡ଼ିଶାର ଗଣପର୍ବ ହୋଇଥିଲେ ମଧ ଉପାନ୍ତ ପାରଳାଖେମୁଣ୍ଡିରେ ଦୀର୍ଘ ଦୁଇ ଦଶନ୍ଧି ଧରି ପାଳନ କରାଯାଉ ଥିବାରୁ ସେମାନେ ଆନନ୍ଦିତ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ଏଥି ସହ ପାରଳାର ନୃତ୍ୟ ଭିତ୍ତିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଓଡ଼ିଶୀ କଳା କେନ୍ଦ୍ର, ପଦାମୃତ ନୃତ୍ୟାୟନ ଓ ମିରାକଲ ଡ୍ୟାନ୍ସ ଅନୁଷ୍ଠାନ ସମେତ ଆୟୋଜକ ସମଲେଇ ନୃତ୍ୟକଳା ପରିଷଦ ପକ୍ଷରୁ ଆକର୍ଷଣୀୟ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ସୁଭାଶିଷ ପତି ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୋନିକା ପ୍ରିୟଦର୍ଶିନି ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଡି.ମୋହନ ରାଓ ରଘୁନାଥ ପଟ୍ଟନାୟକ, ଡି. ପ୍ରିୟଙ୍କା, ସ୍ୱର୍ଣ୍ଣଲତା ପାତ୍ର, ଆରୁପାଞ୍ଜଳି ମହାନ୍ତି, ସୁଧା ରଞ୍ଜନ ପଟ୍ଟନାୟକ, ହରିହର ପଟ୍ଟନାୟକ, ସନ୍ତୋଷ ପାଟଯୋଶୀ, ବୁଟୁ ପଟ୍ଟନାୟକ ପ୍ରଭୃତି ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ କରିଥିଲେ । ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଦର୍ଶକ ମାନେ ସମ୍ବଲପୁରୀ ନୃତ୍ୟରେ ଝୁମି ଉଠିଥିଲେ ।

## 'ଜିଏସଟି ହାର ହ୍ରାସ: ଖଣି ଅଞ୍ଚଳବାସୀଙ୍କ ଆର୍ଥିକ ସମୃଦ୍ଧିରେ ସହାୟକ ହେବ'

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ଜିଏସଟି କାଉନସିଲର ୫୬ ତମ ବୈଠକରେ ପୂର୍ବ ପ୍ରଚଳିତ ୪ଟି ସ୍ଲାବ ପରିବର୍ତ୍ତେ ୨ଟି ସ୍ଲାବ (୫ % ଓ ୧୮%) ମଧ୍ୟରେ ଜିଏସଟିକୁ ସୀମିତ ରଖାଯାଇଛି । ଫଳରେ ଅତ୍ୟାବଶ୍ୟକ ସାମଗ୍ରୀ ଠାରୁ ସ୍ୱାସ୍ଥ୍ୟ ସେବା ଉପକରଣ, ଯାନ ବାହନ, କୃଷି ଯନ୍ତ୍ରପାତି, ୩୩ ଜୀବନ ରକ୍ଷାକାରୀ ଔଷଧ ମୂଲ୍ୟରେ ଟିକସ ହ୍ରାସ କରାଯାଇଛି । ସେହିପରି ଅନେକ ସମଗ୍ରୀରୁ ଟିକସ ଉଚ୍ଛେଦ କରାଯାଇଛି । ସରକାରଙ୍କ ଏହି ଐତିହାସିକ ନିଷ୍ପତ୍ତି ଯୋଗୁଁ ସାଧାରଣ ଜନତା ଓ ବିଶେଷ କରି ମଧ୍ୟବିତ୍ତ ପରିବାର ଆଶ୍ୱସ୍ତି ଅନୁଭବ କରିଛନ୍ତି । ଏହି କ୍ରମରେ କୋଇଲା ଖଣି ସମୃଦ୍ଧ ବ୍ରଜରାଜନଗର ଅଞ୍ଚଳରେ ଜିଏସଟି ହାର ହ୍ରାସ ସ୍ଥାନୀୟ ଅଞ୍ଚଳବାସୀଙ୍କ ଆର୍ଥିକ ସମୃଦ୍ଧିରେ ସହାୟକ ହେବ ବୋଲି ଅର୍ଥନୈତିକ ବିଶାରଦ ମତ ପ୍ରକାଶ କରିଛନ୍ତି । କେନ୍ଦ୍ର ସରକାର ଚାରିଥାକିଆ ଜିଏସଟି ସ୍ଲାବରୁ ୧୨% ଓ ୨୮%କୁ ହଟାଇବା ପରେ କେବଳ ୫% ଓ ୧୮% ସ୍ଲାବକୁ ରଖିଛନ୍ତି । ଏହି ହାର ପରିବର୍ତ୍ତନ ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ପାଇଁ ଅନେକ ସୁଯୋଗ ଆଣିବ ବୋଲି ସମ୍ଭାବନା କରାଯାଉଛି । ବ୍ରଜରାଜନଗର ଅଞ୍ଚଳରେ ଟ୍ରକ ଯୋଗେ ଅହରହ କୋଇଲା ପରିବହନ କରାଯାଉଛି । ଅନେକ ପରିବାର ଏହି ବ୍ୟବସାୟ ଉପରେ ନିର୍ଭରଶୀଳ । ହେଲେ କେତେକ ଟ୍ରକ ମାଲିକ ଆର୍ଥିକ ଅଭାବ କାରଣରୁ ନୂଆ ଟ୍ରକ କିଣିବା ପାଇଁ ଅସମର୍ଥ ଥିଲେ । ହେଲେ ଟିକସ ହ୍ରାସ ପରେ ଗାଡ଼ି କିଣିବା ସହିତ ବ୍ୟବସାୟ ସମୃଦ୍ଧି ପାଇଁ ସୁଯୋଗ ଆଣିଛି । ସେହିପରି ଖଣି ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ବେଳେ କେବଳ ଆର୍ଥିକ ସ୍ୱଚ୍ଛଳ ମଧ୍ୟବିତ୍ତ ପରିବାର ଏସି ବ୍ୟବହାର କରୁଥିବା ବେଳେ ଗରିବ ଶ୍ରେଣୀ ପାଇଁ ଏହା କିଣିବା ମୁସ୍କିଲ ହୋଇପଡିଥିଲା । ତେବେ ଜିଏସଟି ସ୍ଲାବ ପରିବର୍ତ୍ତନ ଯୋଗୁଁ କେବଳ ଏସି ପାଇଁ ଆର୍ଥିକ ସ୍ୱଚ୍ଛଳ ମଧ୍ୟବିତ୍ତ ପରିବାର ଓ ଗରିବ ଶ୍ରେଣୀ ମଧ୍ୟରେ ଥିବା ତଫାତ କିଛି ମାତ୍ରାରେ ଦୂର ହୋଇ ପାରିବ ବୋଲି ବିଶେଷଜ୍ଞ କହିଛନ୍ତି । ଅନ୍ୟପକ୍ଷରେ କୋଇଲା ଖଣି ପ୍ରଦୂଷଣ ଯୋଗୁଁ ଅନେକ ଲୋକ କ୍ୟାନ୍ସର, କିଡନୀ, ହାର୍ଟ ଭଳି ବିଭିନ୍ନ ଅସାଧ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଛନ୍ତି । ହେଲେ ପ୍ରତି ମାସରେ ଔଷଧ କିଣିବା ଏମାନଙ୍କ ବହୁତ ବଡ଼ ଚିନ୍ତାର ବିଷୟ ଥିଲା । ସରକାର ୩୩ଟି ଜୀବନ ରକ୍ଷାକାରୀ ଔଷଧ ଟିକସମୁକ୍ତ ହୋଇଥିବାରୁ ଏମାନଙ୍କ ପାଇଁ ବହୁତ ବଡ଼ ଆଶ୍ୱସ୍ତି ଆଣିଥିବା କଂଫେଡେରେସନ ଅଫ ଅଲ ଇଣ୍ଡିଆ ଟ୍ରେଡ଼ର୍ସର ସଦସ୍ୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ମନୋଜ କୁମାର ଜୈନ ସୂଚନା ଦେଇଛନ୍ତି ।



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଗୋଇ ପଞ୍ଚାୟତର ଷଣ୍ଢପୁର ସ୍ଥିତ ମୁକ୍ତେଶ୍ୱର ମଣ୍ଡପ ପରିସରରେ କୁଜଙ୍ଗ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏକ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମରେ ଜେନେରାଲ ଓ୍ୱାର୍କର ତଥା କର୍ମାଟିର ପୁଅ ଓ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ଯୁବନେତା ବିରେନ୍ କୁମାର ଦଳାଇଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟିର ଜିଲ୍ଲା ସଂଯୋଜକ ନଟବର ବାରିକ, କେରଳ କଂଗ୍ରେସ କମିଟିର ଜେନେରାଲ ସେକ୍ରେଟାରୀ ଏମ୍ ଲିଜୁ, କଂଗ୍ରେସ ବିଧାୟକ ପାର୍ଥ ନିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ଯୁବନେତା ଅଭିନାଶ ମଲ୍ଲିକ, ରାଜ କିଶୋର ବାରିକ, ପ୍ରିୟମ୍ବଦା ପାଣି, ଅଶୋକ କୁମାର ନାଥ ଓ ନୂତନ ତ୍ରିପାଠୀ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇ ଜିଲ୍ଲା ସଭାପତି ଚୟନ ନିମନ୍ତେ ଯୋଗ୍ୟ ନେତାଙ୍କ ନାମ ପର୍ଯ୍ୟବେକ୍ଷକ ଏମ୍ ଲିଜୁଙ୍କୁ ପ୍ରସ୍ତାବ ଦେଇଥିଲେ । ତେବେ ଆଗାମୀ ଦିନରେ ରାଜ୍ୟରେ କିପରି କଂଗ୍ରେସ ସଦୃଢ଼ ହେବ ଓ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରେ କିପରି ବିଜୟ ଲାଭ କରିବ ସେ ନେଇ କଂଗ୍ରେସ କମିଟି ପକ୍ଷରୁ ଆଲୋଚନା କରାଯାଇଥିଲା । ଏଥିସହିତ ୨୮ ପଞ୍ଚାୟତର ପୁରୁଷ ଓ ମହିଳା କଂଗ୍ରେସ ଏକଜୁଟ ରହିବା ପାଇଁ ଜେନେରାଲ ସେକ୍ରେଟାରୀ ଏମ୍ ଲିଜୁ ଓ ଜେନେରାଲ ଓ୍ୱାର୍କର ତଥା କଂଗ୍ରେସ ଯୁବ ନେତା ବିରେନ୍ କୁମାର ଦଳାଇ ପରାମର୍ଶ ଦେଇଥିଲେ ।

## ଧାନବିଲରେ ପଶିବାରୁ ଷଣ୍ଢକୁ ଶାବଳ ମାଡ଼, ଥାନାରେ ଏତଲା



କୋରେଇ (ଭାସ୍କର ନ୍ୟୁଜ୍) : ଆଜିର ଦୁନିଆରେ ମାନବିକତା ଭୁଲିଗଲାଣି ମଣିଷ । ଯାଜପୁର ଜିଲ୍ଲାର କୋରେଇ ଥାନା ଅନ୍ତର୍ଗତ ବନ୍ଧାଳୋ ଗ୍ରାମ ପଞ୍ଚାୟତର ଜଣେ ଚାଷୀଙ୍କ ଧାନ ବିଲରେ ଷଣ୍ଢ ପଶି ଧାନ ଖାଇବାରୁ ଉତ୍ୟକ୍ତ ହୋଇ ଚାଷୀ ଜଣକ ଅତ୍ୟନ୍ତ ନିର୍ମମ ଭାବେ ଏକ ଶାବଳ ଷଣ୍ଢ ଦେହରେ ଭୁଷି ଦେଇଥିଲେ । ଫଳରେ ଷଣ୍ଢ ଦେହରେ ଶାବଳ ଲାଗିକି ରହିଥିବା ସ୍ଥାନୀୟ ଲୋକଙ୍କ ନଜରକୁ ଆସିବା ପରେ କୋରେଇ ବ୍ଲକ ପ୍ରାଣୀ ଚିକିତ୍ସକଙ୍କୁ ଯୋଗାଯୋଗ କରିଥିଲେ ଓ ଏ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଏକ୍ସ ମାଧ୍ୟମରେ ଟୁଇଟ ମଧ୍ୟ କରିଥିଲେ । ତତକ୍ଷଣାତ୍ ଏହାର ସମାଧାନ ପାଇଁ ମଧ୍ୟ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ମିଳିଥିଲା । ପରେ ଷଣ୍ଢ ଦେହରେ ଲାଗି ରହିଥିବା ସବାଳକୁ ଦୀର୍ଘ ସମୟ ଧରି ଅସ୍ତ୍ରୋପଚାର କରି ଶାବଳଟିକୁ ବାହାର କରିବାରେ ସଫଳ ହୋଇଥିଲେ ପ୍ରାଣୀ ଚିକିତ୍ସକ । ଏହି ଷଣ୍ଢଟିର ଉଦ୍ଧାର କରିବାରେ ବିଶେଷ କରି ସରପଞ୍ଚ ବିଷ୍ଣୁ ଚରଣ ରଥ ଓ ପଞ୍ଚାୟତବାସୀଙ୍କ ସହ କୋରେଇ ପ୍ରଖଣ୍ଡ ବଜରଙ୍ଗ ସହଯୋଗ କରିବା ସହ ତୁରନ୍ତ ଏଭଳି ଅମାନୁଷିକ କାର୍ଯ୍ୟ ଘଟାଇଥିବା ଲୋକକୁ ଗିରଫ କରିବା ପାଇଁ ଦାବି ହୋଇଛି । ଏନେଇ କୋରେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ସୂଚନା ମିଳିଛି ।

## ଜାହାଜରୁ ସମୁଦ୍ରକୁ ଖସିପଡ଼ିଲେ ଦୁଇ ନାବିକ

### ଗୁରୁତର ଅବସ୍ଥାରେ ଜଣେ ଉଦ୍ଧାର, ଅନ୍ୟଜଣେ ନିଖୋଜ

ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ବନ୍ଦର ୫ନଂ ଗେଟ୍ ନିକଟରେ ବିଓଟି (ବିଲ୍ଡ ଅପରେଟ ଟ୍ରାନ୍ସପୋର୍ଟ) ବେସିସରେ କ୍ଲିନ କାର୍ଗୋ ବର୍ଥ ପରିଚାଳନା କରି ଆସୁଥିବା ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ (ପିଆଇସିଟି) ବର୍ଥରେ ଶୁକ୍ରବାର ସକାଳେ ଏକ ବଡ଼ଧରଣର ଅଘଟଣ ଘଟିଛି । ପାନାମା ଜାତୀୟ ପତାକା ଲଗାଇ ପାରାଦୀପ ଆସିଥିବା ଏକ ପଣ୍ୟବାହୀ ଜାହାଜ ଏମ୍ଭି ଲକି ଡ୍ରାଗନରୁ ଏକ ଚାଇନା ନାବିକ ଝାଙ୍ଗ ତାଇ ସମୁଦ୍ର ଭିତରକୁ ଖସିପଡ଼ି ନିଖୋଜ ଅଛନ୍ତି । ତାଙ୍କୁ ଉଦ୍ଧାର କରିବାକୁ ସମୁଦ୍ର ଭିତରକୁ ଲମ୍ଫ ମାରିଥିବା ଆଉ ଜଣେ ବାଂଲାଦେଶୀ ନାବିକ ଗୁରୁତର ଆହତ ହୋଇଛନ୍ତି । ପିଆଇସିଟି ତରଫରୁ ତାଙ୍କୁ ଚିକିତ୍ସା ପାଇଁ କଟକ ନିଆଯାଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ, ଉକ୍ତ ଜାହାଜ ଏମଏସ ରଶ୍ମି ସିମେଣ୍ଟ ଲିମିଟେଡ଼ କମ୍ପାନୀର ପିଗ ଆଇରନ ବୋଝେଇ କରି ସକାଳେ ବର୍ଥ ଛାଡିବା ପାଇଁ ଝାଙ୍ଗ ତାଇ ପାଇଲଟ୍ ଲ୍ୟାଣ୍ଡି ସେଟିଂ କଲା ବେଳେ ଅସାବଧାନତାବଶତଃ ଝାଙ୍ଗ ତାଇ ଜାହାଜ ଭିତରୁ ସମୁଦ୍ର ଭିତରକୁ ଖସି ପଡ଼ିଥିଲେ । ତାଙ୍କୁ ଉଦ୍ଧାର କରିବା ପାଇଁ ବାଂଲାଦେଶ ନାବିକ ପାଣିକୁ ଡେଇଁ ଚେଷ୍ଟା କରିଥିଲେ ହେଁ ତାଙ୍କୁ ଉଦ୍ଧାର କରିବାରେ ସଫଳ ହେବା ପରିବର୍ତ୍ତେ ନିଜେ ପାଣିରେ ବୁଡି ଯାଇଥିଲେ । ଜାହାଜର ଅନ୍ୟ ନାବିକ ମାନେ ଦୌଡି ଦ୍ୱାରା ତାଙ୍କୁ ଉଦ୍ଧାର କରିଥିଲେ । ଘଟଣା ସମ୍ପର୍କରେ ଖବର ପାଇ କୋଷ୍ଟଗାର୍ଡ ସମେତ ବନ୍ଦରର ମେରାଇନ ବିଭାଗ, ସିଆଇଏସଏଫ, ସ୍ଥାନୀୟ ପୋଲିସ ଆଦି ସଂସ୍ଥାର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ବନ୍ଦରର ଅଧକ୍ଷ ପି.ଏଲ. ହରନାଦ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ତେବେ ଖବର ଲେଖା ହେବା ସୁଦ୍ଧା ଜଣେ ବୁଡାଳି ସହାୟତାରେ ନିଖୋଜ ନାବିକଙ୍କୁ ଉଦ୍ଧାର କରିବା ପ୍ରକ୍ରିୟା ଜାରି ରହିଛି, ଅପରପକ୍ଷେ ଉକ୍ତ ଜାହାଜଟି ପିଆଇସିଟି ବର୍ଥରେ ଅଟକି ରହିଛି ।

## ହାଇକୋର୍ଟ ବିଚାରପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ



ଏରସମା (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଓକିଲ ସଂଘର ଏକ ଟିମ୍ ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ବରିଷ୍ଠ ବିଚାରପତି ମାନସ ରଞ୍ଜନ ପାଠକଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି । କୁଜଙ୍ଗ ଓକିଲ ସଂଘର ସଭାପତି ଏଏନଡି ଯାଦବଙ୍କ ପୌରୋହିତ୍ୟରେ ଓକିଲ ସଂଘର ବହୁ ବରିଷ୍ଠ ସଦସ୍ୟ ମାନ୍ୟବର ବିଚାରପତିଙ୍କୁ ସାକ୍ଷାତ ସମୟରେ କୁଜଙ୍ଗ ନବ ନିର୍ମିତ କୋର୍ଟ କମ୍ପ୍ଲେକ୍ସ ଶୁଭାରମ୍ଭ ଓ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ନେଇ ସାକ୍ଷାତ ସମୟରେ ଆଲୋଚନା କରିଥିବା ବେଳେ କୁଜଙ୍ଗରେ ଓକିଲ ସଂଘର ବିଭିନ୍ନ କାର୍ଯ୍ୟକୁ ମଧ୍ୟ ବିଚାରପତି ଶ୍ରୀଯୁକ୍ତ ପାଠକ ପ୍ରଶଂସା କରିଥିବା ସହିତ ଖୁସି ବ୍ୟକ୍ତ କରିଥଲେ । ଏହି ଅବସରରେ କୁଜଙ୍ଗ ଓକିଲ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ଅମୃତ ଦାସ, ସମ୍ପାଦକ ବ୍ରଜ କିଶୋର ରାଉତ, ସତ୍ୟାନନ୍ଦ ବିଶ୍ୱାଳ, ଭାରତ ଭୂଷଣ ଦାସ ଓ ଅନୁଗ୍ରହ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ମାନ୍ୟବର ବିଚାରପତିଙ୍କ କଟକ ସ୍ଥିତ କାର୍ଯ୍ୟାଳୟରେ ଏହି ସାକ୍ଷାତ ଆଲୋଚନା କରାଯାଇଥିବା ଜଣାପଡିଛି ।

## ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କଲେ ଯୁବନେତା ପ୍ରକାଶ



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଯୁବନେତା ତଥା ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା ସଂପାଦକ ଡ. ପ୍ରକାଶ ଚନ୍ଦ୍ର ଦଳାଇ ପାନୀୟ ଜଳ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସହ ସାକ୍ଷାତକରି ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ଟି ବ୍ଲକର ୬୧ଟି ପଞ୍ଚାୟତରେ ପାନୀୟଜଳ, ପରିମଳ ଓ ଲୋକଙ୍କର ବିଭିନ୍ନ ଉନ୍ନୟନମୂଳକ ସମସ୍ୟାକୁ ନେଇ ଆଲୋଚନା କରିଥିବାର ଜଣାଯାଇଛି । ଆଗାମୀ ଦିନରେ ସରକାରୀ କଳ ଅଧିକ ନମନୀୟ ହୋଇ କିପରି ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ସିଧାସଳଖ ପହଞ୍ଚାଇ ପାରିବ ତଥା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ଟି ବ୍ଲକର ୬୧ଟି ପଞ୍ଚାୟତରେ କାର୍ଯ୍ୟରତ ସରକାରୀ କର୍ମଚାରୀ ମାନେ ଜନସାଧାରଣଙ୍କ ନିକଟରେ ପହଞ୍ଚି ସମସ୍ୟାର ସମାଧାନ କରିବେ ସେ ବିଷୟରେ ଏକ ବିସ୍ତୃତ ତଥା ସୁସ୍ଥ ଆଲୋଚନା ହୋଇଥିଲା । ଆଗକୁ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ଦଳ ପଞ୍ଚାୟତକୁ ଦଖଲ କରିବାକୁ ହେଲେ ସରକାରୀ ଯୋଜନାର ସଦୁପଯୋଗ କରିବା ସହ ତୃଣମୂଳ ସ୍ତରରେ ଯୋଗ୍ୟ ହିତାଧିକାରୀଙ୍କ ସୁବିଧାକୁ ସୁଦୃଢ଼ କରାଯିବା ନିହାତି ଆବଶ୍ୟକ ବୋଲି ତିର୍ତ୍ତୋଲ ମାଟିର ଯୁବନେତା ଡ. ପ୍ରକାଶ ଚନ୍ଦ୍ର ଦଳାଇ ମନ୍ତ୍ରୀଙ୍କସହ ସାକ୍ଷାତ ସମୟରେ ଅବଗତ କରାଇଥିଲେ ବୋଲି ଗଣମାଧ୍ୟମରେ କହିଛନ୍ତି ।

## ଧୁମ୍‌ଧାମ୍‌ରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଇଦ-ମିଲାଦୁନ୍ ନବୀ ପାଳିତ

ଆସିକା (ଭାସ୍କର ନ୍ୟୁଜ୍) : ଆଜି ମହାପୁରୁଷ ମହମ୍ମଦଙ୍କ ୧୫୦୦ ତମ ଜନ୍ମଦିନ ଭାବେ ଇଦ୍-ମିଲା ଦୁନ୍ ନବୀ ଧୁମ୍‌ଧାମ୍‌ରେ ଗଞ୍ଜାମ ଜିଲ୍ଲାରେ ପାଳିତ ହୋଇଯାଇଛି । ଜିଲ୍ଲାର ବ୍ରହ୍ମପୁର, ଆସିକା, ଛତ୍ରପୁର, ଖଲ୍ଲିକୋଟ, ବୁଗୁଡ଼ା, ସୋରଡ଼ା, ଭଞ୍ଜନଗର ଆଦି ସ୍ଥାନରେ ଇଦ-ମିଲାଦୁନ୍ ନବୀ ଅବସରରେ ସହର ପରିକ୍ରମା କରିବା ସହ ମହାପୁରୁଷ ମହମ୍ମଦ ଜୀବନୀ ଉପରେ ଚର୍ଚ୍ଚା କରାଯାଇ ଥିଲା । ଆସିକା ଜାମିଆ ମସଜିଦ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ଓ୍ୱାର୍ଡ ପରିକ୍ରମା କରାଯାଇଥିଲା ପରେ ମିଷ୍ଟାନ୍ନ ବଣ୍ଟନ କରାଯିବା ସହ ମଧ୍ୟାହ୍ନ ରେ (ଲଙ୍ଗର) ବା ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଆସିକା ଜାମିଆ ମସଜିଦର ସାହି ଇମାମ ସାନାଓ୍ୱାଜ୍ ହୁସେନ ମହାପୁରୁଷ ମହମ୍ମଦଙ୍କ ଜୀବନୀ ଉପରେ ଚର୍ଚ୍ଚା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ମୁନାଫ ସରିଫ, ଇମାମା ଅବଦୁଲ ମାନାନ୍ ସାହେବ, ଶେଖ ସାଜିଦ, ନାଶେର ସାରିଫ, ମେହେମୁଦ ସାରିଫ,ଓ୍ୱାଲି ମହମ୍ମଦ, ଅବଦୁସ ସମ୍ମି, ଅବଦୁଲ ରିଜୱାନ, ରାଶିଦ ଅଲ୍ଲୀ, ସୟଦ ଇମିତାଜ, ହୁସେନ ସରିଫ, ମେହେମୁଦ ଖାନ, ଅଲ୍ଲୀଖାନ, ଆବୁ ଖାନ, ସୟଦ ଓ୍ୱାସିମ, ଶେଖ ଆସଲାମ, ସେଖ୍ ମନଶୋର ଅଲ୍ଲୀ, ରିଆଜ ମହମ୍ମଦଙ୍କ ସମେତ ଆସିକା ଓ କୋଟିନଡ଼ା ଅଞ୍ଚଳର ବହୁ ମୁସଲିମ ସମ୍ପ୍ରଦାୟର ଲୋକେ ଅଂଶଗ୍ରହଣ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆସିକା ଥାନା ପକ୍ଷରୁ ପୋଲିସ ସୁରକ୍ଷାର ବନ୍ଦୋବସ୍ତ କରାଯାଇଥିଲା ।

## ଗୁରୁ ଦିବସରେ ଶିକ୍ଷକ ସମ୍ମିଳନୀ ଏବଂ ସମ୍ବର୍ଦ୍ଧନା ସମାରୋହ



ଚାନ୍ଦବାଲି (ଭାସ୍କର ନ୍ୟୁଜ୍) : ବ୍ଲକସ୍ତରୀୟ ୧୫ତମ ଶିକ୍ଷକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାରୋହ ପବିତ୍ର ଗୁରୁଦିବସ ଅବସରରେ ଅପରାହ୍ନ ୦୩ ଘଟିକା ସମୟରେ ଚାନ୍ଦବାଲି ବିଜୁ ସ୍ମୃତି ଭବନ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ, ମୁଖ୍ୟବକ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜିବ୍ କୁମାର ମହାପାତ୍ର, ସତନ୍ତ୍ର ଅତିଥି ଚାନ୍ଦବାଲି ଓକିଲ ସଂଘ ସଭାପତି ଉପେନ୍ଦ୍ର କୁମାର ରାଉଳ, ବିଶିଷ୍ଟ ସମାଜସେବୀ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ ଏବଂ ପୌରହିତ୍ୟ କରିଥିଲେ ପ୍ରଦୀପ କୁମାର ଦାଶ, ଶିକ୍ଷକ ସମନ୍ୱୟ ସମିତି ସଂପାଦକ ପ୍ରକାଶ କୁମାର ନାୟକ ଏବଂ ବିଶିଷ୍ଟ ଶିକ୍ଷାବିତ ଅମୂଲ୍ୟ ରାଉତ ସଭା ପରିଚାଳନାରେ ସହଯୋଗ କରିଥିଲେ । ପିଲାମାନେ ଗୁରୁବାନ୍ଦନା କରିବା ସହିତ ନୃତ୍ୟ ପରିବେଷଣ କରିଥିଲେ । ଏବଂ ଉକ୍ତ ସମାରୋହରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସମ୍ବର୍ଦ୍ଧିତ ପ୍ରତିଭା ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦାନ କରି ସମାରୋହକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ବ୍ଲକ କଂଗ୍ରେସର ଜିଲ୍ଲା ସଭାପତି ଚୟନ ନେଇ ସମୀକ୍ଷା



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ସାରା ଭାରତରେ କଂଗ୍ରେସ ପକ୍ଷରୁ ରାଜ୍ୟ ଓ ଜିଲ୍ଲାସ୍ତରୀୟ ସାଂଗଠନିକ ଚୟନ ସମୀକ୍ଷା ପକ୍ରିୟା ଆରମ୍ଭ ପରିପେକ୍ଷିରେ ଶୁକ୍ରବାର ରଘୁନାଥପୁର ବ୍ଲକ ତାରପୁର ବଜାର ଠାରେ ଥିବା କବିତା ମଣ୍ଡପ ପରିଷରରେ ସାଂଗଠନିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏଆଇସିସିର ପର୍ଯ୍ୟବେକ୍ଷ ଭାବେ ମୋହନ ଲାଲ ଲିଜୁ ଯୋଗଦେଇ ଏହି ବ୍ଲକର ୧୯ ଗୋଟି ପଞ୍ଚାୟତର କଂଗ୍ରେସ କର୍ମୀମାନଙ୍କ ସହ ଜିଲ୍ଲା ସଭାପତି ଚୟନର ସମୀକ୍ଷା କରିଥିଲେ । ଏଥିରେ ପିସିସି ପର୍ଯ୍ୟବେକ୍ଷ ରାଜକିଶୋର ବାରିକ (ରାଷ୍ଟ୍ରୀୟ ସଂଯୋକ) କଂଗ୍ରେସ ଜିଲ୍ଲା ସଭାପତି ନଟବର ବାରିକ, ବରିଷ୍ଠ କଂଗ୍ରେସ ନେତା ତଥା ଜିଲ୍ଲା ଉପସଭାପତି ସର୍ବେଶ୍ୱର ପଣ୍ଡା, ପିସିସି ସଦସ୍ୟ ଦେବପ୍ରସାଦ ନାୟକ, ପିସିସି ସଦସ୍ୟ ରଜନୀ କାନ୍ତ ସାମଲ, କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ମଲ୍ଲିକ, ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ପ୍ରତ୍ୟୁଷ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ ।

## ଭାରସାମ୍ୟ ହରାଇ ଓଲଟିଲା ଡିଜେ ଗାଡ଼ି

ଡେରାବିଶ (ଭାସ୍କର ନ୍ୟୁଜ୍) : କଟକ-ଚାନ୍ଦବାଲି ରାଜରାସ୍ତାର ସଲାର ମଠ ନିକଟରେ ଗୁରୁବାର ଅପରାହ୍ନରେ ଏକ ଡିଜେ ଗାଡ଼ି ଭାରସାମ୍ୟ ହରାଇ ମଝି ରାସ୍ତାରେ ଓଲଟି ପଡ଼ିଥିଲା । ସୌଭାଗ୍ୟକୁ ଏହି ଡିଜେ ଗାଡ଼ି ଓଲଟିବା ସମୟରେ ରାସ୍ତାରେ କୌଣସି ଲୋକ ନଥିଲେ । ତେବେ ଗାଡ଼ିଟି ମଝି ରାସ୍ତାରେ ଓଲଟି ପଡ଼ିଥିବାରୁ କିଛି ସମୟ ପାଇଁ ରାସ୍ତାରେ ଯାଉଥିବା ଟ୍ରକ ବସ୍ ଭଳି ବଡ଼ ବଡ଼ ଯାନ ଗୁଡ଼ିକ ଅଟକି ରହିଥିଲା । ପରେ ଏହି ଗାଡ଼ିଟିକୁ ରାସ୍ତାରୁ ସାଇଡ୍ କରିବା ପରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ




ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ନବାଗତ ନୂତନ ଆଇନ ସ୍ନାତକ ଛାତ୍ରଛାତ୍ରୀମାନଙ୍କର ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ପ୍ରବେଶ ଉତ୍ସବ ଆଜି ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ. ରବିନ୍ଦ୍ର କୁମାର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ଉପାଧକ୍ଷ ପ୍ରଫେସର କଳିଙ୍ଗ କେଶରୀ ବେହେରା, ବରିଷ୍ଠ ପ୍ରାଧ୍ୟାପକ ପ୍ରଫେସର ଡ. ଚିରଞ୍ଜିବୀ ପଣ୍ଡା, ପ୍ରଫେସର ତିମିରକାନ୍ତ ପରିଜା, ପ୍ରଫେସର ରାଜକିଶୋର ମହାନ୍ତି, ଅଧ୍ୟାପିକା ସସ୍ମିତା ସେଠୀ ଏବଂ ଅନ୍ୟତମ ସ୍ୱତନ୍ତ୍ର ଅତିଥି ଭାବରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ଭଗବତୀ ପ୍ରସାଦ ଦାସ ଯୋଗ ଦେଇଥିଲେ । ଉକ୍ତ ସଭାରେ ଅତିଥି ବୃନ୍ଦ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ । ମଞ୍ଚାସୀନ ଅତିଥିମାନେ ଆଇନଶିକ୍ଷାର ଉପାଦେୟତା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ଆଇନ ଶିକ୍ଷା ଗ୍ରହଣ କରି ନିଜକୁ ଏକ ସୁନାଗରିକ ଭାବରେ ସମାଜର ମୁଖ୍ୟସ୍ରୋତରେ ନିଜକୁ ସାମିଲ କରିବା ନିମିତ୍ତ ଅତିଥିମାନେ ନବାଗତ ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କ ବକ୍ତବ୍ୟ ମାଧ୍ୟମରେ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ବୃନ୍ଦ ଆଇନ ସ୍ନାତକ ଶ୍ରେଣୀର ପାଠ୍ୟକ୍ରମ ଓ ପରୀକ୍ଷା ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ ସଭାରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ସହଯୋଗ କରିଲେ । ମହାବିଦ୍ୟାଳୟର ପୁରାତନ ଛାତ୍ର ତଥା ସମାଜସେବୀ ଆକାଶ ଚନ୍ଦ୍ର ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ନବାଗତ ଛାତ୍ରୀ ବୈଶାଖି ପ୍ରିୟଦର୍ଶିନୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ମନମୁଗ୍ଧକର ଭଜନ ପରିବେଷଣ କରିଥିଲେ । ଶେଷରେ ଶେଷବର୍ଷର ଛାତ୍ର ପ୍ରଭାସ ରଞ୍ଜନ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭତ୍ତା ଓ ଆବାସ ଯୋଜନାରୁ ବଞ୍ଚିତ ସିଙ୍ଗଡ଼ାର ଅନେକ ଗ୍ରାମବାସୀ





କରଞ୍ଜିଆ (ଭାସ୍କର ନ୍ୟୁଜ୍) : ଗରିବଙ୍କ ହିତ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା କରିଛନ୍ତି । କିନ୍ତୁ ଏହିସବୁ ଯୋଜନାରୁ ଅନେକେ ବାଦ୍ ପଡୁଥିବା ଜଣାଯାଇଛି । ଭିନ୍ନ ଭିନ୍ନ କାରଣରୁ ଏକାଧିକ ବିଧବା, ବୃଦ୍ଧା ମହିଳା ସରକାରଙ୍କ ଭତ୍ତା ଓ ଆବାସ ଯୋଜନା ପାଇବାରୁ ବଞ୍ଚିତ ହେଉଛନ୍ତି । ଏଭଳି କିଛି ସମସ୍ୟା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲାର ଶୁକ୍ରୁଳି ବ୍ଲକ ଅନ୍ତର୍ଗତ ହଳଦିଆ ପଞ୍ଚାୟତର ସିଙ୍ଗଡା ଗ୍ରାମରେ । ଦୁର୍ଗମ ଅଞ୍ଚଳ ହେଉ ବା ଉପାନ୍ତ ଅଞ୍ଚଳ ଲୋକମାନଙ୍କ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଲୋକାଭିମୁଖୀ ଯୋଜନା କରିଛନ୍ତି, କିଭଳି ଲୋକେମାନେ ଉପକୃତ ହୋଇପାରିବେ । ହେଲେ କେତେକାଂଶରେ ସରକାରୀ ବାବୁମାନଙ୍କ ଉଦାସୀନତା ମନୋଭାବ ଯୋଗୁଁ ବହୁ ପ୍ରକୃତ ହିତାଧିକାରୀଙ୍କ ପାଖରେ ସରକାରଙ୍କ ଯୋଜନା ପହଞ୍ଚି ପାରୁନାହିଁ । ଏଇ ଯେପରି ସିଙ୍ଗଡ଼ା ଗ୍ରାମର ଏକାଧିକ ବିଧବା ଓ ବୃଦ୍ଧା ମହିଳା ଆଜି ବି ସରକାର ଦେଉଥିବା ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି । ଦୀର୍ଘବର୍ଷ ଧରି ଭତ୍ତା ପାଇଁ ଦରଖାସ୍ତ ଦାଖଲ କରିଥିଲେ ମଧ୍ୟ ଆଜିଯାଏଁ ତାଙ୍କୁ ଭତ୍ତା ମିଳିପାରିଲା ନାହିଁ । ଶେଷରେ ନିଜର ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି ସିଙ୍ଗଡ଼ା ଗ୍ରାମର ମେଞ୍ଜାରି ସିଦୁ । ସ୍ୱାମୀ ମାରିବାର ଦୀର୍ଘ ୬ବର୍ଷ ବିତି ଯାଇଥିଲେ ମଧ ଆଜିଯାଏଁ ପାଇପାରିଲେ ନାହିଁ ବିଧବା ଭତ୍ତା । ପଞ୍ଚାୟତ କାର୍ଯ୍ୟାଳୟରେ ସରକାରଙ୍କ ତରଫରୁ ମିଳୁଥିବା କେଇ କେଜି ଚାଉଳ ହିଁ ତାଙ୍କ ସାହା ଭରସା । ବୟସ ଅଧିକ ହେତୁ ମୂଲ ଲାଗିବା ସମ୍ଭବପର ନୁହେଁ । ଠିକ୍ ସେହିପରି ସେହି ଗାଁର ଅନ୍ୟଜଣେ ବିଧବା ମହିଳା ନାନିକା ଗାଗରାଇ ମଧ ସ୍ୱାମୀ ମରିଯିବାର ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ହେବ କେବଳ ଦରଖାସ୍ତ ଦାଖଲ କରି ଚାଲିଛନ୍ତି ଭତ୍ତା ଟିକକ ପାଇଁ । ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ସାରିଲେଣି । ଏପରି ଗାଁରେ ଏକାଧିକ ବିଧବା ମହିଳା ଓ ବୃଦ୍ଧା ଅଛନ୍ତି ଯେଉଁ ମାନେ ଆଜିଯାଏଁ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି । ଏହିପରି ଗାଁରେ ଏମିତି ଏକାଧିକ ପରିବାର ଅଛି ଯେଉଁମାନେ ଆଜି ଯାଏ ଆବାସ ଯୋଜନାରେ ସାମିଲ ହୋଇ ଘର ଖଣ୍ଡିଏ ପାଇପାରିଲେ ନାହିଁ । କେବଳ ମିଳିଛି ତାଙ୍କୁ ପ୍ରତିଶୃତି । ବାରମ୍ୱାର କେବଳ ସେଇ ଗୋଟାଏ କଥା ଦରଖାସ୍ତ ଦାଖଲ କର । ମଞ୍ଜୁଲତା ସିଦୁ ଆଜି ବି ଖୋଲା ମେଲାରେ ଛଣ ଘରେ ରହୁଛନ୍ତି । ନା ତାଙ୍କୁ ମିଳିଛି ଆବାସ ଯୋଜନାରେ ଘର ନା ମିଳୁଛି ତାଙ୍କୁ ବିଧବା ଭତ୍ତା । କେବଳ କେଇ କେଜି ଚାଉଳରେ ହିଁ ତାଙ୍କର ଗୁଜୁରାଣ ମେଣ୍ଟାଉଛନ୍ତି । ଭାରି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । ସ୍ୱାମୀ ମଲା ପରେ ବାରମ୍ବାର ବିଧବା ଭତ୍ତା ପାଇଁ ସରପଞ୍ଚଙ୍କ ଠାରୁ ବିଡିଓଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ୍ । ଠିକ୍ ସେହିପରି ଅନ୍ୟଜଣେ ମହିଳା ଶାନ୍ତି ଗାଗାରାଇ ଯିଏକି ଭତ୍ତା, ଆବାସ ଯୋଜନାରେ ଘର ଏପରିକି ରାସନ ପାଇବାରୁ ମଧ୍ୟ ବଞ୍ଚିତ ଅଛନ୍ତି । ଏଭଳି ଏହି ଗାଁ ଏକାଧିକରେ ବୃଦ୍ଧା, ବିଧବା ମହିଳା ଅଛନ୍ତି ଯେଉଁମାନେ କି ସରକାରଙ୍କ ଆବାସ ଯୋଜନାରେ ଘର ଓ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି । ଭତ୍ତା ଏବଂ ଘର ପାଇଁ ଲୋକଙ୍କ ଦାବି ରହି ଥିବାବେଳେ ଲୋକଙ୍କ ସମସ୍ୟାକୁ ନେଇ ଆମେ ସୁକୃଳି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନା କରିଥିଲୁ ହେଲେ ସେ କୌଣସି ପ୍ରତିକ୍ରିୟା ରଖିବାକୁ ସିଧା ମନା କରି ଦେଇଥିଲେ । ତେବେ ସରକାର ଏହି ଅଭାବୀ ମଣିଷଙ୍କ ଦୁଃଖ କେବେ ଶୁଣୁଛନ୍ତି ଦେଖିବାକୁ ବାକି ରହିଲା ।

## ବୁଦ୍ଧିବର ଡିଆକୁଦା ହାଇସ୍କୁଲରେ ଗୁରୁ ଦିବସ ପାଳିତ



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବୁଦ୍ଧିବର ଡିଆକୁଦା ହାଇସ୍କୁଲରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଦୈତାରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଗୁରୁଦିବସ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅର୍ଜୁନ ତରେଇ, ସଞ୍ଜୟ କୁମାର ଜେନା, ବିଶ୍ୱମ୍ବର ଦାସ, ପଞ୍ଚାନନ ଜେନା, ବିଦ୍ୟାଳୟ କର୍ମଚାରୀ ଜଟେଶ୍ୱର ଦାସ, ସିମାଞ୍ଚଳ ମହାରଣାଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ମିଳିତ ସହୋଯୋଗରେ ଗୁରୁ ପୂଜନ ସଭା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଗୁରୁଜୀ ଓ ଛାତ୍ରଛାତ୍ରୀ ମାନେ ପ୍ରଥମେ ଡ. ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପାମାଲ୍ୟ ଅର୍ପଣ କରିଥିବା ବେଳେ ସାମ୍ବାଦିକ ପ୍ରତାପ ହରିଚନ୍ଦନ ଫଟୋଚିତ୍ର ନିକଟରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପରେ ଛାତ୍ରଛାତ୍ରୀମାନେ ଗୁରୁବନ୍ଦନା ପରିବେଷଣ କରିଥିଲେ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଛାତ୍ରୀ ସ୍ମୃତିରେଖା ଦଳେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଗୁରୁ ହେଉଛନ୍ତି ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ପ୍ରଦାନ କରିଥାନ୍ତି । ଗୁରୁ ବ୍ରହ୍ମାଙ୍କ ସହିତ ସମାନ କାରଣ ଗୁରୁ ହିଁ ସୃଷ୍ଟି କରନ୍ତି ଗୁରୁ ହେଉଛନ୍ତି ବିଷ୍ଣୁ କାରଣ ଗୁରୁ ହେଉଛନ୍ତି ଜଗତର ପାଳନ କର୍ତ୍ତା ଓ ଉତ୍ତମ ଜ୍ଞାନ ପ୍ରଦାନ କରିଥାନ୍ତି । ଗୁରୁ ସାକ୍ଷାତ ଦେବ ରୂପୀ ମହେଶ୍ୱର ତଥା ସଂହାର କର୍ତ୍ତା ସେ କୁସଂସ୍କାର ଓ ଅଜ୍ଞାନତାକୁ ସଂହାର କରି ଏକ ନୂତନ ସମାଜର ସ୍ୱପ୍ନ ଦେଖିଥାନ୍ତି । ଗୁରୁଙ୍କୁ ସ୍ୱୟଂ ପରମବ୍ରହ୍ମଙ୍କ ସହ ତୁଳନା କରିଥିଲେ । ପରେ ଗୁରୁଜୀମାନେ ସମସ୍ତ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ ସହ ଭବିଷ୍ୟତରେ କିପରି ସଂସ୍କାରୀ ମଣିଷ ହୋଇ ଦେଶ ଜାତିର ଟେକ ରଖିବା ନେଇ ଉପଦେଶ ଦେଇଥିଲେ ।

## ରାଶିଫଳ

ଶନିବାର, ୦୬ ସେପ୍ଟେମ୍ବର ୨୦୨୫



**ମେଷ:** ବକେୟା ରାଶି ପୁନରୁଦ୍ଧାର ପାଇଁ ଉଦ୍ୟମ ସଫଳ ହେବ । ବ୍ୟବସାୟ ଯାତ୍ରା ଲାଭଦାୟକ ହେବ । ଲାଭ ସୁଯୋଗ ଆସିବ । ଏକ ନୂତନ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ । ବିନିଯୋଗ ଶୁଭ ହେବ । ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି । ଏହାର ପ୍ରଭାବ ଚାକିରି କ୍ଷେତ୍ରରେ ପଡିବ । ପାରିବାରିକ ସୁଖ ଏବଂ ଶାନ୍ତି ରହିବ ।



**ବୃଷ:** ନୂତନ ଯୋଜନା ପ୍ରସ୍ତୁତ ହେବ । ଜଣେ ପ୍ରଭାବଶାଳୀ ବ୍ୟକ୍ତି ମାର୍ଗଦର୍ଶନ ଏବଂ ସମର୍ଥନ ପାଇପାରିବେ । ବ୍ୟବସାୟ କାର୍ଯ୍ୟରେ ଉନ୍ନତି ହେବ । ଆପଣ ସାମାଜିକ ସେବା କରିବାକୁ ପ୍ରେରଣା ପାଇବେ । ସମ୍ମାନ ପାଇବେ । ଟଙ୍କା ମିଳିବା ସହଜ ହେବ । ଆଘାତ ଏବଂ ରୋଗ ହେତୁ ବାଧା ହେବାର ସମ୍ଭାବନା ଅଛି ।



**ମିଥୁନ:** ଯେ କୈଣସି ବଡ ସମସ୍ୟାର ସମାଧାନ ସହଜ ହେବ । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ସଫଳ ହେବ । ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି । ଭାଗ୍ୟ ଆପଣଙ୍କ ସହିତ ରହିବ ।



**କର୍କଟ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ । ଆର୍ଥିକ ପରିସ୍ଥିତି ଆହୁରି ଖରାପ ହୋଇପାରେ । ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତତ୍ପର ହୁଅନ୍ତୁ ନାହିଁ । ବକ୍ତବ୍ୟର ନିୟନ୍ତ୍ରଣ କରନ୍ତୁ । ଚିନ୍ତା ଏବଂ ଟେନସନ ରହିବ । ଚାକିରିରେ ମିଳିବ ।



**ସିଂହ:** ଶତ୍ରୁତା ରହିବ । ପୂଜାରେ ନିୟୋଜିତ ହେବେ । ବ୍ୟବସାୟରୁ ଲାଭ ବୃଦ୍ଧି ହେବ । କୋର୍ଟ ଇତ୍ୟାଦିରେ ପରିସ୍ଥିତି ଅନୁକୂଳ ହେବ । ଏକ ବିବାଦରେ ବିଜୟ ହାସଲ କରାଯାଇପାରେ । ବ୍ୟବସାୟରେ ନୂତନ ସୁଯୋଗ ମିଳିପାରିବ । ଚିନ୍ତିତ ହେବେ । ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ ।



**କନ୍ୟା:** ଦୂରରୁ ଭଲ ଖବର ଗ୍ରହଣ କରାଯିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କୁ ସମର୍ଥନ କରିବେ । ପରିବାରରେ ଯେ କୈଣସି ଚାହିଦା କାମ ସମ୍ଭବ । ଅସ୍ଥିରତା ହୋଇପାରେ । ବକ୍ତବ୍ୟରେ କଠିନ ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ । ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ ।



**ତୁଳା:** ବିବାଦକୁ ପ୍ରୋତ୍ସାହନରୁ ଦୂରେଇ ରୁହନ୍ତୁ । ତତ୍ପରତା ନାହିଁ । ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି । ପ୍ରୟାସ ସଫଳ ହେବ । ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ । କିଛି ବଡ କରିବାର ଇଚ୍ଛା ହେବ । ବ୍ୟବସାୟ ଭଲ କରିବ । ଟଙ୍କା ମିଳିବା ସହଜ ହେବ ।



**ବିଛା:** ଯାତ୍ରାରେ ଶୀଘ୍ର ଯାଆନ୍ତୁ ନାହିଁ । ଜଣେ ବ୍ୟକ୍ତି ସହିତ ବିନା କାରଣରେ ବିବାଦ ହୋଇପାରେ । ଦୌଡାଦୌଡି ଯୋଗୁଁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ । ବେପରୁଆ ହୁଅନ୍ତୁ ନାହିଁ । କିଛି ଦୁଃଖଦ ଖବର ପାଇବାର ସମ୍ଭାବନା ଅଛି । ଚିନ୍ତା ଏବଂ ଟେନସନ ରହିବ । ବ୍ୟବସାୟ ଭଲ କରିବ ।



**ଧନୁ:** ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି । ଯାନ ଏବଂ ଯନ୍ତ୍ରପାତି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ । ଶାରୀରିକ ଯନ୍ତ୍ରଣା ଦ୍ୱାରା କରାଯାଇଥିବା କାର୍ଯ୍ୟରେ ବ୍ୟାଘାତ ହୋଇପାରେ । ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ । କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ । ବ୍ୟବସାୟ ଭଲ କରିବ । ଆୟରେ ନିଶ୍ଚିତତା ରହିବ । ଚିନ୍ତିତ ହେବେ ।



**ମକର:** କାରବାରରେ ସାବଧାନ ରୁହ । ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ସମ୍ଭାବନା ହେଉଛି । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ଆୟ ବୃଦ୍ଧି ପାଇବ । ଅଂଶୀଦାରମାନଙ୍କଠାରୁ ଭିନ୍ନତା ପରିସ୍ଥିତିକୁ ଅନୁକୂଳ କରିବ । କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ବଦନାମ ହୋଇପାରନ୍ତି, ସାବଧାନ ରୁହନ୍ତୁ ।



**କୁମ୍ଭ:** ମାନସିକ ଅସ୍ଥିରତା ଦେଖାଯିବ । ବନ୍ଦ କାର୍ଯ୍ୟଗୁଡିକ କୋର୍ଟ ଏବଂ ସରକାରୀ କାର୍ଯ୍ୟାଳୟରେ ଗତି କରିବ । ବିବାଦର ସମାଧାନ ହୋଇପାରିବ । ଜୀବନସାଥୀ ଉପହାର ଦେବାର ସୁଯୋଗ ପାଇବେ । ଖୁସି ହେବେ । ପାରିବାରିକ ସହାୟତା ଜାରି ରହିବ । ଆୟ ବୃଦ୍ଧି ପାଇବ ।



**ମୀନ:** ସୁଖ ବୃଦ୍ଧି ପାଇବ । ଏକ ଚିତ୍ତାକର୍ଷକ ମାର୍ଗ ପ୍ରସ୍ତୁତ କରାଯାଇପାରିବ । ଛାତ୍ରମାନେ ସେମାନଙ୍କର କାର୍ଯ୍ୟକୁ ସଫଳତାର ସହିତ କରିବାକୁ ସମର୍ଥ ହେବେ । ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ । ଆପଣ ପ୍ରିୟ ଖାଦ୍ୟର ଆନନ୍ଦ ପାଇବେ । ପ୍ରେମ ସମ୍ପର୍କ ପାଇଁ ଏକ ପ୍ରସ୍ତାବ ମିଳିପାରିବ ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ): ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ମୋହରା ଏବଂ ବେହେରାମୁଣ୍ଡା ଜାମା ମସଜିଦ ପରିସରରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ତଥା ଜସ୍ନେ-ଇଦ-ମିଲାଦୁନ-ନବୀ ନିରାଡ଼ମ୍ବର ସହକାରେ ପାଳିତ ହୋଇ ଯାଇଛି ।ଏହି ଅବସରରେ ଆଜି ମୋହରା ଏବଂ ବେହେରାମୁଣ୍ଡା ଗ୍ରାମରେ ଶତାଧିକ ମୁସଲମାନ ଭାଇମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ମସଜିଦକୁ ଯାଇ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳନ କରିଥିଲେ । ମୋହରା ମସଜିଦ ପରିସରରେ ଅଞ୍ଜୁମାନ ଇସଲାମିୟା କମିଟି ତରଫରୁ ସଭାପତି ହାଜି ମହମ୍ମଦ ରଫିକ ଙ୍କ ଦ୍ୱାରା ଧାର୍ମିକ ପତାକା ଉତ୍ତୋଳନ କରାଯାଇ ଥିବା ବେଳେ ମୌଲାନା ମହମ୍ମଦ ସୋହେବ ରଜା ଙ୍କ ପୋ ?ରହିତ୍ୟରେ ଫାତିହା ପାଠ କରାଯାଇଥିଲା ।ଏହି ପରିପ୍ରେକ୍ଷୀରେ ବିଶ୍ୱବାସୀଙ୍କ କଲ୍ୟାଣ ଉଦେଶ୍ୟରେ ଆଲ୍ଲାଙ୍କ ନିକଟରେ ପ୍ରାଥନା କରାଯାଇଥିଲା ।ଏହାପରେ ପରସ୍ପର ପରସ୍ପରକୁ ମହମ୍ମଦଙ୍କ ଜୟନ୍ତୀର ଶୁଭେଚ୍ଛା ଜଣାଇଥିଲେ ।ଏଥିରେ ମୋହରା ସୁନ୍ନି ମୁସଲିମ କମିଟିର ସମ୍ପାଦକ ମହମ୍ମଦ ହୁସେନ, ଉପସଭାପତି ଆକବର ଅଲ୍ଲୀ, କୋଷାଧକ୍ଷ ଜବବାର ଅଲ୍ଲୀ,ସୁଲତାନ ଅଲ୍ଲୀ, ଜିବ୍ରାଇଲ ଅଲ୍ଲୀ, ଅବଦୁଲ ହମିଦ, ମହମ୍ମଦ ହନିଫ,ମହମ୍ମଦ ସଫିକ, ମହମ୍ମଦ ଅସପାକ,ମୁରାଦୁ ଅଲ୍ଲୀ, ଅବଦୁଲ ମଜିଦ, ଅବଦୁଲ କୟୁମ ,ମହମ୍ମଦ ରିଜାୱୁକ୍ଷନ, ମକବୁଲ ଅଲ୍ଲୀ, ରେହେମାନ ଅଲ୍ଲୀ, ସାହାଦତ ଅଲ୍ଲୀ, ଖଲିଲ ଅଲ୍ଲୀ, ହୁସେନ ଅଲ୍ଲୀ, ସାହିଲ, ମୋହସିନ,ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା କାଲି ମସଜିଦ ପରିସର ରେ ଏକ ଧର୍ମସଭା ଅନୁଷ୍ଠିତ ହେବ ଏଥିରେ ବିହାର ରୁ ଡକ୍ଟର ମୁଫ୍ତି ମୁସ୍ୱବୀର ରଜା ଏବଂ ସାୟର ମହମ୍ମଦ ସାହେଜାଦ ଯୋଗ ଦେଇ ପ୍ରବଚନ ପ୍ରଦାନ କରିବା ର କାର୍ଯ୍ୟକ୍ରମ ରହିଛି ।

# ପାରଳାରେ ହାଇଟେକ୍ ମେଡିକାଲ ନିର୍ମାଣ ପାଇଁ ବାଣିଜ୍ୟ ମନ୍ତ୍ରୀଙ୍କ ଅନୁରୋଧ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଆଦିବାସୀ ବହୁଳକ୍ଷଅଞ୍ଚଳ ଗଜପତି ଜିଲ୍ଲାରେ ଲୋକଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାପାଇଁ ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଏକ ହାଇଟେକ୍ ତଥା ଉନ୍ନତ ମାନର ଅତ୍ୟାଧୁନିକ ମେଡିକାଲ ନିର୍ମାଣ କରିବା ପାଇଁ ରାଜ୍ୟ ବାଣିଜ୍ୟ ଓ ପରିବହନ - ଖଣି ଓ ଇସ୍ପାତ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା , ଶିଳ୍ପପତି ତଥା ହାଇଟେକ୍ ମେଡିକାଲ କଲେଜ ଅଧକ୍ଷ ଶିକ୍ଷାବିତ୍ ଡ଼ଃ ତିରୁପତି ପାଣିଗ୍ରାହୀଙ୍କୁ ସାକ୍ଷାତ କରି ନିଶ୍ଚିତ କରିବାକୁ ଅନୁରୋଧ କରିଛନ୍ତି । ପରେ ମନ୍ତ୍ରୀ ଶ୍ରୀ ଜେନା , ଭୁବନେଶ୍ୱର ସ୍ଥିତ ହାଇଟେକ୍ ମେଡିକାଲ କଲେଜରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କୁ ଦେଖିବା ଓ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରିବୁଝିବା ପାଇଁ ହାଇଟେକ୍ ମେଡିକାଲ କଲେଜକୁ ଯାଇଥିଲେ । ମେଡିକାଲ କଲେଜରେ ରୋଗୀ ମାନଙ୍କ ଉତ୍ତମ ଚିକିତ୍ସା ସେବା ବ୍ୟବସ୍ଥା ସହ ସେଠାକାର ପରିବେଶ, ସଫାସୁତୁରା ଓ ଅନ୍ୟାନ୍ୟ ବ୍ୟବସ୍ଥା ଦେଖି ଅତ୍ୟନ୍ତ ସନ୍ତୋଷ ପ୍ରକଟ କରିଥିଲେ । ତା' ପରେ ସେଠାରେ ସେ ହାଇଟେକ୍ ମେଡିକାଲ୍ କଲେଜର ଅଧକ୍ଷ ଡ଼ଃ ତିରୁପତି ପାଣିଗ୍ରାହୀଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ଉଭୟଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ବେଳେ ମନ୍ତ୍ରୀ ଶ୍ରୀ ଜେନା , ଅଧକ୍ଷ ଡ଼ଃ ତିରୁପତି ପାଣିଗ୍ରାହୀଙ୍କୁ ଅନୁରୋଧ କରି କହିଥିଲେ ଯେ , ଆଦିବାସୀ ବହୁଳ ଗଜପତି ଜିଲ୍ଲାରେ ଲୋକଙ୍କ କାଁ ଭାଁ କେତୋଟି ରୋଗକୁ ଛାଡ଼ି ଦେଲେ ଅନ୍ୟ ରୋଗ ମାନଙ୍କ ଚିକିତ୍ସା କ୍ଷେତ୍ରରେ କୌଣସି ବ୍ୟବସ୍ଥା ନାହିଁ , ଏମିତି କି ସାମାନ୍ୟ ରୋଗାକ୍ରାନ୍ତ ହେଲେ ବି ଲୋକେ ଚିକିତ୍ସା ସୁବିଧା ପାଇଁ ପଡୋଶୀ ଆନ୍ଧ୍ରର ଶ୍ରୀକାକୁଲମ ନଚେତ୍ ବିଶାଖାପାଟଣା ସହରକୁ ଯାଇ ସେଠାରେ ଥିବା ମେଡିକାଲ ରେ ଭର୍ତ୍ତି ହୋଇ ଅଧିକ ଖର୍ଚ୍ଚାନ୍ତ ହୋଇ ଚିକିତ୍ସିତ ହେବାକୁ ବାଧ ହେଉଛନ୍ତି , ତେଣୁ କରି ଏହାର ବିକଳ୍ପ ଏବଂ ଜିଲ୍ଲାବାସୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଚିକିତ୍ସା ସେବାରେ ସୁବିଧା ଦୃଷ୍ଟିରୁ ପାରଳାଖେମୁଣ୍ଡି ଠାରେ ଏକ ଉଚ୍ଚକୋଟିର ତଥା ଅତ୍ୟାଧୁନିକ ମାନର ମେଡ଼ିକାଲ ନିର୍ମାଣ କରିବା ପାଇଁ ଅନୁରୋଧ କରିଥିଲେ । ମନ୍ତ୍ରୀ ଶ୍ରୀ ଜେନାଙ୍କ ଅନୁରୋଧକୁ ରକ୍ଷା କରି ଅଧକ୍ଷ ଡ଼ଃ ପାଣିଗ୍ରାହୀ କହିଥିଲେ ଯେ , ନିଶ୍ଚିତ ଭାବେ ଆଗାମୀ କିଛିଦିନ ମଧ୍ୟରେ ପାରଳାଖେମୁଣ୍ଡି ଠାରେ ଏକ ଅତ୍ୟାଧୁନିକ ମେଡିକାଲ୍ ନିର୍ମାଣ କରି ଗଜପତି ବାସୀଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ସେବା ଯୋଗାଇ ଦେବା କ୍ଷେତ୍ରରେ ଏକ ବଳିଷ୍ଠ ଉପହାର ଦିଆଯିବ ବୋଲି କହିଥିଲେ । ମନ୍ତ୍ରୀ ଶ୍ରୀ ଜେନା , ଦକ୍ଷିଣ ଓଡ଼ିଶାର ଲୋକ ହୋଇଥିବାରୁ ତାଙ୍କର ଗଜପତି ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଆଗ୍ରହ ଥିବା ଜଣାପଡିଛି । ଆଗାମୀ ଦିନ ରେ ଗଜପତି ଜିଲ୍ଲା ର ପୁରାଣ ପ୍ରସିଦ୍ଧ ଶୈବ-ପୀଠ ମହେନ୍ଦ୍ରଗିରି କୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ କରିବା ପାଇଁ ୫୦୦ କୋଟି ଟଙ୍କା ଅନୁଦାନ ଦିଆଯିବ କଥା କହିଥିଲେ , ସେହି ଭଳି ମହେନ୍ଦ୍ରଗିରି ପାହାଡ଼ ଶିଖର ରେ ରହୁଥିବା ମହେନ୍ଦ୍ରଗିରି ସାଧକ ଶ୍ରୀ ଲକ୍ଷ୍ମୀ ବାବା ହାଇଟେକ୍ ମେଡିକାଲ୍ କଲେଜ ଅଧକ୍ଷ ଙ୍କୁ ଅନୁରୋଧ କରି କହିଥିଲେ ଯେ , ପାରଳାଖେମୁଣ୍ଡି ଅଞ୍ଚଳରେ ଥିବା ଗରିବ ଆଦିବାସୀ ଲୋକମାନଙ୍କ ପାଇଁ ଏକ ମୋବାଇଲ ଭ୍ୟାନ ଆମ୍ବୁଲାନ୍ସ ର ଆବଶ୍ୟକତା ରହିଛି , ଯାହାକି ସେହି ଆମ୍ବୁଲାନ୍ସ ଗାଁ ଗାଁ ବୁଲି ଆଦିବାସୀ ଭାଇଭଉଣୀ ମାନଙ୍କୁ ସେବା ଯୋଗାଇ ପାରିବାରେ ବିଶେଷ ସହାୟକ ହୋଇପାରିବ । ହାଇଟେକ୍ ଗ୍ରୁପ ଅଧକ୍ଷ ଡ଼ଃ ତିରୁପତି ପାଣିଗ୍ରାହୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏଇସବୁ କାର୍ଯ୍ୟକାରୀ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ସାକ୍ଷାତକାର କାର୍ଯ୍ୟକ୍ରମ ରେ ହାଇଟେକ୍ ମେଡକାଲ କଲେଜ ନିର୍ଦେଶକ ରାକେଶ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ ।

### ଏନ୍ଏସି ଘୋଷଣାରୁ ସଇଁତଳା ବାଦ

# କୁହୁଳୁଛି ଅସନ୍ତୋଷ, ଆନ୍ଦୋଳନ ପାଇଁ ସଜବାଜ

ସଇଁତଳା, (ଭାସ୍କର ନ୍ୟୁଜ୍): ନିକଟରେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୧୨ଟି ଓ ଦ୍ୱିତୀୟ ପର୍ଯ୍ୟୟରେ ୧୬ଟି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଗଠନ ନେଇ ଘୋଷଣା କରିଥିବାବେଳେ ଏଥିରେ ସଇଁତଳାକୁ ବାଦ୍ ଦିଆଯାଇଛି। ଯାହାକୁ ନେଇ ସଇଁତଳା ଅଞ୍ଚଳରେ ଅସନ୍ତୋଷ କୁହୁଳୁଥିବା ଦେଖାକୁ ମିଳିଛି । ଏନ୍ଏସି ଘୋଷଣା ଦାବି ନେଇ ଅଞ୍ଚଳବାସୀ ଅନ୍ଦୋଳନ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି। ଏଠାରେ ଥାନା, ସ୍ୱାସ୍ଥ୍ୟକେନ୍ଦ୍ର, ରେଲୱେ ଷ୍ଟେସନ, ବନାଞ୍ଚଳ କାର୍ଯ୍ୟାଳୟ ସହ ସ୍କୁଲ, କଲେଜ, ବ୍ୟାଙ୍କ, ଡାକଘର ଏବଂ ଅନ୍ୟ ସରକାରୀ କାର୍ଯ୍ୟାଳୟ ସହ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଏଠାରୁ ରାଜ୍ୟର ପ୍ରମୁଖ ସହରମାନଙ୍କୁ ଗମନାଗମନର ବ୍ୟବସ୍ଥା ମଧ୍ୟ ରହିଛି। ସେହିଭଳି ସଇଁତଳା ବଲାଙ୍ଗୀରର ଜିଲ୍ଲାର ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ରସ୍ଥଳୀ । ଏନ୍ଏସି ଗଠନ ପାଇଁ ଏଠାରେ ରାଜସ୍ୱ ଆୟର ପର୍ଯ୍ୟାପ୍ତ ସୁଯୋଗ ମଧ୍ୟ ରହିଛି। ଅନୁକୂଳ ଲୋକସଂଖ୍ୟା ସାଙ୍ଗକୁ ଅଣକୃଷି କ୍ଷେତ୍ରରେ ମଧ୍ୟ ସଇଁତଳା ପଞ୍ଚାୟତର ବହୁ ଲୋକ କର୍ମ ନିୟୋଜିତ ଥିବା ଜଣାଯାଇଛି। ସଇଁତଳା ଏକ ପଞ୍ଚାୟତ ହୋଇଥିଲେ ମଧ୍ୟ ଦୀର୍ଘ ବର୍ଷରୁ ଏଠାରେ ସହରୀ ସଭ୍ୟତା ରହିଆସିଛି। ଦୈନିକ ହଜାର ହଜାର ସଂଖ୍ୟାରେ ଲୋକ ଏଠାରେ ନିର୍ଭର କରୁଥିବା ବେଳେ ବ୍ୟସ୍ତବହୁଳ ଏହି ସଇଁତଳା କୁ ପଞ୍ଚାୟତ ପାଣ୍ଠିରେ ଆଉ ପରିଚାଳନା କରିବା କଷ୍ଟକର ହୋଇଯାଇଛି। ଏଥିପାଇଁ ସଇଁତଳାକୁ ଏନ୍ଏସି ମାନ୍ୟତା ପ୍ରଦାନ ପାଇଁ ସଇଁତଳା ଅଞ୍ଚଳବାସୀ ଦୀର୍ଘ ବର୍ଷ ହେଲା ଦାବି କରି ଆସୁଛନ୍ତି । ପୂର୍ବରୁ ସଇଁତଳା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବହୁବାର ଏଥିପାଇଁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇ ଥିବାବେଳେ ଜିଲ୍ଲା ପ୍ରଶାସନକୁ ପୂର୍ବରୁ ତିନି ତିନିଥର ସଇଁତଳା କୁ ଏନ୍ ଏସି ମାନ୍ୟତା ପ୍ରଦାନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିବା କମିଟି ପକ୍ଷରୁ କୁହାଯାଇଛି। ଏତେ ସବୁ ସତ୍ତ୍ୱେ ନୂତନ ଏନ୍ଏସି ଗଠନ ଓ ମାନ୍ୟତା ପ୍ରଦାନ ପ୍ରକ୍ରିୟାରେ ସଇଁତଳାକୁ ବାଦ୍ ଦିଆଯାଇଥିବାରୁ ସଇଁତଳା ଅଞ୍ଚଳରେ ଘୋର ଉଦବେଗ ଓ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ପୁନର୍ବିଚାର ପୂର୍ବକ ସଇଁତଳାକୁ ଏନଏସି ମାନ୍ୟତା ଦେବାକୁ ସଇଁତଳା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି ହୋଇଛି । ଅନ୍ୟଥା ପୁଣି ଆନ୍ଦୋଳନ ପନ୍ଥା ଅବଲମ୍ବନ ପାଇଁ ଚେତାବନୀ ଦିଆଯାଇଛି।

# ୩ ଜଣ ମହିଳା ନିଖୋଜ ନେଇ ଏତଲା



ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ସଦର ମହକୁମାର ୨ ଜଣ ମହିଳା ଓ ଜଣେ ବୃଦ୍ଧା ଚଳିତ ମାସ ୨ ତାରିଖ ଠାରୁ ନିଖୋଜ ହୋଇଛନ୍ତି। ନିଖୋଜ ପରେ ପରିବାର ଲୋକ ତେନ୍ତୁଳିଖୁଣ୍ଟି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ମିଳିଥିବା ସୂଚନା ପ୍ରକାରେ ତେନ୍ତୁଳିଖୁଣ୍ଟି ଗ୍ରାମର ଦୀପ୍ତି ହରିଜନ (୬୦) ରୋଜ ବାଘ(୩୩) ଓ ବବି ନାୟକ (୪୦) ତିନିଜଣ ମିଶି ଚଳିତ ମାସ ୨ ତାରିଖ ଦିନ କୁଲି କରିବା ଉଦ୍ଦେଶ୍ୟରେ ଘରୁ ବାହାରକୁ ଯାଇ ଥିଲେ । ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ଆଉ ଘରକୁ ଫେରି ନ ଥିଲେ । ଏହାପରେ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଏନେଇ ଗତକାଲି ନିଖୋଜ ଦୀପ୍ତି ହରିଜନଙ୍କ ପୁଅ ବୀରେନ୍ଦ୍ର ହରିଜନ ଓ ବବି ନାୟକଙ୍କ ପୁଅ ଗଜେନ୍ଦ୍ର ନାୟକ ତେନ୍ତୁଳିଖୁଣ୍ଟି ଥାନାରେ ଏତଲା ଦେଇଛନ୍ତି । ତେନ୍ତୁଳିଖୁଣ୍ଟି ଥାନା କେଶ ନଂ ୨୨/୨୫ ଓ ୨୩/୨୫ ଅନୁଯାୟୀ ଦୁଇଟି ନିଖୋଜ ମାମଲା ରୁଜୁ ହୋଇଛି । ରିପୋର୍ଟ ଲେଖା ହେବା ସୁଦ୍ଧା ଅନ୍ୟ ଜଣେ ନିଖୋଜ ମହିଳା ଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇନି ।ଏସଆଇ ମହେଶ୍ୱର କ୍ରିଷାନି ଓ ଏଏସଆଇ ଭରତ ମାଝି କେଶର ତଦନ୍ତ କରୁଥିବା ଏସଆଇ ବିନିତା ତାର୍କୀ ସୂଚନା ଦେଇଛନ୍ତି ।

# ୭ କେଜି ଗଞ୍ଜେଇ ସହ ସ୍କର୍ପିଓ ଜବତ, ୨ ଗିରଫ

ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବଉଦ ରାସ୍ତାର ରେଳଷ୍ଟେସନ ନିକଟ ପୁରୁଣାଗଡ ଛକରୁ ୭ କେଜି ଗଞ୍ଜେଇ ସହ ଏକ ସ୍କର୍ପିଓ ଗାଡ଼ି ଜବତ କରିବା ସହ ଦୁଇ ଜଣ ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ରେଢ଼ାଖୋଲ ଅବକାରୀ ବିଭାଗ । ଗିରଫ ଦୁହେଁ ହେଲେ ବୌଦ୍ଧ ଜିଲ୍ଲାରର ସୋମନାଥ ପ୍ରଧାନ ଓ ଶ୍ରୀକାନ୍ତ ଦାଶ । ସୂଚନାଯୋଗ୍ୟ ଯେ ଏମାନେ ଏକ ସ୍କର୍ପିଓରେ ବୌଦ୍ଧରୁ ସମ୍ବଲପୁରକୁ ସାତ କେଜି ଗଞ୍ଜେଇ ଧରି ଚାଲାଣ କରୁଥିଲେ । ଖବର ପାଇ ଅବକାରୀ ବିଭାଗ ଅଧିକାରୀ ଦୁରବାଦଳ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ପୁରୁଣା ଗଡ ଛକରେ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ପରେ ଗଞ୍ଜେଇ ମିଳିବାରୁ ଗଡ଼ି ସହ ଦୁହିଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ମହମ୍ମଦଙ୍କ ଜୟନ୍ତୀ ପାଳିତ

ପାପଡାହାଣ୍ଡି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାରେ ମୁସଲମାନ ଧର୍ମାବଲମ୍ବୀଙ୍କ ଦ୍ୱାରା ପ୍ରଫେଟ ମହମ୍ମଦ ଜୟନ୍ତୀ ପାଳିତ ହୋଇଛି। ମୁସଲମାନ ଭାଇମାନେ ଶୁକ୍ରବାର ସକାଳ ୧୦ ଘଣ୍ଟା ସମୟରେ ନବରଙ୍ଗପୁର ସୁନ୍ନି ରାଜା ଜାମା ମସଜିଦ୍ ଠାରେ ଏକତ୍ରିତ ହୋଇ, ନିଜ ନିଜ ଧର୍ମ ର ପତାକା ଓ ଜାତୀୟ ପତାକା ଧରି , ମହମ୍ମଦ ଙ୍କର ଗୁଣ ଗାନ କୋରି ପାପଡାହାଣ୍ଡି ଗ୍ରାମ ପରିକ୍ରମା କରି ପୁଣି ମସଜିଦ୍ ନିକଟରେ ପହଞ୍ଚି ଥିଲେ ପରେ ମସଜିଦ୍‌ର ମୌଲାନା ମହମ୍ମଦ ରାହିଶ ଆଜାମଙ୍କ ଦ୍ୱାରା ପତାକା ଉତ୍ତୋଳନ ହୋଇଥିଲା । ଦୁଆ ବା ପାର୍ଥନା ରେ ସମସ୍ତ ଭାରତ ବାସୀଙ୍କ ଶାନ୍ତି ଓ ସମୃଦ୍ଧି ପାଇଁ ପାର୍ଥନା କରିଥିଲେ। ଦିନ ୧୦ ଘଟିକା ସମୟରେ ଗ୍ରାମ ପରିକ୍ରମା କରି ଅପରାହ୍ନ ୧୨.୩୦ ସମୟ ଫେରି ଥିଲେ ସମସ୍ତେ ଆସି ପ୍ରସାଦ ସେବନର କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସମୟରେ ମସଜିଦ କମିଟି ସଦସ୍ୟ ମାନେ ଗରିବ ,ଅସହାୟ ବୃଦ୍ଧ ଓ ବୃଦ୍ଧା ଲୋକୋ ଙ୍କୁ ଶାଢ଼ୀ ଓ ଲୁଙ୍ଗି, ତୁୱାଲ୍ ବଣ୍ଟନ କରି ଥିଲେ ବେଳେ ମିଠା ଓ ସର୍ବତ ପିଆଇ ଥିଲେ ଏହି ସମୟ ରେ ମସଜିଦ କମିଟି ସଦସ୍ୟ ସଭାପତି ଅବଦୁଲ ୱାହାବ ଖାନ, ସମ୍ପାଦକ ସାଏୟଦ ଗୁଲମ୍ ହୁସେନ, ବାବଲୁ ଖାନ, ହାସ୍ୱାନ ରାଜା, ଲାଲ ମହମ୍ମଦ ଖାନ, ଅବଦୁଲ ଗଫାର୍ ଖାନ, ଅବଦୁଲ ଅଜିଜ, ଏମ ଡି ଗୁଫରାନ ସହ ପ୍ରମୁଖ ଲୋକେ ଉପସ୍ଥିତ ରହିଥିଲେ ।

# ଜିଲ୍ଲାର ତାଲିମ୍‌ପ୍ରାପ୍ତ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ନିଯୁକ୍ତି ଭିତ୍ତିକ ତାଲିମ୍ କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାର ତାଲିମ୍ ପ୍ରାପ୍ତ ୨୭ ଜଣ ଯୁବକ ଯୁବତୀଙ୍କୁ ଜିଲ୍ଲା କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ମଧୁମିତା ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ୨୭ ଜଣ ଯୁବକ ଯୁବତୀଙ୍କୁ ଲଜିଷ୍ଟିକ୍ ଗୁଡ୍ ପ୍ୟାକିଂ ମେସିନ ଅପରେଟର ଟ୍ରେଡରେ ସମ୍ପୂର୍ଣ୍ଣ ମାଗଣା ଆବାସିକ ତାଲିମ୍ ଯୋଗାଇ ଦିଆ ଯାଇଥିଲା । ସମସ୍ତ ଯୁବକ ଯୁବତୀଙ୍କୁ ବିଗ୍ ବାସ୍କେଟ, ହାଇଦ୍ରାବାଦରେ ନିଯୁକ୍ତି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଶ୍ରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ଅମିଗୋଷ ପ୍ରାଇଭେଟ୍ ଲିମିଟେଡ଼ର କର୍ମ କର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ଉପସ୍ଥିତ ରହିଥିଲ ।

# ଲ୍ୟାମ୍ପସରେ ଦୁର୍ନୀତି ଅଭିଯୋଗ ପରେ ତଦନ୍ତ ଆରମ୍ଭ

ମାଥିଲି,(ଭାସ୍କର ନ୍ୟୁଜ୍): ମାଥିଲି ଲ୍ୟାମ୍ପସରେ ହୋଇଥିବା ଅର୍ଥ ହେରଫେର, ଅନିୟମିତତା ଏବଂ ବେଆଇନ ନିଯୁକ୍ତିକୁ ନେଇ ଉପନିବନ୍ଧକ ସମବାୟ ସମିତି କାର୍ଯ୍ୟାଳୟରେ ତଦନ୍ତ ଆରମ୍ଭ ହୋଇଛି। ଏହି ତଦନ୍ତରେ ଲ୍ୟାମ୍ପସର ୧୫ ଜଣ ନିର୍ଦ୍ଦେଶକଙ୍କୁ ଡାକାଯାଇଥିଲା। ସେଥିରୁ ୯ ଜଣ ନିର୍ଦ୍ଦେଶକ, ସଭାପତିଙ୍କ ଉପରେ ବିଭିନ୍ନ ଅଭିଯୋଗ ଆଣିଥିଲେ। ଅଭିଯୋଗ ମାନଙ୍କ ମଧ୍ୟରେ ଥିଲା – ଲ୍ୟାମ୍ପସର ଟଙ୍କାର ହେରଫେର, ନିଜ ସଂପର୍କୀୟଙ୍କୁ ବିଭିନ୍ନ ପଦ ପଦବୀରେ ପଦସ୍ଥ କରାଇବା, ବେଆଇନ ଭାବେ ଦରମା ବୃଦ୍ଧି ଏବଂ ସାର କଳାବଜାରି। ଏହାକୁ ନେଇ ଦୁଇ ପକ୍ଷର ନିର୍ଦ୍ଦେଶକମାନେ କାର୍ଯ୍ୟାଳୟ ପରିସରରେ ମୁହାଁମୁହିଁ ହୋଇଥିଲେ। ତଦନ୍ତରେ ବିଆରସିଏସ ଥିଓଫିଲ ଶବର, ଦୁଇଜଣ ଏଆରସିଏସ ଏବଂ ବ୍ୟାଙ୍କ ବିଏମ ଉପସ୍ଥିତ ଥିଲେ। ତଦନ୍ତ ବେଳେ ନିର୍ଦ୍ଦେଶକମାନଙ୍କ ମଧ୍ୟରେ ବାକ୍ ବିତଣ୍ଡା ହୋଇଥିଲା। କେତେକ ନିର୍ଦ୍ଦେଶକ ସଭାପତିଙ୍କୁ ତୁରନ୍ତ ପଦଚ୍ୟୁତ କରିବାକୁ ଦାବି କରିଥିଲେ। ସଭାପତିଙ୍କୁ ନିଜେ ମନଇଚ୍ଛା ଭାବରେ କାମ କରିବା, ବୋର୍ଡ୍ ବୈଠକରେ ମନମାନି ବିଚାର କରିବା ଏବଂ ଅଳ୍ପ ଖର୍ଚ୍ଚ ଦେଖାଇ ଅଧିକା ଟଙ୍କା ଉଠାଇବା ନେଇ ମଧ୍ୟ ଅଭିଯୋଗ ହୋଇଛି। ତଦନ୍ତ ପରେ ବିଆରସିଏସ କହିଥିଲେ, ଆସନ୍ତା ଦୁଇ ଦିନ ମଧ୍ୟରେ ସମସ୍ତ ଅଭିଯୋଗର ସତ୍ୟତା ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିର୍ଦ୍ଦେଶକ ମାନେ ଏହି ତଦନ୍ତ ନିରପେକ୍ଷ ଭାବରେ ହେବାକୁ ଦାବି କରିଛନ୍ତି।

# ୧୬ ମାଓବାଦୀ ଗିରଫ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ): ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲା ଗଙ୍ଗୁଲୁର, ବାସାଗୁଡ ଗୁଡା, ଜାଙ୍ଗଲାଗୁଡା ଜଙ୍ଗଲରେ ଯବାନମାନେ କୁମ୍ବିଂ ଅପରେସନ କରୁଥିବା ସମୟରେ ୧୬ଜଣ ମାଓବାଦୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ସେମାନଙ୍କ ପାଖରୁ ପ୍ରେସର ବୋମା, ଜିଲୋଟିନ, ଟିଫିନ ବୋମା ସହ ବହୁ ପରିମାଣ ର ବିସ୍ପୋରକ ଜବତ କରାଯାଇ ଥିବା ବିଜାପୁର ଏସପି ଡ.ଜିତେନ୍ଦ୍ର କୁମାର ଯାଦବ ସୂଚନା ଦେଇଛନ୍ତି । ଗିରଫ ମାଓବାଦୀଙ୍କ ସମ୍ପର୍କରେ ଛାନଭିନ କରାଯାଉଛି। ସମାନେ କେଉଁ କେଉଁ ମାଓ ହିଂସାରେ ସମ୍ପୃକ୍ତ ଅଛନ୍ତି ତାହା ଏନକୁଆରୀ ପରେ କୁହାଯିବ ବୋଲି କହିଛନ୍ତି ।

# ନୂତନ ପଞ୍ଚାୟତ ଗଠନ ପାଇଁ ୧୨ଖଣ୍ଡ ଗ୍ରାମବାସୀଙ୍କ ବୈଠକ



କୋଷାଗୁମୁଡା, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ବାଲେଙ୍ଗା ପଞ୍ଚାୟତ ର ୧୧ ଗୋଟି ୱାର୍ଡ ରୁ ୧,୨,୩,୪,୬ ୱାର୍ଡର ପ୍ରାୟ ଶତାଧିକ ଲୋକ ମିର୍ମିଣ୍ଡା ଗ୍ରାମର ଖେଳ ପଡିଆ ଠାରେ ନିଜ ୧୨ଖଣ୍ଡ ଗ୍ରାମକୁ ତଥା ତିନୋଟି ରାଜସ୍ୱ ଗ୍ରାମକୁ ଏକ ନୂତନ ପଞ୍ଚାୟତ ଭାବେ ମିର୍ମିଣ୍ଡା ଗ୍ରାମକୁ ଚିହ୍ନଟ କରିଛନ୍ତି । ଲୋକଙ୍କ ମୌଳିକ ସୁବିଧା ଗୁଡ଼ିକ ପାଇଁ କିମ୍ବା ରାସନ ଚାଉଳ, ବୁଢ଼ାବୁଢ଼ୀ ପେନସନ କିମ୍ବା ସରକାର ଙ୍କ ବିଭିନ୍ନ ଯୋଜନା ରେ ସାମିଲ ହେବା ପାଇଁ ପ୍ରାୟ ୧୨କିଲୋମିଟର ଅତିକ୍ରମ କରିବା ସହ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ କୁନେଇ ୧୨ଖଣ୍ଡ ଗ୍ରାମ ବାସୀ ଏକତ୍ରିତ ହୋଇ ଏହି ବୈଠକରେ ନିଷ୍ପତ୍ତି ନେଇଛନ୍ତି କି,ଆଗାମୀ ଦିନରେ ଏହି ଧାର୍ଯ୍ୟ ଦାବି ତଥା ବୈଠକରେ ହୋଇଥିବା ନିଷ୍ପତ୍ତିକୁ ସ୍ଥାନୀୟ ବ୍ଲକ ଚେୟାରମ୍ୟାନ, ବିଡିଓ, ବିଧାୟକ, ସାଂସଦ, ଜିଲାପାଳ, ମୁଖ୍ୟମନ୍ତ୍ରୀ,ରାଜସ୍ୱ ମନ୍ତ୍ରୀ, ଆଇନ ମନ୍ତ୍ରୀଙ୍କୁ ସମୂହ ଗ୍ରାମବାସୀ ଏକତ୍ରିତ ହୋଇ ଦାବିପତ୍ର ପ୍ରଦାନ କରିବେ ବୋଲି କହିଛନ୍ତି । ବର୍ତ୍ତମାନ ପଞ୍ଚାୟତ କାର୍ଯ୍ୟାଳୟ ବାଲେଙ୍ଗା କୁ ଯିବାକୁ ହେଲେ ପ୍ରାୟ ୧୨କିଲୋମିଟର ଅତିକ୍ରମ କରିବାକୁ ପଡୁଛି ବୋଲି ୧୨ଗୋଟି ଗ୍ରାମ ତଥା ମିର୍ମିଣ୍ଡା, ଡୋରୀଗୁଡା, ଟୋରିଗୁଡା, ବନୁଆ ଗୁଡା, ଚାଚରାଗୁଡା, ବଦାଗୁଡା,ମନ୍ଦ୍ରିଗୁଡା, ସିକଡା ଗୁଡ଼ା, ଦୋଣ୍ଡ ଗୁଡା, ଚିତା ବେଡା, ରୁନି ଗୁଡା ,କାନା ଗୁଡା ପ୍ରମୁଖ ଗ୍ରାମବାସୀ ଏକତ୍ରିତ ହୋଇ ନୂତନ ପଞ୍ଚାୟତ ଗଠନ କୁ ନେଇ ବୈଠକରେ ଆଲୋଚନା କରିଥିଲେ। ବାଲେଙ୍ଗା ପଞ୍ଚାୟତର ୬ଗୋଟି ରାଜସ୍ୱ ଗ୍ରାମ ମଧ୍ୟରୁ ୩ଗୋଟି ରାଜସ୍ୱ ଗ୍ରାମର ଲୋକମାନେ ନୂତନ ପଞ୍ଚାୟତ ଗଠନକୁ ନେଇ ଜୋର ଧରିଥିବା ଦେଖିବାକୁ ମିଳିଛି। ୨୦୧୧ ମସିହା ର ଜନଗଣନା ଅନୁସାରେ ପ୍ରାୟ ୮୧୬୫ ଲୋକ ସଂଖ୍ୟା ବାଲେଙ୍ଗା ପଞ୍ଚାୟତରେ ଅଛନ୍ତି। ଏହି ପରିପ୍ରେକ୍ଷୀରେରେ ନୀଳଧର ଭତ୍ରା,ଜଗତ ପୂଜାରୀ ,ନାରାୟଣ ମିର୍ଗାନ, ଡ଼ମୋନ ରନ୍ଧାରୀ,ଭଗବାନ ଭତ୍ରା,ରୂପଧର ଭତ୍ରା,ଭଗତ ଗୌଡ଼, ତୁଳା ରାମ ଭତ୍ରା,ହଳଧର ଭତ୍ରା,ଶଙ୍କର ଗୌଡ଼ ,ସମ୍ବାରୁ ଭତ୍ରା,ସନ୍ତୋ ଭତ୍ରା,ଡୁମର ଧର ହରିଜନ, ସୁନ୍ଦର ଭତ୍ରା, ସୁନ୍ଦର ଭତ୍ରା, ଭାବନାଥ ମାଝୀ, ଗୌରାମ ମିର୍ଗାନ ପ୍ରମୁଖ ଉପସ୍ଥିତ ଥିଲେ ।

### ଜିଲ୍ଲା ମଙ୍ଗଳ ବିଭାଗ ଆବାସିକ ବିଦ୍ୟାଳୟ ସମୂହ ସମୀକ୍ଷା ବୈଠକ

# ପ୍ରତିମାସରେ ସମ୍ବର୍ଦ୍ଧିତ ହେବେ କୃତୀ ଛାତ୍ରଛାତ୍ରୀ ଓ ଅଭିଭାବକ: ଜିଲ୍ଲାପାଳ



ନୂଆପଡା, (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ମଙ୍ଗଳ ବିଭାଗ ଅଧୀନରେ ଥିବା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଆବାସିକ ବିଦ୍ୟାଳୟ ସମୂହର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇଙ୍କ ଆହ୍ୱାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ସମସ୍ତ ବିଭାଗୀୟ ଅଧିକାରୀ ଏବଂ ହାଇସ୍କୁଲ ଏବଂ ହାୟର ସେକ୍ଣ୍ଡୋରୀ ସ୍କୁଲ୍ ର ଅଧ୍ୟକ୍ଷ, ଶିକ୍ଷକ , ଶିକ୍ଷୟତ୍ରୀମାନେ ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲାପାଳ ଆବାସିକ ବିଦ୍ୟାଳୟ ହୋଇଥିବାରୁ ସମସ୍ତ ପ୍ରଧାନ ଶିକ୍ଷକ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ରଛାତ୍ରୀଙ୍କ ଉତ୍ତମ ପାଠ ପଢା ସହିତ ସୁରକ୍ଷା ଉପରେ ଗୁରୁତ୍ୱ ଦେବେ । ଡ୍ରପ ଆଉଟ୍ ହାର ଶୂନ୍ୟ କରିବା ପାଇଁ ପ୍ରଯନ୍ତ୍ କରିବେ । ପ୍ରତି ମାସିକ ପରୀକ୍ଷାରେ ୮,୯, ୧୦, ୧୧ ଓ ୧୨ ଶ୍ରେଣୀର ଯେଉଁ ପିଲା ମାନେ ପ୍ରଥମ ହେବେ ସେହି ମାନଙ୍କୁ ଏବଂ ତାଙ୍କର ଅବିଭାବକମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହାଦ୍ୱାରା ଅନ୍ୟ ପିଲାମାନେ ପ୍ରେରଣା ଲାଭ କରି ଭଲ ପ୍ରଦର୍ଶନ ପାଇଁ ଚେଷ୍ଟିତ ହେବେ ।

# ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ସଦର ମହକୁମା ସ୍ଥିତ ପୂଜା ମଣ୍ଡପ ଠାରେ ଅନୁଷ୍ଠିତ ହେଉଥିବା ଦୁର୍ଗା ପୂଜା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏହି ଅବସରରେ ମାଳି ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସର୍ବସମ୍ମତି କର୍ମେ ସୁଶାନ୍ତ କୁମାର ସାମନ୍ତ ରାୟଙ୍କୁ ସଭାପତ, ଅଭିମନ୍ୟୁ ଡାକୁଆଙ୍କୁ ଉପସଭାପତି , ଜିତେନ୍ଦ୍ର ଶ୍ରୀ ବାସ୍ତବଙ୍କୁ ସଂପାଦକ , ମହେଶ ଚୌଧୁରୀଙ୍କୁ ସହ ସଂପାଦକ , କିରଣ କୁମାର ପଟ୍ଟନାୟକଙ୍କୁ କୋଷାଧ୍ୟକ୍ଷ , କମଳ ସିଂ ରାଜପୁତ , ମାଳି ପାତ୍ର, ରାମ ସୁନାନିଙ୍କୁ ଉପଦେଷ୍ଟା ରୂପେ ଚଳିତ ବର୍ଷ ଦୁର୍ଗା ପୂଜା ଉପଲକ୍ଷେ ଚୟନ କରାଯାଇଛି। ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ୍ୟ ଆଡମ୍ବର ସହକାରେ ପୂଜା କରାଯିବା ନେଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ କେତେକ ଯୁବକ ତଥା ବୟୋଜ୍ୟେଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ।

# ସମଲେଶ୍ୱରୀ ଶିକ୍ଷା ଓ ଧର୍ମାର୍ଥ ନ୍ୟାସର ବାର୍ଷିକ ବୃତ୍ତି ପ୍ରଦାନ ଉତ୍ସବ



ବରଗଡ଼, (ଭାସ୍କର ନ୍ୟୁଜ୍): ସୋହେଲା ବ୍ଲକ ଅନ୍ତର୍ଗତ କନଗାଁ ଶ୍ରୀ ଶ୍ରୀ ସମଲେଶ୍ୱରୀ ଶିକ୍ଷା ଓ ଧର୍ମାର୍ଥ ନ୍ୟାସର ବାର୍ଷିକ ବୃତ୍ତି ପ୍ରଦାନ ଉତ୍ସବ ଡା ଶିଶିର କୁମାର ସାହୁଙ୍କ ସଭାପତିତ୍ୱରେ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବରେ ସୋହେଲା ବିଇଓ ଅମୃତା ସାହୁ, ସମ୍ମାନିତ ଅତିଥି ଭାବରେ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ସୁରେନ୍ଦ୍ର କୁମାର ମିଶ୍ର, ମୁଖ୍ୟ ବକ୍ତା ଭାବରେ ଓଏଭି ବିଜେପୁରର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ମୋଟ ଅଠର ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଟ୍ରଷ୍ଟର ସଭାପତି ଜଗଦୀଶ ଆଚାର୍ଯ୍ୟ ସ୍ୱାଗତ ଭାଷଣ, କନଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ସାହୁ ବିବରଣୀ ପଠନ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତୁଳାରାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ସଭା କାର୍ଯ୍ୟକ୍ରମକୁ ସିଆରସିସି କେଦାରନାଥ ସାହୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରକୃତିବନ୍ଧୁ ରାମଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ସାହୁ, ତରଣୀ ସାହୁ, ଯୁଧିଷ୍ଠିର ବାରିକ, ଗୋବର୍ଦ୍ଧନ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଧାନଶିକ୍ଷକ ଗଣେଶରାମ ଦିଶ୍ରୀ, ଶିଶିର କୁମାର ନାୟକଙ୍କ ସହ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ବହୁ ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ ।

### ହାତୀଗାଁରେ ବଙ୍ଗାଳୀଙ୍କୁ ହାଟ ବଜାର ବାସନ୍ଦ ଘଟଣା

# ସାମ୍ପ୍ରଦାୟିକ ଦଙ୍ଗା ପାଇଁ ଦାନା ବାନ୍ଧୁଛି !

ରାଇଘର/ଉମରକୋଟ, (ଭାସ୍କର ନ୍ୟୁଜ): ରାଇଘର ବ୍ଲକ ମାଓ ପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା ହାତୀଗାଁ । ବର୍ତ୍ତମାନ ଦୀର୍ଘ ବର୍ଷ ଧରି ଶାନ୍ତ ରହିଥିବା ରାଇଘର ବ୍ଲକରେ ପୁଣି ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟିର ଆଭାସ ମିଳୁଛି। ଆଦିବାସୀ ଓ ବଙ୍ଗୀୟ ସମ୍ପ୍ରଦାୟ ମଧ୍ୟରେ ବିବାଦ ଯୋଗୁଁ ଗତ ୨୦୦୧ ମସିହାରେ ସମଗ୍ର ରାଇଘର ଅଞ୍ଚଳରେ ପରିସ୍ଥିତି ଅଣାୟତ୍ତ ହୋଇପଡିଥିଲା। ରାଇଘର ବ୍ଲକ ହାତୀଗାଁ ଠାରେ ଜଣେ ବଙ୍ଗୀୟ ଯୁବକ ଜଣେ ଆଦିବାସୀ ଯୁବକକୁ ମାଡ ମାରିବା ଘଟଣାରେ ବଙ୍ଗାଳୀମାନଙ୍କୁ ହାଟ ବଜାର ବାସନ୍ଦ କରି ପ୍ରତିବାଦ କରିଛନ୍ତି ଆଦିବାସୀ ସମ୍ପ୍ରଦାୟ। ଠିକ୍ ୨୦୦୧ ମସିହାରେ ଏହିପରି ଘଟଣାକୁ ନେଇ ଆଦିବାସୀ ଶୋଷଣ ବିରୁଦ୍ଧରେ ରଣହୁଙ୍କାର ଦେଇ ତତ୍କାଳୀନ ଆଦିବାସୀ ନେତା ଜଗବନ୍ଧୁ ମାଝିଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ଆଦିବାସୀ ଏକତ୍ରିତ ହୋଇ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଯାହାକି ପରବର୍ତ୍ତୀ ପର୍ଯ୍ୟାୟରେ ସାମ୍ପ୍ରଦାୟିକ ଦଙ୍ଗାର ରୂପ ନେଇଥିଲା। ଆଦିବାସୀମାନଙ୍କ ସରଳତାର ସୁଯୋଗ ନେଇ ବଙ୍ଗୀୟ ଶରଣାର୍ଥୀ ମାନେ ଅର୍ଥ ଓ ପ୍ରଭାବ ଫଳରେ ଆଦିବାସୀଙ୍କ ଜମି ଓ ସରକାରୀ ଜମି ଜବରଦଖଲ ନେଇ ଆନ୍ଦୋଳନର ସୂତ୍ରପାତ ହୋଇଥିଲା ଓ ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଉଗ୍ର ରୂପ ଧାରଣ କରିଥିଲା। ରାଇଘର ଆଦିବାସୀ ଓ ବଙ୍ଗାଳି ସାମ୍ପ୍ରଦାୟିକ ଦଙ୍ଗାର ପରିଣତି ଏତେ ଭୟଙ୍କର ଥିଲା ଯେ ସେତେବେଳେ ଶାସନ ଓ ପ୍ରଶାସନକୁ ନିୟନ୍ତ୍ରଣ କରିବା ନାକେଦମ୍ ହୋଇପଡିଥିଲା। ଏପରିକି ପୋଲିସ ଗୁଳିରେ ୬ ଜଣ ନୀରିହ ଆଦିବାସୀଙ୍କ ମୃତ୍ୟୁ ଘଟିଥିଲା । ଜଗବନ୍ଧୁକୁ ଏକ ଭାଜିରେ ଅଜଣା ଆତତାୟୀ ଗୁଳି କରିଥିଲେ । ହତ୍ୟା କରିବା ଉଦ୍ୟମ ବିଫଳ ହୋଇଥିଲା। କିନ୍ତୁ ଜଗବନ୍ଧୁ ବଞ୍ଚିଲେ ସିନା ସାରା ଜୀବନ ପଙ୍ଗୁ ହେଇଗଲେ। ଆଦିବାସୀ ଶୋଷଣ ବିରୁଦ୍ଧରେ ଲଢେଇ ଜାରି ରହିବା ସହିତ ସଂଗଠନ ଓ ଲୋକପ୍ରିୟତା ବୃଦ୍ଧି ପାଇବାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଗବନ୍ଧୁକୁ ଉମରକୋଟ ବିଧାନସଭା ଆସନରୁ ଟିକେଟ ଦେଇ ବିଧାୟକ କରି ତାଙ୍କ ଆନ୍ଦୋଳନ ବାଟବଣା କରିଦେଲେ। ମାତ୍ର ୨୪ ସେପ୍ଟେମ୍ବର ୨୦୧୧ ଗୋନା ହାଟପଦା ଠାରେ ଏକ ସଭାରେ ପୁଣି ଜଗବନ୍ଧୁ ମାଝି ଓ ତାଙ୍କ ଦେହରକ୍ଷୀ ପିଙ୍କୁ ପାତ୍ର ଉଭୟ ଉପରକୁ ଆତତାୟୀ ଅତର୍କିତ ଭାବେ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ଘଟଣା ସ୍ଥଳରେ ଉଭୟ ନିହତ ହେଲେ। ନକ୍ସଲ ହତ୍ୟା କରିଥିବା କହି ସରକାର ପ୍ରକୃତ ହତ୍ୟାକାରୀକୁ ଲୋକ ଲୋଚନକୁ ଆଣିଲେ ନାହିଁ। ସୀମାନ୍ତ ନବରଙ୍ଗପୁର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଉମରକୋଟ ଅଞ୍ଚଳ ବିଶାଳ ଦଣ୍ଡକାରଣ୍ୟର ଏକ ଅଂଶ ଥିଲା। ଷାଠିଏ ଦଶକରେ ପ୍ରାୟ ୪୦ ହଜାର ପୂର୍ବ ବଙ୍ଗର ବଙ୍ଗୀୟ ଶରଣାର୍ଥୀଙ୍କୁ ଉମରକୋଟ ଓ ରାଇଘର ଅଞ୍ଚଳରେ ୫୬ ଟି ପୁନର୍ବସତି ଗ୍ରାମ ବସାଇ ଥଇଥାନ କରାଯାଇଥିଲା। ଏଥିପାଇଁ ତତ୍କାଳୀନ କେନ୍ଦ୍ର ସରକାର ଦଣ୍ଡକାରଣ୍ୟ ପୁନର୍ବସତି ଯୋଜନା ମାଧ୍ୟମରେ ସମସ୍ତ ଅର୍ଥ ବିନିଯୋଗ କରି ଅନେକ ଘଞ୍ଚ ଜଙ୍ଗଲ କାଟି, ଆଦିବାସୀମାନେ ଚାଷ କରୁଥିବା ସରକାରୀ ଜମି ଉଚ୍ଛେଦ କରି ପ୍ରତି ବଙ୍ଗୀୟ ଶରଣାର୍ଥୀ ପରିବାରକୁ ୭ ଏକର ଚାଷ ଜମି ଓ ବାସଗୃହ ପାଇଁ ୮ ସେଣ୍ଟ ଜାଗାରେ ଏକ ଆଜବେଷ୍ଟସ୍ ଘର ଯୋଗାଇ ଦିଆଗଲା । ଚାଷ ପାଇଁ ସାର,ବିହନ ମଧ୍ୟ ମାଗଣାରେ ଯୋଗାଇ ଦିଆଗଲା। ସେମାନଙ୍କୁ ଭାରତୀୟ ନାଗରିକର ପରିଚୟ ସହ ନମଶୁଦ୍ର ନାମରେ ସରକାରୀ ସଂରକ୍ଷଣ ସୁବିଧା ମଧ୍ୟ ଦିଆଗଲା। ବଙ୍ଗୀୟ ଶରଣାର୍ଥୀମାନେ ବୁଦ୍ଧିମାନ ଓ ପରିଶ୍ରମୀ ହୋଇଥିବାରୁ ମକା ଚାଷ ପନିପରିବା ଚାଷ ଆଦି କରି ଭଲ ରୋଜଗାର କରି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିଲେ। ଏପଟେ ସଂରକ୍ଷଣ ସୁବିଧା ଥିବାରୁ ଭଲ ସରକାରୀ ଚାକିରି, ଉଚ୍ଚ ଶିକ୍ଷାରେ ମଧ୍ୟ ସଫଳ ହୋଇଛନ୍ତି। ବର୍ତ୍ତମାନ ସମସ୍ତେ ଧନୀ ସମସ୍ତଙ୍କ କୋଠା ଘର। ସମସ୍ତ ସରକାରୀ ସୁବିଧା ହାତେଇବାରେ ସିଦ୍ଧହସ୍ତ। ପ୍ରତି ଘରେ ଏକାଧିକ ଚାରି ଚକିଆ ଯାନ, ଟ୍ରାକ୍ଟର। ଅର୍ଥ ବଳରେ ବଙ୍ଗାଳୀମାନେ ଆଦିବାସୀ ଜମି ଲିଜ୍ କିମ୍ବା କ୍ରୟ କରି ନେବାରୁ ଆଦିବାସୀମାନେ ଧୀରେ ଧୀରେ ଭୂମିହୀନ ହବାକୁ ଲାଗିଲେ। ଅନୁସୂଚିତ ଜାତି ପାଇଁ ଥିବା ସମସ୍ତ ସରକାରୀ ଚାକିରୀ ସୁବିଧା ବଙ୍ଗାଳୀମାନେ ହାତେଇ ନେଲେ। ଦୀର୍ଘଦିନ ପରେ ସଂରକ୍ଷଣ ସୁବିଧା ଚାଲୁ ରଖିବା ଫଳରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବଙ୍ଗୀୟ ସମ୍ପ୍ରଦାୟର ଅଧିକାଂଶ ସରକାରୀ ଜମି ଜବରଦଖଲ, କ୍ୱାକ ସାଜି ରୋଗୀ ଚିକିତ୍ସା ନାରେ ଗରିବ ଆଦିବାସୀଙ୍କୁ ଶୋଷଣ , ବିଭିନ୍ନ ନିଶା ଦ୍ରବ୍ୟ ଚୋରା ଚାଲାଣରେ ଲିପ୍ତ ଥିବାର ନଜିର ରହିଛି। ଅନେକ ବାଂଲାଦେଶୀ ଅନୁପ୍ରବେଶକାରୀ ବେଆଇନ ଭାବେ ବିଭିନ୍ନ ଗ୍ରାମରେ ବସବାସ କରୁଥିବା ସହ ସରକାରୀ ଜମିକୁ ଜବର ଦଖଲ କରି କାୟା ବିସ୍ତାର କାରିଗଲେଣି। ଯାହା ବର୍ତ୍ତମାନ ଚିନ୍ତାର ବିଷୟ ପାଲଟିଛି। ହାତୀଗାଁ ଘଟଣାରେ ପୁଣି ଥରେ ଆଦିବାସୀ ମେଳି ହେଉଥିବା ଆଭାସ ମିଳୁଛି। ତେଣୁ ବେଳ ଥାଉ ସେମାନଙ୍କ କାର୍ଯ୍ୟଧାରା ଉପରେ ସମୀକ୍ଷା କରି ଅଙ୍କୁଶ ଲଗାଇବା ପାଇଁ ବ୍ୟବସ୍ଥା କରାନଗଲେ ଆଗକୁ ପରିସ୍ଥିତି ଭୟଙ୍କର ହେବା ନିଶ୍ଚିତ ବୋଲି ସାଧାରଣରେ ଆଲୋଚନା ହେଉଛି।



ଉମରକୋଟ(ଭାସ୍କର ନ୍ୟୁଜ): ସେପ୍ଟେମ୍ବର ମାସ ୫ ତାରିଖ ୨୦୨୫ମସିହା ନବରଙ୍ଗପୁର ଶିକ୍ଷା ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବେହେଡ଼ା ଗ୍ରାମ ପଞ୍ଚାୟତ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବେହେଡ଼ା ପରିସରରେ ଅଧ୍ୟୟନ ରତ ଛାତ୍ର ଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଅନାବିଳ ଗୁରୁ ଓ ଶିଷ୍ୟ ସମ୍ପର୍କ ପରମ୍ପରାର ଏକ ଅବିକଳ ଚିତ୍ର ଛବି ଏକ ସୁନ୍ଦର ପରିବେଶର ମାହଲ ନିଆରା ଦେଖିବାକୁ ମିଳିଛି। ପବିତ୍ର ଗୁରୁ ଦିବସ ଅବସରରେ ସମୂହ ଛାତ୍ର ଛାତ୍ରୀ ଓ ଗୁରୁଜୀ, ଗୁରୁମା ମିଳିତ ଭାବରେ ସେହି ଯୋଗ ଜନ୍ମା ମହାପୁରୁଷ ଡ଼କ୍ଟର ସର୍ବ ପଲ୍ଲୀ ରାଧାକୃଷ୍ଣନ ଙ୍କର ପ୍ରତି ଛବି ଫଟୋ ଠାରେ ଧୂପ, ଦୀପ ପ୍ରଜ୍ୱଳନ କରି ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଅତ୍ର ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଅତି ସରଳ, ବିନୟତାର ସହ ଗୁରୁଜୀ ଓ ଗୁରୁମା ମାନଙ୍କର ଚରଣ ଧୌତ କରି ଭକ୍ତି ସହ ଧୂପ ଅର୍ଘ୍ୟ, ଚନ୍ଦନ, ପୁଷ୍ପ ଦେଇ ହରଷ ମନରେ ଗୁରୁବନ୍ଦନା କରି ଗୁରୁ ପୂଜା କରିଥିଲେ। ଗୁରୁଜୀ ଓ ଗୁରୁମା ମାନଙ୍କୁ ପୁଷ୍ପ ଗୁଚ୍ଛ ଦେବା ସହ ଉତ୍ତରୀୟ ପ୍ରଦାନ କରିଥିଲେ। କୋମଳ ମତି ବାଳକ, ବାଳିକା ମାନଙ୍କର ଏଭଳି କାର୍ଯ୍ୟକ୍ରମ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଚକିତ କରିଥିଲା। ପୁଅ ଝିଅ ମାନଙ୍କର ମନର ଉଦବେଗ ଓ ମାନସିକ ଚିନ୍ତା ଚେତନା ସତରେ ଗୁରୁ ଓ ଛାତ୍ରର ଅତି ନିବିଡ ସମ୍ପର୍କ ଥିବାର ବାର୍ତ୍ତା ଆଜି ମାନବ ସମାଜକୁ ସୂଚାଇ ଦେଉଛି। ଗୁରୁଦିବସ ପାଳନ ଅବସରରେ ସମସ୍ତ ଗୁରୁଜୀ ଓ ଗୁରୁମା ମାନେ ଶାନ୍ତି ମନରେ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ଦେବା ସହ ପିଲାଙ୍କର ଭବିଷ୍ୟତ ଉତ୍ତରତର ଉଜ୍ୱଳ କାମନା କରିଥିଲେ।

# ଓପି ଜିନ୍ଦଲ ସ୍କୁଲ୍‌ରେ ଗୁରୁଦିବସ ପାଳିତ



ଅନୁଗୁଳ(ଭାସ୍କର ନ୍ୟୁଜ): ଜିନ୍ଦଲ ନଗରସ୍ଥିତ ଓ.ପି. ଜିନ୍ଦଲ ସ୍କୁଲ୍ ପରିସରରେ ଏକ ବର୍ଣ୍ଣାଢ୍ୟ ଓ ମନୋଜ୍ଞ ପରିବେଶ ମଧ୍ୟରେ ଅତି ଉତ୍ସାହର ସହିତ ଗୁରୁ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିନ୍ଦଲ ଷ୍ଟିଲ, ଅନୁଗୁଳର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ ଯୋଗ ଦେଇଥିବା ବେଳେ କର୍ଣ୍ଣେଲ ସୁଦୀପ ମାଝୀ, ଭାଇସ ପ୍ରେସିଡେଣ୍ଟ (ପ୍ରଶାସନ), ଜିନ୍ଦଲ ଷ୍ଟିଲ, ଅନୁଗୁଳ, କର୍ଣ୍ଣେଲ ମାନସ ଖାଡଙ୍ଗା, ଜେନେରାଲ ମ୍ୟାନେଜର, (ପ୍ରଶାସନ), ଜିନ୍ଦଲ ଷ୍ଟିଲ, ଅନୁଗୁଳ, ସୀମା ମଲହାନ, ସଭାପତି, ଜିନ୍ଦଲ ମହିଳା ସମିତି ଏବଂ ଅନୀତା ମିତ୍ତଲ, ସଭାପତି, ଜିନ୍ଦଲ ମହିଳା ସମିତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବର ଶୁଭାରମ୍ଭ କରିବା ସହ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ତଥା ଆଦର୍ଶ ଶିକ୍ଷକ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ । ବିଦ୍ୟାଳୟର ନୃତ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ମଧ୍ୟ ନୃତ୍ୟ ମାଧ୍ୟମରେ ସେମାନଙ୍କର କଳାତ୍ମକ ଅଭିପ୍ସାକୁ ବ୍ୟକ୍ତ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ ସ୍ୱାଗତ ଭାଷଣ ଦେବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନଙ୍କୁ ଅତିଥିମାନେ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ମୁଖ୍ୟ ଅତିଥି ଦାମୋଦର ମିତ୍ତଲ ଶିକ୍ଷକମାନଙ୍କ ଉପରେ ନ୍ୟସ୍ତ ବିଶାଳ ଦାୟିତ୍ୱକୁ ମନେ ପକାଇବା ସହ ଶିକ୍ଷାର୍ଥୀମାନଙ୍କ ପାଇଁ ଏକ ଉତ୍ତମ ଶିକ୍ଷଣ ପରିବେଶ ସୃଷ୍ଟି କରିବା ପାଇଁ ତାଙ୍କ ଅଭିଭାଷଣ ମାଧ୍ୟମରେ କହିଥିଲେ । ରାଷ୍ଟ୍ର ନିର୍ମାଣରେ ଶିକ୍ଷକ ମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ଶିକ୍ଷକ ସମାଜକୁ ଛାତ୍ରଛାତ୍ରୀମାନଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ଶ୍ରୀ ମିତ୍ତଲ ତାଙ୍କ ବକ୍ତବ୍ୟ ମାଧ୍ୟମରେ କହିଥିଲେ। ପରିଶେଷରେ ବିଦ୍ୟାଳୟର ଉପାଧ୍ୟକ୍ଷ ଡକ୍ଟର ଅରୁଣ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ପୃଷ୍ଠପୋଷକତାରେ ଓ.ପି. ଜିନ୍ଦଲ ସ୍କୁଲ୍ ବିଶ୍ୱସ୍ତରୀୟ ତଥା ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସର୍ବଦା ପ୍ରତିବଦ୍ଧ ରହି ଆସିଛି ।

# ବସ୍ତରରେ ଏନ୍‌କାଉଣ୍ଟର ୬ ମାଓବାଦୀ ନିପାତ

ମାଲକାନଗିରି (ଭାସ୍କର ନ୍ୟୁଜ): ମନସୁନରେ ସାମାନ୍ୟ ବିରତି ପରେ, ବସ୍ତିର ଅଞ୍ଚଳରେ ନକ୍ସଲମାନଙ୍କୁ ନିପାତ କରିବା ପାଇଁ ଅପରେସନ ପୁଣି ଥରେ ଜୋରଦାର କରାଯାଇଛି। ଶୁକ୍ରବାର ସକାଳ ଠାରୁ ନାରାୟଣପୁର ଏବଂ ଦନ୍ତେୱାଡା ସୀମାନ୍ତ ଅଞ୍ଚଳରେ ସୁରକ୍ଷାବାହିନୀ ଏବଂ ନକ୍ସଲଙ୍କ ମଧ୍ୟରେ ଏନକାଉଣ୍ଟର ଲଗାତାର ଜାରି ରହିଛି।ଯେଉଁଥିରେ ଏପର୍ଯ୍ୟନ୍ତ ୬ ନକ୍ସଲଙ୍କ ମୃତଦେହ ଉଦ୍ଧାର କରାଯାଇଛି। ନିହତ ନକ୍ସଲଙ୍କ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଅନୁମାନ କରାଯାଉଛି।ବରିଷ୍ଠ ପୋଲିସ ଅଧିକାରୀଙ୍କ ପାଖରେ ସୂଚନା ଥିଲା କି ଅବୁଝମାଡ ଲାଲ ବାହିନୀ ଗଡରେ ନକ୍ସଲଙ୍କ ଏକ ବଡ଼ ଦଳ ଏକତ୍ରିତ ହୋଇଛି ଏବଂ ଏକ ବଡ଼ ବୈଠକ ପାଇଁ ପ୍ରସ୍ତୁତି ଚାଲିଛି। ଏହା ପରେ ଦନ୍ତେୱାଡାର ନାରାୟଣପୁରରୁ ଡିଆଇଜି ଯବାନଙ୍କୁ ନକ୍ସଙ୍କୁ ଅପରେସନ କରିବାକୁ ପଠାଯାଇଥିଲା । ଯବାନ ମାନେ ସକାଳ ପ୍ରାୟ ୯ ଟାରେ ନକ୍ସଲଙ୍କ ସହ ମୁହାଁମୁହିଁ ହୋଇଥିଲେ।ଏହା ପରେ ଦୀର୍ଘ ସମୟ ଧରି ଉଭୟ ପାର୍ଶ୍ୱରୁ ରହି ନିରନ୍ତର ଗୁଳିଚାଳନା ହେଉଥିଲା। ଏହି ଏନକାଉଣ୍ଟରରେ ଯବାନମାନେ ଏପର୍ଯ୍ୟନ୍ତ ୬ ଜଣ ନକ୍ସଲଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ନିହତ ନକ୍ସଲଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶା କରାଯାଉଛି। ସୂଚନା ଥାଉକି ସେପଟେ ଆଜି ରାୟପୁର ଏକ ପଞ୍ଚ ତାରକା ହୋଟେଲରେ ନକ୍ସଲବାଦ ଶେଷ କରିବା ପାଇଁ ଏକ ନୂତନ ରଣନୀତି ମଧ୍ୟ ପ୍ରସ୍ତୁତ କରିବା ପାଇଁ ବୈଠକ ଚାଲିଥିବା ବେଳେ ଏପଟେ ବସ୍ତରରେ ନକ୍ସଲପନ୍ତିଙ୍କୁ ସମୂଳେ ଶେଷ କରିବା ପାଇଁ ମିଶନ ଜାରି ରହିଛି ଏବଂ ସଶସ୍ତ୍ର ଯବାନ ମାନେ ନକ୍ସଲନ ମୁହାଁମୁହିଁ ଲଢେଇରେ କଡ଼ା ଟକ୍କର ଦେଉଛନ୍ତି। ସନ୍ଧ୍ୟା ଏନକାଉଣ୍ଟର ସମ୍ପର୍କରେ ଅଧିକ ସୂଚନା ହସ୍ତଗତ ହୋଇପାରିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଫୁଲୁଛି ମହାନଦୀ...

ଫୁଲିବାରେ ଲାଗିଛି। ମହାନଦୀରେ ବନ୍ୟାଜଳ ଆସିବାରୁ ତଳି ଅଞ୍ଚଳରେ ପାଣି ପଶିଛି। ସମ୍ବଲପୁର-ସୁବର୍ଣ୍ଣପୁର ୧୫ନମ୍ବର ଜାତୀୟ ରାଜପଥର ଗୁଣ୍ଡେଇପୁର ପୋଲ ଉପରେ ମହାନଦୀ ବନ୍ୟାଜଳ ୩ଫୁଟ ଉଚ୍ଚରେ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ସଂପୂର୍ଣ୍ଣ ଠପ୍ ହୋଇପଡ଼ିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ରାସ୍ତାଦେଇ ଗାଡ଼ି ଚଳାଚଳକୁ ବନ୍ଦ ରଖାଯାଇଛି। ହୀରାକୁଦ ଡ୍ୟାମ କର୍ତ୍ତୃପକ୍ଷ ତଳି ଅଞ୍ଚଳ ଲୋକଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଇଛନ୍ତି। ହୀରାକୁଦ ଡ୍ୟାମର ମୁଖ୍ୟଯନ୍ତ୍ରୀ କହିଛନ୍ତି ଯେ ଜଳଭଣ୍ଡାର ଜଳପତ୍ତନ ୬୨୬.୬୨ ଫୁଟ ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୬୯ହଜାର ୨୫୮ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ପ୍ରତି ସେକେଣ୍ଡରେ ୩ଲକ୍ଷ ୫୩ହଜାର ୯୦୧କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ତେବେ ମହାନଦୀ ତଳମୁଣ୍ଡରେ ବନ୍ୟାଜନିତ ବିଶେଷ ବିପଦର ଆଶଙ୍କା ନାହିଁ ବୋଲି ହୀରାକୁଦ ଡ୍ୟାମର ମୁଖ୍ୟଯନ୍ତ୍ରୀ ଇଞ୍ଜିନିୟର ସୁଶିଲ ବେହେରା ସୂଚନା ଦେଇଛନ୍ତି।

### ପଶିଛନ୍ତି...

ସୂଚନା ଦିଆଯାଇଛି। ଅଧିକାରୀଜଣକ ଆହୁରି କହିଛନ୍ତି ଯେ ମେସେଜ ପଠାଇଥିବା ବ୍ୟକ୍ତି ଏଥିରେ ଲସ୍କର-ଏ-ଜିହାଦି ନାମକ ଏକ ସଂଗଠନର ନାମ ଲେଖିଛନ୍ତି। ସେ ଦାବି କରିଛନ୍ତି ଯେ ୧୪ଜଣ ଆତଙ୍କବାଦୀ ସହରରେ ପ୍ରବେଶ କରିଛନ୍ତି ଏବଂ ସେମାନେ ୩୪ଟି ଗାଡ଼ିରେ ୪୦୦ କେଜି ଆରଡିଏକ୍ସ ରଖିଛନ୍ତି, ଯାହା ଦେଶକୁ ଥରାଇ ଦେବ। ସୂଚନାଯୋଗ୍ୟ ଯେ ମୁମ୍ବାଇରେ ଏବେ ୧୦ ଦିନିଆ ଗଣେଶ ଉତ୍ସବ ପାଳନ କରାଯାଉଛି। ଶନିବାର ଶେଷ ଦିନରେ ସହରର ରାସ୍ତାରେ ଭିଡ଼ ଲାଗିବାକୁ ଥିବାରୁ ପୋଲିସ ସୁରକ୍ଷା ବ୍ୟବସ୍ଥା କରୁଛି। ଏହି ମେସେଜ କିଏ ପଠାଇଛି ତାହା ଜାଣିବାକୁ ଉଦ୍ୟମ ଆରମ୍ଭ ହୋଇଛି। କୌଣସି ଅପ୍ରୀତିକର ଘଟଣା ରୋକିବା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରମୁଖ ସ୍ଥାନଗୁଡ଼ିକରେ ସୁରକ୍ଷା କଡ଼ାକଡ଼ି କରାଯିବା ସହ ବିଭିନ୍ନ ସ୍ଥାନରେ ସର୍ଚ୍ଚ ଅପରେସନ ଜାରି ରହିଛି।

### ୩ ବର୍ଷରେ...

କାର୍ଯ୍ୟକ୍ରମ ଏକ ସଫଳ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି। ବର୍ତ୍ତମାନ ଆମେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିଛୁ ଏବଂ ପିଲାମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ମଧ୍ୟ ବ୍ୟବସ୍ଥା କରିଛୁ। ଜନଜାତି ବର୍ଗର ପିଲାମାନଙ୍କୁ ମଧ୍ୟ ମଧୋ ସିଂ ହାତଖର୍ଚ୍ଚ ଯୋଜନା ଜରିଆରେ ସହାୟତା ପ୍ରଦାନ କରାଯାଉଛି। ଏହି ସବୁ ଯୋଜନା ଆଗାମୀ ଦିନରେ ଡ୍ରପଆଉଟ୍ ହାର କମ୍ କରିବାରେ ନିଶ୍ଚିତ ରୂପେ ସଫଳ ହେବ। ସେହିଭଳି ରାଜ୍ୟର ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ନୂତନ ଶିକ୍ଷାନୀତି ଲାଗୁ କରାଯାଇଛି। ନୂତନ ଶିକ୍ଷା ନୀତି ଅଧୀନରେ ଛାତ୍ରଛାତ୍ରୀ ମାନଙ୍କୁ ସୃଜନଶୀଳ ଓ ସ୍ୱାବଲମ୍ବୀ କରିବା ପାଇଁ ଷ୍ଟେଟ୍ କରିକୁଲମ ଫ୍ରେମୱାର୍କ ଆରମ୍ଭ କରାଯାଉଛି। ପିଲାମାନଙ୍କ ପାଇଁ ଗପ, ଗୀତ, ଖେଳ ଓ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟ ମାଧ୍ୟମରେ ଭାଷା ସମ୍ପର୍କିତ ଦକ୍ଷତା ବୃଦ୍ଧି ପାଇଁ ନିପୁଣ ଓଡିଶା କାର୍ଯ୍ୟକ୍ରମ ଗତବର୍ଷଠାରୁ ଆରମ୍ଭ ହୋଇଛି। ଆଜିଠାରୁ ପଢିବା, ଗଢିବା ଓଡିଶା କାର୍ଯ୍ୟକ୍ରମ ଆରମ୍ଭ ହେଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗୁଡିକୁ ସୁନ୍ଦର ଓ ଆକର୍ଷଣୀୟ ପଠନ ସ୍ଥାନରେ ପରିଣତ କରି ସରଳ କାହାଣୀ ପୁସ୍ତକ ମାଧ୍ୟମରେ ପିଲାମାନଙ୍କର ପଢିବା ଓ ବୁଝିବା ଶକ୍ତିକୁ ବିକଶିତ କରାଯିବ। ସେ ଆହୁରି କହିଥିଲେ, ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଶ୍ରେଷ୍ଠତା ଅର୍ଜନ କରି ପ୍ରଥମ ସ୍ଥାନରେ ଥିବା ଝାରସୁଗୁଡା ଜିଲ୍ଲାକୁ ୩ କୋଟି ଟଙ୍କା, ଦ୍ୱିତୀୟ ସ୍ଥାନରେ ଖୋର୍ଦ୍ଧା ଜିଲ୍ଲାକୁ ୨ କୋଟି ଟଙ୍କା ଏବଂ ତୃତୀୟ ସ୍ଥାନରେ ଥିବା ଜଗତସିଂହପୁର ଜିଲ୍ଲାକୁ ୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରିଛନ୍ତି। ସେହିଭଳି ୭୦ ଜଣ ଶିକ୍ଷକଙ୍କ ସମେତ ତିନୋଟି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ତିନି ଜଣ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ୧୦ ଜଣ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରିଛନ୍ତି। ଏଥିସହିତ ନିଟ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଅନୁସୂଚିତ ଜନଜାତି ବର୍ଗର ଦୁଇ ଜଣ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଥିଲେ ଆମ ସମାଜରେ ଗୁରୁ ଶିଷ୍ୟର ପରମ୍ପରା ଆଦିମ କାଳରୁ ରହିଆସିଛି। ଶିକ୍ଷକ ମାନେ ବିଦ୍ୟାର୍ଥୀ ମାନଙ୍କୁ ବ୍ୟକ୍ତିତ୍ୱ ନିର୍ମାଣ, ଶୃଙ୍ଖଳା, ଆଦର୍ଶ ସମାଜ ନିର୍ମାଣ ଆଦି ବିଷୟରେ ଶିକ୍ଷା ଦେଇ ସେମାନଙ୍କୁ ଗଢି ତୋଳିଥାନ୍ତି। ରାଜ୍ୟରେ ସର୍ବୋତ୍ତମ ଶିକ୍ଷାଦାନ ବ୍ୟବସ୍ଥା ପାଇଁ ଆମ ସରକାର ପ୍ରଚେଷ୍ଟା କରୁଛନ୍ତି। ଜୀବନ କୌଶଳ, ଇଓ, ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ଦକ୍ଷତା ବିକାଶ କରାଯାଉଛି ଯାହାଫଳରେ ଆଗାମୀ ଦିନରେ ଛାତ୍ରଛାତ୍ରୀ ମାନେ ପାଠପଢ଼ା ଶେଷ କରିବା ପରେ ଆତ୍ମନିର୍ଭର ହୋଇପାରିବେ। ରାଜ୍ୟରେ ଡ୍ରପ ଆଉଟ୍ ହ୍ରାସ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଚାଇଲ୍ଡ ଟ୍ରାକିଂ ସର୍ଭେ ମାଧ୍ୟମରେ ଅଧାରୁ ପାଠ ଛାଡିଥିବା ପିଲାମାନଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରେଇ ଆଣିବା ପାଇଁ ଉଦ୍ୟମ କରାଯାଉଛି ଯାହା ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛି। ଶିକ୍ଷା ବିଭାଗର ବଜେଟ୍‌ରେ ସର୍ବାଧିକ ୩୧ ହଜାର କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷକ ସମାଜ ଜ୍ଞାନର ଆଲୋକକୁ ଉଜାଗର କରନ୍ତି: ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ): ସମାଜରେ ଜ୍ଞାନର ଆଲୋକକୁ ପ୍ରଜ୍ୱଳିତ କରିବାରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ନୂଆଦିଲ୍ଲୀ ଠାରେ ଆୟୋଜିତ ଦିଲ୍ଲୀ ଶିକ୍ଷକ ସମ୍ମାନ ସମାରୋହ 'ଶିକ୍ଷକ ମହାକୁମ୍ଭ' ସେପରି ଭାବରେ ଗୁରୁ ଏବଂ ଶିକ୍ଷକମାନଙ୍କ ପାଇଁ ସମର୍ପିତ ଉତ୍ସବ ବୋଲି ଏହି କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦିଲ୍ଲୀରେ ତ୍ୟାଗରାଜ ଷ୍ଟାଡିୟମରେ ଆୟୋଜିତ ଏହି ଉତ୍ସବରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା '୨୦୪୭ ସୁଦ୍ଧା ବିକଶିତ ଭାରତ' କରିବାର ଲକ୍ଷ୍ୟ ରଖାଯାଇଛି । ଏହି ସଂକଳ୍ପକୁ ପୂରଣ କରିବା ପାଇଁ 'ଜାତୀୟ ଶିକ୍ଷା ନୀତି - ୨୦୨୦' ମଧ୍ୟ କାର୍ଯ୍ୟକାରୀ କରାଯାଇଛି । 'ବିକଶିତ ଭାରତ'ର ସ୍ୱପ୍ନ କେବଳ ଭବିଷ୍ୟତ ପିଢ଼ିଙ୍କ ଦ୍ୱାରା ସାକାର ହେବ ଯେଉଁମାନେ ଦେଶର ଗୁରୁ ଏବଂ ଶିକ୍ଷକମାନଙ୍କ ଦ୍ୱାରା ପ୍ରଦର୍ଶିତ ପଥ ଅନୁସରଣ କରିବେ । 'ବିକଶିତ, ସ୍ୱାବଲମ୍ବୀ ଏବଂ ସମୃଦ୍ଧ ଭାରତ' ଗଠନ କରିବା ପାଇଁ ପ୍ରଧାନମନ୍ତ୍ରୀ ଦେଶର ଶିକ୍ଷକମାନଙ୍କୁ ଦେଇଥିବା ତିନୋଟି ପ୍ରମୁଖ ଆହ୍ୱାନ ଉପରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଆଲୋକପାତ କରିଥିଲେ । ସେ କହିଥିଲେ, ସୁସ୍ଥ ଜୀବନଶୈଳୀ ପାଇଁ ଛାତ୍ରଛାତ୍ରୀମାନଙ୍କୁ କମ୍ ଖାଦ୍ୟ ତେଲ ବ୍ୟବହାର କରିବାକୁ ପ୍ରେରଣା ଦେବା । 'ଖେଲୋ ଇଣ୍ଡିଆ' ଭଳି ଅଭିଯାନ ସହିତ ପିଲାମାନଙ୍କୁ ଯୋଡ଼ି ଖେଳ ପ୍ରତି ଉତ୍ସାହିତ କରିବା । ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ସ୍ୱଦେଶୀ ଉତ୍ପାଦ ବ୍ୟବହାର କରିବାକୁ ପ୍ରେରଣା ଦେବା ପାଇଁ ସେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ । 'ଗୁରୁ ଦିବସ' ଅବସରରେ 'ନିପୁଣ ସଂକଳ୍ପ' ଆରମ୍ଭ ହେବା ଅବସରରେ ଭାରତ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଦିଲ୍ଲୀ ସରକାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଶ୍ରୀ ପ୍ରଧାନ । ନିପୁଣ ଅଭିଯାନ' ମାଧ୍ୟମରେ ଦିଲ୍ଲୀ ସରକାର ଭବିଷ୍ୟତ ପିଢ଼ିଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ବିକଶିତ ଭାରତ - ବିକଶିତ ଦିଲ୍ଲୀ' ସ୍ୱପ୍ନକୁ ସାକାର କରିବ ବୋଲି ସେ କହିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଭାରତର ମହାନ ଶିକ୍ଷାବିତ୍ ଏବଂ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡକ୍ଟର ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।'ଶିକ୍ଷକ ମହାକୁମ୍ଭ'ରେ ଦିଲ୍ଲୀ ଏନସିଟିର ବିଭିନ୍ନ ସରକାରୀ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ପ୍ରଶଂସା କରିଥିଲେ ।

# ବୋଲଗଡ ଏନ୍‌ଏସିକୁ ନେଇ ଅସନ୍ତୋଷ

ବୋଲଗଡ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ କୁ ରାଜ୍ୟ ସରକାର ଏନସି ମାନ୍ୟତା ପ୍ରଦାନ କରିଛନ୍ତି । କିନ୍ତୁ ଦୀର୍ଘ ଦିନର ଦାବୀ ସତ୍ତ୍ୱେ ବୋଲଗଡ ବେଗୁନିଆ ଏଥିରୁ ବାଦ ପଡିଛି । ଯାହାକୁ ନେଇ ବୋଲଗଡ ବେଗୁନିଆବାସୀଙ୍କୁ ମଧ୍ୟରେ ଦେଖା ଦେଇଛି ଅସନ୍ତୋଷ । ଏନେଇ ସୋମବାରଦିନ ବୋଲଗଡ ବରିଷ୍ଠ ନାଗରିକମଞ୍ଚ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗୋପୀନାଥ ଖାଡ଼ଙ୍ଗା, ଉପସଭାପତି ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ସମ୍ପାଦକ ରଘୁନାଥ ଦଳବେହେରା ଉପଦେଷ୍ଟା ଦିବାକର ପରମଗୁରୁଙ୍କ ସମେତ ବହୁ ବରିଷ୍ଠ ନାଗରିକ ଓ ବୋଲଗଡର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶ୍ରୀ ଖାଡ଼ଙ୍ଗା କ୍ଷୁବ୍ଧ ପ୍ରକାଶ କରି ଭୁବନେଶ୍ୱର ସାଂସଦ ଙ୍କୁ ଦାୟୀ କରିଛନ୍ତି । ସାଂସଦ କଥା ଦେଇ କଥା ରଖିନାହାନ୍ତି । ବୋଲଗଡକୁ ଏନଏସି ପାଇଁ ୧୬ ବର୍ଷ ଧରି ଆନ୍ଦୋଳନ କରାଯାଇ ବିଧାନସଭାରେ ଦୁଇ ଥର କଥା ଉଠିଛି । ହେଲେ ରାଜ୍ୟ ସରକାର ବୋଲଗଡକୁ ଅବହେଳା କରିଛନ୍ତି ବୋଲି ସଭାପତି ଶ୍ରୀ ଖାଡ଼ଙ୍ଗା କହିଛନ୍ତି । ସେହିପରି ଉପସଭାପତି ରାଧାଶ୍ୟାମ ରାୟଗୁରୁ ମହାପାତ୍ର ଅସନ୍ତୋଷ ବୃଦ୍ଧି କରି କହିଛନ୍ତି ଯେ ହରେକୃଷ୍ଣ ମହତାବ, ଜାନକୀ ବଲ୍ଲଭ ପଟ୍ଟନାୟକ କିମ୍ବା ନବୀନ ପଟ୍ଟନାୟକ ସରକାର ଥିଲେ ବୋଲଗଡ ଏନଏସି ନିଶ୍ଚିତ ପାଇଥାନ୍ତା । କିନ୍ତୁ ବିଜେପି ସରକାର ବୋଲଗଡ ପ୍ରତି ଛଳନା କରିଛନ୍ତି । ପୂର୍ବ ସରକାର ବୋଲଗଡ କୁ ଏନ ଏସି ଶୁଣାଇଥିଲାବେଳେ ତାହା ବିଜେପି ସରକାରରେ କଟିଗଲା । ୨୦୦୬ ମସିହାରୁ ସମସ୍ତ କାଗଜ ପତ୍ର ସରକାରଙ୍କ ନିକଟରେ ରହିଥିବା ବେଳେ କଣ ତ୍ରୁଟି ରହିଲା ଯେ ସରକାର ଆମକୁ ଜଣାଇଲେ ଆମେ ସମସ୍ତ କାଗଜ ପତ୍ର ଦେଇଥାନ୍ତୁ ବୋଲି କହି ସରକାରଙ୍କୁ ସମାଲୋଚନା କରିଛନ୍ତି । ଏନେଇ ବେଗୁନିଆ ବୋଲଗଡ଼ର ବିଜେଡି ବିଧାୟକ ପ୍ରଦୀପ କୁମାର ସାହୁ କହିଛନ୍ତି, ବେଗୁନିଆ ଓ ବୋଲଗଡ଼କୁ ବିଜେଡି ସରକାର ଏନ୍‌ଏସି ଘୋଷଣା କରିଥିଲେ। କିନ୍ତୁ ବିଜେପି ସରକାର ପ୍ରତାରଣା କରି ଟାଙ୍ଗୀକୁ ଏନ୍‌ଏସି ଘୋଷିତ କଲେ । ଏଭଳି ଅଣଦେଖା ରାଜନୈତିକ ହୀନ ଉଦ୍ଦେଶ୍ୟ ନେଇ କରାଯାଇଛି। ବେଗୁନିଆ, ବୋଲଗଡ଼ ଏନ୍‌ଏସି ପାଇଁ ସବୁ ଯୋଗ୍ୟତା ମଧ୍ୟ କାହିଁକି ଅଣଦେଖା କରାଯାଇଛି। ସରକାରଙ୍କ ବୈମାତୃକ ମନଭାବ ଜଳଜଳ ହୋଇ ଦିଶୁଛି ବୋଲି ବିଧାୟକ କହିଛନ୍ତି ।

# ଗଡ଼େଶ୍ୱରହାଟ ବଣିକ ସଂଘ ପକ୍ଷରୁ ପାଲା ପ୍ରତିଯୋଗିତା ଉଦ୍‌ଯାପିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବୀର ସୁରେନ୍ଦ୍ର ସାଏ ନଗର ସ୍ଥିତ ଗଡ଼େଶ୍ୱରହାଟ ବଣିକ ସଂଘ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ପାଲା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ବ୍ୟବସାୟୀ ସଂଘ ସଭାପତି ଲକ୍ଷ୍ମଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଂନ୍ଧ୍ୟାରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଗାୟକ ଓ ଅନ୍ୟାନ୍ୟ ସଂଗୀତକାରମାନଙ୍କୁ ମାନପତ୍ର ଉପଢୌକନ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଗାୟକ ପ୍ରବୀର ସନାତନ ଦାସଙ୍କୁ "ଇରାମୂର୍ତ୍ତି" ସ୍ମାନ ଓ ଗାୟକ ବ୍ୟାସପୁତ୍ର ଚନ୍ଦ୍ରଶେଖର ପାଢ଼ୀଙ୍କୁ "ମେଘ ମହ୍ଲାର" ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିରେ ଅନ୍ୟତମ ଅତିଥି ଭାବରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦାନ କରି ଓଡ଼ିଆ ଭାଷା ସାହିତ୍ୟ, ଯାହା ସଂସ୍କୃତିର ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବରେ ପ୍ରଫେସର ଶଶାଙ୍କ ଶେଖର ଚୁଡ଼ାମଣି ଯୋଗଦାନ କରି ଓଡ଼ିଆ ଭାଷାର ଉତ୍ପତି ଉପରେ ଆଲୋକପାତ କରିଥିଲେ। ପାଇକ ମହାସଂଘ ସଭାପତି ଡଃ ଅଶୋକ କୁମାର ପାଲଟାସିଂହ ଓଡ଼ିଆ ଅସ୍ମିତା ଉପରେ ବକ୍ତ୍ୟବ୍ୟ ପ୍ରଦାନ କରିଥିଲେ। ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତାରେ ବିଧାୟକ ଉତ୍ତର ସୁଶାନ୍ତ କୁମାର ରାଉତ ଯୋଗଦାନ କରି ଗାୟକ ସୁନୀଲ କୁମାର ରାଉତ୍‌ଙ୍କୁ ବିଦ୍ୟାଭୂଷଣ ଓ ଗାୟକ ନିରଞ୍ଜନ ସ୍ୱାଇଁଙ୍କୁ ଜ୍ଞାନଭୂଷଣ ସମ୍ମାନ ପ୍ରଦାନ କରିଥିଲେ। ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିବାବେଳେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବୀମାନଙ୍କୁ ସମ୍ମାନିତ କରାଯାଇଥିଲା ।

# ୨ ଶିକ୍ଷକଙ୍କୁ ମିଳିଲା ଜାତୀୟ ଶିକ୍ଷକ ପୁରସ୍କାର



ମାଲକାନଗିରି/ କୋରାପୁଟ(ଭାସ୍କର ନ୍ୟୁଜ): ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ମାଲକାନାଗିରି ଜିଲ୍ଲାର ବସନ୍ତ କୁମାର ରଣା, କଣ୍ଟଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କୋରାପୁଟ ଜିଲ୍ଲାରେ ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ କାର୍ଯ୍ୟରତ ତରୁଣ କୁମାର ଦାସଙ୍କୁ ଶୁକ୍ରବାର ଜାତୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ସମାରୋହରେ ଦେଶର ମହାମହିମ ରାଷ୍ଟ୍ରପତି ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏହି ପୁରସ୍କାର ସ୍ୱରୂପ ତାଙ୍କୁ ୫୦ ହଜାର ଟଙ୍କା ନଗଦ ରାଶି ଓ ମାନପତ୍ର ସହିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାରତର ମହାମହିମ ରାଷ୍ଟ୍ରପତି, ଭାରତର ଶିକ୍ଷାମନ୍ତ୍ରୀ, ରାଜ୍ୟ ଶିକ୍ଷା ମନ୍ତ୍ରୀ, ଭାରତର ଶିକ୍ଷା ସଚିବ ମଧ୍ୟ ଉପସ୍ଥିତ ଥିଲେ। ପୁରସ୍କାର ପୂର୍ବ ସନ୍ଧ୍ୟାରେ ଦେଶର ପ୍ରଧାନମନ୍ତ୍ରୀ ସମସ୍ତ ଶିକ୍ଷକମାନଙ୍କ ସହିତ ଭାବ ବିନିମୟ କରି ଶୁଭେଚ୍ଛା ଜଣାଇଥିଲେ। ଶିକ୍ଷା କ୍ଷେତ୍ରରେ ବିଶେଷ ଯୋଗଦାନ ପାଇଁ ଏହି ଶିକ୍ଷକ ଦ୍ୱୟଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପରେ ଶୁଭେଚ୍ଛାର ସୁଅ ଛୁଟିଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଏହି ଗୌରବମୟ ମୁହୂର୍ତ୍ତରେ ଜିଲ୍ଲା ଓ ରାଜ୍ୟକୁ ଗୌରବାନ୍ୱିତ କରିଥିବା ଏହି ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ନୂଆଦିଲ୍ଲୀ ଠାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷକଦ୍ୱୟଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି।

## ଚାନ୍ଦବାଲିରେ ପ୍ରଫେଟ୍ ମହମ୍ମଦଙ୍କ ଜନ୍ମଦିନ ପାଳିତ

ଚାନ୍ଦବାଲି (ଭାସ୍କର ନ୍ୟୁଜ): ସମଗ୍ର ବିଶ୍ୱରେ ପାଳନ ହୋଇଛି ଇସଲାମ୍ ଧର୍ମର ପ୍ରବର୍ତ୍ତକ ପ୍ରଫେଟ ମହମ୍ମଦ ତଥା ହଜରତ୍ ମହମ୍ମଦଙ୍କ ୧୫୦୦ ତମ ଜନ୍ମ ଉତ୍ସବ ବା ଇଦ୍ ମିଲାଦୁନ୍ ନବି । ଏହି ଅବସରରେ ଚାନ୍ଦବାଲି ଠାରେ ମଧ୍ୟ ଧୁମ୍ ଧାମରେ ଇଦ୍ ମିଲାଦୁନ୍ ନବି ପାଳନ କରାଯାଇଛି । ସଦର ଚାନ୍ଦବାଲି ଠାରେ ମସଜିଦ ସମ୍ମୁଖରେ ଏକ ସୁଉଚ୍ଚ ତୋରଣ ସାଂଗକୁ ସମଗ୍ର ଅଞ୍ଚଳ ସାଜସଜ୍ଜା କରାଯାଇଥିଲା । ସେହିପରି ଗୋଲାଡ଼ିଆ ଠାରେ ସକାଳେ ନିକଟସ୍ଥ ପୀର ବାବାଙ୍କ ଆସ୍ଥାନ ନିକଟରୁ ଏକ ଶୋଭାଯାତ୍ରା ବାହାରି ସମଗ୍ର ଅଞ୍ଚଳ ପରିକ୍ରମା କରିଥିଲା । ସନ୍ଧ୍ୟା ସମୟରେ ଏକ ସୁସଜ୍ଜିତ ମେଢ଼ ସମଗ୍ର ଅଞ୍ଚଳ ପରିକ୍ରମା କରିଥିଲା ।

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 08.08.2025, I UMARANI BISWAL, W/O- Rajkishore Biswal, Village - Chandanpala, Po- Badakumuli , P/s- Papadahandi, Dist- Nabarangpur, Odisha, declare that. I have changed my name from UMAMANI BISWAL to UMARANI BISWAL. Henceforth I shall be known as UMARANI BISWAL for all purposes.
**Sd/- UMARANI BISWAL**

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated: 04.09.2025, I Pravati Das, Address: village- Pakshyot, Po- Pakshyot, Ps- Patkura, Dist- Kendrapara, Odisha, PIN-754210, declare that I have changed my daughter's name from Sradhanjali Das to Sradha Rani Das. Henceforth, She shall be known as Sradha Rani Das for all purposes.
**Sd/- Pravati Das**

**AFFIDAVIT**

**Nilachal Carbo Metalicks Limited** is proposing, subject to market conditions and other considerations, public offer of its Equity Shares and has filed the Prospectus with the Registrar of Companies, Cuttack. **Investor should read the Prospectus carefully, including the Risk Factors on page 20 of the Prospectus before making any investment decision.** The Equity Shares have not been and will not be registered under the U.S. Securities Act 1933, as amended (the *"Securities Act"*) or any state securities laws in the United States and may not be issued or sold within the United States or to, or for the account or benefit of, "U.S. persons" (as defined in Regulation S of the Securities Act), except pursuant to an exemption from, or in a transaction not subject to, the registration requirements of the Securities Act. Accordingly, the Equity Shares will be issued and sold (i) in the United States only to "qualified institutional buyers", as defined in Rule 144A of the Securities Act, and (ii) outside the United States in offshore transactions in reliance on Regulation S under the Securities Act and in compliance with the applicable laws of the jurisdiction where those issues and sales occur. The Equity Shares have not been and will not be registered, listed or otherwise qualified in any other jurisdiction outside India and may not be issued or sold, and Application may not be made by persons in any such jurisdiction, except in compliance with the applicable laws of such jurisdiction.

AdBaaz



ଭୋକ ପୂର୍ବ ଅପେକ୍ଷା କମ୍ ହୋଇଯାଇଛି, ଜାଣନ୍ତୁ ଏହା କେଉଁ ରୋଗର ଲକ୍ଷଣ..

ପୂର୍ବରୁ ଆପଣ ଦୁଇଟି ରୁଟି ଖାଉଥିଲେ କିନ୍ତୁ ଏବେ କେବଳ ଗୋଟିଏ ରୁଟି ଖାଇବା ପରେ ପେଟ ଭରି ଯାଉଛି କିମ୍ବା ଖାଇବାକୁ ଇଚ୍ଛା ହେଉ ନାହିଁ। ଅନେକ ଲୋକ ଏହାକୁ ଥକାପଣ, ପାଗ କିମ୍ବା ମୁଡ୍ ର ପ୍ରଭାବ ଭାବି ଅଣଦେଖା କରନ୍ତି। କିନ୍ତୁ ଯଦି ଏହି ଅବସ୍ଥା ବାରମ୍ବାର ଘଟୁଛି ତେବେ ଏହାକୁ ହାଲୁକା ଭାବରେ ନେବା ଠିକ୍ ନୁହେଁ। ଏବେ ପ୍ରଶ୍ନ ଉଠୁଛି, କେଉଁ ରୋଗଗୁଡ଼ିକ ଏହିପରି ଭାବରେ ଭୋକକୁ ପ୍ରଭାବିତ କରେ ? ପ୍ରଥମେ ଦେଖିବାକୁ ଗଲେ ପେଟ ଏବଂ ପାଚନ ସମ୍ବନ୍ଧୀୟ ରୋଗ ଯେପରିକି ଗ୍ୟାଷ୍ଟ୍ରିଟ୍, ଅଲସର କିମ୍ବା ଯକୃତ ସମସ୍ୟା ଭୋକକୁ ହ୍ରାସ କରିପାରେ। ଏହି ରୋଗଗୁଡ଼ିକରେ, ପ୍ରାୟତଃ ପେଟରେ ଭାରୀ ଅନୁଭବ ହୁଏ, ଅଳ୍ପ ଖାଇବା ପରେ ମଧ୍ୟ ପେଟ ପୂର୍ଣ୍ଣ ଅନୁଭବ ହେବା ଏବଂ କେତେକ ସମୟରେ ବାନ୍ତି ହୋଇଥାଏ । ଅନ୍ୟପକ୍ଷରେ, ଯଦି ଥାଇରଏଡ୍ ହରମୋନର ସ୍ତର ହ୍ରାସ ପାଏ, ତେବେ ଭୋକ ମଧ୍ୟ ପ୍ରଭାବିତ ହୁଏ। ହାଇପୋଥାଇରଏଡ୍ ରେ, ମେଟାବୋଲିଜିମ୍ ଧୀର ହୋଇଯାଏ, ଯାହା ଭୋକକୁ ମାରିଦିଏ । ସେହିପରି କେତେକ ସମୟରେ ଏହା ମଧୁମେହ, ବୃକକ୍ ରୋଗ, ହୃଦଘାତ କିମ୍ବା କର୍କଟ ରୋଗର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। କିଛି ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ଯେପରିକି ଡିପ୍ରେସନ୍ କିମ୍ବା ଚିନ୍ତା ମଧ୍ୟ ଭୋକକୁ ପ୍ରଭାବିତ କରିଥାଏ।

## ରହସ୍ୟମୟ ମନ୍ଦିର

# ରାକ୍ଷସଙ୍କ ନଖରେ ହୋଇଛି ତିଆରି




ଦୁନିଆରେ ଅନେକ ଆଶ୍ଚର୍ଯ୍ୟଜନକ ସ୍ଥାନ ରହିଛି। ପ୍ରତ୍ୟେକ ସ୍ଥାନ ନିଜ ନିଜର ସ୍ୱତନ୍ତ୍ରତା ପାଇଁ ବେଶ୍ ପରିଚିତ। ସେମିତି ଏକ ଆଶ୍ଚର୍ଯ୍ୟଜନକ ମନ୍ଦିର ରହିଛି ଇଣ୍ଡୋନେସିଆର ବାଲି ପ୍ରଦେଶର ଉବୁଦ ଅଞ୍ଚଳରେ। ଏଠାକାର ଛୋଟ ବେଡୁଲୁ ଗାଁରେ ଅବସ୍ଥିତ ଗୋଆ ଗଜ ମନ୍ଦିର ଅତ୍ୟନ୍ତ ରହସ୍ୟମୟ ଅଟେ। ଏହା ବାଲି ଦ୍ୱୀପର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସାକ୍ଷୀ ଭାବରେ ଛିଡ଼ା ହୋଇଛି। ଏହି ମନ୍ଦିରକୁ ହାତୀ ଗୁମ୍ଫା ମନ୍ଦିର ମଧ୍ୟ କୁହାଯାଏ। ଏହା ଏକ ପ୍ରାଚୀନ ସ୍ଥାନ। ମନ୍ଦିରର ଖୋଦେଇ ଏବଂ ଶାନ୍ତ ପରିବେଶ ଏହାକୁ ଏକ ଉତ୍ତମ ଗନ୍ତବ୍ୟସ୍ଥଳ କରି ଗଢ଼ିତୋଳିଛି। ଏହି ସୁନ୍ଦର ମନ୍ଦିରର ଅନେକ ରୋଚକ କାହାଣୀ ସମ୍ପର୍କରେ ଜାଣନ୍ତୁ... ଗୋଆ ଗଜ ମନ୍ଦିରର ଉତ୍ପତ୍ତି ଇତିହାସ ଅତ୍ୟନ୍ତ ଆକର୍ଷଣୀୟ। ଏହି ମନ୍ଦିର ୯ମ ଶତାବ୍ଦୀରେ ଏହି ଅଞ୍ଚଳରେ ରହୁଥିବା ଭିକ୍ଷୁମାନଙ୍କ ପାଇଁ ଧ୍ୟାନ ଅଭୟାରଣ୍ୟ ଭାବରେ ନିର୍ମିତ ହୋଇଥିବା କୁହାଯାଉଛି। ପୌରାଣିକ ଚିତ୍ର ଏବଂ ପଶୁମାନଙ୍କୁ ଚିତ୍ରଣ କରୁଥିବା ଜଟିଳ ଖୋଦିତ ଚିତ୍ରଗୁଡ଼ିକ ଅଛି। ଏହି ମନ୍ଦିର ହିନ୍ଦୁ ଧର୍ମ ଏବଂ ବୌଦ୍ଧ ଧର୍ମ ଦ୍ୱାରା ଅଧିକ ପ୍ରଭାବିତ ହୋଇଛି। ମନ୍ଦିରର ପ୍ରବେଶ ପଥରେ ଏକ ଖୋଦିତ ରାକ୍ଷସ ପରି ମୁଖ ଅଛି, ଯାହା ସକାରାତ୍ମକ ଆତ୍ମା ଭୋମାକୁ ପ୍ରତୀକ। ମନ୍ଦିରର କେନ୍ଦ୍ରୀୟ ହଲରେ ଏକ ଧ୍ୟାନ ଗୁମ୍ଫା ଅଛି, ଯେଉଁଠାରେ ହିନ୍ଦୁ ଦେବତା ଭଗବାନ ଗଣେଶଙ୍କର ଏକ ପ୍ରତିମା ଅଛି। ଏହି ଗୁମ୍ଫା କିପରି ଏବଂ କେବେ ଏହି ଅଞ୍ଚଳରେ ଦେଖାଗଲା କେହି ଜାଣନ୍ତି ନାହିଁ। ଗୁମ୍ଫାର ଉତ୍ପତ୍ତି ଏପର୍ଯ୍ୟନ୍ତ ରହସ୍ୟମୟ ରହିଛି। ତେବେ ଗୋଟିଏ କାହାଣୀ ଅନୁଯାୟୀ, ଏହା କେବୋ ଇଓ୍ୱା ନାମକ ଏକ ରାକ୍ଷସର ନଖରୁ ସୃଷ୍ଟି ହୋଇଥିଲା। ଏହି କାହାଣୀ ଅନୁଯାୟୀ, ମନ୍ଦିର ପ୍ରାୟ ଏକାଦଶ ଶତାବ୍ଦୀରୁ ଆରମ୍ଭ ହୋଇଥିଲା।

ଏହି ମନ୍ଦିର ଉଭୟ ହିନ୍ଦୁ ଏବଂ ବୌଦ୍ଧ ଧର୍ମୀଙ୍କ ପାଇଁ ଅପାର ଆଧ୍ୟାତ୍ମିକ ମହତ୍ତ୍ୱ ରଖିଛି। ଏହି ମନ୍ଦିରର ନାମ ନିକଟସ୍ଥ ପେଟାନୁ ନଦୀରୁ ଉତ୍ପନ୍ନ ହୋଇଛି, ଯାହାର ଜଳ ମନ୍ଦିର ପରିସର ଦେଇ ପ୍ରବାହିତ ହେଉଥିଲା, ଯାହା ହାତୀର ଆକୃତି ସଦୃଶ ଥିଲା। ସେଥିପାଇଁ ଏହା ହାତୀ ଗୁମ୍ଫା ମନ୍ଦିର ଭାବରେ ମଧ୍ୟ ପରିଚିତ। ମନ୍ଦିର ପରିସରରେ ମଧ୍ୟ ସୁନ୍ଦର ବଗିଚା ଅଛି। ରାସ୍ତାରେ ଦେବଦେବୀଙ୍କ ମୂର୍ତ୍ତି ଅଛି। ଯାହା ଅବିଶ୍ୱସନୀୟ ଦେଖାଯାଏ। ଏହାର ଆଖପାଖ ପ୍ରାକୃତିକ ପରିବେଶ ମନକୁ ଶାନ୍ତି ପ୍ରଦାନ କରିଥାଏ।

# ଉପକାରୀ ରସୁଣ ଚୋପା



ରସୁଣ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ। ଏହା ସଭିଙ୍କୁ ଜଣା। ମାତ୍ର ରସୁଣ ଚୋପାର ମଧ୍ୟ ଅନେକ ଲାଭଦାୟକ ଗୁଣ ରହିଛି। ଯାହା ସଭିଙ୍କୁ ଆଶ୍ଚର୍ଯ୍ୟ କରିବ। ରସୁଣ ଚୋପାରେ ଭିଟାମିନ୍, ପୋଟାସିୟମ, ଆଣ୍ଟି-ଅକ୍ସିଡାଣ୍ଟ ଆଦି ରହିଛି। ତେଣୁ ଏହାର ଚୋପାକୁ ବିଭିନ୍ନ ଉପାୟରେ ବ୍ୟବହାର କରାଯାଏ। ରସୁଣ ଚୋପାକୁ ପାଣିରେ ୧୦-୨୦ ମିନିଟ ଫୁଟାଇ ଏହାକୁ ଚା' ଭାବେ ପ୍ରସ୍ତୁତ କରି ପିଇପାରିବେ। ଏହି ଚା' ପିଇବା ଦ୍ୱାରା ମାଂସପେଶୀରେ ହେଉଥିବା ଯନ୍ତ୍ରଣା ଦୂର ହୋଇଥାଏ। ରସୁଣ ଚୋପାକୁ ବତୁରାଇ ଏହାକୁ ତ୍ୱଚାରେ ଲଗାଇଲେ ତ୍ୱଚା ଜନିତ ଅନେକ ସମସ୍ୟା ଦୂର ହୋଇଥାଏ। ଗଛ ପାଇଁ ମଧ୍ୟ ରସୁଣ ଚୋପା ଖତ ଭଳି କାମ କରିଥାଏ। ରସୁଣ ଚୋପାକୁ ଗଛ ମୂଳରେ ଦେବା ଦ୍ୱାରା ଗଛ ଭଲ ଭାବେ ବଢ଼ିଥାଏ। ରସୁଣ ଚୋପାକୁ ବ୍ୟବହାର କରି ସୁପ୍ କରି ମଧ୍ୟ ସେବନ କରିପାରିବେ। ଘରେ କ୍ଷୁଦ୍ର ଜୀବ, ଅସରପା ଆଦି ହେଉଥିଲେ, ପାଣିରେ ରସୁଣ ଚୋପା ପକାଇ ଏହାକୁ ଘରର କଣରେ ଛିଞ୍ଚନ କରନ୍ତୁ। ଏହି ସମସ୍ୟା ଦୂର ହେବ। ଫ୍ରାଏଡ ରାଇସ ପ୍ରସ୍ତୁତ କରିବା ସମୟରେ ସ୍ୱାଦ ଦ୍ୱିଗୁଣିତ କରିବା ପାଇଁ ରସୁଣ ଚୋପା ଏଥିରେ ପକାଇ ପାରିବେ। ଏହାକୁ ଭଲ ଭାବେ ସଫା କରି ଏଥିରେ ବ୍ୟବହାର କରି ପାରିବେ।

# ୫୦ ବର୍ଷରେ ବି ଫିଟ୍ ଦେଖାଯାଉଛନ୍ତି ହୃତିକ୍

ବଲିଉଡର ଗ୍ରୀକ ଗଡ କୁହାଯାଉଥିବା ହୃତିକ ରୋଶନଙ୍କର ଫିଟ ଶରୀର ଏବଂ ତାଙ୍କ ଫିଲ୍ମ 'ୱାର୍-୨'ର ଲୁକର ସମସ୍ତେ ଦିୱାନା ହୋଇଛନ୍ତି । ତାଙ୍କର ଏହି ଆକର୍ଷଣୀୟ ଫିଗର ରାତାରାତି ତିଆରି ହୋଇନାହିଁ। ଏହା ପଛରେ ରହିଛି ତାଙ୍କର କଠିନ ବ୍ୟାୟାମ ରୁଟିନ ଏବଂ ଏକଦମ ସନ୍ତୁଳିତ ଖାଦ୍ୟପେୟ। ନିକଟରେ ଏକ ସାକ୍ଷାତକାରରେ ତାଙ୍କ ବ୍ୟକ୍ତିଗତ ଶେଫ ଶୁଭମ ବିଶ୍ୱକର୍ମା ହୃତିକଙ୍କ ଖାଦ୍ୟ ସମ୍ବନ୍ଧୀୟ ଅନେକ ରହସ୍ୟର ଖୁଲାସା କରିଛନ୍ତି । ଆଜିକାଲି ଯେଉଁଠି ଅନେକ ସେଲିବ୍ରିଟି ୱାନ୍ ମିଲ୍ ଏ ଡେ' ଅନୁସରଣ କରୁଛନ୍ତି, ସେଠାରେ ହୃତିକଙ୍କ ଡାଏଟ କିଛି ଭିନ୍ନ। ଶୁଭମ କହିଛନ୍ତି ଯେ ହୃତିକ ଦିନରେ ପ୍ରତି ୨.୫ ରୁ ୩ ଘଣ୍ଟାରେ କିଛି ନା କିଛି ଖାଆନ୍ତି। ସେ ରାତି ୯ଟା ସୁଦ୍ଧା ଖାଦ୍ୟ ଶେଷ କରନ୍ତି ଏବଂ ତା'ପରେ ସକାଳ ପର୍ଯ୍ୟନ୍ତ ଉପବାସ ରୁହନ୍ତି । ସନ୍ତୁଳିତ ଖାଦ୍ୟ ଖାଇ ୫୧ ବର୍ଷ ବୟସରେ ମାଂସପେଶୀ ବୃଦ୍ଧି କରିବା ସହଜ ନୁହେଁ। ତେଣୁ ତାଙ୍କ ଥାଳିରେ ସବୁବେଳେ ପ୍ରୋଟିନ, କାର୍ବୋହାଇଡ୍ରେଟ, ଫାଇବର ଏବଂ ହେଲଦି ଫ୍ୟାଟ୍ ଥାଏ। ଏବେ ଆପଣ ଭାବୁଥିବେ ହୃତିକ କେବେ ଚିଟ୍ ମିଲ ନିଅନ୍ତି କି ନାହିଁ ? ଶୁଭମ ହସି କହିଛନ୍ତି ଯେ ହୃତିକଙ୍କୁ ତନ୍ଦୁରୀ ଚିକେନ, ବିବିକ୍ୟୁଚିକେନ, ନୋ-କାର୍ବ ବର୍ଗର ଏବଂ ବାଜରା ବେସରେ ତିଆରି ପିଜ୍ଜା ବହୁତ ପସନ୍ଦ। ଚିଟ ମିଲ ମଧ୍ୟ ଏମିତି ବାଛନ୍ତି ଯେପରି ସ୍ୱାଦ ଓ ସ୍ୱାସ୍ଥ୍ୟ ଉଭୟର ସନ୍ତୁଳନ ରହୁଛି। ଲୋକମାନେ ଭାବନ୍ତି ଯେ ହୃତିକ ଭାରତୀୟ ଖାଦ୍ୟ କମ୍ ଖାଆନ୍ତି। କିନ୍ତୁ ବାସ୍ତବତା ଅଲଗା। ତାଙ୍କର ପ୍ରିୟ ଖାଦ୍ୟ ହେଉଛି – ମୁଗ ଡାଲି, ଭେଣ୍ଡି ତରକାରୀ, ବାଜରା ରୁଟି ଏବଂ ଏକ ଦହି। ଅର୍ଥାତ୍ କମ୍ଫର୍ଟ ଫୁଡରେ ମଧ୍ୟ ଏକଦମ ସାଧାରଣ ବ୍ୟକ୍ତି ପରି। ଯଦି ମିଠାକୁ ନେଇ କଥା ହୁଏ, ତେବେ ହୃତିକଙ୍କୁ ପ୍ରୋଟିନ ବ୍ରାଉନି ପସନ୍ଦ। ଏହା ସ୍ୱାସ୍ଥ୍ୟକର ମଧ୍ୟ ଏବଂ ସ୍ୱାଦିଷ୍ଟ ମଧ୍ୟ। ହୃତିକଙ୍କର ମସୁରୁମ୍ ପସନ୍ଦ ନୁହେଁ ସେଥିପାଇଁ ସେ ମସରୁମ୍ ଠୁ ଦୂରେଇ ରୁହନ୍ତି। ରିଫାଇନ ସୁଗାର, ସିଡ୍ ଅଏଲ, ଗ୍ଲୁଟେନ ଠୁ ବି ଦୂରେଇ ରୁହନ୍ତି।



# ଚର୍ଚ୍ଚାରେ ସୁସ୍ମିତା ସେନଙ୍କ ଝିଅ



ଅଭିନେତ୍ରୀ ସୁସ୍ମିତା ସେନ ଜଣେ ସିଙ୍ଗଲ ମଦର ଅଟନ୍ତି। ସେ ତାଙ୍କର ଦୁଇ ଝିଅଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ । ସେମାନଙ୍କର ଭଲ ଭାବେ ଦାୟିତ୍ୱ ନେଇଛନ୍ତି ସୁସ୍ମିତା । ନିକଟରେ ତାଙ୍କର ବଡ଼ ଝିଅ ରେନୀ ସେନଙ୍କର ଜନ୍ମଦିନ ଥିଲା। ଏହି ବିଶେଷ ଅବସରରେ ସୁସ୍ମିତା ସେନ ସୋସିଆଲ ମିଡିଆରେ କିଛି ଫଟୋ ପୋଷ୍ଟ କରିଥିଲେ। ଏହି ପୋଷ୍ଟ ମାଧ୍ୟମରେ ସେ ନିଜର ହୃଦୟର କଥାକୁ ବହୁତ ସୁନ୍ଦର ଭାବେ ପ୍ରକାଶ କରିଥିଲେ। ସୁସ୍ମିତା ସେନଙ୍କର ଝିଅ ରେନୀ ତାଙ୍କ ମାଙ୍କ ପରି ପ୍ରତିଭାଶାଳୀ। ସେ ୧୩ ମିନିଟର ଶର୍ଟ ଫିଲ୍ମ 'ସୁଟ୍ଟାବାଜୀ'ରେ ନଜର ଆସିଛନ୍ତି। ଏହି ଫିଲ୍ମରେ ରେନୀ ପ୍ରମାଣ କରିଛନ୍ତି ଯେ ସେ ଜଣେ ଉତ୍ତମ ଅଭିନେତ୍ରୀ। ଆଗାମୀ ଦିନରେ ରେନୀ ଅନେକ ପ୍ରୋଜେକ୍ଟରେ ନଜର ଆସିପାରନ୍ତି। ସୁଷ୍ମିତା ସେନ ଦୁଇ ଝିଅଙ୍କୁ ଆଡପ୍ଟ କରିଥିଲେ। ସେ ୨୦୦୦ ମସିହାରେ ରେନୀଙ୍କୁ ପୋଷ୍ୟ ସନ୍ତାନ ଭାବେ ନେଇଥିଲେ, ଆଉ ଅଲିଶା ୨୦୧୦ ମସିହାରେ ତାଙ୍କ ପରିବାରର ଅଂଶ ହୋଇଥିଲେ। ସୁସ୍ମିତା ୨୦୨୪ ମସିହାରେ ୱେବ ସିରିଜ୍ 'ଆର୍ଯା ୩'ରେ ନଜର ଆସିଥିଲେ। ଏହା ଏକ ଜନପ୍ରିୟ ସିରିଜ୍, ଯାହାର ତିନୋଟି ଭାଗ ଏଯାଏ ରିଲିଜ ହୋଇଛି। ରେନୀଙ୍କ ଫଟୋରେ ଅନେକ ଲୋକ କମେଣ୍ଟ କରୁଛନ୍ତି। ତାଙ୍କର ସୌନ୍ଦର୍ଯ୍ୟର ପ୍ରଶଂସା କରୁଛନ୍ତି । ଅନେକ ତାଙ୍କୁ ସ୍ମିତା ପାଟିଲଙ୍କ ସହ ତୁଳନା କରୁଛନ୍ତି ।



# ରୁପା ବାସନରେ ଖାଇଲେ ଶରୀରକୁ ମିଳିବ ଅନେକ ଫାଇଦା...

*ରୁପାକୁ ସାଧାରଣତଃ ଲୋକେ ବିଭିନ୍ନ ଗହଣା ତିଆରି କରିବାରେ ବ୍ୟବହାର କରି ଥାଆନ୍ତି । ମାତ୍ର ରୁପାରୁ କେବଳ ଗହଣା ନୁହେଁ ବରଂ ବାସନ ମଧ୍ୟ ତିଆରି କରାଯାଏ । ଏହା ମହଙ୍ଗା ହୋଇଥିବା କାରଣରୁ କମ୍ ଲୋକେ ଏହାକୁ ବ୍ୟବହାର କରି ଥାଆନ୍ତି । ମାତ୍ର ରୁପା ବାସନରେ ଖାଦ୍ୟ ସେବନ କରିବା କୌଣସି ବରଦାନରୁ କମ୍ ନୁହେଁ । ଆୟୁର୍ବେଦ ଅନୁଯାୟୀ, ରୁପାରେ ଆଣ୍ଟିସେଫଟିକ୍, ଆଣ୍ଟି-ବ୍ୟାକ୍ଟେରିୟଲ ଭଳି ଅନେକ ଗୁଣ ରହିଛି । ଫଳରେ ରୁପାର ବାସନରେ ଭୋଜନ କରିବା ଦ୍ୱାରା ସ୍ୱାସ୍ଥ୍ୟକୁ ଚମତ୍କାରୀ ଲାଭ ମିଳିଥାଏ ।*

- ରୁପାର ଗୁଣ ଥଣ୍ଡା । ଏଥିରୁ ପ୍ରସ୍ତୁତ ବାସନରେ ଭୋଜନରେ କରିବା ଦ୍ୱାରା ଶରୀରକୁ ଥଣ୍ଡା ମିଳିଥାଏ । ରୁପା ବାସନରେ ଖାଦ୍ୟ ପ୍ରସ୍ତୁତ କରିବା ଦ୍ୱାରା ଶରୀର ଶାନ୍ତ ସହ ମସ୍ତିଷ୍କ ସୁସ୍ଥ ରହିଥାଏ। ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ ।
- ରୁପାର ଟଙ୍କାକୁ କ୍ଷୀର କିମ୍ବା ପାଣିରେ ଫୁଟାଇ କେବଳ ସେହି କ୍ଷୀର କିମ୍ବା ପାଣିକୁ ପିଇବା ଦ୍ୱାରା ଶରୀରକୁ ଅଗଣିତ ଲାଭ ମିଳିଥାଏ ।
- ଏହି କ୍ଷୀର ଓ ପାଣିକୁ ପିଇବା ଦ୍ୱାରା ଶରୀରରେ ଶକ୍ତି ବୃଦ୍ଧି ହୋଇଥାଏ । ଶରୀରର ଥକ୍କାପଣ ଦୂର ହେବା ସହ ଦୁର୍ବଳ ଅନୁଭବ ହୋଇନଥାଏ ।
- ଏହି ବାସନରେ ଭୋଜନ କରିବା ଦ୍ୱାରା ହାଡ ଜନିତ ଅନେକ ରୋଗରୁ ମୁକ୍ତି ମିଳିଥାଏ ।



- ରୁପା ବାସନରେ ଭୋଜନ କରିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ମଜବୁତ ହୋଇଥାଏ । ଫଳରେ ସହଜରେ ରୋଗଗ୍ରସ୍ତ ହେବେ ନାହିଁ । ନିରୋଗ ରହିବେ ।
- ରୁପା ବାସନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଖାଦ୍ୟ ସୁରକ୍ଷିତ ରହିଥାଏ । ଏଥିରେ କୌଣସି ପ୍ରକାର ବ୍ୟାକ୍ଟେରିଆ ସୃଷ୍ଟି ହୋଇ ନଥାଏ ।
- ରୁପା ବାସନରେ ଭୋଜନ କରିବା ଦ୍ୱାରା ପାଚନ ତନ୍ତ୍ର ମଜଭୁତ ହୋଇଥାଏ । ଫଳରେ ଖାଦ୍ୟ ଭଲରେ ଓ ସହଜରେ ହଜମ ହୋଇଥାଏ ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ରାଜନଗର(ଭାସ୍କର ନ୍ୟୁଜ): ମୁଁ ହେଉଛି ସରପଞ୍ଚଙ୍କ ସ୍ୱାମୀ ପଞ୍ଚାୟତରେ ଯାହା ଚାହିବି ତାହା କରିବି। ମୁଁ ଚାହିଁଲି ପ୍ରାଥମିକ ସ୍କୁଲ ବାଟ ବନ୍ଦ କରି ଶୌଚାଳୟ କରୁଥିଲି। ମୁଁ ଚାହିଁଲି ନକଲି ଲାଇଟ ଲଗାଇ ଅସଲି ବିଲ୍ ସହ ଅଳ୍ପ ଦିନରେ ରିପ୍ୟାରିଂ କରି ପୁନର୍ବାର ସାହି ବସ୍ତି ଲୋକଙ୍କୁ ଦାଣ୍ଡ ଅନ୍ଧାରରେ ରଖିଛି, ମୋ ଇଛା ହେଲେ ଡ୍ରେନ ସଫା କରାଇବି, ସେହିପରି ଗଳିଦାଣ୍ଡ ବାଲା ନର୍ଦ୍ଦମାରେ ପଶି ବଜାରକୁ ଯାତାୟତ କରନ୍ତୁ, ମୋ ଇଛା ଅନୁଯାଇ ପଞ୍ଚାୟତ ଅଗରେ କିଛି କିଛି ସିମେଣ୍ଟ ମିଶାଇ ବାଲି ଘସି ଜେଇକୁ ବସାଇ ବିଲ୍ ନେବି, ମୋ ଇଛା ହେଲା ମୋଟା ଆକାରରେ ନେଇ ପମ୍ପ ହାଉସ୍ ପାଇପ୍ ଉପରେ କ୍ୟାବିନ୍ ପକାଇ ଦୋକାନ କରିବା ସୁଯୋଗ ଦେଇଛି। ମୋ ଇଛା ହେଲା ଅର୍ଥ ଆଦାୟ କରି ଜେଇଙ୍କ ବିନା କ୍ଲିୟରାନ୍ସରେ, ପାଣି ବରଂ ବାହାରେ ପାଇପ୍ ଫାଟି ବୋହି ଯାଉ, ଯିଏ ଯେଉଁଠି ପାରୁ ୨୦୦ମିଟର ପାଇପ୍ ଲଗାଇ ମୁଖ୍ୟ ପାଇପରୁ କନେକ୍ସନ କରି ଘର ଠାରୁ ହୋଟେଲ ପର୍ଯ୍ୟନ୍ତ ନେଇଯାଉ। ଏବେ ଠାରୁ ଏହା ଯଦି ନ ହୁଏ ପଞ୍ଚାୟତ ନିର୍ବାଚନ ପୂର୍ବରୁ ପଞ୍ଚାୟତ ଖୋଳ ହୋଇଯିବା ଯଥେଷ୍ଟ ସମ୍ଭାବନା ରହିଥିବା ଅଭିଯୋଗ ହେଉଛି। ସରପଞ୍ଚଙ୍କ ସ୍ୱାମୀ ଯଦି ବାରମ୍ବାର ପଞ୍ଚାୟତ କାର୍ଯ୍ୟାବଳୀ ଉପରେ ମାମଲତି କରନ୍ତି ଏବଂ ବିଡ଼ିଓ ଯଦି ରୋକ୍ ନ ଲଗାନ୍ତି, ତେବେ ପଞ୍ଚାୟତ ବାସୀ ବାଧ ହୋଇ ସୁପ୍ରିମକୋର୍ଟଙ୍କ ନିୟମ ପ୍ରକାରେ ପ୍ରଶ୍ନ ସରପଞ୍ଚଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

# କଂଗ୍ରେସ ସଭାରେ ବିଶୃଙ୍ଖଳା ନେଇ ଚର୍ଚ୍ଚା

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ନଗର କଂଗ୍ରେସ ପକ୍ଷରୁ ଗତ ଗୁରୁବାର ଦିନ ଆୟୋଜିତ ସଂଗଠନ ଶୃଜନ ଅଭିଯାନ କାର୍ଯ୍ୟକ୍ରମରେ ଦଳ ବିରୋଧୀ ବାପି ସରଖେଲଙ୍କ ପ୍ରରୋଚନାରେ ତାଙ୍କର କିଛି ସମର୍ଥକ ବିଶୃଙ୍ଖଳା କରିବା ଅପଚେଷ୍ଟାର ଅଭିଯୋଗ କରି ନଗର କଂଗ୍ରେସ ଏହାର ତୀବ୍ର ପ୍ରତିବାଦ ଓ ବିରୋଧ କରିଛି। ଏହି ମର୍ମରେ ଶୁକ୍ରବାର ପାରାଦୀପ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ନିରଞ୍ଜନ ନାୟକ ଓ ନଗର ସଭାପତି କେଦାର ବିଶ୍ୱାଳ ଅଭିଯୋଗ କରିଛନ୍ତି ଯେ ସର୍କେଲର ଏହି ଅଣକଂଗ୍ରେସ ସମର୍ଥକ ଅବାଂଛିତ ଭାବେ ଆସି ସଭାରେ କେନ୍ଦ୍ରୀୟ ଓ ସ୍ଥାନୀୟ ନେତୃତ୍ୱଙ୍କ ବିରୋଧରେ ଗାଳିଗୁଲଜ କରି ସଭା ଭଣ୍ଡୁର କରିବା ପାଇଁ ଯୋଜନା କରିଥିଲେ। ତେବେ ନେତୃମଣ୍ଡଳୀଙ୍କ ଚେଷ୍ଟା ପରେ ଅବସ୍ଥା ଶାନ୍ତ ହେବା ସହ ସଭା ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ଏହି ବିଶୃଙ୍ଖଳାକାରୀ ପାଲଟା



ଥାନାରେ କଂଗ୍ରେସ ନେତୃତ୍ୱଙ୍କ ବିରୋଧରେ ଅଭିଯୋଗ କରିଥିବା ଜଣାପଡିଛି। ତେବେ ସମ୍ପ୍ରତି ଜାତୀୟ ସ୍ତରରେ କଂଗ୍ରେସ ଦଳର ନବକଳେବର ହେବାକୁ ଯାଉଥିବା ବେଳେ ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲ୍ଲା ସଭାପତିଙ୍କୁ ଅଖଣ୍ଡ କ୍ଷମତା ପ୍ରଦାନ କରାଯାଇଛି। ଏହି ଆଧାରରେ ଜିଲ୍ଲାର ବିଧାୟକ ଓ ସାଂସଦଙ୍କୁ ଚୟନ କରିବା ନିଷ୍ପତି ଜିଲ୍ଲା ସଭାପତି ମାନେ ନେବେ। ତେଣୁ ଜିଲ୍ଲା ସଭାପତି ଚୟନ ପାଇଁ ତୃଣମୂଳ ସ୍ତରରେ ଆଲୋଚନା କରାଯାଇ ନିଷ୍ପତି ନିଆଯିବ। ତେଣୁ ସବୁଠାରେ ଫେଲ ମାରି ଏବେ ବିଜେଡି ଦଳରେ କର୍ମୀ ହୋଇ ରହିଥିବା ଅରିନ୍ଦମ ସରଖେଲ ଓରଫ ବାପି ସରଖେଲ ପ୍ରଚ୍ଛଦପଟରେ ରହି କଂଗ୍ରେସ ଦଳର ଜିଲ୍ଲା ସଭାପତି ପଦରେ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଚୟନ ପାଇଁ ପ୍ରଭାବିତ କରି ଭବିଷ୍ୟତରେ ଦଳୀୟ ଟିକେଟ ହାତେଇବା ପାଇଁ ନିଷ୍ଫଳ ଉଦ୍ୟମ କରୁଥିବା ନେଇ ଅଭିଯୋଗ ଆଣିଛି କଂଗ୍ରେସ। ତେବେ ସତସାହସ ଥିଲେ ଅପରାଧୀ ମୈଦାନକୁ ଓହ୍ଲାଉ ବୋଲି ସରଖେଲଙ୍କ ଉଦ୍ଦେଶ୍ୟରେ କଂଗ୍ରେସ ନେତା ନିରଞ୍ଜନ ନାୟକ ଆହ୍ୱାନ ଦେଇଛନ୍ତି। ସେହିପରି ନଗର ସଭାପତି କେଦାର ବିଶ୍ୱାଳ ଅଭିଯୋଗ କରି କହିଛନ୍ତି ଯେ ବିଭିନ୍ନ ଅପରାଧୀ କାର୍ଯ୍ୟକଳାପରେ ଜଡିତ ଅଭିଯୋଗରେ ଅନେକଥର ଜେଲ ଯାଇଥିବା ବହିରାଗତ ବାପି ସରଖେଲ ନିଜ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ବିଭିନ୍ନ ରାଜନୈତିକ ଦଳ, ସଂଗଠନ, ବ୍ୟବସାୟିକ ସଂଗଠନ ଇତ୍ୟାଦିରେ ବିଭ୍ରାଟ ଓ ବିଶୃଙ୍ଖଳା ସୃଷ୍ଟି କରି ଶାନ୍ତ ପାରାଦୀପରେ ଅଶାନ୍ତିର ବାତାବରଣ ସୃଷ୍ଟି କରୁଛନ୍ତି। ଏବେ ତାଙ୍କ ସ୍ଥିତି ହଜିବାକୁ ବସିଲାଣି ଖୁବ ଶୀଘ୍ର ଏଠାରୁ ସର୍କେଲ ବିଦା ହେବା ସୁନିଶ୍ଚିତ ହେବା ନେଇ କହିଛନ୍ତି ନଗର ସଭାପତି ଶ୍ରୀ ବିଶ୍ୱାଳ। ତେବେ ଶୁକ୍ରବାର ସଭାରେ ଅନୁପ୍ରବେଶ କରି ଗଣ୍ଡଗୋଳ କରିଥିବା ସର୍କେଲଙ୍କ ଅଣକଂଗ୍ରେସ ସମର୍ଥକ ମନୋରମା ଖଟୁଆ, ସରୋଜିନୀ ସ୍ୱାଇଁ ଓ ରବି ମଲିକଙ୍କ ବିରୋଧରେ ନଗର ମହିଳା କଂଗ୍ରେସ ର ସାଧାରଣ ସମ୍ପାଦିକା ପୁଷ୍ପଲତା ଦାସ ପାରାଦୀପ ଆଦର୍ଶ ଥାନାରେ ଏକ ମାମଲା ଦାୟର କରିଛନ୍ତି।

# ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହଳଧର ଶବରଙ୍କ ଅଧକ୍ଷତାରେ ତିନିଦିନିଆ ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ତାଲିମ କାର୍ଯକ୍ରମ ଉଦ୍ଘାଟିତ ହୋଇଯାଇଛି। ଏହି ତାଲିମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ପଞ୍ଚାୟତିରାଜ, ଅନୁସୂଚିତ ଜନଜାତି ଓ ଅନୁସଚିତ ଜାତି ଉନ୍ନୟନ ବିଭାଗର ବ୍ଲକ ସ୍ତରୀୟ ଅଧିକାରୀ ମାନଙ୍କୁ ଜିଲ୍ଲାସ୍ତରୀୟ ତାଲିମ ପ୍ରଦାନ କରାଯାଇଛି। ତାଲିମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଏ ଶ୍ରୀନିବାସ ଆଚାରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ। ତାଲିମ ଦାତା ହିସାବରେ ବିଡ଼ିଓ ମାଥିଲି, ବିଡ଼ିଓ କାଲିମେଳା, ବିଡ଼ିଓ ମାଲକାନଗିରି, ବିଇଓ ମାଥିଲି, ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ଡେପୁଟି ରେଞ୍ଜର, ପ୍ରୋଗ୍ରାମ ଅଫିସର, ମହିଳା ଓ ଶିଶୁ ବିକାଶ ବିଭାଗ, ପ୍ରୋଗ୍ରାମ ମ୍ୟାନେଜର, ପିରାମଲ୍ ଫାଉଣ୍ଡେସନ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ମହାମାରୀ ବିଶେଷଜ୍ଞ, ବ୍ଲକ ଶିକ୍ଷା ଅଧିକାରୀ ମାଥିଲି ତିନି ଦିନ ଧରି ଆବାସିକ ତାଲିମ ପ୍ରଦାନ କରିଥିଲେ। ତାଲିମରେ ୩୧ ଜଣ ଅଂଶ ଗ୍ରହଣ କରିଥିଲେ। ଧରତି ଅବା ଜନଜାତି ଗ୍ରାମ୍ୟ ଉତ୍କର୍ଷ ଅଭିଯାନ ମାଧ୍ୟମରେ ୪୨୫ ଟି ଜନଜାତି ବହୁଳ ଗ୍ରାମ ଗୁଡିକରେ ପାଞ୍ଚ ବର୍ଷିଆ, ଗ୍ରାମ୍ୟ ଯୋଜନା ବିଭିନ୍ନ ବିଭାଗ ସହ ସମନ୍ୱୟ ରଖି ଗ୍ରାମ ସଭା ମାଧ୍ୟମରେ ସେପ୍ଟେମ୍ବର ମାସ ୧୫ ତାରିଖରୁ ଆରମ୍ଭ କରାଯିବ ଓ ନଭେମ୍ବର ୧୫ ତାରିଖ ରେ ଜନଜାତି ଗୌରବ ଦିବସରେ ତାହା ଜିଲ୍ଲା ସ୍ତରରେ ଉପସ୍ଥାପନ ଓ ଅନୁମୋଦନ କରାଯିବ। ଏହି କାର୍ଯକ୍ରମ ୨୦୨୪-୨୫ ରୁ ୨୦୨୮-୨୯ ମସିହା ପର୍ଯ୍ୟନ୍ତ ସମ୍ପୂର୍ଣତା ମାଧ୍ୟମରେ ଚାଲିବ। ଓଡ଼ିଶା ସରକାରଙ୍କ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ପୂରଣ କରାଯିବ। ଆଦି କର୍ମଯୋଗୀ-ସମସ୍ତ ସରକାରୀ କର୍ମଚାରୀ, ଆଦି ସହଯୋଗୀ ସମସ୍ତ ସ୍ୱେଚ୍ଛାସେବୀ, ଯୁବଗୋଷ୍ଠୀ ଓ ଆଦି ସାଥୀ- ସ୍ୱୟଂ ସହାୟକ ଗୋଷ୍ଠୀର କର୍ମୀଙ୍କୁ ନେଇ ଗ୍ରାମ୍ୟ ସ୍ତରୀୟ ଯୋଜନା ପ୍ରସ୍ତୁତ କରାଯିବାକୁ ଲକ୍ଷ୍ୟ ରଖା ଯାଇଛି। ଉକ୍ତ ତିନି ଦିନିଆ ତାଲିମ କାର୍ଯକ୍ରମକୁ ବିଶ୍ୱନାଥ ମିଶ୍ର ପ୍ରକଳ୍ପ ପରିଚାଳକ ଆଇଟିଡିଏ ପରିଚାଳନା କରିଥିଲେ।

## ଟ୍ରେନ୍ ଧକ୍କାରେ ଯୁବକ ମୃତ

କେନ୍ଦୁଝର(ଭାସ୍କର ନ୍ୟୁଜ): ନରଣପୁରର ହରିଡ଼ାଗୋଠ ନିକଟରେ ଆଜି ଜଣେ ଦିବ୍ୟାଙ୍ଗ ଯୁବକଙ୍କର ଟ୍ରେନ ଧକାରେ ମୃତ୍ୟୁ ହୋଇଛି। ସୂଚନା ଅନୁସାରେ ଦିବ୍ୟାଙ୍ଗ ଯୁବକ ହେଉଛନ୍ତି ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ନନ୍ଦରା ଗ୍ରାମର ନରସିଂହ ବେହେରା(୪୮)। ସେ ଆଜି ନନ୍ଦରା ଗ୍ରାମରୁ ଭଉଣୀ ଗୋଲାପ ମହାକୁଡ଼ଙ୍କ ଘରକୁ ବୁଲିବା ପାଇଁ ଆସିଥିଲା। ଗୋଲାପ ତାଙ୍କୁ ଚାଷଜମିକୁ ଦେଖେଇବା ପାଇଁ ଡାକି ନେଇଥିଲେ। ଉଭୟ ଚାଷଜମିରୁ ଘାସ ବାଛିବା ପରେ ହିଡରେ ବସି ଏକତ୍ର ଭୋଜନ କରିଥିଲେ। ଭୋଜନ ପରେ ନରସିଂହ କୁ ଶୌଚ ଲାଗିବାରୁ ସେ ନିକଟରେ ଥିବା ନାଳକୁ ଶୌଚ ପାଇଁ ଯାଉଥିଲେ। ଟ୍ରେନ ଲାଇନ ପାର ହେଉଥିବା ବେଳେ ପୁରୀ ବଡ଼ବିଲ ଏକ୍ସପ୍ରେସ ତାଙ୍କୁ ଧକା ଦେଇଥିଲା। ନରସିଂହ କାନକୁ ଶୁଭୁ ନଥିବା ବେଳେ ସେ କଥା କହିବାରେ ଅକ୍ଷମ ଥିଲେ। ତେଣୁ ଟ୍ରେନର ହର୍ଣ୍ଣ ସେ ଶୁଣି ପାରି ନଥିଲେ। ଟ୍ରେନ ଧକାରେ ସେ ୩୦ ଫୁଟ ଦୂରକୁ ଯାଇ ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ କେନ୍ଦୁଝର ରେଳବାଇ ପୋଲିସ ଓ କେନ୍ଦୁଝର ଟାଉନଥାନା ପୋଲିସ ଘଟଣା ସ୍ଥଳରେ ତଦନ୍ତ ଆରମ୍ଭ କରିଥିଲା। ଭଦ୍ରକ ରେଳବାଇ ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲା କେଶ ନଂ୬୧/୨୦୨୫ ରଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଯାଇଥିଲା।

### ଶିକ୍ଷା ବ୍ୟବସ୍ଥାର ବିକଳ ଦୃଶ୍ୟ

# ବିଦ୍ୟାଳୟରେ ତାଲା, ନାହାନ୍ତି ଶିକ୍ଷକ-ମିଳୁନି ମଧ୍ୟାହ୍ନ ଭୋଜନ

ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ର ସରକାରଠୁ ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାର ଉନ୍ନତି ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଉପଯୁକ୍ତ ଶିକ୍ଷକ ଥାଇ ମଧ ଛାତ୍ରଛାତ୍ରୀ ମାନେ ଶିକ୍ଷା ପାଇବା ପାଇଁ ବଞ୍ଚିତ ହେଉଛନ୍ତି। ଶିକ୍ଷା ବ୍ୟବସ୍ଥାର ଏମିତି ଏକ ବିକଳ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଶିକ୍ଷା ବିଭାଗ ଅଧୀନରେ ଥିବା ନଦୀ ଅପରପାର୍ଶ୍ୱ ଗାଁ ଏକମାଣିଆ ପଞ୍ଚାୟତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଦକ୍ଷିଣଡିହା ଠାରେ। ଚତୁପାର୍ଶ୍ୱରୁ ନଦୀଘେରା ଏହି ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ଥିବା ସମୟରେ ସ୍ଥାନୀୟ ଲୋକ ଓ ବୁଦ୍ଧିଜୀବିଙ୍କ ବହୁ ପ୍ରଚେଷ୍ଟା ପରେ ଏହି ବିଦ୍ୟାଳୟର ସ୍ଥାପନ କରାଯାଇଥିଲା। ଯେତେବେଳେ ଏହି ଗ୍ରାମକୁ ରାସ୍ତା ନ ଥିବାରୁ ଅଞ୍ଚଳବାସୀ ନଦୀପାର ହୋଇଯାଇ ପାଠପଢ଼ାରୁ ବଞ୍ଚିତ ହେଉଥିଲେ ସେହି ସମୟରେ ୧୯୭୦ ମସିହାରେ ସ୍ଥାପିତ ହୋଇଥିବା ସର୍ବପୁରାତନ ଏହି ବିଦ୍ୟାଳୟରେ ଉପଯୁକ୍ତ ଶିକ୍ଷକ ଥିଲେ ମଧ ବିଦ୍ୟାଳୟରେ ପିଲାମାନେ ସଠିକ ଢଙ୍ଗରେ ଶିକ୍ଷାଲାଭ ପାଉନଥିବା ନେଇ ଅଭିଭାବକ



ମାନେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଓ ଅଭିଭାବକ ମାନଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ବିଦ୍ୟାଳୟରୁ ପାଠପଢି ବହୁ ବୁଦ୍ଧିଜୀବି ସୁନାମଧନ୍ୟ ଅର୍ଜନ କରିଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏବେ ଏହି ବିଦ୍ୟାଳୟରେ ଦିନ ୧୨ ଟାରେ ଝୁଲୁଛି ତାଲା। ଏହି ବିଦ୍ୟାଳୟରେ ଶିକ୍ଷକ ନିୟମିତ ବିଦ୍ୟାଳୟକୁ ଆସୁନଥିବା ବେଳେ ବହୁ ସମୟରେ ବିଦ୍ୟାଳୟରେ ତାଲା ପଡ଼ି ରହୁଥିବାରୁ ପିଲାମାନେ ପାଠ ନ ପଢି ଘଣ୍ଟା ଘଣ୍ଟା ଅପେକ୍ଷା କରି ଫାଟକ ନିକଟରୁ ଫେରିଯାଉଛନ୍ତି। ଏମିତିକି ବିଦ୍ୟାଳୟରେ ନିୟମିତ ମଧ୍ୟାହ୍ନ ଭୋଜନ ରୋଷେଇ ହେଉ ନଥିବା ବେଳେ ଯେଉଁ ଦିନ ହେଉଛି ତାହା ନିମ୍ନମାନର ହେଉଛି ବୋଲି ଗ୍ରାମବାସୀମାନେ ଅଭିଯୋଗ ଆଣିଛନ୍ତି। ଚାଟଶାଳୀରୁ ଆରମ୍ଭ ହୋଇ ଏହି ବିଦ୍ୟାଳୟ ପରେ ନଡ଼ା ଛପର ଘରେ ଓ ପରେ ଛାତ ଘରକୁ ପରିବର୍ତ୍ତିତ ହୋଇଥିଲା। ଆରମ୍ଭରୁ ଶିକ୍ଷକ ମାନଙ୍କ ଶିକ୍ଷାଦାନ ଅତି ଉଚ୍ଚ କୋଟିର ଥିଲା। କିନ୍ତୁ ଆଜିର ସ୍ଥିତିରେ ଏହି ବିଦ୍ୟାଳୟରେ ଶିକ୍ଷକ ଥାଇ ମଧ ଛାତ୍ରଛାତ୍ରୀମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର ଏ ନେଇ ଗ୍ରାମବାସୀ ଓ ଅଭିଭାବକମାନେ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ଯଦି ଏହି ସମସ୍ୟାର ସ୍ଥାୟୀ ସମାଧାନ ନ ହୁଏ ତେବେ ଗ୍ରାମର ଶରତ ନାୟକ, ଖଗେଶ୍ୱର କରଣ, ଅନନ୍ତ କରଣ, ମଙ୍ଗୁଳି ଚରଣ ରାଉତ, ଜଗବନ୍ଧୁ କରଣ, କମଳାକାନ୍ତ କରଣ, ଉମାକାନ୍ତ ରାଉତ, ସୁଶାନ୍ତ କରଣ, ଆଦିକନ୍ଦ ଦାସ, ମାନସ ଦାସ, ଗଣେଶ ମଲିକ, କ୍ଷୀରୋଦ ମଲିକ, ଜୟରାମ ମଲିକ, ସଞ୍ଜୟ କୁଅଁର, ଅଜୟ ବେହେରା, ନୀଳମଣି ବେହେରା, ବାସୁଦେବ ମଲିକ ପ୍ରମୁଖ ଆନ୍ଦୋଳନର ଚେତାବନୀ ଦେଇଛନ୍ତି। ତେବେ ବିଦ୍ୟାଳୟରେ ନିୟୋଜିତ ଦୁଇ ଶିକ୍ଷକ ଅନୁପସ୍ଥିତ ରହି ଶିକ୍ଷା ବିଭାଗକୁ ବେଖାତିର କରୁଥିବା ଦାୟିତ୍ୱହୀନ ଶିକ୍ଷକ ପ୍ରତି ଶିକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ କି ପଦକ୍ଷେପ ନେବ ତାହା ସମୟକୁ ଅପେକ୍ଷା। ଏ ନେଇ ଆଳି ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ସେ ଘଟଣା ସମ୍ପର୍କ ରେ ତଦନ୍ତ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ।

## ସାମ୍ବାଦିକ ପେନସନ ଚୟନ ପାଇଁ ଦାବି

ଜଗତସିଂହପୁର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମ୍ବାଦିକଙ୍କୁ ପେନସନ ସେବାପାଇଁ ଘୋଷଣା କରିଛନ୍ତି। ଆସନ୍ତା ବଜେଟରେ ସେଥିପାଇଁ ଅର୍ଥ ବ୍ୟବସ୍ଥା କରିବାକୁ ବିଭାଗୀୟ ତତପରତା ପ୍ରକାଶ ପାଇଛି। ସରକାର ସାମ୍ବାଦିକ ଚୟନ ପାଇଁ ମାର୍ଗଦର୍ଶିକା କରିବେ। ସେଥିପାଇଁ ସାମ୍ବାଦିକଙ୍କ ୩ ଦାବି ପ୍ରସ୍ତାବ। ଗୋଟିଏ ମିଳିତ ସ୍ୱର। ପେନସନ ପାଇବା ପାଇଁ ବୟସ ସୀମା ୫୦ବର୍ଷ ରଖାଯାଉ। କାରଣ କଳାକାର ଭତ୍ତାପାଇଁ ବୟସ ସୀମା ୫୦ବର୍ଷ ରଖାଯାଇଛି। କବି ଓ ଲେଖକ କାକକାର ତାଲିକାରେ ଅଛନ୍ତି। ସାମ୍ବାଦିକ ମଧ ଜଣେ ଲେଖକ। ଅଭିଜ୍ଞତା ୧୦ ବର୍ଷ ରଖାଯାଉ କାରଣ ୧୦ବର୍ଷ ଚାକିରିକାଳ ପୁରଣ କରିଥିବା କର୍ମଚାରୀଙ୍କୁ ସରକାର ପେନସନ ଦେଉଛନ୍ତି। ମାସକୁ ୨୦ହଜାର ଟଙ୍କା ପେନସନ, ଉତ୍ତରାଖଣ୍ଡ ମାସକୁ ୨୦ହଜାର ଟଙ୍କା ପେନ୍‌ସନ୍ ଦେଉଛି, ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ, ଅର୍ଥବିଭାଗ, ଯୋଜନା ଓ କାର୍ଯ୍ୟାନୟନ ବିଭାଗପ୍ରସ୍ତାବକୁ ଉଦାର ହୃଦୟରେ ଗ୍ରହଣ କରିବାକୁ ସାମ୍ବାଦିକ ବେଣୁଧର ନାୟକ, ଜ୍ୟୋତି ରଞ୍ଜନ ପରିଡ଼ା, ତପନ ରାଉତରାୟ, ଆଶୁତୋଷ ନେହେରା, ରମେଶ ମହାନ୍ତି, ନୃସିଂହ ବାରିକ, ଅରକ୍ଷିତ ସ୍ୱାଇଁ, ସରୋଜ ନାୟକ, ସାମ୍ବାଦିକ କଲ୍ୟାଣ ପାର୍ଷି ଅଧକ୍ଷ ଗଗନ ବିହାରୀ ସାହୁ ନିବେଦନ କରିଛନ୍ତି।

## ନିମାପଡ଼ାର ବିଭିନ୍ନ ସ୍କୁଲ ଓ କଲେଜରେ ଗୁରୁ ଦିବସ ପାଳିତ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ପବିତ୍ର ଗୁରୁ ଦିବସ ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲ, କଲେଜରେ ମହାସମାରୋହରେ ପାଳନ ହୋଇଯାଇଅଛି। ଛାତ୍ରଛାତ୍ରୀମାନେ ଗୁରୁପୂଜା କରି ଗୁରୁମାନଙ୍କର ଆଶିଷ ଲାଭ କରିଛନ୍ତି। ଗୁରୁ ଭବିଷ୍ୟତରେ ଭଲ ମଣିଷ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ନିମାପଡ଼ାର ଚାରିଆଡ଼େ ଗୁରୁ ଦିବସ ପାଳନ ପାଇଁ ସ୍କୁଲ, କଲେଜ ବ୍ୟତୀତ ବିଭିନ୍ନ କୋଚିଂ ସେଂଟରରେ ମଧ ଗୁରୁ ଦିବସ ପାଳନ ହୋଇଥିବା ବେଳେ ଲୋକ ଦେଖାଣିଆ ଭାବେ କେତେକ କୋଚିଂ ସେଂଟର ପରିଚାଳକ ଅଭିଭାବକଙ୍କୁ ଡ଼କାଇ ଦିନ ତମାମ୍ ଭାଷଣ ବାଜି ଦେଉଥିବା ବେଳେ ରାତି ଦଶଟା ପର୍ଯ୍ୟନ୍ତ ମଧ ଗୁରୁ ଦିବସ ପାଳନ କରୁଥିବା କୁହାଯାଉଛି। ପ୍ରଫେସର ଗୋପିନାଥ କରଙ୍କ ଅଧକ୍ଷତାରେ ଆୟୋଜିତ ଗୁରୁ ଦିବସରେ ମୁଖ୍ୟ ଅତିଥି ଭାବେ କୋଣାର୍କ ଭଗବତୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ବିଷ୍ଣୁ ଚରଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଅବସରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବୀଦତ ମିଶ୍ର, ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର କ୍ଷୀରୋଦ ଚନ୍ଦ୍ର ରାୟ ମହାପାତ୍ର, ତୁଳସୀପୁର ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ଗୋପବନ୍ଧୁ ନନ୍ଦି ପ୍ରମୁଖ ଯୋଗ ଦେଇଥିଲେ।

### ବିଭିନ୍ନ ସ୍ଥାନରେ ଗୁରୁ ଦିବସ ପାଳିତ

## ଜଳେଶ୍ୱର ନଗର ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ନଗର ସ୍ଥିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ପବିତ୍ର ଗୁରୁଦିବସ ତଥା ଭାରତରତ୍ନ ଡକ୍ଟର ରାଧାକୃଷ୍ଣନଙ୍କ ଜନ୍ମ ଜୟନ୍ତୀ ମହା ଆଡମ୍ବରରେ ପାଳନ କରା ଯାଇଛି। ଏହି ଅବସରରେ ବିଦ୍ୟାଳୟର ସହ ସମ୍ପାଦକ ଶ୍ରୀଯୁକ୍ତ ସୁନୀଲ କୁମାର ନାୟକ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା ଅବସରପ୍ରାପ୍ତ ଅଧକ୍ଷ ଶ୍ରୀଯୁକ୍ତ ଜିତାରାମ ଦେ, ମୁଖ୍ୟ ବକ୍ତା ଭାବେ ଅନ୍ୟତମ ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ଗିରି ଏବଂ ଶ୍ରୀଯୁକ୍ତ ପୂର୍ଣଚନ୍ଦ୍ର ପରିଡ଼ା ପ୍ରମୁଖ ସଭାରେ ଯୋଗଦେଇ ଗୁରୁଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ନ୍ତଗୁରୁ ଯୁଗେ ଯୁଗେ ପୂଜ୍ୟ ଓ ନମସ୍ୟନ୍ତ ଆଜିର ସମାଜ ସେହି ବାର୍ତ୍ତା କୁ ପାଥେୟ କରିବାକୁ ଆହ୍ୱାନ ଥିଲା। ସଭାକାର୍ଯ୍ୟ ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ମହାନ ଗୁରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରା ଯାଇଥିଲା। ପରେ ପରେ ବିଦ୍ୟାଳୟର ମାନସିକ ଅନଗ୍ରସର ପିଲାମାନଙ୍କ ଦ୍ୱାରା ଗୁରୁ ବନ୍ଦନା ଗାନ କରା ଯାଇଥିଲା। ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଧରିତ୍ରୀ ରାଣୀ ଦେ, ନିରୁପମା ମହାନ୍ତି, ପୂଜାରାଣୀ ଦେ, ମୀନା ବେହେରା, ଆଶିଷ କୁମାର ମହାପାତ୍ର, ଗୌରୀଶଙ୍କର ପ୍ରଧାନ, ଅରୁଣ କୁମାର ଦେ, ଯଦୁନାଥ ନାୟକ, ନନ୍ଦନ କୁମାର ଦେ, ଯାମୁନୀ ଦେ, ଚିନାରାଣୀ ଦେ, ମମତା ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ମାନସିକ ଭିନ୍ନକ୍ଷମ ପିଲା ମାନଙ୍କୁ ମିଷ୍ଟାନ୍ନ ଫଳ ଓ ବିସ୍କୁଟ ବଣ୍ଟନ କରା ଯାଇଥିଲା। ଶେଷରେ ଅନୁଷ୍ଠାନର ବରିଷ୍ଠ ହିସାବ ରକ୍ଷକ ଅଜୟ କୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆସିକା ମିଳିତ ପ୍ରାଥମିକ ଶିକ୍ଷକ ସଂଘ



ଆସିକା(ଭାସ୍କର ନ୍ୟୁଜ): ଆସିକା ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ପବିତ୍ର ଗୁରୁଦିବସ ଆସିକା ହରିହର ଉଚ୍ଚ ବିଦ୍ୟାଳୟ ପରିସରରେ ମହା ସମାରୋହରେ ପାଳିତ ହୋଇଯାଇଛି। ସଙ୍ଘର ସଭାପତି ସନ୍ତୋଷ କୁମାର ସେଠୀ ଙ୍କ ସଂଯୋଜନାରେ ହୋଇଥିବା ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଆସିକାର ବିଧାୟକ ସରୋଜ ପାଢ଼ୀ, ସମ୍ମାନିତ ଅତିଥି ଭାବେ ଆସିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲିପିନା ଦାଶ, ଆସିକା ତହସିଲଦାର ସଙ୍ଗୀତା ସେଣ, ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନ ରାଣୀ ମହାନ୍ତି, ଆସିକା ଏନଏସି ଅଧକ୍ଷା ବିନେତା ସ୍ୱାଇଁ, ବିଧାୟକ ପ୍ରତିନିଧି ସଂଦୀପ ପାଢ଼ୀ ଏବଂ ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ହାଡୁବନ୍ଧୁ ମହାରଣା ଯୋଗ ଦେଇଥିଲେ। ସମାଜରେ ଗୁରୁଙ୍କ ସ୍ଥାନ କେହି ମଧ ନେଇ ପାରିବେ ନାହିଁ। ତେଣୁ ଗୁରୁଙ୍କୁ ଯଥାଚିତ ସମ୍ମାନ ପ୍ରଦର୍ଶନ କଲେ ହିଁ ଗୁରୁଙ୍କୁ ଏହି ଗୁରୁଦିବସରେ ପ୍ରକୃତ ଭେଟି ହେବ ବୋଲି ଉପସ୍ଥିତ ଅତିଥି ମାନେ କହିଥିଲେ। ଏହି ଅବସରରେ ନିକଟରେ ଅବସର ଗ୍ରହଣ କରିଥିବା ୧୮ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ଉତ୍ତରୀୟ ଓ ମାନପତ୍ର ଉପଢୌକନ ଦ୍ୱାରା ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଦିଲ୍ଲିପ କୁମାର ପରିଡା, ଆରୁ ଚରଣ ପ୍ରଧାନ, ଆକୁଳ ବେହେରା, ପ୍ରମୋଦିନି ପଣ୍ଡା ଇତ୍ୟାଦି। ଏହି ଗୁରୁ ଉତ୍ସବ କୁ ସଙ୍ଘର ଉପଦେଷ୍ଟା ମିହିର କାନ୍ତ ମହାପାତ୍ର, ରାମନାଥ ପଟ୍ଟନାୟକ, ଜୟରାମ୍ ନାୟକ, ସମ୍ପାଦକ ସରୋଜ ବେହେରା, କାର୍ଯକାରୀ ସଭାପତି ସରୋଜ କୁମାର ପ୍ରଧାନ, ଉପ ସଭାପତି ଶିବ ଶଙ୍କର ଜେନା, ରଞ୍ଜିତା କୁମାରୀ ଦାସ, ସହ ସଂପାଦକ ରାଜ କୁମାର ସ୍ୱାଇଁ, ଶିଶିରକାନ୍ତ ବେହେରା ସକ୍ରିୟ ସଦସ୍ୟ ସମୀର କାନ୍ତ ନାୟକ, ସତ୍ୟ ନାରାୟଣ ସେଠୀ, ପ୍ରଶାନ୍ତ କୁମାର ବେହେରା, ଧୋବା ବେହେରା, ବଂଶୀଧର ପରିଡା, ପି ରାମାରାଓ ପାତ୍ର, ନାରାୟଣ ସାହୁ, ହରିବନ୍ଧୁ ବେହେରା ସହଯୋଗ କରିଥଲେ।

## ଢେଙ୍କାନାଳ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ



ଢ଼େଙ୍କାନାଳ(ଭାସ୍କର ନ୍ୟୁଜ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଆଜି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ, ଗୁରୁ ସର୍ବଦା ପୂଜନୀୟ, ଗୁରୁ ହିଁ ଆଦର୍ଶ, ଜ୍ଞାନର ଭଣ୍ଡାର ବୋଲି ଅଭିହିତ କରିଥିଲେ। ଗୁରୁ ପ୍ରେରଣାଦାୟୀ ଓ ଶ୍ରେଷ୍ଠ ସମ୍ମାନର ଅଧିକାରୀ ବୋଲି ପ୍ରକାଶ କରି ଗୁରୁମାନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ରାଷ୍ଟ୍ର ନିର୍ମାଣରେ ଗୁରୁଙ୍କ ଶିକ୍ଷା ଦାନ ପ୍ରଣିଧାନ ଯୋଗ୍ୟ ବୋଲି କହିଥିଲେ। ଗୁରୁଙ୍କ ଠାରୁ ଶିକ୍ଷା ପ୍ରାପ୍ତ ହୋଇ ଜଣେ ନିଜକୁ ମହାନ ଭାବରେ ଗଢି ତୋଳି ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ବିନୀତା ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ କାମାକ୍ଷାନଗରର ବିଧାୟକ ଶତୃଘ୍ନ ଜେନା, ପରଜଙ୍ଗର ମାନ୍ୟବର ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳର ମାନ୍ୟବର ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲା ପରିଷଦର ଅଧକ୍ଷା ଅର୍ଚ୍ଚନା ପୁହାଣ, ସାଂସଦଙ୍କ ପ୍ରତିନିଧ ନରେଶ ଚ଼ନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ସମାଜ ପ୍ରତିଷ୍ଠା ନିମନ୍ତେ ଗୁରୁମାନଙ୍କ ଅବଦାନ ସଂପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଗୁରୁ ଦିବସ ଅବସରରେ ବିଭିନ୍ନ ବିଷୟରେ ବିଶେଷ ଭାବେ ଶିକ୍ଷାଦାନ କରି ସରକାରଙ୍କ ଦ୍ୱାରା ମନୋନିତ ହୋଇଥିବା ୨୦ ଜଣ ମାଧ୍ୟମିକ ଶିକ୍ଷକ, ୮ ପ୍ରାଥମିକ ଶିକ୍ଷକ ଏବଂ ୩ ସି.ଆରସିସିଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ଲକ୍ଷ୍ମୀଧର ମହନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଭଦ୍ରକ ଜିଲ୍ଲା ସରକାରୀ ହାଇସ୍କୁଲ



ଭଦ୍ରକ(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ସରକାରୀ ହିଘ ସ୍କୁଲ ପରିସର ମଧ୍ୟରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଶୁକ୍ରବାର ପାଳିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, କାର୍ତ୍ତିକ ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଡ଼ିଆଇଟି ଡ.କାର୍ତ୍ତିକେଶ୍ୱ ସାହୁ ପ୍ରମୁଖ ଗୁରୁ ଦିବସ ଅବସରରେ ଗୁରୁଙ୍କ ପ୍ରତି ଶ୍ରଦ୍ଧା, ସମ୍ମାନ ଓ ଭକ୍ତି ଛାତ୍ରଛାତ୍ରୀମ ସଦାସର୍ବଦା ଅର୍ପଣ କରିବା ଦରକାର। ଆଜିର ଯୁବପିଢ଼ି ଗୁରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଆବଶ୍ୟକ। ଗୁରୁ ମଧ କେବଳ ସମୟକୁ ଦେଖି ଶିକ୍ଷା ଦେବା ଅପେକ୍ଷା ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଦରକାର। ଯେପରି ଭଦ୍ରକ ଜିଲ୍ଲା ସାରା ଓଡିଶା ରେ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୨୬ କୃତି ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟତ୍ରୀ ଓ ସିଆରସିସିଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଧରଣୀଧର ପାତ୍ର ଓ ତୃପ୍ତିମୟୀ ପାତ୍ର, ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ତିହିଡି ଓ ବାସୁଦେବପୁର ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତି, ଧାମନଗର ଓ ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ବନ୍ତ ବ୍ଲକ ଶିକ୍ଷାଧିକାରୀ ସୁକୀର୍ତି କର ପ୍ରମୁଖଙ୍କ ସମେତ ଶିକ୍ଷକ, ଶିକ୍ଷୟତ୍ରୀ, ସିଆରସିସି ଯୋଗ ଦେଇଥିଲେ।

## ଛତ୍ରପୁର ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ

ଛତ୍ରପୁର(ଭାସ୍କର ନ୍ୟୁଜ): ପବିତ୍ର ଗୁରୁଦିବସ ଅବସରରେ ଗଞ୍ଜାମ ଜ଼ିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ, ଛତ୍ରପୁରରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜ଼ିଲ୍ଲାପାଳ ଭି କୀର୍ତ୍ତି ଭାସନ ଯୋଗ ଦେଇଥିଲେ। ଜ଼ିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଅତିରିକ୍ତ ଜ଼ିଲ୍ଲା ଶିକ୍ଷାଧିକାରୀ ପ୍ରଭାତୀ କୁମାରୀ ମହାପାତ୍ର ଓ ବସନ୍ତ କୁମାର ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ ମଞ୍ଚାସୀନ ଥିଲେ। କୃତ୍ରିମ ବୁଦ୍ଧିମତା ଓ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ସତ୍ୱେ ମଧ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନେ ବିଭିନ୍ନ ଆହ୍ୱାନର ଶିକାର ହେଉଛନ୍ତି, ଏଣୁ ପିଲାଙ୍କ ଆବଶ୍ୟକତା ଅନୁସାରେ ଶିକ୍ଷଣ ପ୍ରକ୍ରିୟାରେ ନୂତନ ପ୍ରଯୁକ୍ତି ବିଦ୍ୟାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଆରୋପ କରିବା ପାଇଁ ଶିକ୍ଷକ ମାନଙ୍କୁ ଆହ୍ୱାନ ଦେଇଥିଲେ ଗଞ୍ଜାମ ଜ଼ିଲ୍ଲାପାଳ। ଏହି ଅବସରରେ ଶିକ୍ଷାରେ



ଉତ୍ତମ ପ୍ରଦର୍ଶନ କରିଥିବାରୁ ଜ଼ିଲ୍ଲାର ୩ ଜଣ ଉଜଉଉ, ୨୨ ଜଣ ପ୍ରାଥମିକ ଶିକ୍ଷକ ଓ ୪୨ ଜଣ ବିଷୟ ଭିତ୍ତିକ ମାଧ୍ୟମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ସହ ଜ଼ିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଜ଼ିଲ୍ଲାପାଳ ଓ ଜ଼ିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ଗଣ ଗୁରୁବନ୍ଦନା ଗାନ କରିଥିଲେ। ଭୁବନେଶ୍ୱରର ଲୋକସେବା ଭବନରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଗଞ୍ଜାମ ଜ଼ିଲ୍ଲାର ତତ କାଳୀନ ଭଞ୍ଜନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ୪ ଜଣ ବିଷୟ ଭିତ୍ତିକ ମାଧ୍ୟମିକ ଶିକ୍ଷକ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ କୁମାର ପାଢ଼ୀ, ଜ଼ିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା, ଚାନ୍ଦିନୀ କୁମାରୀ ପଣ୍ଡା, ଅଞ୍ଜଳି କୁମାରୀ ପାତ୍ର, ଶଙ୍କର ନାରାୟଣ ବେଜ, ଗୋକୁଳ କୃଷ୍ଣ ପଣ୍ଡା, ବିଷ୍ଣୁ ପ୍ରସାଦ ତ୍ରିପାଠୀ, ସବିତା ତ୍ରିପାଠୀ, ସରୋଜ କୁମାର ପାଢ଼ୀ, ଶରତ କୁମାର ଓ ବିଦ୍ୟାଳୟର ଘଉଉ ଛାତ୍ର ଗଣ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ। ପରିଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ

ମାଲକାନଗିରି(ଭାସ୍କର ନ୍ୟୁଜ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷାରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜିଲ୍ଲାସ୍ତରୀୟ ଗୁରୁ ଦିବସ ପାଳନ ସହ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଜିଲ୍ଲା ବର୍ଗରେ ଚୟନ ହୋଇଥିବା ଶ୍ରେଷ୍ଠ ଶିକ୍ଷକ ଏବଂ ଜିଲ୍ଲା ଶିକ୍ଷା ପ୍ରଶାସନ ତରଫରୁ ଅବସର ପ୍ରାପ୍ତ ପାଞ୍ଚଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସଭାପତି ରୂପେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ବରେଣ୍ୟ ଅତିଥି ରୂପେ ବିଧାୟକ ମାଲକାନଗିରି ନରସିଂହ ମାଡକାମୀ, ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲୁ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ନବରଙ୍ଗପୁର ସାଂସଦଙ୍କ ପ୍ରତିନିଧି ସଞ୍ଜୟ ସରକାର, ବିଧାୟକ ଚିତ୍ରକୋଣ୍ଡାଙ୍କ ପ୍ରତିନିଧି ରୂପେ ଗୋବିନ୍ଦଚନ୍ଦ୍ର ପାତ୍ର, ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଅଧକ୍ଷ୍ୟା ମମତା ଝୋଡିଆ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଉତ୍ତରୀୟ ଓ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରି ଅତିଥି ମାନେ କୃତୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରି ଥିଲେ। ଉପସ୍ଥିତ ଅତିଥିମାନେ ମଧ ରାଷ୍ଟ୍ର ଗଠନରେ ଗୁରୁଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ଦ୍ୱାରା ଚୟନ ହୋଇ ଥିବା ପ୍ରାଥମିକ ଶିକ୍ଷା ବର୍ଗରୁ ସାତଜଣ, ମାଧମିକ ଶିକ୍ଷାବର୍ଗରୁ ପାଞ୍ଚଜଣ, ଜଣେ ଆଞ୍ଚଳିକ ସାଧନ କର୍ମୀ ସଂଯୋଜକ ପୁରସ୍କୃତ ହୋଇ ଥିବାବେଳେ ଜିଲ୍ଲା ଶିକ୍ଷା ପ୍ରଶାସନ ମାଲକାନଗିରି ତରଫରୁ ପାଞ୍ଚ ଜଣ ଅବସରପ୍ରାପ୍ତ ଶ୍ରେଷ୍ଠ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମ ଟିକୁ ବରିଷ୍ଠ ଶିକ୍ଷକ ଦେବରାଜ ସେଠୀ ସଂଯୋଜନା କରି ଥିବା ବେଳେ ସହଯୋଗୀତା ଜଗଦୀଶ ସେଠୀ କରି ଥିଲେ ତତ୍ ସହିତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମଧ ଯୋଗଦାନ କରି କାର୍ଯ୍ୟକ୍ରମ ଟିକୁ ସଫଳ ରୂପାୟନ କରିଥିଲେ।



# ଆମ କଳାହାଣ୍ଡି





ଶନିବାର, ୦୬ ସେପ୍ଟେମ୍ବର ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର


## ପୁଣି ନୂତନ ଯୁବ କଂଗ୍ରେସ ସଭାପତି ହେଲେ ଗୋଲୁ

ଧର୍ମଗଡ (ଭାସ୍କର ନ୍ୟୁଜ) : ରାଜ୍ୟ କଂଗ୍ରେସ କମିଟି ପକ୍ଷରୁ ସଂଗଠନକୁ ମଜବୁତ ଓ ସୁଦୃଢ଼ କରିବାକୁ ବ୍ଲକ, ନିର୍ବାଚନ ମଣ୍ଡଳୀ ମାନଙ୍କରେ କର୍ମକର୍ତ୍ତା ଚୟନ କରିଛି। ଧର୍ମଗଡ ନିର୍ବାଚନ ମଣ୍ଡଳୀରେ ଯୁବ କଂଗ୍ରେସ ସଭାପତି ଭାବେ ପୁଣି ଗୋଲୁ ନାୟକଙ୍କୁ ଦାୟିତ୍ୱ ଦେଇଛି ଦଳ। ସେ ଛାତ୍ର ଜୀବନ ଠାରୁ ରାଜନୀତି ଆରମ୍ଭ କରିଥିବା ବେଳେ ୨୦୧୪ମସିହାରେ କଂଗ୍ରେସରେ ସକ୍ରିୟ ଭାବେ ରହି ବିଭିନ୍ନ ଦାୟିତ୍ୱ ତୁଲାଇଛନ୍ତି। ଧର୍ମଗଡ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଭାବେ ଲଗାତ ୨୦୧୪ରହି ଆସିଥିବା ବେଳେ ପୁଣି ଯୁବ କଂଗ୍ରେସ ସଭାପତି ଦାୟିତ୍ୱ ଦିଆଯାଇଛି। ସେ ଜଣେ ଦକ୍ଷ ସଂଗଠନ ସମେତ ଦଳର ବିଭିନ୍ନ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ଏଥିପାଇଁ ରାଜ୍ୟ କମିଟି ସଭାପତି ଭକ୍ତ ଚରଣ ଦାସ, ମହମ୍ମଦ ସାହେବ, ସାଗର ଚରଣ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରି -ଦଳ ର ଆଭିମୁଖ୍ୟ ଯାହା ରହିବ ନିଷ୍ଠା ସହ କାର୍ଯ୍ୟ କରିବି ବୋଲି ଗୋଲୁ ନାୟକ ପ୍ରକାଶ କରିଛନ୍ତି।

## ନବ ନିର୍ବାଚିତ ବିଜେଡି ସଭାପତି ପ୍ରଦୀପଙ୍କୁ ଭବ୍ୟ ସମ୍ବର୍ଦ୍ଧନା




ଭବାନୀପାଟଣା, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲାର ନବ ନିର୍ବାଚିତ ଜିଲ୍ଲା ସଭାପତି ରୂପେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ମନୋନୀତ ହୋଇଥିବାରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇବା ନିମନ୍ତେ ଭାବନୀପାଟଣା ସହରର ଟାଉନହଲ ଠାରେ ଏକ ବିଶାଳ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। କଳାହାଣ୍ଡି ଜିଲ୍ଲାର ୧୩ ଟି ଯାକ ବ୍ଲକରୁ ବିଜେଡି ବ୍ଲକ ସଭାପତି, ସମ୍ପାଦକ ଏବଂ ଆଗ ଧାଡିର ନେତା ଓ କର୍ମୀମାନେ ଏହି ସଭାରେ ଉପସ୍ଥିତ ଥିଲେ। ବିଜେଡିର ବରିଷ୍ଠ ନେତା ଭବାନୀ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ନବ ମନୋନୀତ ବିଜେଡି ଜିଲ୍ଲା ସଭାପତିଙ୍କୁ ବିଭିନ୍ନ ପ୍ରାନ୍ତରୁ ଆସିଥିବା ନେତା ଓ କର୍ମୀମାନେ ଫୁଲହାର ଦେଇ ଅଭିନନ୍ଦନ ଜଣାଇଥିଲାବେଳେ ଭବାନୀପାଟଣା ପୌର ପରିଷଦ ପକ୍ଷରୁ ବିରାଟକାୟା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦୁ ସିଂଦେଓ, ଜୁନାଗଡ଼ ବିଧାୟକ କ୍ୟାପ. ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟକ ମନୋରମା ମହାନ୍ତି, କଳାହାଣ୍ଡି ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାୟକ, ଗୋବର୍ଦ୍ଧନ ଦାସ, ମସ ଯୁଧି ବାଗ, ଭବାନୀପାଟଣା ପୌରପରିଷଦ ଚେୟାରମ୍ୟାନ ବିସଂହୁ ପ୍ରଧାନ, ବସିସି ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା, ପୂର୍ବତନ ପୌର ଅଧ୍ୟକ୍ଷା ସଂଯୁକ୍ତା ବେହେରା, ରାଜ୍ୟ ବିଜେଡି ଯୁବନେତା ଅବିନାଶ ଠାକୁର, ମଣ୍ଟୁ ନାୟକ, ମନୀନ୍ଦ୍ର ମହାନ୍ତି, ପ୍ରଦୀପ ମୁଣ୍ଡ, ଯୁବ ବିଜେଡି ଜିଲ୍ଲା ସଭାପତି ନନ୍ଦ, ଜିତେନ୍ଦ୍ର ମହାନ୍ତି, ଜାକିର ହୁସେନ,ଧବଳେଶ୍ୱର ମହାପାତ୍ର, ସାମନ୍ତ ଖମାରୀ, ପ୍ରଶାନ୍ତ ନାୟକ ପ୍ରମୁଖ ନେତାମାନଙ୍କ ସହ ଜିଲ୍ଲାର ୧୩ ଟି ବ୍ଲକ ଅଞ୍ଚଳର ବ୍ଲକ ବିଜେଡି ସଭାପତି, ସମ୍ପାଦକ ଓ କର୍ମୀମାନେ ଉପସ୍ଥିତ ରହି ନୂତନ ସଭାପତି ଶ୍ରୀ ଦିଶାରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରୀ ଦିଶାରୀଙ୍କ ନେତୃତ୍ୱରେ ଜିଲ୍ଲା ତଥା ରାଜ୍ୟ ବିଜେଡି ଦଳ ଆହୁରି ଅଧିକ ଶକ୍ତିଶାଳୀ ହେବବୋଲି ଉପସ୍ଥିତ ନେତା ଓ କର୍ମୀମାନେ ଆଶା ପ୍ରକାଶ କରିଥିଲେ।

## ପୁଣି ଗୁରୁଙ୍କ ନାଁରେ କଳଙ୍କ

# ଯୌନ ଶୋଷଣ ଅଭିଯୋଗରେ ଶିକ୍ଷକଙ୍କ ଗିରଫ ଦାବି

ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ): ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ବୋଲି ଶାସ୍ତ୍ର କହେ। ତେବେ ସମୟ ବଦଳିବା ସହ ପବିତ୍ର ଗୁରୁ ପରମ୍ପରା ଆଉ ନାହିଁ। ଏହାର ଏକ ଜ୍ୱଳନ୍ତ ଉଦାହରଣ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବନ୍ଧାଗାଁ ଠାରେ ଦେଖିବାକୁ ମିଳିଛି। ଶିକ୍ଷକ ସୁନୀଲ ଭୋଇଙ୍କ ପ୍ରେମରେ ପ୍ରତାରିତ ପ୍ରେମିକା କଳିକା (ଛଦ୍ମ ନାମ) ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅପରପକ୍ଷରେ ଶିକ୍ଷକ ଶ୍ରୀ ଭୋଇଙ୍କ ଏଭଳି ପ୍ରକୃତିକୁ ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରାପ୍ତ ସୂଚନାନୁଯାୟୀ ଦଶପୁର ଫାଣ୍ଡି ଅନ୍ତର୍ଗତ ବନ୍ଧାଗାଁର ଚମାର ମାଝୀ ଦୈନିକ କୁଲି ମଜୁରୀ କରନ୍ତି। କୁଲି ମଜୁରୀରେ ଉକ୍ତ ପରିବାରର ପ୍ରତିପୋଷଣ ହୁଏ। ତଥାପି କଷ୍ଟେ ମଷ୍ଟେ ଏକମାତ୍ର ଝିଅ କଳିକା (୨୦)ଙ୍କୁ କଲେଜ୍ ପର୍ଯ୍ୟନ୍ତ ପାଠ ପଢ଼ାଇବା ଲକ୍ଷରେ ଅନେକ ସ୍ୱପ୍ନ ଦେଖିଥିଲେ। ହେଲେ ଝିଅର ଆତ୍ମହତ୍ୟା ଯୋଗୁଁ ତାଙ୍କ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଇଛି। ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷକ ସୁନୀଲ ଚନ୍ଦ୍ର ଭୋଇଙ୍କ ସହ କୁଆଡେ ବହୁ ଦିନରୁ କଳିକାର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏମିତି କି ଝିଅକୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅନୈତିକ ସମ୍ପର୍କ ଉକ୍ତ ଶିକ୍ଷକ ରଖି ଯୌନ ପିପାସୁ ଭଳି ଯୌନ ଶୋଷଣ କରିଥିବା ନେଇ ବାପା ଚମାର ମାଝୀ ଓ ମା ଦେବକୀ ମାଝୀ ଅଭିଯୋଗ କରିଛନ୍ତି। ଏଭଳି ଶୋଷଣ ଅସହ୍ୟ ହେବାରୁ ବାଧ୍ୟ ହୋଇ ଛାତ୍ରୀ ଜଣକ ଆତ୍ମହତ୍ୟା କରିଛନ୍ତି। ଛାତ୍ରୀ ଜଣକ ଆତ୍ମହତ୍ୟା କରିବା ପରେ ଘଟଣାସ୍ଥଳରୁ ଝିଅର ଏକ ହାତ ଲେଖା ସୁଇସାଇଡ଼ ନୋଟ ଏବଂ ଏକ ମୋବାଇଲ୍ ଫୋନ ଜବତ ହୋଇଥିବା ନେଇ ଦଶପୁର ପୋଲିସ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟପଟେ ଗୁରୁ ଶିକ୍ଷକର ପରମ୍ପରା ଏଭଳି ଘଟଣାକୁ ବିଭିନ୍ନ ମହଲରେ ଦୃଢ଼ ନିନ୍ଦା କରାଯାଇଛି। ଉକ୍ତ ଶିକ୍ଷକ ଜଣକ ଧୀରେ ଧୀରେ କଳିକା ଠାରୁ ଦୂରେଇ ରହିବା ସହ ଧରାଛୁଆଁ ନ ଦେବାରୁ ଲୋକ ଲଜ୍ଜା ଭୟରେ କୌଣସି ଉପାୟ ନ ପାଇ ଗତ ୩୧ ଅଗଷ୍ଟ ରବିବାର ସକାଳ ୯ ଘଣ୍ଟା ସମୟରେ କଳିକା ମାଝୀ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାଯାଏ। ପ୍ରଥମେ ଫରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭବାନୀପାଟଣା ଜିଲ୍ଲା ଚିକିତ୍ସାଳୟକୁ ନେଇ ଚିକିତ୍ସା କରିବା ପରେ ଡ଼ାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଘଟଣାସ୍ଥଳକୁ ଦଶପୁର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ପଣ୍ଡା ପହଞ୍ଚି ଶବ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରିଥିଲେ। ଏନେଇ ଦଶପୁର ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଭିଯୁକ୍ତ ଶିକ୍ଷକ ଜଣଙ୍କୁ ତୁରନ୍ତ ଗିରଫ କରିବା ପାଇଁ ପୋଲିସ ଚେଷ୍ଟିତ ଥିବା ଫାଣ୍ଡି ଅଧିକାରୀ ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି। ଅନ୍ୟପଟେ ଅଭିଯୁକ୍ତ ଶିକ୍ଷକଙ୍କୁ ତୁରନ୍ତ ଗିରଫ କରି କୋର୍ଟଚାଲାଣ କରା ନ ଗଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ପରିବାର ଲୋକେ ଚେତାବନୀ ଦେଇଛନ୍ତି।



କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ଗ୍ରାମ ପଞ୍ଚାୟତ ଡ଼ଙ୍ଗରମୁଣ୍ଡା ଗ୍ରାମର ବାଲୁକା ଶିଳ୍ପୀ ଓମ ପ୍ରକାଶ ସାହୁଙ୍କ ଦ୍ୱାରା ଗୁରୁ ଦିବସ ଅବସରରେ ଭାରତର ପ୍ରଥମ ଉପରାଷ୍ଟ୍ରପତି,ଭାରତ ରତ୍ନ ଡ଼ଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ବାଲୁକା କଳା ନିର୍ମିତ।

## ସହର ପରିକ୍ରମା ପରେ ଗଣେଶଙ୍କୁ ବିସର୍ଜନ

ନର୍ଲା:(ଭାସ୍କର ନ୍ୟୁଜ): ଧରା ପୃଷ୍ଠରୁ ବିଦାୟ ନେଲେ ଗଣପତି ଗଣନାଥ ଶ୍ରୀ ଗଣେଶ। ପୁଣି ବର୍ଷକର ଅପେକ୍ଷା। କଳାହାଣ୍ଡି ଜିଲ୍ଲା ନର୍ଲା ସହରର ୫୦ରୁ ଊର୍ଦ୍ଧ ପ୍ରତ୍ୟେକ ସାହି ବିଭିନ୍ନ କ୍ଲବ୍ ଓ ଅନୁଷ୍ଠାନ ତରଫରୁ ଗତ ବୁଧବାର ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଓ ରବିବାର ପ୍ରାୟତଃ ସମସ୍ତ କ୍ଲବ୍ ଅନୁଷ୍ଠାନ ଓ ସାହି ଗୁଡ଼ିକର ଗଣେଶ ପୂଜା ବିସର୍ଜନ ଅନୁଷ୍ଠିତ ହୋଇଯାଇଛି। ନର୍ଲା ମାଝୀ ପଡାର ଗଣେଶ ପୂଜା ବିସର୍ଜନ ସବା ଶେଷରେ ମହା ଆଡ଼ମ୍ବର ସହକାରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମାଝୀ ପଡ଼ା ପୂଜା କମିଟିର ସଭାପତି ଭବାନୀଶଙ୍କର ଗଉଡ଼ଙ୍କ ନେତୃତ୍ୱରେ ସଂପାଦକ ଲିଟୁ ମାଝୀ, କୋଷାଧ୍ୟକ୍ଷ ଭୋଲାଶଙ୍କର ଗଉଡ଼, କମିଟିର ସଦସ୍ୟ ରାଜୁ ମାଝୀ, ଦିନ ମାଝୀ, ସୁମନ ମାଝୀ, ବିକାଶ ଗଉଡ଼, ମାନସ ଗଉଡ଼, ଓମନ୍ ମାଝୀ, ମାଜିସ୍ ଗଉଡ଼, ରାହୁଲ୍ ମାଝୀ ସମେତ ଗୁରୁବାର ସନ୍ଧ୍ୟା ସମୟରେ ଡିଜେ ବାଜାର ତାଳେ ତାଳେ ଏକ ଭବ୍ୟ ପଟୁଆରରେ ନର୍ଲା ସହର ପରିକ୍ରମା କରି ନର୍ଲା ରାଣୀ କଟା ପୋଖରୀରେ ଗଣେଶ ମୂର୍ତ୍ତିକୁ ବିସର୍ଜନ କରିଥିଲେ।

## ମଦନପୁର ରାମପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ପ୍ରତିବାଦରେ ବନ୍ଦ

ନର୍ଲା।(ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ଦ୍ୱାରା ଗତ ୩୧ ତାରିଖ ରାଜ୍ୟର ଅନେକ ଅଞ୍ଚଳ ବିଜ୍ଞାପିତ ଅଞ୍ଚଳ ଘୋଷଣା କରାଯାଇ ଥିଲା।କିନ୍ତୁ ମ.ରାମପୁରକୁ ଏହି ଘୋଷଣାରେ ସାମିଲ ନ ହେବା ଯୋଗୁ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରି ୪ ତାରିଖ ଗୁରୁବାର ଦିନ ମ.ରାମପୁର ସହର ବନ୍ଦ କରିଛନ୍ତି। ଗତ ସରକାର ମ.ରାମପୁରକୁ ବିଜ୍ଞାପିତ ଅଞ୍ଚଳ ହେବ ବୋଲି ଘୋଷଣା କରିଥିଲେ। ସମ୍ପ୍ରତି ଘୋଷଣା ଉହ୍ୟ ହେତୁ ଲୋକେ ରାଜରାସ୍ତାକୁ ଓହ୍ଲାଇ ଆସିଛନ୍ତି। ମ.ରାମପୁରକୁ ୨୦୧୧ ଜନଗଣନା ଅନୁସାରେ ସରକାର ଜନସଂଖ୍ୟା ସହର ମାନ୍ୟତା ଦେଇଥିଲେ। ରାଜ୍ୟରେ ନୂତନ ଘୋଷିତ ବିଜ୍ଞାପିତ ଅଞ୍ଚଳ ମଧ୍ୟରୁ ଅର୍ଦ୍ଧାଧିକ ଅଞ୍ଚଳର ଜନସଂଖ୍ୟା ଠାରୁ ମ.ରାମପୁର ଜନ ସଂଖ୍ୟା ଦୁଇ ଗୁଣ ଅଧିକ। ସେହିପରି ମ.ରାମପୁରର ମାସିକ ଆୟ ପାଖାପାଖି ଲକ୍ଷେ ଅଟେ। ଏଠାରେ ୪ ଗୋଟି ବ୍ଲକ୍ ଅଞ୍ଚଳକୁ ନିୟନ୍ତ୍ରଣ କରୁଥିବା ଉପଖଣ୍ଡ କାର୍ଯ୍ୟାଳୟ ରହିଛି। ମ.ରାମପୁର ଦେଇ ଜାତୀୟ ରାଜପଥ ନଂ ୫୯, ରାଜ୍ୟ ରାଜପଥ ନଂ ୬(କ); ଜିଲା ମୁଖ୍ୟ, ଅନ୍ୟ ଜିଲ୍ଲା ମୁଖ୍ୟ ରାସ୍ତା ସଂଯୋଗୀକରଣ ହୋଇ ଚାରିଛକ ରହିଛି। ଏହି ରାସ୍ତା ଦେଇ ସହସ୍ରାଧିକ ଯାନବାହାନ ଯାତାୟାତ ହେଉଛି। ଏହି ଜିଲ୍ଲାର ନର୍ଲା, କର୍ଲାମୁଣ୍ଡା, ଲାଞ୍ଜିଗଡ଼, ମ.ରାମପୁର ଆଦି ଅଞ୍ଚଳ ଲୋକେ ପ୍ରଶାସନିକ, ରାଜନୀତିକ, ନ୍ୟାୟିକ ଅନେକ ବହୁବିଧ କାର୍ଯ୍ୟ ପାଇଁ ମ.ରାମପୁରରେ ନିର୍ଭର କରନ୍ତି। ମ.ରାମପୁର ଭଳି ଗୁରୁତ୍ୱ ବହନ କରୁଥିବା, ବିଜ୍ଞାପିତ ଅଞ୍ଚଳ ପାଇଁ ସମସ୍ତ ମାନଦଣ୍ଡ, ପରିମାପ ପରିପୂରଣ କରିପାରୁଛି। ଏହା ସହିତ ରାଜସ୍ୱ ଉପଖଣ୍ଡ ମାନ୍ୟତା ମଧ୍ୟ ମାପଦଣ୍ଡ ପୁରଣ କରୁଛି। ତେଣୁ ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦେଇ ମ.ରାମପୁର ଅଞ୍ଚଳର ଗ୍ରହଣୀୟ ଦାବି ପୂରଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ବନ୍ଦ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସମିତି ସଭ୍ୟ ତଥା ବିଜେପି ମଣ୍ଡଳ ସଭାପତି ଯଜ୍ଞସେନ ପଣ୍ଡା, ସିପିଏମ୍ ନେତା ସତ୍ୟଜିତ ଚାଟାର୍ଜୀ, ପୂର୍ବତନ ସରପଞ୍ଚ କିଶୋର ପ୍ରହରାଜ, ଜିବେଶ୍ ପଣ୍ଡା, ଚିତ୍ତ ବାଗ, ସାମାଜିକ କର୍ମୀ ବିକାଶ ସିଂହଦେଓ(ଘନ), ବାର ଆସୋସିଏସନ ସଭାପତି ଜୟ ସିଂହଦେଓ, ଚମରା ବଗର୍ତ୍ତି, ଶ୍ରୀକାନ୍ତ ହୋତା ପ୍ରମୁଖ ନେତୃତ୍ୱ ନେଇ ଆନ୍ଦୋଳନରେ ଶତାଧିକ ଲୋକ ସାମିଲ ହୋଇଥିଲେ। ସକାଳୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଜାରି ରହିଥିଲା। ଚାରି ଛକ ଠାରେ ଚାରି ପାଖ ରାସ୍ତା ବନ୍ଦ ରହିଥିଲା। ସହରର ସମସ୍ତ ଦୋକାନ, ବଜାର, ସରକାରୀ, ବେସରକାରୀ ଅନୁଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।




## ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ କାର୍ଯ୍ୟକ୍ରମ ନିମନ୍ତେ ବୈଠକ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରଓ୍ୱାନଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ଅଭିମୁଖୀକରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ଶ୍ରୀ ଦରଓ୍ୱାନ ଜିଲ୍ଲାରେ ଆଦି କର୍ମଯୋଗୀ ଅଭିଯାନର ସଫଳ ରୂପାୟନ କ୍ଷେତ୍ରରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ କର୍ତ୍ତବ୍ୟ ନିଷ୍ଠା ଓ ପୂର୍ଣ୍ଣ ସହଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କଳାହାଣ୍ଡି ଦୟାମୟ ପାଢୀ ଏବଂ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଥୁଆମୂଳ ରାମପୁର, ପ୍ରଦ୍ୟୁମ୍ନ କୁମାର ଦାଶ କର୍ମଯୋଗୀ ଅଭିଯାନର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ଆଦିବାସୀ ସଂପ୍ରଦାୟର ସାମାଜିକ ଓ ଆର୍ଥିକସ୍ଥିତିରେ ଉନ୍ନତି ଆଣିବା ସହିତ ଶିକ୍ଷା, ଜୀବିକା, ସ୍ୱାସ୍ଥ୍ୟସେବା, ଜଳ, ବିଦ୍ୟୁତ, ଗୃହ, ଡ଼ିଜିଟାଲ ସଂଯୋଗ ଭଳି ମୌଳିକ ସୁବିଧା ଯୋଗାଇବା ଏବଂ ଜନଜାତୀୟ ସଂସ୍କୃତିକୁ ସଂରକ୍ଷଣ କରିବା ତଥା ଗ୍ରାମାଞ୍ଚଳ ନେତୃତ୍ୱକୁ ସଶକ୍ତ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି। ସେହିଭଳି ଏହି ଅଭିଯାନ ଲୋକକେନ୍ଦ୍ରୀକ ପ୍ରତିକ୍ରିୟାଶୀଳ ଶାସନ, ଜନଭାଗିଦାରିତା, ଅଭିଯୋଗ ସମାଧାନ, ସମସ୍ୟା ଚିହ୍ନଟ ଏବଂ ତାହାର ସମାଧାନ, ସହଯୋଗୀ କାର୍ଯ୍ୟାନ୍ୱୟନ ଇତ୍ୟାଦି ଉପରେ ଗୁରୁତ୍ୱାରୋପ କରିଥାଏ। ଏହି ଅଭିଯାନ ଦ୍ୱାରା ଗ୍ରାମସ୍ତରରେ ଆବାସ, ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଆଦି ଗୁରୁତ୍ୱପୂର୍ଣ୍ଣ ସେବା ଗୁଡ଼ିକର ପରିପୂର୍ଣ୍ଣତା ଆସିବ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ତ୍ରିସ୍ତରୀୟ ଦଳ ଗଠନ କରାଯିବ। ଏଥିରେ ଆଦି କର୍ମୀ, ଆଦି ସହାୟକ ଏବଂ ଆଦି ସାଥିମାନେ ସାମିଲ ରହି ତୃଣମୂଳ ସ୍ତରରେ କାର୍ଯ୍ୟ କରିବେ । କଳାହାଣ୍ଡି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୧୩ଟି ବ୍ଲକ ୧୩୩ ଗ୍ରାମ ପଞ୍ଚାୟତ, ୪୨୪ଟି ଗ୍ରାମରେ କାର୍ଯ୍ୟକାରୀ ହେବ। ଏହି ଗ୍ରାମ ଗୁଡ଼ିକର ବିକାଶ ଲକ୍ଷ୍ୟ ହାସଲ କରିବା, ଜିଲ୍ଲା ଗ୍ରାମ୍ୟ ଯୋଜନାକୁ କାର୍ଯ୍ୟ ପ୍ରସ୍ତୁତ ଏବଂ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ସହଜ କରିବାରେ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ସହଯୋଗ ମଧ୍ୟ ରହିବ। ଏହି ବୈଠକରେ ସମସ୍ତ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶେଷରେ ପ୍ରକଳ୍ପ ପ୍ରଶାସକ ଆଇ ଟି ଡି ଏ, ଶ୍ରୀ ଦାଶ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଜସ୍ନ ଏ ମିଲାଦ ଉନ୍ ନବୀ ପାଳିତ




ଧର୍ମଗଡ (ଭାସ୍କର ନ୍ୟୁଜ୍) : ଧର୍ମଗଡ ମସଜିଦ ଏ ତାଜୁଶ୍ଶରିଆ ମୁସଲିମ ଜମାତ୍ ଦ୍ୱାରା ଜମାତ୍ର ସଭାପତି ରଫିଉଦ୍ଦିନ ଖାନଙ୍କ ଅଗୁଆଇରେ ଜସ୍ନ ଏ ମିଲାଦୁନ ନବୀ, ଧର୍ମଗୁରୁ ମହମ୍ମଦଙ୍କ ଜନ୍ମଦିନ ଆଡମ୍ବର ସହ ପାଳିତ ହୋଇଛି। ମସଜିଦ ପରିସରରୁ ତିନିଛକ ଧର୍ମଗଡ ପର୍ଯ୍ୟନ୍ତ ଏକ ବିଶାଳ ଜୁଲୁସ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବରେ ରାଷ୍ଟ୍ରୀୟ ତ୍ରିରଙ୍ଗା ପତାକା ସହିତ ବିଭିନ୍ନ ପ୍ରକାରର ଇସଲାମିକ ଝଣ୍ଡା ଓ ଧର୍ମଗୁରୁ ମହମ୍ମଦଙ୍କ ଗୁଣଗାନ ସହିତ ଅବତରଣ କରିଛି। ଏକ ଶାନ୍ତି ଜୁଲୁସ ଶୃଙ୍ଖଳିତ ଭାବେ ପରିଚାଳିତ ସହରର ଜନ ସାଧାରଣଙ୍କ ସହଯୋଗ ଓ ବିଶେଷ କରି ଧର୍ମଗଡ ଜଗନ୍ନାଥ ସେବା ସମିତି ଦ୍ୱାରା ମୁସଲିମ ଶ୍ରଦ୍ଧାଳୁ ମାନଙ୍କୁ ସସମ୍ମାନେ ଥଣ୍ଡା ପେୟ ଓ ମିଷ୍ଟାନ୍ନ ବଣ୍ଟନ ଦ୍ୱାରା ସ୍ୱାଗତ କରାଯାଇଛି। ହିନ୍ଦୁ ମୁସଲିମଙ୍କ ଭାଇଚାରାର ଏକ ଅନୁଠା ମିସାଲ କାୟମ କରି ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଧର୍ମଗଡ ସହରରେ ପୂର୍ବବତ୍ ହିନ୍ଦୁ ମୁସଲିମ ଭାଇଚାରା ଜାରି ରଖିବା ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ମସଜିଦର ମୌଲାନା ନିୟାଜ୍ ମହମ୍ମଦ ଧର୍ମଗୁରୁଙ୍କ ଜୀବନୀର ଚର୍ଚ୍ଚା ମାଧ୍ୟମରେ ମହମ୍ମଦଙ୍କ ବିଶ୍ୱର ମାନବ ସମାଜ ପ୍ରତି ଶାନ୍ତି ଅହିଂସା ଓ ସଦଭାବନା ବଜାୟ ରଖିବା ପାଇଁ ସନ୍ଦେଶ ପ୍ରଦାନ କରିଥିଲେ ଓ ସମଗ୍ର ଭାରତ ବର୍ଷର ଅଖଣ୍ଡତା ଓ ସଦଭାବନା ଜାରି ରଖିବା ପାଇଁ ମୁସଲିମ୍ ସମାଜ ସର୍ବଦା ଅଗ୍ରସର ହେବା ପାଇଁ ଅଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଧର୍ମଗଡ ପୋଲିସ ପ୍ରଶାସନ ଓ ଜନସାଧାରଣ ସହଯୋଗୀ ଉକ୍ତ ପର୍ବକୁ ସୁରୁଖୁରୁରେ ସମ୍ପନ୍ନ ହେଇଥିବା ଯୋଗୁଁ ମୁସଲିମ ଜମାତ୍ ସଭାପତି ଶ୍ରୀ ରଫିଉଦ୍ଦିନ୍ ଖାଁ ସମସ୍ତଙ୍କୁ ଆଭାର ଓ ଧନ୍ୟବାଦ୍ ଜ୍ଞାପନ କରିଛନ୍ତି।

## ଶିକ୍ଷକ ସମସ୍ୟାକୁ ନେଇ ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ






କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ପଞ୍ଚାୟତ ସ୍ଥିତ ବ୍ରାହ୍ମଣୀ ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ରହିଥିବା ଅଭିଯୋଗ ହୋଇଛି। ସରକାରଙ୍କ ପିଟିଆର ନିୟମ ଅନୁସାରେ ଗୋଟିଏ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସର୍ବନିମ୍ନ ୬ ଜଣ ଶିକ୍ଷକ ନିଯୁକ୍ତି ହେବାର ବ୍ୟବସ୍ଥା ରହିଛି ହେଲେ ବ୍ରାହ୍ମଣୀ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଉକ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଅନୁପାତରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ହୋଇନଥିବା ଯୋଗୁଁ ବିଦ୍ୟାଳୟରେ ଶିକ୍ଷା ଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଗ୍ରାମବାସୀ ତଥା ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷକ ସମସ୍ୟାର ସମାଧାନ ପାଇଁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଅନେକ ଥର ବିଇଓଙ୍କୁ ଲିଖିତ ଜଣାଇଥିଲେ ସୁଦ୍ଧା ତାହାର କୌଣସି ସୁଫଳ ମିଳି ପାରି ନାହିଁ। ବ୍ଲକ୍ ଶିକ୍ଷା ବିଭାଗର ବୈମାତୃକ ମନୋଭାବ ଯୋଗୁଁ ବିଦ୍ୟାଳୟରେ ଶିକ୍ଷକ ସମସ୍ୟାର ସମାଧାନ ହୋଇପାରୁ ନାହିଁ ବୋଲି ଅଭିଯୋଗ ପ୍ରକାଶ ପାଇଛି। ଶିକ୍ଷା ବିଭାଗ ଉପରେ ଅସନ୍ତୋଷ ପ୍ରକାଶ କରି ଶିକ୍ଷକ ସମସ୍ୟାକୁ ନେଇ ବିଦ୍ୟାଳୟ ମୁଖ୍ୟ ଗେଟ୍‌ରେ ଆଜି ତାଲା ପକାଇ ଦେଇଥିଲେ ବିଦ୍ୟାଳୟ ପରିଚାଳନା କମିଟି। ଯାହା ଫଳରେ ଛାତ୍ରଛାତ୍ରୀ ଗେଟ୍ ବାହାରେ ଦୀର୍ଘ ସମୟ ଧରି ବସିରହିଥିଲେ। ସ୍ଥାନୀୟ ସିଆରସିସି ଆଶୁତୋଷ ଭୋଇ ଘଟଣା ସ୍ଥଳରେ ପହଞ୍ଚି ବୁଝାଇଥିଲେ ଏବଂ ବିଇଓଙ୍କ ନିର୍ଦ୍ଦେଶ ଅନୁସାରେ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ବିଦ୍ୟାଳୟର ମୁଖ୍ୟ ଗେଟ୍ ଖୋଲାଯାଇଥିଲା ଓ ଛାତ୍ରଛାତ୍ରୀମାନେ ଶ୍ରେଣୀ କୋଠରୀ ଭିତରକୁ ଯାଇଥିଲେ। ବିଇଓଙ୍କ ନିର୍ଦ୍ଦେଶ ଅନୁସାରେ ସିଆରସିସିଙ୍କ ପ୍ରତିଶ୍ରୁତି ଅନୁଯାୟୀ ଆସନ୍ତା ଶୁକ୍ରବାର ଦିନ ସୁଦ୍ଧା ଛାତ୍ରଛାତ୍ରୀଙ୍କ ଅନୁପାତରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦିଆନଯାଏ ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଦ୍ୟାଳୟର ମୁଖ୍ୟ ଗେଟ୍‌ରେ ତାଲା ପଡିବ ଏବଂ ଏଥିପାଇଁ ଶିକ୍ଷା ବିଭାଗ ଦାୟୀ ରହିବେ ବୋଲି ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜଙ୍କ ସମେତ ସଦସ୍ୟ ଗୋକୁଳ ନାୟକ, ତ୍ରିଲୋଚନ ଶବର,ତରୁଣ ମାଝୀ, ବୃନ୍ଦାବତୀ ଦୁର୍ଗା, କୈକେୟୀ ହରିପାଲ,ଡିଜା ମାଝୀ, ଯୁବ ସମାଜସେବୀ ପ୍ରମଲାଲ ରାଉତ୍ ପ୍ରମୁଖ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ବ୍ରାହ୍ମଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ବାଲ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୩ ଜଣ ଛାତ୍ରଛାତ୍ରୀ ନାମ ଲେଖାଇ ଅଧ୍ୟୟନ କରୁଛନ୍ତି। ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପାଇଁ କେବଳ ମାତ୍ର ୫ ଜଣ ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ସେଥିମଧ୍ୟରୁ ହରେକୃଷ୍ଣ କୁମାର ନାମକ ଜଣେ ଶିକ୍ଷକଙ୍କୁ ଗତ ୨୦୨୩ ଅଗଷ୍ଟ ମାସରୁ ଅନ୍ୟତ୍ର ଡେପୁଟେସନ କରାଯାଇଛି। ହେଲେ ଡେପୁଟେସନ ପଠେଇବାର ଦୀର୍ଘ ଦିନ ପରେ ମଧ୍ୟ ସେହି ଶିକ୍ଷକଙ୍କୁ ଫେରାଇ ଦିଆଯାଇ ନାହିଁ କିମ୍ବା ତାଙ୍କ ବଦଳରେ ଅନ୍ୟ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ଏ ବିଷୟରେ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ବିଇଓଙ୍କ ଠାରେ ଅନେକ ଥର ଲିଖିତ ଜଣାଇଥିଲେ ସୁଦ୍ଧା ଶିକ୍ଷକ ସମସ୍ୟାର ସମାଧାନ ହୋଇପାରି ନଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ବ୍ରାହ୍ମଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭଳି କେସିଙ୍ଗା ବ୍ଲକର ଅଧିକାଂଶ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଦେଖାଦେଇଛି। କେସିଙ୍ଗା ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ଦେଖିଲେ କେଉଁଠି ଛାତ୍ରଛାତ୍ରୀ ସଂଖ୍ୟା ଅଧିକ ତ ଶିକ୍ଷକ ନିଯୁକ୍ତି କମ୍ ଏବଂ ଶିକ୍ଷକ ଅଧିକ ତ ଛାତ୍ରଛାତ୍ରୀ ମାନଙ୍କ ସଂଖ୍ୟା କମ୍ ରହିଥିବା ଅଭିଯୋଗ ହେଉଛି। ବିଶେଷ କରି ଭଅରମାଲ, କାଣ୍ଡେଲ, ଲଇତରା କ୍ଲଷ୍ଟର ଅଧିନସ୍ଥ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀଙ୍କ ଅନୁପାତରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ହୋଇପାରି ନାହିଁ। ସେହିପରି ଛାତ୍ରଛାତ୍ରୀଙ୍କ ଅନୁପାତରେ ଯେଉଁ ବିଦ୍ୟାଳୟରେ ଶିକ୍ଷକ ସଂଖ୍ୟା ଅଧିକ ଥିଲେ ମଧ୍ୟ ସେଠାରେ ନିଯୁକ୍ତି ପାଇଥିବା ଶିକ୍ଷକ ମାନଙ୍କ ଅବହେଳା ଯୋଗୁଁ ସୁଚାରୁ ରୂପେ ଶିକ୍ଷାଦାନ ହୋଇପାରୁନାହିଁ। ବିଭାଗୀୟ ଅଧିକାରୀ ଏଦିଗରେ ଯେଉଁ ଭଳି ପଦକ୍ଷେପ ଗ୍ରହଣ କରିବା କଥା ତାହା ହେଉନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭିନ୍ନ ବିଦ୍ୟାଳୟର ଅଭିଭାବକ ମହଲରେ ଦାବି ହେଉଛି।

## ରାଶିଫଳ

ଶନିବାର, ୦୬ ସେପ୍ଟେମ୍ବର ୨୦୨୫



**ମେଷ:** ବକେୟା ରାଶି ପୁନରୁଦ୍ଧାର ପାଇଁ ଉଦ୍ୟମ ସଫଳ ହେବ। ବ୍ୟବସାୟ ଯାତ୍ରା ଲାଭଦାୟକ ହେବ। ଲାଭ ସୁଯୋଗ ଆସିବ। ଏକ ନୂତନ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବିନିଯୋଗ ଶୁଭ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ଏହାର ପ୍ରଭାବ ଚାକିରି କ୍ଷେତ୍ରରେ ପଡିବ। ପାରିବାରିକ ସୁଖ ଏବଂ ଶାନ୍ତି ରହିବ।



**ବୃଷ:** ନୂତନ ଯୋଜନା ପ୍ରସ୍ତୁତ ହେବ। ଜଣେ ପ୍ରଭାବଶାଳୀ ବ୍ୟକ୍ତି ମାର୍ଗଦର୍ଶନ ଏବଂ ସମର୍ଥନ ପାଇପାରିବେ। ବ୍ୟବସାୟ କାର୍ଯ୍ୟରେ ଉନ୍ନତି ହେବ। ଆପଣ ସାମାଜିକ ସେବା କରିବାକୁ ପ୍ରେରଣା ପାଇବେ। ସମ୍ମାନ ପାଇବେ। ଟଙ୍କା ମିଳିବା ସହଜ ହେବ। ଆଘାତ ଏବଂ ରୋଗ ହେତୁ ବାଧା ହେବାର ସମ୍ଭାବନା ଅଛି।



**ମିଥୁନ:** ଯେ କୈଣସି ବଡ ସମସ୍ୟାର ସମାଧାନ ସହଜ ହେବ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ଭାଗ୍ୟ ଆପଣଙ୍କ ସହିତ ରହିବ।



**କର୍କଟ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଆର୍ଥିକ ପରିସ୍ଥିତି ଆହୁରି ଖରାପ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ କରନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ଚାକିରିରେ ମିଳିବ।



**ସିଂହ:** ଶତ୍ରୁତା ରହିବ। ପୂଜାରେ ନିୟୋଜିତ ହେବେ। ବ୍ୟବସାୟରୁ ଲାଭ ବୃଦ୍ଧି ହେବ। କୋର୍ଟ ଇତ୍ୟାଦିରେ ପରିସ୍ଥିତି ଅନୁକୂଳ ହେବ। ଏକ ବିବାଦରେ ବିଜୟ ହାସଲ କରାଯାଇପାରେ। ବ୍ୟବସାୟରେ ନୂତନ ସୁଯୋଗ ମିଳିପାରିବ। ଚିନ୍ତିତ ହେବେ। ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ।



**କନ୍ୟା:** ଦୂରରୁ ଭଲ ଖବର ଗ୍ରହଣ କରାଯିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କୁ ସମର୍ଥନ କରିବେ। ପରିବାରରେ ଯେ କୈଣସି ଚାହିଦା କାମ ସମ୍ଭବ। ଅସ୍ଥିରତା ହୋଇପାରେ। ବକ୍ତବ୍ୟରେ କଠିନ ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ। ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ।



**ତୁଳା:** ବିବାଦକୁ ପ୍ରୋତ୍ସାହନରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ। ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ପ୍ରୟାସ ସଫଳ ହେବ। ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ। କିଛି ବଡ କରିବାର ଇଚ୍ଛା ହେବ। ବ୍ୟବସାୟ ଭଲ କରିବ। ଟଙ୍କା ମିଳିବା ସହଜ ହେବ।



**ବିଛା:** ଯାତ୍ରାରେ ଶୀଘ୍ର ଯାଆନ୍ତୁ ନାହିଁ। ଜଣେ ବ୍ୟକ୍ତି ସହିତ ବିନା କାରଣରେ ବିବାଦ ହୋଇପାରେ। ଦୌଡାଦୌଡି ଯୋଗୁଁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ବେପରୁଆ ହୁଅନ୍ତୁ ନାହିଁ। କିଛି ଦୁଃଖଦ ଖବର ପାଇବାର ସମ୍ଭାବନା ଅଛି। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଭଲ କରିବ।



**ଧନୁ:** ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି। ଯାନ ଏବଂ ଯନ୍ତ୍ରପାତି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ଶାରୀରିକ ଯନ୍ତ୍ରଣା ଦ୍ୱାରା କରାଯାଇଥିବା କାର୍ଯ୍ୟରେ ବ୍ୟାଘାତ ହୋଇପାରେ। ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବ୍ୟବସାୟ ଭଲ କରିବ। ଆୟରେ ନିଶ୍ଚିତତା ରହିବ। ଚିନ୍ତିତ ହେବେ।



**ମକର:** କାରବାରରେ ସାବଧାନ ରୁହ। ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ସମ୍ଭାବନା ହେଉଛି। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆୟ ବୃଦ୍ଧି ପାଇବ। ଅଂଶୀଦାରମାନଙ୍କଠାରୁ ଭିନ୍ନତା ପରିସ୍ଥିତିକୁ ଅନୁକୂଳ କରିବ। କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ବଦନାମ ହୋଇପାରନ୍ତି, ସାବଧାନ ରୁହନ୍ତୁ।



**କୁମ୍ଭ:** ମାନସିକ ଅସ୍ଥିରତା ଦେଖାଯିବ। ବନ୍ଦ କାର୍ଯ୍ୟଗୁଡିକ କୋର୍ଟ ଏବଂ ସରକାରୀ କାର୍ଯ୍ୟାଳୟରେ ଗତି କରିବ। ବିବାଦର ସମାଧାନ ହୋଇପାରିବ। ଜୀବନସାଥୀ ଉପହାର ଦେବାର ସୁଯୋଗ ପାଇବେ। ଖୁସି ହେବେ। ପାରିବାରିକ ସହାୟତା ଜାରି ରହିବ। ଆୟ ବୃଦ୍ଧି ପାଇବ।



**ମୀନ:** ସୁଖ ବୃଦ୍ଧି ପାଇବ। ଏକ ଚିତ୍ତାକର୍ଷକ ମାର୍ଗ ପ୍ରସ୍ତୁତ କରାଯାଇପାରିବ। ଛାତ୍ରମାନେ ସେମାନଙ୍କର କାର୍ଯ୍ୟକୁ ସଫଳତାର ସହିତ କରିବାକୁ ସମର୍ଥ ହେବେ। ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ। ଆପଣ ପ୍ରିୟ ଖାଦ୍ୟର ଆନନ୍ଦ ପାଇବେ। ପ୍ରେମ ସମ୍ପର୍କ ପାଇଁ ଏକ ପ୍ରସ୍ତାବ ମିଳିପାରିବ।



ଶ୍ରୀପତି ଗୁରୁ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯